

ଭାରତ ଓ ଆସିଆନ୍ ବିଶ୍ୱ-ଦକ୍ଷିଣର ସାରଥୀ

ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 213 | ଭାଗ ୩୩ | ସଂଖ୍ୟା ୨୧୩ | Monday 27 October 2025 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୨୭ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ



- ଭାରତ ସାମୁଦ୍ରିକ ସପ୍ତାହ ସମ୍ମିଳନୀରେ ଯୋଗଦେବେ
- ନିବେଶକଙ୍କୁ ଆମନ୍ତ୍ରଣ ସୁଯୋଗ ମିଳିବ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇ ଗସ୍ତ କରିଛନ୍ତି। ସେଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ୫ଦିନିଆ ଭାରତ ସାମୁଦ୍ରିକ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ)-୨୦୨୫ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ ଏବଂ ପରେ ଅପରାହ୍ନରେ ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ମଧ୍ୟ ଯୋଗଦେବେ, ଯାହା ରାଜ୍ୟର ବନ୍ଦର-ନେତୃତ୍ୱାଧୀନ ନିବେଶ ସୁଯୋଗ ଓ ଏହାର ବନ୍ଦର ମାଧ୍ୟମରେ ରପ୍ତାନି ସମ୍ଭାବନା ଉପରେ ଧ୍ୟାନ ଦେବ। ଓଡ଼ିଶା ⮊ପୃଷ୍ଠା-୬

## କାକିନାଡ଼ାରେ ଲ୍ୟାଣ୍ଡଫଲ୍ | ଭୟଙ୍କର ରୂପ ନେଉଛି 'ମୋନ୍ଥା'

- ମାଲକାନଗିରି ସର୍ବାଧିକ ପ୍ରଭାବିତ ହେବ!
- ଗୋପାଳପୁରଠାରୁ ୯୦୦ କିମି ଦୂରରେ ଅଛି ବାତ୍ୟା
- ଘଣ୍ଟା ପ୍ରତି ୮ କିମି ବେଗରେ ଗତି କରୁଛି
- ମୁକାବିଲା ପାଇଁ ୧୨୮ ଟିମ୍ ପ୍ରସ୍ତୁତ
- ୨୦ ଜିଲ୍ଲାର କର୍ମଚାରୀଙ୍କ ଛୁଟି ବାତିଲ୍
- ୨୮ ପର୍ଯ୍ୟନ୍ତ ଚିଲିକାରେ ଡଙ୍ଗା ମନା
- ବନ୍ଦ ରହିବ ଅଙ୍ଗନବାଡ଼ି କେନ୍ଦ୍ର: ଉପମୁଖ୍ୟମନ୍ତ୍ରୀ



ବର୍ଷାକୁ ଡରି ଚାଷୀ ତରବରିଆ ଭାବେ ବିଲରୁ ଧାନ କାଟି ନେଉଛି

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ରାଜ୍ୟରେ ଆରମ୍ଭ ହେବ ବର୍ଷା। ଏହା ୨୮ରେ ଜାରି ରହିବା ସହ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ରହିବାକୁ କୁହାଯାଇଛି। ରାଜ୍ୟରେ ମୋଟ ୧୨୮ ଟିମ୍ ବାତ୍ୟା ମୁକାବିଲା ପାଇଁ ନିୟୋଜିତ ହୋଇଛନ୍ତି। ଆସନ୍ତାକାଲି ୫ଟା ସୁଦ୍ଧା ସମସ୍ତ ଜିଲ୍ଲାପାଳ କାହାକୁ କେଉଁଠି ନିୟୋଜିତ କରିବେ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କୁହାଯାଇଛି। ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବାତ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଆଜି ୩୦ଟି ଜିଲ୍ଲାର ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କ'ଣ ପ୍ରସ୍ତୁତି ରହିଛି ଆଉ ସମ୍ଭାବନାକୁ ଦୃଷ୍ଟିରେ ରଖି କ'ଣ କରିବାର ଆବଶ୍ୟକତା ରହିଛି, ତାହାକୁ ନେଇ ଆଲୋଚନା ହୋଇଛି। ବର୍ତ୍ତମାନ ୮ଟି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଏହି ଅବପାତ ସ୍ଥଳଭାଗ ଛୁଇଁବ। ଏହି ସ୍ଥାନଠାରୁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଦୂରତା ମାତ୍ର ୨୦୦ କିମି ହୋଇଥିବାରୁ ଏଠାରେ ଏହାର ପ୍ରଭାବ ସର୍ବାଧିକ ରହିବ। ଏଥିସହ କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ମଧ୍ୟ ପ୍ରଭାବିତ ହେବ। ଏହି ସବୁ ଜିଲ୍ଲା ସହ ଅନ୍ୟ ୨୨ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା ହୋଇଛି ବୋଲି ଆଜି ରାଜୀବ ଭବନଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସହରାଞ୍ଚଳଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଥିବାରୁ ଆବଶ୍ୟକ ସ୍ଥଳେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏଥିପାଇଁ ଆଗୁଆ ପାଣିପମ୍ପର ବ୍ୟବସ୍ଥା କରାଯାଉଛି। ଜଳସମ୍ପଦ ବିଭାଗ ସହିତ ମଧ୍ୟ ନଦୀର ଜଳସ୍ତର ନେଇ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଛନ୍ତି ଯେ ଆଜି ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯାଇଛି। ରେଡ୍ ଜୋନ୍‌ରେ ଥିବା ୮ଟି ଜିଲ୍ଲାରେ ଆସନ୍ତାକାଲିଠାରୁ ବର୍ଷା ଆରମ୍ଭ ହୋଇପାରେ। ୨୮/୨୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଓ ୩୦ ତାରିଖ ବେଳକୁ ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୧୨୮ଟି ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ୮ଟି ଜିଲ୍ଲାରେ ମୁତୟନ କରାଯାଇଛି। ⮊ପୃଷ୍ଠା-୬

## 'ମନ୍ କୀ ବାତ୍'ରେ କୋରାପୁଟ କଫିକୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୬।୧୦: ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ'ର ୧୨୭ତମ ଏପିସୋଡରେ ଭାରତର ସମୃଦ୍ଧ କଫି ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସେ ବିଶ୍ୱ ସ୍ତରରେ ଓଡ଼ିଶାର କୋରାପୁଟ କଫିର ବର୍ଦ୍ଧିତ ସ୍ୱୀକୃତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ

### ଅଭୂତପୂର୍ବ ସ୍ୱାଦ, ଲାଭ ପାଉଛନ୍ତି ଚାଷୀ

ପ୍ରଧାନମନ୍ତ୍ରୀ କହିଛନ୍ତି, ଆପଣମାନେ ସମସ୍ତେ ଚା' ସହ ମୋର ସମ୍ପର୍କ ବିଷୟରେ ଜାଣନ୍ତି, କିନ୍ତୁ ଆଜି ମୁଁ ଭାବିଲି, 'ମନ କୀ ବାତ'ରେ କଫି ବିଷୟରେ କାହିଁକି ଆଲୋଚନା ନ କରିବିନି? ଓଡ଼ିଶାର କୋରାପୁଟ ଜିଲ୍ଲାର ଅନେକ ଲୋକ ଏହି ଅଞ୍ଚଳର କଫି ପ୍ରତି ସେମାନଙ୍କ ଅଭିଜ୍ଞତା ବାଣ୍ଟିଛନ୍ତି। ମୋତେ କୁହାଯାଇଛି ଯେ କୋରାପୁଟ କଫିର ସ୍ୱାଦ ଆଶ୍ଚର୍ଯ୍ୟଜନକ ଏବଂ କେବଳ ସେତିକି ନୁହେଁ, ସ୍ୱାଦ ବ୍ୟତୀତ କଫି ଚାଷ ମଧ୍ୟ ଲୋକଙ୍କୁ ଲାଭ ଦେଉଛି। କୋରାପୁଟରେ ଏପରି ଲୋକ ଅଛନ୍ତି ଯେଉଁମାନେ ନିଜର ଆଗ୍ରହ ଦ୍ୱାରା କଫି ଚାଷ କରୁଛନ୍ତି ବୋଲି ⮊ପୃଷ୍ଠା-୬

### ଓଡ଼ିଶାକୁ ନୂଆ ପରିଚୟ ଦେଇଛି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ୧୨୭ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କୋରାପୁଟ କଫିର ଲୋକପ୍ରିୟତା ନେଇ ଚର୍ଚ୍ଚା କରିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ' ପୋଷ୍ଟ ମାଧ୍ୟମରେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ କଫି ଅତ୍ୟନ୍ତ ସୁସ୍ୱାଦୁ, ଏହା ଓଡ଼ିଶାର ଗୌରବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୋରାପୁଟ କଫି ଚାଷ ରାଜ୍ୟ ଚାଷୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ଏହା ଜନଜାତି କୃଷକଙ୍କ ପରିଶ୍ରମ ଓ ଓଡ଼ିଶାର ସମୃଦ୍ଧ କୃଷି ପ୍ରତି ସଠିକ୍ ସମ୍ମାନ। ଚାଷୀମାନଙ୍କ ପାଇଁ ଏହି ସ୍ୱୀକୃତି ଅତ୍ୟନ୍ତ ପ୍ରେରଣାଦାୟୀ। ସ୍ଥାନୀୟ ଉତ୍ପାଦ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୋତ୍ସାହନ 'ଭୋକାଲ୍ ଫର୍ ଲୋକାଲ୍' ଏବଂ 'ଆତ୍ମନିର୍ଭର ଓଡ଼ିଶା' ଓ 'ଆତ୍ମନିର୍ଭର ଭାରତ'ର ଦିଗରେ ସଶକ୍ତ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ଜୁଲାଇରେ କୋରାପୁଟ ଗସ୍ତ ସମୟରେ ସେଠାକାର କଫି ଗାର୍ଡେନ ପରିଦର୍ଶନ ସହ ଚାଷରେ ନିୟୋଜିତ ଅଧିକାରୀ ଏବଂ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ବଜାରରେ କୋରାପୁଟ କଫିର ଚାହିଦା ବଢ଼ୁଛି ଓ ଏହା ଏବେ ଏକ ଲାଭଦାୟକ ଚାଷରେ ପରିଣତ ହୋଇଛି। ବିଶ୍ୱରେ ⮊ପୃଷ୍ଠା-୬

## ଚୌଦ୍ୱାର ଜେଲରୁ କଏଦୀ ଫେରାର (ଏପିସୋଡ୍-୪)

## ଧନ୍ୟ ସେ ଜେଲର, ଧନ୍ୟ ସେ ଜେଲ ଡିଜି

- ଜେଲରେ ପ୍ରାୟ ୫୦ ପ୍ରତିଶତ ସିସିଟିଭି ଅଚଳ
- ଜେଲରଙ୍କ ଚାମ୍ବରରେ ନଥିଲା ସିସିଟିଭି ମନିଟର



ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଚମ୍ପଟ ମାରିବା ଘଟଣାକୁ ନେଇ ସବୁ ମହଲରେ ତନାଘନା ଚାଲିଛି। ଏଯାଏଁ ପୁଲିସ ଦୁଇ ଫେରାର କଏଦୀଙ୍କ ଟେର ପାଇନି। ଏଭିତରେ ଏକ ଚମକାଇଲା ଭଳି ତଥ୍ୟ ଆମର ହସ୍ତଗତ ହୋଇଛି। ଜଣାପଡିଛି ଯେ ଦୁଇ କଏଦୀ ଫେରାର ହେବା ଯାଏଁ ଚୌଦ୍ୱାର ଜେଲର ଜେଲରଙ୍କ ଚାମ୍ବରରେ ସିସିଟିଭି ମନିଟର ନଥିଲା। ଏକଥା ଅବିଶ୍ୱାସ ହେଉଥିଲେ ବି ସତ। ଧନ୍ୟ ସେ ଜେଲର, ଧନ୍ୟ ସେ ଜେଲ ଡିଜି! ଚୌଦ୍ୱାର ଜେଲ ରାଜ୍ୟର ସବୁଠୁ ବଡ଼ ଜେଲ। ଏଠି ପାଖାପାଖି ହଜାରେ କଏଦୀ ଅଛନ୍ତି। ପୂର୍ବ ଅଧ୍ୟାୟରେ ଆମେ କଏଦୀଙ୍କୁ ଜଗିବାକୁ ଆବଶ୍ୟକ ୱାର୍ଡର ନଥିବା ଦର୍ଶାଇଥିଲୁ। ଚୌଦ୍ୱାର ଜେଲରେ ବହୁ ସଂଖ୍ୟାରେ ହାର୍ଡକୋର କ୍ରିମିନାଲ୍ ଅଛନ୍ତି। ଜେଲ ଭିତରେ ଓ ସେଲରେ ରହୁଥିବା କଏଦୀଙ୍କ ଉପରେ ନଜର ରଖିବାକୁ ପୂରା ଜେଲ ସିସିଟିଭି ସର୍ଭେଲାନ୍ସରେ ରହିଛି। ଜେଲରେ ପ୍ରାୟ ୯୦ରୁ ଅଧିକ ସିସିଟିଭି ଲାଗିଥିଲା। ସେଥିମଧ୍ୟରୁ ୪୦ରୁ ଅଧିକ ସିସିଟିଭି ଖରାପ ଥିଲା।

ଏକଥା ପୂର୍ବାଞ୍ଚଳ ଜେଲ ଡିଆଇଜିଙ୍କଠାରୁ ଆରମ୍ଭ କରି ଜେଲ ଡିଜି ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ। ଏପରିକି ଜେଲରଙ୍କ ଚାମ୍ବରରେ ସିସିଟିଭି ମନିଟର ବି ନଥିଲା। ଏନେଇ ସବୁ ବରିଷ୍ଠ ଅଧିକାରୀ ଅବଗତ ଥିଲେ। କିନ୍ତୁ ଶେଷ ଯାଏଁ ନା ସିସିଟିଭି ସଜଡାଯାଇଥିଲା ନା ମନିଟର ଲାଗିଥିଲା। ଆଉ ଏକଥା କଏଦୀ ଏବଂ ସେମାନଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତିମାନେ ବି ଜାଣନ୍ତି।

ରାଜ୍ୟର ଏତେ ବଡ଼ ଜେଲ୍‌ର ସୁରକ୍ଷାକୁ ଏଭଳି କିପରି ବାଜିରେ ଲଗାଯାଇଥିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ⮊ପୃଷ୍ଠା-୬

## ବେଲୁଚିସ୍ତାନ ବୟାନ ନେଇ ପାକିସ୍ତାନ ଖପ୍ପା

## ଆତଙ୍କୀ ୱାଚ୍ ଲିଷ୍ଟରେ ସଲମାନ



ଇସଲାମାବାଦ,୨୬।୧୦: ବଲିଉଡ୍ ସୁପରଷ୍ଟାର୍ ସଲମାନ୍ ଖାନ୍ ପାକିସ୍ତାନର ବେଲୁଚିସ୍ତାନ ସଂକ୍ରାନ୍ତରେ ଦେଇଥିବା ବୟାନ ନେଇ ପାକିସ୍ତାନ କ୍ଷୁବ୍ଧ ହୋଇଛି। ଏପରିକି ଦେଶ ପକ୍ଷରୁ ତାଙ୍କୁ ଆତଙ୍କବାଦୀ ବୋଲି ଅଭିହିତ କରାଯିବା ସହ ଆତଙ୍କୀଙ୍କ ୱାଚ୍‌ଲିଷ୍ଟରେ ରଖାଯାଇଛି। ଆଜି ସଲମାନ୍ ରିୟାଦ ଫୋରମରେ ଭାଷଣ ସମୟରେ ବେଲୁଚିସ୍ତାନ ସମ୍ପର୍କରେ କିଛିଟା ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏନେଇ ପାକିସ୍ତାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସରକାର ସଲମାନଙ୍କୁ ଦେଶର ଆତଙ୍କବାଦ ବିରୋଧୀ ଆଇନ (୧୯୯୭) ଅଧୀନରେ ଚତୁର୍ଥ ସୂଚୀରେ ସାମିଲ କରିଛନ୍ତି। ତାଲିକାରେ ସାଧାରଣତଃ ଉଗ୍ରବାଦୀ ସଂଗଠନ କିମ୍ବା ତତ୍ ସଂକ୍ରାନ୍ତ କାର୍ଯ୍ୟକଳାପ ସହ ଲିଙ୍କ୍ ଥିବା ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କୁ ସାମିଲ୍ କରାଯାଏ। ଏହି ତାଲିକାରେ ଥିବା ବ୍ୟକ୍ତିମାନେ ତୀକ୍ଷ୍ଣ ନଜରରେ ରହିବା ସହ ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥାନ୍ତି।

ଗତ ୧୬ ତାରିଖରେ ବେଲୁଚିସ୍ତାନ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ସଲମାନଙ୍କୁ 'ଆଜାଦ ବେଲୁଚିସ୍ତାନର ସହଭାଗୀ' ବୋଲି କୁହାଯାଇଥିଲା, ⮊ପୃଷ୍ଠା-୬

## ଟ୍ରମ୍ପ୍ ପ୍ରହାର ପ୍ରଭାବଶୂନ୍ୟ!

## ୬.୬ ପ୍ରତିଶତ ବଢ଼ିବ ଜିଡିପି: ଆଇଏମ୍‌ଏଫ୍

ନୂଆଦିଲ୍ଲୀ,୨୬।୧୦: ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟାରିଫ୍‌କୁ ଦ୍ୱିଗୁଣିତ କରିବା ଫଳରେ ଏହାର ପ୍ରଭାବ ଦେଶର ଅର୍ଥନୈତିକ ଅଗ୍ରଗତିକୁ ମନ୍ଥର କରିଦେବାର ଆଶଙ୍କା ରହିଥିଲା। ରୁଷିଆରୁ ତୈଳ ଖରିଦ୍ କରୁଥିବାରୁ ଟ୍ରମ୍ପ୍ ଆକ୍ରୋଶମୂଳକ ଭାବେ ଭାରତ ଉପରେ ଟାରିଫ୍ ପ୍ରହାର କରିଥିଲେ ମଧ୍ୟ ଏହା ପ୍ରଭାବଶୂନ୍ୟ ହେବ ନେଇ ଅନ୍ତର୍ଜାତୀୟ ଅର୍ଥନୈତିକ ସଂଗଠନମାନେ ଆକଳନ କରିଛନ୍ତି। ପ୍ରଥମେ ବିଶ୍ୱ ବ୍ୟାଙ୍କ୍, ପରେ ଡେଲୟଟ୍ ଓ ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏପରି ପୂର୍ବାନୁମାନ କରିଛନ୍ତି। କାରଣ ଆଜି ଆଇଏମ୍‌ଏଫ୍ ପକ୍ଷରୁ ଚଳିତ୨୦୨୫-୨୫ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିର ଅନ୍ୟତମ ମାନକ ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୬ ପ୍ରତିଶତ ହାରରେ ବଢ଼ିବ। ଅର୍ଥାତ୍ ବ୍ୟାପକ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ଅଗ୍ରଗତି କରୁଥିବା ଦେଶ ମଧ୍ୟରେ ସାମିଲ୍ ରହିବ ବୋଲି ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି। ଆଇଏମ୍‌ଏଫ୍ ଏହାର ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲ୍ୟୁଇଓ) ରିପୋର୍ଟରେ ଏହି ବିଷୟ ଉଲ୍ଲେଖ କରିଛି। ପ୍ରଥମ ତ୍ରୟମାସରେ ଦେଶର ମଜଭୁତ ଅର୍ଥନୈତିକ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଇଏମ୍‌ଏଫ୍ ଏପରି ପୂର୍ବାନୁମାନ କରିଛି। ଆଇଏମ୍‌ଏଫ୍ ଅନୁସାରେ, ଭାରତ ଅଭିବୃଦ୍ଧି କ୍ଷେତ୍ରରେ ଚୀନ୍‌କୁ ପଛରେ ପକାଇବ। ଆଲୋଚ୍ୟ ଅବଧିରେ ଚୀନ୍ ୪.୮ ପ୍ରତିଶତ ହାରରେ ବଢ଼ିବ ବୋଲି ଅନୁମାନ କରାଯାଇଛି। ବିଭିନ୍ନ ଅର୍ଥ ବ୍ୟବସ୍ଥାଗୁଡ଼ିକ ଉପରେ ଆମେରିକୀୟ ଟାରିଫ୍‌ର ପ୍ରଭାବକୁ ଦୃଷ୍ଟିରେ ରଖି ଆଇଏମ୍‌ଏଫ୍ ସଂଶୋଧିତ ଆକଳନମାନ କରିଛି। ତେବେ ୨୦୨୬ ପାଇଁ ଭାରତର ଅଭିବୃଦ୍ଧି ଅନୁମାନକୁ ସାମାନ୍ୟ ହ୍ରାସ କରି ୬.୨ ପ୍ରତିଶତ ହେବ ⮊ପୃଷ୍ଠା-୬

## ରାଜଧାନୀ ରାସ୍ତାରେ ଜଙ୍ଗଲ ରାଜ୍



- ଖଣ୍ଡା ଧରି ଡାକ୍ତରଙ୍କୁ ଗୋଡ଼ାଇଲେ
- ସିସିଟିଭିରେ ଅପରାଧୀଙ୍କ ଚିତ୍ର
- ଇନଫୋସିଟି ଥାନାରେ ମାମଲା

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ରାଜଧାନୀ ରାସ୍ତାରେ ଜଙ୍ଗଲରାଜ୍ ଭଳି ଅବସ୍ଥା। ଅପରାଧୀମାନେ ରାତି ଅଧରେ ହାତହତିଆର ଧରି ପଇଁତରା ମାରୁଛନ୍ତି। ଯାହାକୁ ପାରୁଛନ୍ତି ମାରି ଗୋଡ଼ାଉଛନ୍ତି। ପୁଲିସ୍‌କୁ ବି ଏମାନଙ୍କ ଡରଭୟ କିଛି ନାହିଁ। ବରଂ ଅପରାଧ ଘଟାଇ ପୁଲିସ୍‌କୁ ଏମାନେ ଏକପ୍ରକାର ଚ୍ୟାଲେଞ୍ଜ ଦେଉଛନ୍ତି। ଏଭଳି ଏକ ଘଟଣା ଘଟିଛି, ଇନଫୋସିଟି ଥାନା ଅଧୀନସ୍ଥ ପ୍ରଶାନ୍ତି ବିହାର ଅଞ୍ଚଳରେ।

ମାମଲାରୁ ପ୍ରକାଶ ଯେ ଗତ ୨୪ ତାରିଖ ରାତି ପ୍ରାୟ ୧ଟା ସମୟରେ ପ୍ରଶାନ୍ତି ବିହାର ଦୁର୍ଗା ମଣ୍ଡପ ନିକଟରେ କେତେକ ଅସାମାଜିକ ଯୁବକ କାର୍ଯ୍ୟ ସାରି ଘରକୁ ଫେରୁଥିବା ଜଣେ ଡାକ୍ତରଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଡାକ୍ତର ଜଣଙ୍କ ଘରକୁ ଫେରିବା ସମୟରେ ୬ ଜଣ ଅସାମାଜିକ ଯୁବକ ସେଠାରେ ତାଙ୍କୁ ଆଗରୁ ଛକି ରହିଥିଲେ। ଡାକ୍ତରଙ୍କୁ ଦେଖି ସେମାନେ ହଠାତ୍ ଖଣ୍ଡା, ଲୁହାରଡ଼, ଲାଠି ଧରିକି ଆକର୍ମଣ କରିବା ପାଇଁ ଗାଡି ଅଟକାଇବାକୁ ଚେଷ୍ଟା କଲେ। କିନ୍ତୁ ଡାକ୍ତର ଜଣଙ୍କ ନ ଅଟକି କାରକୁ ଜୋର୍‌ରେ ଚଲେଇକି ଘର ଅଭିମୁଖେ ପଳେଇ ଆସିଥିଲେ ବି ସେହି ଯୁବକମାନେ ପିଛା କରିକି ଘର ଯାଏଁ ଆସିଥିଲେ ଏବଂ ସେଠୁ ଫେରି ପଳାଇଥିଲେ।

କିଏ ଆଉ କ'ଣ ପାଇଁ ଏଭଳି କଲେ ତାହା ଜଣାପଡୁନି। ଡାକ୍ତରଙ୍କ ପକ୍ଷରୁ ତୁରନ୍ତ ଇନଫୋସିଟି ଥାନାରେ ଭିଡିଓ ଫୁଟେଜ ସହ ଏଫ୍‌ଆଇଆର ଦିଆହୋଇଛି। ଆଇଆଇସି ଏଫ୍‌ଆଇଆର ଗ୍ରହଣ କରିଛନ୍ତି। କିନ୍ତୁ ଏବେ ଯାଏଁ ପୁଲିସ୍ ତଦନ୍ତ ଆରମ୍ଭ କରିନାହାଁ। ଇତି ମଧ୍ୟରେ୨୪ ଘଣ୍ଟା ବିତିଗଲାଣି। ଡାକ୍ତରଙ୍କ ପରିବାର ନିବେଦନ କରିଛନ୍ତି କି ତୁରନ୍ତ ସେହି ପିଲାମାନଙ୍କୁ ଚିହ୍ନଟ କରାଯାଉ ଓ ପୁଲିସ୍ ଆସି ସବୁ ସିସିଟିଭି ଯାଞ୍ଚ କରନ୍ତୁ।

ପ୍ରଶାନ୍ତି ବିହାରରେ ପ୍ରତିଦିନ ଏମିତି ଘଟଣା ଘଟୁଛି। କିନ୍ତୁ ⮊ପୃଷ୍ଠା-୬



### କାନ ଡେରିଥା

ବାତ୍ୟା ପରମ୍ପରା ଆରମ୍ଭ ହୋଇଲା<br>
ନାଇଁଣ୍ଟି ନାଇନଠାରୁ<br>
ଅଶୁଭ ହୋଇଲା ଅକ୍ଟୋବର ମାସ<br>
ଯିଏ ବା ମରୁଛି ମରୁ<br>
କିଛି କରୁଥାନ୍ତି ଚଳୁ...<br>
ପରିବେଶ ପାଇଁ ଚିନ୍ତା ନାହିଁ ପରା<br>
ଦୁନିଆ ବୁଡୁଛି ବୁଡୁ ।

■ ଦେବାଶିଷ

## ଭୋଟରଙ୍କୁ ଛାଡ଼ି ନେତାଙ୍କୁ ଜଗିଛନ୍ତି ନେତା



### ନୂଆପଡ଼ା କସରତ

- ଗାଁ ଗାଁରେ ଚାଲିଛି ଛକାପଞ୍ଝା
- ତିନି ଦଳ ନେତା ରାତି ରାତି ଅନିଦ୍ରା

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଭୋଟ ତାରିଖ ଯେତିକି ପାଖେଇ ଆସୁଛି ନେତାମାନଙ୍କ ଭିତରେ ଏଠାରେ ସେତିକି ଛକାପଞ୍ଝା ଜୋରଦାର ହେଉଛି। ଅବସ୍ଥା ଏଭଳି ହୋଇଛି ଯେ ଭୋଟରଙ୍କୁ ଛାଡି ନେତାଏ ଏବେ ଅନ୍ୟ ଦଳର ନେତାଙ୍କୁ ଜଗିବାରେ ଲାଗିଛନ୍ତି। କିଏ କେତେବେଳେ କେଉଁ ସ୍ଥାନକୁ ଯାଇ କାହାକୁ ଭେଟୁଛି, ତାହା ଉପରେ ନଜର ରଖିବା ସହ ଭୋଟରଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ବାଟ ଓଗାଳିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସର ବଡ଼ରୁ ଛୋଟ ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏବେ ନୂଆପଡ଼ାମୁହାଁ ହୋଇଛନ୍ତି। ସେଠାରେ ପ୍ରତି ପଞ୍ଚାୟତରେ ଏମାନେ ଡେରା ପକାଇଛନ୍ତି। ଭୋଟରଙ୍କୁ ମନାଇବା ପାଇଁ କିଛି ଦିନ ଉଦ୍ୟମ କରିବା ପରେ ଏବେ ବିରୋଧୀଙ୍କୁ ଜଗିବା କାମ ଆରମ୍ଭ ହୋଇଯାଇଛି। ତିନି ଦଳର ଆହୁରି କିଛି ରଣନୀତିକାର ନୂଆପଡ଼ା ଗସ୍ତରେ ଥିବାରୁ ଆଗାମୀ ଦିନରେ ଏହା ବେଶ୍ ରୋଚକ ହେବ।

ନେତାମାନେ ଏବେ ପଞ୍ଚାୟତ ସ୍ତରରେ ଡେରା ପକାଇଛନ୍ତି। ସେଠାରେ କିଏ କେତେ ଭୋଟରଙ୍କୁ ନିଜ ପଟକୁ ଆଣିପାରିବ ସେଥିପାଇଁ ପ୍ରତିଯୋଗିତା ଚାଲିଛି। ବିରୋଧୀ ନେତାଙ୍କୁ ନ ଜଗିଲେ ଭୋଟର ବାଟ ଭାଙ୍ଗିବାର ଆଶଙ୍କା ରହିଛି। ତେଣୁ ନେତା ଏବେ ଭୋଟରଙ୍କୁ ଛାଡ଼ି ଅନ୍ୟ ଦଳର ନେତାଙ୍କୁ ଜଗିଛନ୍ତି। ସେମାନେ ପହଞ୍ଚିବା ପୂର୍ବରୁ କୌଣସି ପ୍ରକାରେ ଭୋଟରଙ୍କୁ ମନେଇବାକୁ ଲାଗିପଡିଛନ୍ତି। ଖାତା କଲମ ଧରି ୱାର୍ଡୱାରୀ ହିସାବ ବି ଚାଲିଛି।

ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଏଠାରୁ ୬୧ ହଜାରରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତେଣୁ ଭୋଟ୍‌ର ସିଂହଭାଗ ବିଜେଡି ପାଖରେ ରହିଛି। ଏଥର ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ହେଲେ କିଛି ବିଜେଡି କର୍ମୀ ଦଳବଦଳ କରିଥିବା ଜୟ ଢୋଲକିଆଙ୍କ ସହ ପଳାଇଥିବାରୁ ଶୂନ୍ୟସ୍ଥାନ ପୂରଣ ପାଇଁ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି। ସେହିଭଳି ଗତ ନିର୍ବାଚନରେ ବିଜେପି ଏଠାରେ ୪୪ ହଜାରର ସାମାନ୍ୟ ଅଧିକ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲା। ତେଣୁ ଏହି ଦଳକୁ ଅଧିକରୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ବିଶେଷକରି ଗତ ଥର ବିଜେପି ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡାଙ୍କୁ ଏଥର ଟିକଟ ମିଳିନଥିବାରୁ ପରିସ୍ଥିତି ଭିନ୍ନ ହୋଇଛି। ସେହିଭଳି ଗତ ଥର ସ୍ୱାଧୀନ ଭାବେ ଲଢ଼ି ୫୦ ହଜାରରୁ ଅଧିକ ଭୋଟ ପାଇ ରେକର୍ଡ କରିଥିବା ଘାସିରାମ ଏଥର କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ହେଲେ ଗତ ଥର ତାଙ୍କ ସପକ୍ଷରେ ଥିବା ଆଦିବାସୀ ଭୋଟ୍‌କୁ ଏଥର ଭାଗ ଭାଗ ⮊ପୃଷ୍ଠା-୬

## ଆତ୍ମସମର୍ପଣ କଲେ ୨୧ ମାଓବାଦୀ



### ୧୮ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୨୬।୧୦(ସଂଚାର ବ୍ୟୁରୋ): ଛତିଶଗଡ଼ରେ ଆଜି ଆତ୍ମସମର୍ପଣ କରିଛନ୍ତି ୨୧ ଜଣ କ୍ୟାଡର୍ ମାଓବାଦୀ। ଏଥିରେ ୧୩ ଜଣ ମହିଳା ମଧ୍ୟ ସାମିଲ୍ ଅଛନ୍ତି। ସେମାନେ ସମସ୍ତେ ସଶସ୍ତ୍ର ସଂଘର୍ଷର ପଥ ପରିତ୍ୟାଗ କରି ଶାନ୍ତି ଓ ପ୍ରଗତିକୁ ଗ୍ରହଣ କରିବାକୁ ଚାହୁଁଥିଲେ। ଛତିଶଗଡ଼ର କାଙ୍କେର୍ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନଙ୍କ ନିକଟରୁ ୩ଟି ଏକେ-୪୭, ୪ ଏସ୍‌ଏଲ୍‌ଆର୍, ୨ ଇନ୍‌ସାସ, ୬ଟି ଥ୍ରୀ ନଟ୍ ଥ୍ରୀ ରାଇଫଲ, ଗୋଟିଏ ବିଜିଏଲ୍, ୨ଟି ସିଙ୍ଗଲ୍ ଶଟ୍ ରାଇଫଲ୍ ସମେତ ମୋଟ ୧୮ଟି ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ବସ୍ତର ରେଞ୍ଜ୍ ଆଇଜି ପି. ସୁନ୍ଦରରାଜ ଦେଇଥିବା ସୂଚନାନୁସାରେ, ଆତ୍ମସମର୍ପଣ କରିଥିବା କ୍ୟାଡରମାନେ କେଶକାଲ ଡିଭିଜନ (ସିପିଆଇ (ମାଓବାଦୀ)ର ଉତ୍ତର ଉପ-ଜୋନାଲ ବ୍ୟୁରୋ)ର କୁଏମାରି/କିସ୍କୋଡୋ ଏରିଆ କମିଟି ପକ୍ଷରୁ ସକ୍ରିୟ ଥିଲେ। ⮊ପୃଷ୍ଠା-୬



# ଅବର୍ଣ୍ଣନୀୟ ଚରିତ୍ର କର୍ଣ୍ଣ

ହିନ୍ଦୁ ଧର୍ମର ମହାନ୍ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ବ୍ୟାସଦେବ ରଚିତ ମହାଭାରତ ଏକ ସ୍ୱତନ୍ତ୍ର ଅମୁଲ୍ୟ ଗ୍ରନ୍ଥ।ଯେଉଁ ଗ୍ରନ୍ଥ ଆମକୁ ପରୋକ୍ଷରେ ସତ୍ୟ ଧର୍ମ ନ୍ୟାୟ ବିବେକ ମାନବିକତାର ଉଚିତ୍ ମାର୍ଗ ଦେଖାଏ।ପ୍ରତ୍ୟେକ ମଣିଷ କୁ ସୁସଙ୍ଗତ ଭାବେ ଗଢ଼ିବାକୁ ବଢ଼ିବାକୁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଏ ଏକ ଦୁର୍ଲଭ ପ୍ରୟାସ।

ଉଚ୍ଚ କୂଳରେ ବଢ଼ି ଭାବନା ନୀଚ କଲେ ସେ ଚରିତ୍ର ସତ୍ ଚରିତ୍ର ନୁହଁ,ବରଂ ନୀଚ କୂଳରେ ବଢ଼ି ଉଚ୍ଚ ଭାବନା ରଖିଲେ ଜଣେ ଚରିତ୍ର ବାନ ହୋଇ ପାରିବ।ନଭଶ୍ଚୁମ୍ବି ପ୍ରାସାଦ ରେ ରହି ମନ ହୀନ ହେଲେ ତାକୁ ସଚ୍ଚରିତ୍ର କୁହାଯାଏନି ବରଂ କୁଡ଼ିଆରେ ରହି ଉଚ୍ଚ ମନା ହେଲେ ସେ ସଚ୍ଚରିତ୍ର ହୋଇଯାଏ।ମହାଭାରତକୁ ଅନୁଧ୍ୟାନ କଲେ ଅନେକ ଚରିତ୍ର ଆଖି ଆଗକୁ ଆସନ୍ତି, ହେଲେ ଏମିତି ଏକ ଅଦ୍ଭୁତ ଦୁର୍ଲଭ ଚରିତ୍ର ଆମ ମନରେ ହୃଦୟରେ ଆତ୍ମାରେ ଆଲୋଡନ ସୃଷ୍ଟି କରେ ସେ ଚରିତ୍ର ହେଲା ମହାରଥୀ ମହା ଦାନୀ କର୍ଣ୍ଣ।ଭଲ ପୁଅଟିଏ,ଭଲ ଶିଷ୍ୟଟିଏ,ଭଲ ସାଥୀ ଟିଏ,ଭଲ ମିତ୍ରଟିଏ,ଭଲ ବନ୍ଧୁ ଟିଏ,ଭଲ ପିତା ଟିଏ,ଭଲ ସ୍ୱମୀଟିଏ,ଭଲ ଯୋଦ୍ଧା ଟିଏ,ଭଲ ମଣିଷଟିଏ ଭାବେ ମହାଭାରତରେ ଯେ ପରିଚିତ ସେ ହେଲେ କର୍ଣ୍ଣ।

ପିତା ମାତାଙ୍କୁ ଭକ୍ତି କରିବା,ଭାଇ ମାନଙ୍କୁ ଶ୍ରଦ୍ଧା କରିବା,ବନ୍ଧୁ ପ୍ରତି କୃତଜ୍ଞ ହେବା,ଗୁରୁ ଗୁରୁଜନଙ୍କୁ ସମ୍ମାନ ଦେବା, ଦରିଦ୍ର ଅବହେଳିତ ମାନଙ୍କୁ ସାହାଯ୍ୟ କରିବା,ନୀତି ନିୟମ କୁ ମାନିବା,ବୀର ଯୋଦ୍ଧା ସାହସୀ ପରି ଯୁଦ୍ଧ କରିବା,ସମସ୍ୟା, ବିପଦ ପ୍ରତିବନ୍ଧକ ଆସିଲେ ଦୃଢ଼ ପ୍ରତିଜ୍ଞ ହୋଇ ସମାଧାନ କରିବା ,ଭୀରୁ କାପୁରୁଷ ପରି ପଳାୟନ ପନ୍ଥି ନ ହେବା, ଏସବୁ କର୍ଣ୍ଣଙ୍କର ସୁଲକ୍ଷଣ ଥିଲା।

ମହାଭାରତ ଯୁଦ୍ଧ ସରିବା ନିକଟତର ,ଅର୍ଜୁନ ଓ କର୍ଣ୍ଣଙ୍କ ମଧ୍ୟରେ ତୁମୂଳ ସଂଗ୍ରାମ।ସନ୍ଧ୍ୟାରେ କେଶବ ଆଉ କର୍ଣ୍ଣ ଗୁପ୍ତରେ ଦେଖା ସାକ୍ଷାତ ହୋଇଛନ୍ତି ଆଉ କର୍ଣ୍ଣ ମନ ଦୁଃଖରେ ପଚାରିଛନ୍ତି କୃଷ୍ଣଙ୍କୁ,ହେ କେଶବ ! କହିପାରିବ,ମୋ ଜୀବନରେ କେଉଁଟି ଭୁଲ ରହିଲା,କାହିଁକି ମୁଁ ଏତେ ଦୁଃଖ କଷ୍ଟ ଯନ୍ତ୍ରଣା ପାଇଲି,ଲଜ୍ଜା ଅପମାନ ପାଇଲି,ମୋ ଜାଣିବାରେ ମୁଁ କଣ ଭୁଲ କରିଥିଲି ? ଜନ୍ମ ହେଲା ପରେ ମା ମୋତେ ମାଠିଆ ରେ ପୁରାଇ ପାଣିରେ ଭସାଇ ଦେଲା,ମୁଁ ରାଜପୁତ୍ର ମାତ୍ର ବଢ଼ିଲି ସାରଥୀ ଘରେ,ମୁଁ ରାଜପୁତ୍ର ହେଲେ ମଧ ମୋର ଏ ପରିଚୟ ନ ଥିବାରୁ ଦ୍ରୋଣ ମୋତେ ବିଦ୍ୟା ଶିକ୍ଷା ଦେବାକୁ ମନା କଲେ,ମୁଁ ସବୁଠୁ ବଡ ଯୋଦ୍ଧା ଥାଇ ବି ରାଜପୁତ୍ର ନୁହଁ ବୋଲି ଅର୍ଜୁନ ହେଲା ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ଯୋଦ୍ଧା,ମୋତେ ସୂତ ପୁତ୍ର କହି ଦ୍ରୌପଦୀ ସ୍ୱୟମ୍ବରରେ ଧନୁର୍ବିଦ୍ୟା ପରୀକ୍ଷା ପାଇଁ ସୁଯୋଗ ଦେଲେନି,ମୁଁ କି ଅପରାଧ କରିଥିଲି,କାହିଁକି ଏତେ ଦଣ୍ଡ ପାଇଲି ? କେଶବ କହିଲେ ହେ କର୍ଣ୍ଣ ,ତୁମେ ତ ଜନ୍ମ ହେଲା ପରେ ମା ଭସେଇ ଦେଲେ ପାଣିରେ,ହେଲେ ମୁଁ ଜନ୍ମ ହେବା ପୂର୍ବରୁ ମୋତେ ମାରିବା ଯୋଜନା କରାଯାଇଥିଲା,ମାଆ ବାପା ଥାଇ ବି ଛେଉଣ୍ଡ ହୋଇ ବଢ଼ିଲି ଅନ୍ୟ ଘରେ,ପୁତନା ଆସିଲା କ୍ଷୀରରେ ବିଷ ଦେଇ ମାରିବାକୁ,ରାଜପୁତ୍ର ହୋଇ ସାଜିଲି ଗଉଡ ପିଲା,ଚରାଇଲି ଗାଈ ପୋଛିଲି ଗୋବର,ସ୍ୱୟଂ ମାମୁଁ ମଧ ମୋତେ ଡାକି ମାରିବର କେତେ ଯୋଜନା କଲେ,ଦୁର୍ଯ୍ୟୋଧନ ମୋତେ ବାନ୍ଧିବାକୁ ଗଲା,ଶିଶୁପାଳ ମୋତେ ତିରସ୍କାର କଲା,ମୁଁ ପୁଣି ଭଗବାନ ହୋଇ।

କର୍ଣ୍ଣ ସୁନା ପିଲା ପରି ବୁଝି ଯାଇଥିଲା ନିୟତିର ବିଧାନ।

ନିଜ ମା ଏତେ ଅବିଚାର କରିଥିଲେ ବି ସେ ମାଆକୁ ଘୃଣା କରି ନାହାଁନ୍ତି, ଦୁର୍ଯ୍ୟୋଧନ ତିରସ୍କାର ପାଇଁ ପ୍ରତିବାଦ କରିଛନ୍ତି,ଖାଲି ସେତିକି ନୁହଁ କେବଳ ଅର୍ଜୁନ କୁ ଛାଡି ଆଉ କାହାକୁ ମାରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ କାର୍ଯ୍ୟରେ ଲଗାଇଛନ୍ତି।

ଦ୍ରୌପଦୀ ସୂତ ପୁତ୍ର କହି ସ୍ୱୟମ୍ବର ସଭାରେ ଲଜ୍ଜିତ କଲେ ବି ବସ୍ତ୍ର ହରଣ ବେଳେ ଦୁର୍ଯ୍ୟୋଧନ କୁ ବାରଣ କରିଛନ୍ତି।କୀଚକ୍ ଦ୍ରୌପଦୀଙ୍କ ପ୍ରତି କୁବ୍ୟବହାର ପାଇଁ ପ୍ରତିବାଦ ସହ ଲଢ଼ିଛନ୍ତି।ଅଭିମନ୍ୟୁ ବଧ ବେଳେ ଦୁର୍ଯ୍ୟୋଧନ କୁ ବଧ ନ କରିବାକୁ ମନା କରିଛନ୍ତି।

ରାଜା ପୁଅ ନୁହଁ ବୋଲି ଗୁରୁ ଦ୍ରୋଣ ଶିକ୍ଷା ଦେବାକୁ ମନା କରିଥିଲେ ବି ହସ୍ତିନା ପୁରରେ ତାଙ୍କୁ ଗୁରୁ ମଣି ସମ୍ମାନ ଦେଇଛନ୍ତି।ସେ ସମୟରେ ଦୁର୍ଯ୍ୟୋଧନ ଗୁରୁ ଦ୍ରୋଣଙ୍କୁ କର୍ଣ୍ଣ କୁ ଶିକ୍ଷା ଦେବାକୁ ଅନୁରୋଧ କରିଥିବାରୁ ସେ ସମବେଦନା ପାଇଁ ମିତ୍ର ହୋଇ ପ୍ରତି ମୁହୂର୍ତ୍ତରେ ଦୁର୍ଯ୍ୟୋଧନକୁ ବଞ୍ଚାଇ ଏକ ସଚ୍ଚା ନିଃସ୍ୱାର୍ଥପର ମିତ୍ରର ଭୂମିକା ଲିଭାଇଛନ୍ତି।ଯୁଦ୍ଧ ସମୟରେ କଦାପି ଯୁଦ୍ଧ ନୀତି ଭଗ୍ନ କରି ନାହାଁନ୍ତି।ଅଙ୍ଗରାଜ ହେଲା ପରେ ଅଙ୍ଗର ସାଧାରଣ ଲୋକଙ୍କ ପ୍ରତି ଅଜସ୍ର ଶ୍ରଦ୍ଧା ଦେଇ ତାଙ୍କର ପ୍ରିୟ ହୋଇ ପାରିଛନ୍ତି। ଗୁରୁ ପର୍ଶୁରାମ ଙ୍କ ର ପ୍ରତିଟି ବାକ୍ୟ କୁ ଅମୃତ ମଣି ଜଣେ ଜିଜ୍ଞାସୁ,ଆବେଗ ଭରା ଶିଷ୍ୟ ହୋଇଛନ୍ତି।ଆଉ ତାଙ୍କ କୋଳରେ ଶୋଇ ଗୁରୁ ବିଶ୍ରାମ ନେବା ବେଳେ ତାଙ୍କୁ ବୃଶ୍ଚିକ ଯେତେ ଆଘାତ ଦେଲେ ବି ଗୁରୁଙ୍କ ନିଦ୍ରା ଭାଙ୍ଗ କରାଇ ଦେଇ ନାହାଁନ୍ତି କି ବିପଦ ଆଣି ଦେଇ ନାହାଁନ୍ତି।

ଅର୍ଜୁନଙ୍କ ମନରେ ଯେବେ ଗର୍ବ ଆସିଛି ଆଉ ସେ କର୍ଣ୍ଣ ଠାରୁ ବଳବାନ ବୋଲି କହିଛନ୍ତି,ସେ ସମୟରେ କୃଷ୍ଣ କର୍ଣ୍ଣଙ୍କର୍ ଶକ୍ତି କେତେ କହିଦେଇଛନ୍ତି।ଅର୍ଜୁନ ଶରା ଘାତରେ କର୍ଣର ରଥ ପଛକୁ କିଛି ବାଟ ଘୁଞ୍ଚାଇ ଛି, କର୍ଣ୍ଣ ଶର ରେ ଅର୍ଜୁନ ରଥକୁ ଅଳ୍ପ କିଛି ବାଟ ଘୁଞ୍ଚାଇ ଥିବାରୁ ଅର୍ଜୁନ ଙ୍କ ଗର୍ବ ଜାଣି କୃଷ୍ଣ କହିଛନ୍ତି ସଖା ଯେଉଁ ରଥରେ ସ୍ୱୟଂ ଭଗବାନ ଅଛନ୍ତି ସେଇ ରଥକୁ ଯିଏ ପଛକୁ ଘୁଞ୍ଚାଇ ଦିଏ ତାଙ୍କର ବଳ ତୁମେ କଳୁଛ ?

କର୍ଣ୍ଣକୁ ଛଦ୍ମ ବେଶରେ ଯେତେବେଳେ ଇନ୍ଦ୍ର କବଚ କୁଣ୍ଡଳ ମାଗିଛନ୍ତି ସେ ବିନା ଦ୍ୱିଧାରେ ଦେଇ ଦେଇଛନ୍ତି ପୁଣି ଅନେକ କଷ୍ଟ ଯନ୍ତ୍ରଣା ସହ୍ୟ କରିବି।

ମଣିଷ ଜୀବନର ଚାରି ପାହାଚ ଶୈଶବ,ଯିବା,ପ୍ରୋଢ଼ ଓ ବାର୍ଦ୍ଧକ୍ୟ,ଏସବୁ ର ପ୍ରକୃତ ବିନିଯୋଗ କରିଛନ୍ତି ସେ।ନିଜ ସ୍ତ୍ରୀ କୁ ମର୍ଯ୍ୟାଦା ନିଜ ପୁଅକୁ ସଂସ୍କାର ଦେଇଛନ୍ତି ସେ।

ଯେତେବେଳେ ସାଧାରଣ ଭାବେ ପ୍ରଶ୍ନ ଉଠେ ମହାଭାରତରେ ସବୁଠୁ ବଡ ଯୋଦ୍ଧା କିଏ ? କିଏ କହେ ଭୀଷ୍ମ କାରଣ ସେ ଇଚ୍ଛାମୃତ୍ୟୁ ବର ପାଇଛନ୍ତି, କିଏ କହେ ଦ୍ରୋଣ କାରଣ ସମ୍ମୁଖ ଯୁଦ୍ଧରେ ତାଙ୍କୁ କେହି ବି ପାରିବେ ନାହିଁ,କିଏ କହେ ଶ୍ରୀକୃଷ୍ଣ କାରଣ ତାଙ୍କର ସୁଦର୍ଶନ ଚକ୍ର ସବୁକୁ ନାଶ କରିବ,କିଏ କହେ ଅର୍ଜୁନ କାରଣ ସେ ଆର୍ଯ୍ୟବର୍ତ୍ତନର ଶ୍ରେଷ୍ଠ ଧନୁର୍ଦ୍ଧର ରୀ ଯୋଦ୍ଧା,ମାତାର ମହାଭାରତର ଅସଲ ଯୋଦ୍ଧା ତ କର୍ଣ୍ଣ ଯିଏ ବାଲ୍ୟ କାଳରୁ ସବୁ ଅସୁବିଧା ପାଇବି ନୀତି ନିୟମ ବୀରତ୍ୱ ଓ ଦାମ୍ଭିକରେ ସବୁଠୁ ଆଗରେ।

ତେବେ ସର୍ବଶେଷରେ ଏତିକି କହିବି ଯଦି କର୍ଣ୍ଣ ସବୁ ଘାତ ପ୍ରତିଘାତ ପାଇ ବି ଭଲ,ସଚ୍ଚା,ଦୃଢ଼ ପ୍ରତିଜ୍ଞ,ସଦୟ ଓ ବ୍ୟକ୍ତିତ୍ୱ ସମ୍ପନ୍ନ ତେବେ ସେ ତ ମହାଭାରତର ଏକ ଅବର୍ଣ୍ଣନୀୟ ଚରିତ୍ର,ଏଥିରେ ଦ୍ୱିମତ ହେବାର କୌଣସି ଯୁକ୍ତି ନାହିଁ।



ଆପଣ ସର୍ବଦା ଅନ୍ୟମାନଙ୍କୁ କଥା କହିବା ସମୟରେ ନିଜର ସ୍ୱରକୁ କେବେ ହେଲେ ଉଚ୍ଚ କରନ୍ତୁ ନାହିଁ,ବରଂ ନିଜ ବ୍ୟକ୍ତିତ୍ୱକୁ ଏପରି ଉଚ୍ଚ କରନ୍ତୁ ,ଯେପରି ଅନ୍ୟମାନେ ସର୍ବଦା ଆପଣଙ୍କ କଥା ଶୁଣିବାକୁ ଅପେକ୍ଷା କରିବେ।

ଯିଏ ଗୁରୁଜନଙ୍କୁ ସଦା ସମ୍ମାନ କରେ, ତାଙ୍କୁ ଦେଖିଲେ ନମ୍ରତାରେ ମୁଣ୍ଡ ନୁଆଁଇ ଦିଏ, ତାଙ୍କୁ ଶ୍ରେଷ୍ଠ ବୋଲି ହୃଦୟରେ ସ୍ଥାନ ଦିଏ, ସେ କନିଷ୍ଠ ହେଲେ ମଧ୍ୟ ଜ୍ୟେଷ୍ଠ ମାନେ ତାକୁ ଶ୍ରେଷ୍ଠତାର ସିଢ଼ିରେ ଉପରକୁ ଉଠାଇବାର ଭାବନା ମନରେ ପୋଷଣ କରନ୍ତି।

ବିଚାର ଏବଂ ଜଳ ସବୁବେଳେ ସ୍ୱଚ୍ଛ ହେବା ଦରକାର କାହିଁକିନା ଦୂଷିତ ଜଳ ସ୍ୱାସ୍ଥ୍ୟ ଖରାପ କରି ଦିଏ ଏବଂ ଦୂଷିତ ବିଚାର ଜୀବନ ନଷ୍ଟ କରି ଦିଏ ।
କର୍ମର ସରଳ ନିୟମ-ଯାହା ଦେବେ, ତାହା ପାଇବେ। ଅସତ୍ କର୍ମରୁ ଦୁଃଖ ଜନ୍ମେ, ସତ୍ କର୍ମରୁ ଶାନ୍ତି ଓ ସଫଳତା ଆସେ।

ଜୀବନ ହେଉଛି ଗୋଟିଏ ଏମିତି ଗଣିତ ଯାହାକୁ କଷିବା ପାଇଁ, ପ୍ରତିଦିନ ଓ ପ୍ରତି ମୂହୁର୍ତ୍ତରେ ନୂଆ ନୂଆ ସୂତ୍ରର ପ୍ରୟୋଗ କରିବା ପାଇଁ ପଡେ। ଏକତା ହିଁ ଶକ୍ତି



# ଯେମିତି କର୍ମ ସେମିତି ଫଳ



ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ରାମବାବୁଙ୍କ ୮ବର୍ଷର ନାତି କୁନାଲ ରାମବାବୁଙ୍କୁ ଗୋଟେ ଗପଟିଏ କହିବା ପାଇଁ ବାଧକଲା। ନାତିର କଥା ରଖି ରାମବାବୁ ତାକୁ ଗପଟିଏ କହିଲେ। ଗପଟି ହେଉଛି- ଗୋଟିଏ ଗାଆଁରେ ଜଣେ ଗରିବ ଶ୍ରେଣୀର ଲୋକଟିଏ ରହୁଥିଲା ନାଁ ତାର ବିଷ୍ଣୁପଦ। ବିଷ୍ଣୁପଦ ମୂଲ ଲାଗି ଯାହା ପଇସା ଆଣେ ସେଥିରେ ବହୁ କଷ୍ଟରେ ପରିବାର ଚଳାଏ। ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ତାର ପରିବାର। ପତ୍ନୀ କୁନ୍ତଳା ବିବାହର ବାରବର୍ଷ ପରେ ଆର ପାରିକୁ ଚାଲିଯାଇଛି। ଗାଁର ଶେଷମୁଣ୍ଡରେ ଗୋଟେ ଝାଟିମାଟି ଘରେ ବିଷ୍ଣୁପଦ ତାର ପିଲାମାନଙ୍କ ସହିତ ରୁହେ। ବଡ଼ ଝିଅ ରୁନୁ, ସାନଝିଅ ଗୀତା ଓ ପୁଅ ଅଶୋକକୁ ବିଷ୍ଣୁପଦ ସବୁବେଳେ ସୁଶିକ୍ଷା ଦିଏ। ସତପଥେ ଯିବା, ଅନ୍ୟକୁ ସାହାଯ୍ୟ କରିବା,କାହା ମନରେ କଷ୍ଟ ନଦେବା ଓ ସଭିଙ୍କୁ ମଧୁର ବଚନ କହିବା ଭଳି ବିଭିନ୍ନ କଥା ବିଷ୍ଣୁପଦ ତାର ପିଲାମାନଙ୍କୁ ଶିଖାଏ।

ବିଷ୍ଣୁପଦ ଗରିବ ହେଲେ ମଧ ଜଣେ ନିର୍ଲୋଭି, ସ୍ନେହୀ, ସ୍ୱାଭିମାନି ଓ ପରିଶ୍ରମୀ ମଣିଷ। ଥରେ ବିଷ୍ଣୁପଦର ପୁଅ ଅଶୋକ ର ଦେହ ବହୁତ ଖରାପ ହେଲା। ଡାକ୍ତର ପରୀକ୍ଷା କରି ଦେଖିବା ପରେ ଅଶୋକର ପେଟରେ ଏକ ଟ୍ୟୁମର ହୋଇଥିବା ଜାଣିବାକୁ ପାଇଲେ। ଓ ତୁରନ୍ତ ଅଶୋକର ଅପରେସନ କରିବାକୁ ହେବ ସେଥିପାଇଁ ୫୦ ହଜାର ଟଙ୍କା ଆବଶ୍ୟକ ବୋଲି ବିଷ୍ଣୁପଦକୁ କହିଲେ। ବିଷ୍ଣୁପଦ ଜଣେ ଗରିବ ଲୋକ ହୋଇଥିବାରୁ ପୁଅର ଅପରେସନ ପାଇଁ ୫୦ ହଜାର ଟଙ୍କା କେମିତି ଯୋଗାଡ଼ କରିବ ଏନେଇ ବ୍ୟସ୍ତ ହୋଇପଡ଼ିଲା। ପାଖ ପଡ଼ୋଶୀ ଓ ତାର ପରିଚିତ ବ୍ୟକ୍ତିମାନଙ୍କୁ ବହୁ ଅନୁରୋଧ କରି ଟଙ୍କା ସାହାଯ୍ୟ ମାଗିବା ପରେ ମଧ କେହି ତାକୁ ସାହାଯ୍ୟ କଲେନାହିଁ। ତୁ ଖଟିଲେ ଖାଉ,ତୋର ଚାଳ ଘରଟାକୁ ଛପର କରିପାରୁନାହୁଁ। ତତେ ପଇସା ଦେଲେ ଆଉ ଆମେ ପଇସା ପାଇବୁ ତ ? ଏପରି କହି ତାସ୍ଚଲ୍ୟ କରିଲେ।

ସବୁଆଡୁ ନିରାଶ ହୋଇ ଫେରିବା ପରେ ବିଷ୍ଣୁପଦ ଛକର ଗୋଟିଏ ଦୋକାନରେ ମୁଣ୍ଡରେ ହାତ ଦେଇ ବସିଥାଏ। ହଠାତ ତାର ନଜର ପଡ଼ିଲା ଜଣେ ଲୋକକୁ ଦୁଇଜଣ ଲୋକ(ଡକାୟତ) ଆକ୍ରମଣ କରୁଛନ୍ତି। ଓ ସେ ହାତରେ ଧରିଥିବା ବ୍ୟାଗଟିକୁ ଛଡ଼ାଇନେବାକୁ ଚେଷ୍ଟା କରୁଛନ୍ତି। ବିଷ୍ଣୁପଦ ଆଉ ଡେରି ନକରି ତୁରନ୍ତ ଦଉଡ଼ି ଯାଇ ସେ ଦୁଇଜଣ ଲୋକ(ଡକାୟତ)ଙ୍କ ସହ ଲଢ଼େଇ କରି ତାଙ୍କୁ ଘଉଡ଼ାଇ ଦେଲା। ଯାହା ଫଳରେ ଲୋକଟିର ଜୀବନ ବଞ୍ଚିଗଲା। ପରେ ଲୋକଟି ବିଷ୍ଣୁପଦକୁ ଧନ୍ୟବାଦ ଜଣାଇବା ସହ ତାର ନାଁ ଓ ପରିବାର କଥା ପଚାରିଲା। ସେହି ଲୋକଟି ଜଣେ ବିଶିଷ୍ଟ ଶିଳ୍ପପତି ଥିଲା। ଓ ସେଦିନ ସେ ଏଟିଏମ ରୁ ଟଙ୍କା ଉଠାଇ ତାର ଗାଡ଼ି ନିକଟକୁ ଯାଉଥିଲା। ବିଷ୍ଣୁପଦ ଠୁ ସବୁକଥା ଶୁଣି ଲୋକଟି ଅଶୋକର ଅପରେସନ ପାଇଁ ବ୍ୟାଗରୁ ୫୦ ହଜାର ଟଙ୍କା ବାହାର କରି ବିଷ୍ଣୁପଦ ହାତକୁ ବଢ଼ାଇ ଦେଲା। ବିଷ୍ଣୁପଦ ଜଣେ ସ୍ୱାଭିମାନି ହୋଇଥିବାରୁ ପ୍ରଥମେ ପଇସାକୁ ନେବାକୁ ଚାହୁଁ ନଥିଲା। ସେ ଲୋକଜଣଙ୍କ ବିଷ୍ଣୁପଦକୁ ଧାଆର ହିସାବରେ ନିଅ ପରେ ପଇସା ହେଲେ ଦେଇଦେବ ବୋଲି କହିବାରୁ ବିଷ୍ଣୁପଦ ପଇସା ନେଇଥିଲା । ସଙ୍ଗେସଙ୍ଗେ ବିଷ୍ଣୁପଦ ମେଡ଼ିକାଲରେ ପଚାଶ ହଜାର ଟଙ୍କା ଡିପୋଜିଟ କରିବାରୁ ତା ପୁଅର ଅପରେସନ ହେଲା ଓ କିଛିଦିନ ପରେ ସେ ଭଲ ହୋଇଗଲା। ଏହାପରେ କିଛିବର୍ଷ ପରେ ବିଷ୍ଣୁପଦ ଏକ ଛୋଟିଆ ବ୍ୟବସାୟ ଆରମ୍ଭ କଲା। ଓ ଧୀରେ ଧୀରେ ସେ ଶିଳ୍ପପତି ଲୋକର (ଯାହାକୁ ସେ ଡକାୟତଙ୍କ କବଳରୁ ବଞ୍ଚାଇଥିଲା) ତାର ସବୁ ପଇସା ଶୁଝିଦେଲା। ବ୍ୟବସାୟ ଭଲ ଚାଲିବାରୁ ବିଷ୍ଣୁପଦ ପିଲାମାନଙ୍କ ସହିତ ଭଲରେ ଚଳିଲା। ବିଷ୍ଣୁପଦ ନିଜ ଜୀବନକୁ ବାଜି ଲଗାଇ ଜଣଙ୍କ ଜୀବନ ବଞ୍ଚାଇଥିବାରୁ ଭଗବାନ ତାକୁ ସାହାଯ୍ୟ କଲେ ଯେଉଁଥିପାଇଁ ତା ପୁଅର ଜୀବନ ବଞ୍ଚିଗଲା। ସେଥିପାଇଁ କୁହାଯାଏ ଯେମିତି କର୍ମ ସେମିତି ଫଳ। ତେଣୁ ତୁ ସବୁବେଳେ ଭଲକାମ କରିବୁ।

**ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର**
**ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**

# ସୃଜନଶୀଳତାର ପରିସର



ଡକ୍ଟର ଲକ୍ଷ୍ମଣ ସାହୁ

ଜୀବନ ନିଃସନ୍ଦେହରେ ସୀମିତ ଓ ଅନିଶ୍ଚିତ। କିନ୍ତୁ ଏହି ସୀମିତ ଯାତ୍ରା ମଧ୍ୟରେ, ଆମେ ବିଭିନ୍ନ ପରିସ୍ଥିତି, ପରିସ୍ଥିତି, ସୁଯୋଗ ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛେ। ସୃଜନଶୀଳତା ହେଉଛି ଏଭଳି ଏକ ଗୁଣ ଯାହା ଆମ ଜୀବନକୁ ଆକାର ଦେବା ସହିତ ଆମକୁ ନୂତନ ପ୍ରଗତି ଆଡ଼କୁ ନେଇଯାଏ। ସୃଜନଶୀଳତାର କାର୍ଯ୍ୟ ବା ଚିନ୍ତାଧାରା ମାଧ୍ୟମରେ ନୂତନତ୍ୱ ଆଣିବାର କ୍ଷମତା। ଏକ ମୌଳିକ ଓ ଅସ୍ତିତ୍ୱହୀନ ଧାରଣା ସୃଷ୍ଟି କରିବା, କିମ୍ବା ସେହି ଧାରଣାକୁ ଏପରି କାର୍ଯ୍ୟରେ ପରିଣତ କରିବା ଯାହା ପୂର୍ବରୁ କେବେ କରାଯାଇ ନାହିଁ। ଏସବୁ କେବଳ ସୃଜନଶୀଳତାର ପରିସର ମଧ୍ୟରେ ଆସେ। ସୃଜନଶୀଳତା କେବଳ ଏକ ସରଳ ଗୁଣ ନୁହେଁ , ବରଂ ଏହା ସାଧାରଣକୁ ଅସାଧାରଣରେ ପରିଣତ କରିବାର ଅପାର ଶକ୍ତି ରଖେ। ଆମକୁ ସମସ୍ୟାର ସଠିକ ସମାଧାନ ଖୋଜିବାରେ ସାହାଯ୍ୟ କରେ ଓ ଆମକୁ ଏକ ଉତ୍ତମ ଦୃଷ୍ଟିକୋଣରୁ ଜୀବନକୁ ଦେଖିବାରେ ମଧ ସୃଜନଶୀଳତା ସକ୍ଷମ କରେ।

ବର୍ତ୍ତମାନର ସମୟ ହେଉଛି ଦକ୍ଷତାର ସମୟ। ସୃଜନଶୀଳତା ବିନା ଏହି ଦୁଇଟି ଗୁଣ ବିକଶିତ ହୋଇପାରିବ ନାହିଁ। ସୃଜନଶୀଳତା ହେଉଛି ଏମିତି ଏକ ଶକ୍ତି ଯାହା ଚିନ୍ତାଧାରାକୁ କଳା, ସାହିତ୍ୟ, ବିଜ୍ଞାନ କିମ୍ବା ପ୍ରମୁଖ ସାମାଜିକ ପରିବର୍ତ୍ତନରେ ପରିଣତ କରିପାରିବ। ଗୋଟିଏ ଦିନ, ଆସନ୍ତୁ ଆମର ଦୈନନ୍ଦିନ କାର୍ଯ୍ୟପଦ୍ଧତି ଉପରେ ପ୍ରତିଫଳନ କରିବା ଓ ରାତିରେ, ଆମର ଦିନର କାର୍ଯ୍ୟକଳାପ ମୂଲ୍ୟାଙ୍କନ କରିବା ଏପରିକି ବିଚାର କରିବା ଯେ ଆମେ କେଉଁ ନୂତନ ଜିନିଷ ଚିନ୍ତା କରିଛୁ, ଶିଖିଛୁ କିମ୍ବା କରିଛୁ। ଯଦି ଆମର ବିବେକ ଏହି ସମସ୍ତ ପ୍ରଶ୍ନର ଉତ୍ତର "ନା" ସହିତ ଦିଏ, ତେବେ କୌଣସି ସ୍ଥାନରେ ଆମର ଜୀବନ ଅର୍ଥଠାରୁ ଦୂରେଇ ଯାଉଛି। ସୃଜନଶୀଳତା ଶୂନ୍ୟ ଓ ଅର୍ଥହୀନକୁ ଦୂରେଇ ଦିଏ। ସୃଜନଶୀଳତା ଜୀବନକୁ ନୀରସତା ଓ ନୀରବତାରୁ ପରିବର୍ତ୍ତନ କରେ। ଏପରିକି ଏହାକୁ ଅର୍ଥପୂର୍ଣ୍ଣ ଓ ସ୍ପନ୍ଦନଶୀଳ କରିଥାଏ। ମନସ୍ତତ୍ତ୍ୱ ଅନୁସାରେ, ସୃଜନଶୀଳତା ହେଉଛି ମାନବ ବୁଦ୍ଧିର ସର୍ବୋଚ୍ଚ ରୂପ। ଏହା ବିଶ୍ଳେଷଣାତ୍ମକ ଚିନ୍ତାଧାରା, କଳ୍ପନା, ସମ୍ବେଦନଶୀଳତା ଓ ଅଭିଜ୍ଞତାର ଏକ ସଙ୍ଗମ। ଯଦି ଆମେ ଗମ୍ଭୀରତାର ସହିତ ଚିନ୍ତା କରିବା, ତେବେ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିବୁ ଯେ ଆମର ଜୀବନ ମଧ ପ୍ରକୃତିର ସୃଜନଶୀଳତାର ଫଳାଫଳ। ନିଶ୍ଚିତ ଭାବରେ, ସୃଜନଶୀଳତାରୁ ଉତ୍ପନ୍ନ ହୋଇଥିବା ଜୀବନରେ, ସୃଜନଶୀଳତାର ଗୁରୁତ୍ୱ ଓ ଏହା କେତେ ହେବ, ତାହା କେବେ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ।





ଆମ ଭିତରେ ସୃଜନଶୀଳତାର ଆତ୍ମା ସେତେବେଳେ ଉତ୍ପନ୍ନ ହୋଇପାରେ ଯେତେବେଳେ ଆମେ ସ୍ୱାଧୀନତା, ଯୁକ୍ତିଯୁକ୍ତତା ଓ କୌତୁହଳର ଭାବନାରେ ପୂର୍ଣ୍ଣ ଭାବରେ ଆଚ୍ଛାଦିତ ହୋଇଥାଉ। ଜଣେ ସୃଜନଶୀଳ ବ୍ୟକ୍ତି କେବଳ ବାହ୍ୟ ସଫଳତା ହାସଲ କରନ୍ତି ନାହିଁ ବରଂ ଆଭ୍ୟନ୍ତରୀଣ ସନ୍ତୋଷ ମଧ ହାସଲ କରନ୍ତି। ସେମାନଙ୍କୁ ଭିତରେ ଅନନ୍ୟ ହେବାର ଭାବନା ଆତ୍ମବିଶ୍ୱାସର ଏକ ଉଷ୍ମତା ପ୍ରଦାନ କରେ। ଏହା ଅନୁଭବ ପ୍ରଦାନ କରେ, ଚାପରୁ ମୁକ୍ତି ଦିଏ ଓ ଜଣଙ୍କ ଭିତରେ ଜୀବନ ପ୍ରତି ଏକ ସକାରାତ୍ମକ ମନୋଭାବ ବିକଶିତ କରେ।

ସୃଜନଶୀଳ ଲୋକମାନେ ଜୀବନର ପ୍ରତ୍ୟେକ ପରିସ୍ଥିତି ସହିତ ଖାପ ଖୁଆଇବାକୁ ସକ୍ଷମ। କାରଣ ସେମାନଙ୍କର ସମସ୍ୟାକୁ ସୁଯୋଗ ଓ ସମାଧାନରେ ପରିଣତ କରିବାର ଅସୀମ ଓ ଉଲ୍ଲେଖନୀୟ କ୍ଷମତା ଅଛି। ସୃଜନଶୀଳତା ହେଉଛି ସାହିତ୍ୟ, କଳା, ବିଜ୍ଞାନ ଓ ସାମାଜିକ ଦୃଶ୍ୟପଟରେ ପ୍ରଗତିର ମୂଳଦୁଆ। ସୃଜନଶୀଳତା ମଧ ନୈତିକତା ଓ ଆଧ୍ୟାତ୍ମିକତା ସହିତ ଗଭୀର ଭାବରେ ଜଡିତ। ଏପରି ବ୍ୟକ୍ତିଙ୍କ ମାନବିକ ମୂଲ୍ୟବୋଧ ଓ ଗୁଣ ଉଚ୍ଚ ସ୍ତରରେ ବିକଶିତ ହୁଏ , ତାଙ୍କ ବ୍ୟକ୍ତିତ୍ୱରେ କୌଣସି ଖରାପ ପାଇଁ ସ୍ଥାନ ରଖେ ନାହିଁ। ସୃଜନଶୀଳତା ବିନା ସମ୍ବେଦନଶୀଳତା, ସହନଶୀଳତା ଓ ଏକ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ ହୋଇପାରିବ ନାହିଁ। ସୃଜନଶୀଳତାକୁ ବିକଶିତ କରିବା ପାଇଁ, ଆମକୁ ପ୍ରତ୍ୟେକ ବସ୍ତୁ, ପରିସ୍ଥିତି ଓ ପରିସ୍ଥିତି ବିଷୟରେ ପ୍ରଶ୍ନ ଓ କୌତୁହଳରେ ପରିପୂର୍ଣ୍ଣ ଏକ ଦୃଷ୍ଟିକୋଣ ବିକଶିତ କରିବାକୁ ପଡିବ। ଯୁକ୍ତିଯୁକ୍ତ ଓ ନିରପେକ୍ଷ ମୂଲ୍ୟାଙ୍କନ ଆମକୁ ସୃଜନଶୀଳତା ଆଡ଼କୁ ନେଇଯାଏ।

ଆମର ଅନ୍ତର୍ନିହିତ ଆତ୍ମାକୁ ଶାନ୍ତ ଅବସ୍ଥାରେ ରଖି, ଆମେ ଗଭୀର ଚିନ୍ତନ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଜୀବନକୁ ଏକ ନୂତନ ଦିଗ ଦେଇପାରିବା। ଭିତରେ ଲୁଚି ରହିଥିବା ଭାବନା ଓ ଦକ୍ଷତାକୁ ପୃଷ୍ଠକୁ ଆଣିପାରିବା। ଅନ୍ୟ ଶବ୍ଦରେ, ଏହା କହିବା ଭୁଲ ହେବ ନାହିଁ ଯେ ସୃଜନଶୀଳତା ମାଧ୍ୟମରେ, ଆମେ ଆତ୍ମ-ସାକ୍ଷାତରେ ନିୟୋଜିତ ହେବା ସହିତ ନିଜ ସହିତ ସଂଯୋଗ ସ୍ଥାପନ କରିବାର ସୁଯୋଗ ପାଇଥାଉ। ସୃଜନଶୀଳତା କେବଳ ଜୀବନରେ ସୌନ୍ଦର୍ଯ୍ୟ ଭରିଦିଏ ନାହିଁ, ବରଂ ଏହାକୁ ନୂତନ ଦିଗ ଏବଂ ଶକ୍ତି ମଧ ପ୍ରଦାନ କରେ। ଏହା ବ୍ୟକ୍ତିମାନଙ୍କୁ ଜୀବିତ ରଖେ, ସମାଜକୁ ପ୍ରଗତିଶୀଳ କରେ ଓ ମାନବତାକୁ ପ୍ରଗତି ପଥରେ ଆଗକୁ ନେଇଯାଏ। ସୃଜନଶୀଳତା ବିନା, ଜୀବନ କେବଳ ଏକ ନିୟମିତ ହୋଇଯାଆନ୍ତା। ସେହି ଜୀବନରେ କୌଣସି ଉତ୍ସାହ ରହିବ ନାହିଁ, କିମ୍ବା ଏହାର କୌଣସି ଉପଯୋଗୀ ହେବା ଉଚିତ୍ ନୁହେଁ। ସୃଜନଶୀଳତା ଏକ ଆଧ୍ୟାତ୍ମିକ ଅଭ୍ୟାସ କାରଣ ଏହା ଅର୍ଥ ଆଣିବା। ସୃଜନଶୀଳତା ହେଉଛି ସେହି ଉପାଦାନ ଯାହା ପ୍ରକୃତରେ ଆମକୁ ଜୀବିତ ଅନୁଭବ କରାଏ।

ସୃଜନଶୀଳତା ହେଉଛି ଜୀବନର ଅନନ୍ତ ସାର। ଏହା ଏକ ସୃଜନଶୀଳ ଧାରା ଯାହା ଜୀବନରେ ବିଦ୍ୟମାନ, ନିରନ୍ତର ପ୍ରବାହିତ। ଏହା ମାନବତାକୁ ଏକ ଯାନ୍ତ୍ରିକ ଅସ୍ତିତ୍ୱରୁ ଏକ ଚେତନ ଅସ୍ତିତ୍ୱକୁ ଉନ୍ନୀତ କରେ। ଯେଉଁ ମୁହୂର୍ତ୍ତରେ ଆମେ ଶବ୍ଦ, ଚିନ୍ତାଧାରା କିମ୍ବା କାର୍ଯ୍ୟ ମାଧ୍ୟମରେ ସୃଷ୍ଟି କରୁ କିମ୍ବା ଯେକୌଣସି ରୂପରେ ସୃଷ୍ଟି କରୁ, ସେହି ମୁହୂର୍ତ୍ତରେ ଆମେ ଜୀବନର ପ୍ରକୃତ ଅର୍ଥ ଅନୁଭବ କରୁ। ସୃଜନଶୀଳତାର ଉଦ୍ଦେଶ୍ୟ ହେଉଛି ଆମର ଚିନ୍ତାଧାରା, କାର୍ଯ୍ୟ ଓ ସମ୍ପର୍କରେ ଜୀବନର ଏକ ନୂତନ ଆଲୋକ ଆଣିବା। ଜଣେ ସୃଜନଶୀଳ ବ୍ୟକ୍ତିଙ୍କ ଜୀବନ କେବଳ ଏକ ଘଟଣା ନୁହେଁ, ବରଂ ଏକ ସଫଳ, ଅର୍ଥପୂର୍ଣ୍ଣ ଓ ସକାରାତ୍ମକ ଉତ୍ସବ। ସଂକ୍ଷେପରେ, ସୃଜନଶୀଳତା ହେଉଛି ଜୀବନର ଆତ୍ମା ଓ ଏହା ବିନା ଜୀବନ ସମ୍ପୂର୍ଣ୍ଣ ଅର୍ଥହୀନ...!!!

**ତାରାନିଳୟ, ପ୍ଲଟ: ୮୫୪, ମୁକୁନ୍ଦ ପ୍ରସାଦ,**
**ଖୋର୍ଦ୍ଧା-୫୫, ମୋବାଇଲ୍: ୯୦୪୦୧୫୧୪୭୫**

# ଭୁବନେଶ୍ୱର ଖବରକାଗଜ ବିତରକ ସଂଘ ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ନୀଳାଦ୍ରିବିହାରସ୍ଥିତ ଦୁର୍ଗା ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ 'ପ୍ରମେୟ'ର ଡିଜିଏମ ଗଜେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିତରକମାନଙ୍କୁ ଖବରକାଗଜର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିବା ସହ ସେମାନଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ 'ଧରିତ୍ରୀ' ନିର୍ଦ୍ଦେଶକ ବରଦା ପ୍ରସନ୍ନ ମହାନ୍ତି, ପ୍ରସାରଣ ବିଭାଗ ମୁଖ୍ୟ ଭରତ ଦାସ, ଚନ୍ଦ୍ରଶେଖର ମଣ୍ଡଳ ସଭାପତି ନଗେନ ବିଶୋଇ, ବିଜେପି ନେତା ବ୍ରହ୍ମାନନ୍ଦ ସାହୁ, ବସନ୍ତ ତ୍ରିପାଠୀ, ସଂଘର ସଭାପତି ସୁରେଶ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ଦେ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବିତରକମାନଙ୍କୁ ରାସନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ ସହ ସଂଘ ଗୃହ ପାଇଁ ଜାଗା କିମ୍ବା ଘର ଯୋଗାଇ ଦେବା ସକାଶେ ଦାବି କରିଥିଲେ। ସାମ୍ବାଦିକ ସୁକାନ୍ତ ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଭୁବନେଶ୍ୱର ନ୍ୟୁଜ ପେପର ସପ୍ଲାୟର୍ସ ଆସୋସିଏସନର ମୁଖ୍ୟ କମଳାକାନ୍ତ ଖାମୁରାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସଂଘର ଏକ ଟି-ଶାର୍ଟ ଉନ୍ମୋଚନ କରିଥିଲେ।



# 'ଘରେ ଘରେ ଉଦ୍ୟୋଗୀ' ଆଲୋଚନାଚକ୍ର

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ୟୁନିଟ-୯ସ୍ଥିତ ବୁଦ୍ଧ ମନ୍ଦିରଠାରେ ଓଡ଼ିଶା ଉଦ୍ୟୋଗୀ ପରିବାର ପକ୍ଷରୁ ଆଜିର ଆହ୍ୱାନ 'ଘରେ ଘରେ ଉଦ୍ୟୋଗୀ' ଶୀର୍ଷକ ଏକ ଆଲୋଚନାଚକ୍ର ସହ ମାସିକ ବୈଠକ ସଂଯୋଜକ ନିଳୟକାନ୍ତ ନାୟକ ଓ ସଭାପତି ତଥା ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଉଦ୍ୟୋଗୀ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଶୁଭ ସାହୁ ଉଦ୍ୟୋଗୀଙ୍କ ସମ୍ମିଳିତ ଉଦ୍ୟମ, ଉଦ୍ୟୋଗୀଙ୍କ ନିଷ୍ଠା, ଏକାଗ୍ରତା ସହିତ ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କଲେ ରାଷ୍ଟ୍ରର ପ୍ରଭୂତ ବିକାଶ ହେବା ସହିତ ଅଧିକରୁ ଅଧିକ ଉଦ୍ୟୋଗ ସୃଷ୍ଟି ଦିଗରେ ସହାୟକ ହୋଇପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ଘରେ ଘରେ ଉଦ୍ୟୋଗୀ ସୃଷ୍ଟି ହେବା ଉପରେ ସଭାପତି ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଜାଇଡେକ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଶୁଭ୍ରାଂଶୁ ପତି ଉଦ୍ୟୋଗ ସମ୍ପର୍କରେ ମତ ବ୍ୟକ୍ତ କରିବା ସହ ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ବାରିକ, ସୀତାଂଶୁ ଶେଖର ମହାରଣା ପରିଚାଳନା କରିଥିବା ବେଳେ ସିଇଓ ଅମୀୟ ମିଶ୍ର, ବିପି ସିଂ ଉଦ୍ୟୋଗୀଙ୍କ ସମ୍ପର୍କରେ ମତ ରଖିଥିଲେ।

# ଦେବଦାସ ଛୋଟରାୟଙ୍କୁ ଶାରଳା ପୁରସ୍କାର

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ ସମ୍ମାନଜନକ ଶାରଳା ପୁରସ୍କାର ଗ୍ରହଣ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ପାଇଁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆଜି ସ୍ଥାନୀୟ ହୋଟେଲ୍ ସ୍ୱସ୍ତିଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ



**ଗୁରୁ ରାମହରି ଦାସ ଓ ବଳଦେବ ମହାରଥୀ ବି ସମ୍ମାନିତ**

ତାଙ୍କୁ ସମ୍ମାନ ଆକାରରେ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ଜଣାଶୁଣା ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଓ ସଙ୍ଗୀତ ଗୁରୁ ରାମହରି ଦାସ ମଧ୍ୟ ସମ୍ମାନିତ ହୋଇଛନ୍ତି। ଉଭୟ ଇଲା ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ସେମାନଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ତାମ୍ରଫଳକ ପ୍ରଦାନ କରାଯାଇଛି। ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଏହି ପୁରସ୍କାର ଦିଆଯାଇଆସୁଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟ ଟ୍ରଷ୍ଟି ପାରମିତା ପଣ୍ଡା କହିଛନ୍ତି ଯେ ଶାରଳା ପୁରସ୍କାର ବିଜେତା ଶ୍ରୀ ଛୋଟରାୟ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସବୁବେଳେ ପାଠକ ଓ ଶ୍ରୋତାଙ୍କର ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଓଡ଼ିଆ ଭାଷା-ସାହିତ୍ୟର ସମୂହ ବିକାଶ ଓ ସମୃଦ୍ଧି ପାଇଁ ଆଜିକୁ ଚାରି ଦଶନ୍ଧି ତଳେ ଡ. ବଂଶୀଧର ପଣ୍ଡା ଓ ଇଲା ପଣ୍ଡା 'ଶାରଳା ପୁରସ୍କାର' ପ୍ରବର୍ତ୍ତନ କରିଥିଲେ। ଓଡ଼ିଶାର କଳା-ସାହିତ୍ୟକୁ ଏକ ସମ୍ମାନଜନକ ଉଚ୍ଚତାକୁ ନେବା ଦିଗରେ ଏହି ପୁରସ୍କାର ଓଡ଼ିଆ ଅସ୍ମିତାକୁ ପ୍ରତିପାଦିତ କରିଛି ବୋଲି ଶ୍ରୀମତୀ ପଣ୍ଡା କହିଛନ୍ତି। ସେହିପରି ମୁଖ୍ୟ ଅତିଥି ପ୍ରଫେସର ସିଂହ କହିଛନ୍ତି ଯେ ସାହିତ୍ୟ ମଣିଷ ଦ୍ୱାରା ନିଜସ୍ୱ ଖୁସି ଓ ସୌଭାଗ୍ୟ ପାଇଁ ସୃଷ୍ଟି ହୁଏ ଏବଂ ଏହି ଖୁସି ବିଶ୍ୱର ସମସ୍ତଙ୍କ ପାଇଁ ସୌନ୍ଦର୍ଯ୍ୟ ଏବଂ ସାମାଜିକ ନ୍ୟାୟ ଅନୁସନ୍ଧାନ କରେ। ଏହି ସମସ୍ତ ସାମାଜିକ କାର୍ଯ୍ୟର କେନ୍ଦ୍ରରେ ଥାଏ ପ୍ରେମ, ଯାହାକୁ କବିତା ମୁକ୍ତ ଭାବେ ଉପସ୍ଥାପନ କରେ। ପ୍ରିୟ କବି ଶ୍ରୀ ଛୋଟରାୟ ଏହି ପୁରସ୍କାର ପାଇଥିବାରୁ ସେ ବେଶ୍ ଖୁସି। ଏହା କେବଳ ଓଡ଼ିଆ ସାହିତ୍ୟ ପାଇଁ ନୁହେଁ, ସାରା ବିଶ୍ୱର ସାହିତ୍ୟ ପାଇଁ ଅଶେଷ ଗୁରୁତ୍ୱପୂର୍ଣ୍ଣ। ତାଙ୍କ କବିତା ସାରା ବିଶ୍ୱକୁ ସାହିତ୍ୟ ସହ ଯୋଡିଥାଏ ଏବଂ ଏହାର ଗଭୀରତା ପାଠକଙ୍କୁ ସ୍ପର୍ଶ କରେ ବୋଲି ଶ୍ରୀମତୀ ସିଂହ କହିଛନ୍ତି। ଏହାଛଡ଼ା ଶ୍ରୀ ଛୋଟରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ କେବଳ ମୋ ପାଇଁ ଲେଖେ, ଆଉ ମୋର କିଛି ବନ୍ଧୁମାନଙ୍କ ପାଇଁ। ଆଉ ମୁଁ ପୁଣି ଲେଖେ ସମୟ କାଟିବାର ଶ୍ଳେଷକୁ ଲାଘବ କରିବା ପାଇଁ। ମୋର 'ମ୍ୟାଟିନି ସୋ' ଗଳ୍ପ ସଂକଳନ ବିବେଚିତ ହୋଇଥିବାରୁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାମାନଙ୍କ ପାଖରେ ଚିର କୃତଜ୍ଞ।

# ଢେଙ୍କାନାଳ ଉପକଣ୍ଠରେ ବାଘ ଆତଙ୍କ

● ଫିଲ୍ମ ଶୁଟିଂ ବେଳେ ଶୁଭିଲା ରଡ଼ି



**ଢେଙ୍କାନାଳ,୨୬।୧୦(ସଂଚାର ବ୍ୟୁରୋ):** ଢେଙ୍କାନାଳ ସହର ଉପକଣ୍ଠରେ ବାଘ ଆତଙ୍କ। ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ ସହର ଉପକଣ୍ଠ ବୋରାପଦା ଗାଁ ନିକଟ ଜଙ୍ଗଲରେ ବୁଲୁଛି ମହାବଳ ବାଘ। ବାଘର ରଡି ଶୁଣିଛନ୍ତି ବୋରାପଦା ଜଙ୍ଗଲ ମଧ୍ୟରେ ଗଜଲକ୍ଷ୍ମୀ ପ୍ୟାଲେସରେ ରହୁଥିବା ରାଜ ପରିବାର। ବୋରାପଦା ଜଙ୍ଗଲ ମଧ୍ୟରେ ଥିବା ଗଜଲକ୍ଷ୍ମୀ ପ୍ୟାଲେସ ତଳେ ଫିଲ୍ମ ଶୁଟିଂ ଚାଲିଥିବା ସମୟରେ ବାଘର ରଡ଼ି ଶୁଣିବାକୁ ମିଳିଥିଲା। ଯାହାକୁ ନେଇ ଫିଲ୍ମ ଶୁଟିଂ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ଗାଁର କେତେକ ଲୋକ ଜଙ୍ଗଲ ନିକଟରେ ବାଘ ବୁଲୁଥିବା ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ବାଘ ବୁଲୁଥିବା ଖବର ପାଇବା ପରେ ବୋରାପଦା ଓ ଆଖପାଖ ଅଞ୍ଚଳର ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ବାଘକୁ ଠାବ କରିବା ସକାଶେ ଉଦ୍ୟମ ଆରମ୍ଭ ହୋଇଛି। ଡ୍ରୋନ ସହାୟତାରେ ବାଘକୁ ଖୋଜିବା ସହ ବନ କର୍ମଚାରୀମାନେ ତା'ର ଗତିବିଧି ଉପରେ ନଜର ରଖିଛନ୍ତି। ସହର ଉପକଣ୍ଠରେ ପ୍ରଥମ ଥର ପାଇଁ ବାଘ ବୁଲୁଥିବା ଶୁଣିବାକୁ ମିଳୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅଛନ୍ତି।

● ବରଗଡ଼କୁ ଲମ୍ବିଛି ଝାଡୁଦାର ନିଯୁକ୍ତି ଠକେଇର ଚେର

# ଜିଲ୍ଲାପାଳଙ୍କୁ ଭେଟି ମହିଳା ଦେଲେ ଏତଲା

**ବରଗଡ଼,୨୬।୧୦(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାର ବୁର୍ଲା ଥାନା ପୁଲିସ ହାତରେ ଝାଡୁଦାର ନିଯୁକ୍ତି ନାଁରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ଦୁଇ ଠକ ଗିରଫ ହୋଇଥିବା ବେଳେ ଏହି ଠକେଇର ଚେର ବରଗଡ଼ ଜିଲାକୁ ଲମ୍ବିଥିବା ଜଣାପଡ଼ିଛି। କାରଣ ଗତ ଶୁକ୍ରବାର ଭଟଲି ଥାନାରେ ଏଭଳି ଠକେଇ ଅଭିଯୋଗ ନେଇ ଦୁଲଣୀ କୁମ୍ଭାର ସମେତ କେତେକ ମହିଳା ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୁଲିସ ୨୭୫/୨୫ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ସେହିପରି ଠକେଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଶନିବାର ମହିଳାମାନେ ବରଗଡ଼ ଜିଲ୍ଲାପାଳଙ୍କୁ ମଧ୍ୟ ଫେରାଦ ହୋଇ ଦାବିପତ୍ର ଦେଇଛନ୍ତି। ସୂଚନାନୁଯାୟୀ, ଭଟଲି ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଜଣେ ମହିଳା ଝାଡୁଦାର ନିଯୁକ୍ତି ଦେବା ପ୍ରତିଶ୍ରୁତି ଦେଇ ଉକ୍ତ ବ୍ଲକର କମଗାଁ ଗ୍ରାମର ଦୁଲଣୀ କୁମ୍ଭାରଙ୍କ ସମେତ ଅନେକ ମହିଳାଙ୍କଠାରୁ ଜଣ ପ୍ରତି ୧୨ ହଜାର ଟଙ୍କା ନେଇଥିଲେ। ବରଗଡ଼ -ଭଟଲି ରାସ୍ତାରେ ଝାଡୁ ମାରିବା ପାଇଁ ସ୍ଥାନ ମଧ୍ୟ ଦେଖାଇଥିଲେ। ସେହି କ୍ରମରେ ଗତ ସେପ୍ଟେମ୍ବର ୨୫ରୁ ମହିଳାମାନେ ଝାଡୁ ମାରିବା ମଧ୍ୟ ଆରମ୍ଭ କରିଥିଲେ। ମାତ୍ର ଗତ ୨୩ ତାରିଖ ନିଯୁକ୍ତି ଦେଇଥିବା ସମ୍ପୃକ୍ତ ମହିଳା କାମ ବନ୍ଦ ହୋଇଗଲା ବୋଲି କହିଥିଲେ। ତେବେ କାମ ବନ୍ଦ ହୋଇଗଲେ ସମସ୍ତ ଟଙ୍କା ଫେରାଇବାକୁ ସମ୍ପୃକ୍ତ ମହିଳା କହିଥିଲେ। କିନ୍ତୁ ଏବେ ସେ ଟଙ୍କା ଫେରାଉ ନଥିବା ଅଭିଯୋଗ ହୋଇଛି। ଗତ କିଛିଦିନ ତଳେ ଭେଡେନ ଅଞ୍ଚଳର ମହିଳାମାନେ ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ତେବେ କେବଳ ଭଟଲି, ଭେଡେନ ନୁହେଁ, ବରଗଡ଼ ଜିଲ୍ଲାର ଅନ୍ୟ ବ୍ଲକର ମହିଳାମାନେ ମଧ୍ୟ ଏଭଳି ଠକେଇର ସମ୍ମୁଖୀନ ହୋଇଥିବା ଆଲୋଚନା ହେଉଛି।

● ପାନଦୋକାନୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ଦୁଇ ଗିରଫ, ସାମାନ୍ୟ ବଚସାରୁ ହତ୍ୟା

**ଜଗତସିଂହପୁର,୨୬।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଯୋଗଧାରୀ ଛକ ନିକଟରେ ଗତକାଲି ଜଣେ ପାନଦୋକାନୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ବେଳେ ଆଜି ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଛି। ଏହି ମାମଲାରେ ଦୁଇ ଜଣଙ୍କୁ ସଦର ଥାନା ପୁଲିସ ଗିରଫ କରିଥିବା ବେଳେ ସେମାନେ ଅବିଧିଆନନ୍ଦପୁର ଗାଁର କାର୍ତ୍ତିକ ନାୟକ ଓ ଚକୁଳିପଡ଼ା ଗାଁର ସବ୍ୟସାଚୀ ରାଉତରାୟ ଓରଫ ଚାଚା। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା ସହ ଏକ ବୁଲେଟ୍ ମଧ୍ୟ ଜବତ ହୋଇଛି। ନିଶାସକ୍ତ ଅବସ୍ଥାରେ ସାମାନ୍ୟ ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ବର୍ମାଙ୍କ ସୂଚନାନୁସାରେ, କାର୍ତ୍ତିକ ନାୟକ କିଛି ଦିନ ତଳେ ଏକ ବୁଲେଟ୍ କିଣିଥିଲେ। ଏନେଇ ପାନଦେକାନୀ ଜ୍ଞାନରଞ୍ଜନ ନାୟକ ତାଙ୍କୁ ପାର୍ଟି ମାଗୁଥିଲେ। ହେଲେ କାର୍ତ୍ତିକ ଟଙ୍କା



ନାହିଁ କହି ବାରମ୍ବାର ଏହାକୁ ଏଡ଼ାଇଆସୁଥିଲେ। ମାତ୍ର ଗତ ୨୪ ତାରିଖ ରାତିରେ କାର୍ତ୍ତିକ ଜ୍ଞାନଙ୍କୁ ଫୋନ୍ କରି ଭୋଜି କରିବେ ବୋଲି କହିଥିଲେ। ପରେ ଜ୍ଞାନ ତାଙ୍କୁ ଦୋକାନ ପାଖରେ ଭୋଜି କରିବାକୁ ଡାକିଥିଲେ। ଏହା ଶୁଣି କାର୍ତ୍ତିକ ଜଗତସିଂହପୁରର ଏକ କାଉଣ୍ଟରୁ ମଦ କିଣି ଭୋଜିସ୍ଥଳରେ ପହଞ୍ଚିଥିଲେ। କାର୍ତ୍ତିକ ଆସିବା ସମୟରେ ସବ୍ୟସାଚୀଙ୍କୁ ସାଙ୍ଗରେ ଆଣିଥିଲେ। ତେବେ ୩ ଜଣ ମିଶି ଭୋଜି କରିବା ସହ ମଦ୍ୟପାନ କରିଥିଲେ। ଏହି ସମୟରେ ଉକ୍ତ ପାନଦୋକାନକୁ କିଛି ଲୋକ ସିଗାରେଟ୍ କିଣିବାକୁ ଆସିଥିଲେ। ହେଲେ ଜ୍ଞାନ ମଦ୍ୟପାନ କରୁଥିବାରୁ ସିଗାରେଟ୍ ଦେବାକୁ ମନା କରିଥିଲେ। କିନ୍ତୁ ଏହାକୁ ସବ୍ୟସାଚୀ ବାରଣ କରିଥିଲେ। କାହିଁକି ଗ୍ରାହକଙ୍କୁ ସିଗାରେଟ୍ ଦେବାକୁ ମନା କରୁଛ ବୋଲି ସେ ଜ୍ଞାନଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜ୍ଞାନ ତାଙ୍କ ପାନଦୋକାନରେ ରଖିଥିବା ଏକ କଟୁରି ଆଣି ବୁଲାଇଥିଲେ। ସବ୍ୟସାଚୀ ରାଗି ଯାଇ ଜ୍ଞାନଠାରୁ କଟୁରି ଛଡ଼ାଇ ନେଇ ସେଥିରେ ତାଙ୍କୁ ହାଣିଥିଲେ। ଫଳତଃ ଜ୍ଞାନଙ୍କର ମୃତ୍ୟୁ ହୋଇଥିଲା। ତେବେ ହତ୍ୟାକାଣ୍ଡର ତରିକାରୁ ଏହା ପୁଞ୍ଜିଭୂତ ରାଗର ପରିଣାମ ବୋଲି ଆଲୋଚନା ହେଉଛି। କାରଣ ନୂଆକରି କିଣାଯାଇଥିବା ଉକ୍ତ କଟୁରୀରେ ଜ୍ଞାନଙ୍କ ଏକ ଗୋଡ଼ର ଆଣ୍ଠୁକୁ ପ୍ରାୟ ୭୫ ପ୍ରତିଶତ ହଣାଯାଇଛି। ଉକ୍ତ ଗୋଡ଼ର ଗୋଇଠିକୁ ମଧ୍ୟ ହଣାଯାଇଛି। ଶରୀର ଆଉ କେତେକ ଜାଗାକୁ ବି ହଣାଯାଇଥିବା ଦେଖିବାକୁ ମିଳିଛି। ପ୍ରବଳ ରକ୍ତସ୍ରାବ ଯୋଗୁଁ ଜ୍ଞାନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା।

**ନୂଆପଡ଼ା ବ୍ଲକ ଜୋନ-୯ରେ ବିଜେଡିର କର୍ମୀ ସମ୍ମିଳନୀ**

# ନବୀନଙ୍କ ସହ ରହିବେ ନୂଆପଡ଼ାବାସୀ

**ନୂଆପଡ଼ା,୨୬।୧୦(ସଂଚାର ବ୍ୟୁରୋ):** ଆଜି ବିଜେଡି ପକ୍ଷରୁ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆପଡ଼ା ବ୍ଲକ ଜୋନ-୯ରେ ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସହିପଲ୍ଲା, ଦର୍ଲିମୁଣ୍ଡ, ଖଇରାନି, କୋଟେଚୁଆଁ, କେରମେଲି, ତନୱାଡ଼, ମୋଟା ନୂଆପଡ଼ା, ଖୁଟବନ୍ ଭିରା, ଧରମବନ୍ଧ, ଚୁଲା ଭଟା, ଭରୁଆମୁଣ୍ଡ ପଞ୍ଚାୟତର ଶତାଧିକ କର୍ମକର୍ତ୍ତା ସାମିଲ ହୋଇ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିଜୟ ଦିଗରେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିରଞ୍ଜନ ପୂଜାରୀ, ଇଂ. ପ୍ରୀତି ରଞ୍ଜନ



ଘଡେଇ, ତୁଷାରକାନ୍ତି ବେହେରା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଅଧ୍ୟକ୍ଷ ଆଦମ୍ ଖାନ୍ ଯୋଗଦେଇ ନୂଆପଡ଼ାବାସୀ ନବୀନ ପଟ୍ଟନାୟକଙ୍କ ସହ ଥିଲେଓ ଆଗକୁ ମଧ୍ୟ ରହିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ ଶତାଧିକ କର୍ମୀ, ମହିଳା, ଯୁବଛାତ୍ର ଯୋଗ ଦେଇଥିଲେ। ସଭାରେ ଦଳର ୧୧ ପଞ୍ଚାୟତର ଶତାଧିକ କର୍ମୀ, ସମର୍ଥକ ଉପସ୍ଥିତ ହୋଇ ଦଳ ପ୍ରତି ନିଜର ନିଷ୍ଠା ଓ ସମର୍ପଣ ଭାବ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଗ୍ରାମସ୍ତରରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସମସ୍ତ କର୍ମୀ ଏକତ୍ର ଓ ସକ୍ରିୟ ଭାବେ ଅଭିଯାନ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ ।

# ନୂଆପଡ଼ା ଉପନିର୍ବାଚନ ପାଇଁ ଘାସିରାମ ଯୋଗ୍ୟ ପ୍ରାର୍ଥୀ: ନିରଞ୍ଜନ



**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ଚଳିତ ନୂଆପଡ଼ା ଉପନିର୍ବାଚନ ପାଇଁ ତିନି ଦଳ ସେମାନଙ୍କ ପ୍ରଚାର ଜାରି ରଖିଥିବା ବେଳେ ଆଜିଠାରୁ ସ୍ଥାନୀୟ କଂଗ୍ରେସ ଭବନରେ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଚଳିତ ଉପନିର୍ବାଚନ ପାଇଁ କଂଗ୍ରେସର ଘାସିରାମ ମାଝୀ ଯୋଗ୍ୟତମ ପ୍ରାର୍ଥୀ। କାରଣ ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ବାସିନ୍ଦା ନୁହନ୍ତି ଓ ଅନ୍ୟ ଜଣେ ବାପାଙ୍କ ଦଳକୁ ଧୋକା ଦେଇ ରାତିଅଧିଆ ବିଜେପିକୁ ଡେଇଁଛନ୍ତି। ସେହିପରି ଘାସିରାମ ଜଣେ ଉଚ୍ଚଶିକ୍ଷିତ ଓ ଆଇନଜୀବୀ ମଧ୍ୟ। ଆଦିବାସୀ ଶ୍ରେଣୀରୁ ଆସି ସେ ଲୋକଙ୍କ ପାଇଁ ସଂଗ୍ରାମ କରି ଇତି ମଧ୍ୟରେ ୪ ଥର ନିର୍ବାଚନ ଲଢ଼ିସାରିଛନ୍ତି। ପ୍ରତି ନିର୍ବାଚନରେ ମଧ୍ୟ ତାଙ୍କର ଭୋଟ ସଂଖ୍ୟା ବୃଦ୍ଧି ପାଇଛି। ଏପରିକି ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ୫୧ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ ଏଠାରେ ତାଙ୍କର ଲୋକପ୍ରିୟତା ରହିଛି ଓ ଉପନିର୍ବାଚନରେ ମଧ୍ୟ ଏହି ଧାରା ଜାରି ରହିବ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ନୂଆପଡ଼ାରେ ଯାହା ବି ବିକାଶ ହୋଇଛି, ତା' କେବଳ କଂଗ୍ରେସ ଅମଳରେ ହୋଇଛି। ଏହାର ଉଦାହରଣ ପତୋରା, ତିଖାଲି ଡ୍ୟାମଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍‌କରଣ, ରାସ୍ତାଘାଟ ଓ ଆଦିବାସୀଙ୍କ ଉନ୍ନତି ଆଦି। ୨୪ ବର୍ଷ ଧରି ବିଜେଡି ଶାସନ କରିଥିଲେ ମଧ୍ୟ ଆଇଟିଡିଏ ଫଣ୍ଡ ନୂଆପଡାରେ କାର୍ଯକାରୀ ହୋଇ ନ ଥିଲା। ବିଜେପି ସରକାର ୧୬ ମାସ ପରେ ବି ଏ ଦିଗରେ କିଛି ବି କରିନାହିଁ। ତେଣୁ ନୂଆପଡ଼ାବାସୀ ବିଜେଡି ଓ ବିଜେପି ଶାସନ ସହ କଂଗ୍ରେସକୁ ତୁଳନା କଲେ, ସେମାନେ ନିଶ୍ଚିତ ଭାବେ ଘାସିରାମଙ୍କୁ ଭୋଟ୍ ଦେବେ ବୋଲି ନିରଞ୍ଜନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ରଜନୀ କୁମାର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

■ ପଛୁଆ ବର୍ଗର ବିକାଶ ଡବଲ ଇଞ୍ଜିନର ପ୍ରାଥମିକତା: ସୁରଥ

# ୨୯ରେ ଆସିବେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ଦେଶର ଅନ୍ୟ ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ, ଏଠାରେ ଅନେକ ପଛୁଆ ଜାତି ବର୍ଗ ଜାତୀୟ ତାଲିକାଭୁକ୍ତ ହୋଇପାରିନାହାନ୍ତି। ଫଳରେ ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ପୂର୍ବ ରାଜ୍ୟ ସରକାରମାନେ ପଛୁଆବର୍ଗଙ୍କୁ ଯୋଜନାବଦ୍ଧ ଭାବେ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖିଥିଲେ। ୧୯୯୩ରେ ନବ ଦାସ କମିଶନ ସୁପାରିସ ପରେ ଦୀର୍ଘ ଦିନ ଧରି ଓଡ଼ିଶାରେ ଓବିସି କମିଶନ ଗଠନ ନ ହେବା ଏହାର ଏକ ପ୍ରମୁଖ କାରଣ। ବିଜେପି ପକ୍ଷରୁ ବାରମ୍ବାର ଚାପ ପରେ ଓବିସି କମିଶନ ଗଠନ ହୋଇଥିଲେ ମଧ୍ୟ ତାଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇନଥିଲା। ବଞ୍ଚିତ ଜାତିବର୍ଗମାନଙ୍କୁ ଜାତୀୟ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ପାଇଁ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ବାରମ୍ବାର କେନ୍ଦ୍ରୀୟ କମିଶନଙ୍କ ନିକଟରେ ଦାବି ହୋଇଆସିଥିଲା। କିନ୍ତୁ ତତ୍କାଳୀନ ରାଜ୍ୟ ସରକାରଙ୍କ ଚରମ ଉଦାସୀନତା କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା। କିନ୍ତୁ ଗତବର୍ଷ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଶିକ୍ଷା କ୍ଷେତ୍ରରେ ପ୍ରଥମ ଥର ପାଇଁ ସଂରକ୍ଷଣ ଦିଆଯାଇଛି। ପଛୁଆ ବର୍ଗର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ ନିଷ୍ପତ୍ତି କ୍ରମେ ସାମାଜିକ ଓ ଆର୍ଥୀକ ଭାବେ ପଛୁଆ ବର୍ଗ (ଏସ୍‌ଇବିସି) ବର୍ଗର ଛାତ୍ରୀଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି।। ପଛୁଆ ବର୍ଗର ବିକାଶ ଡବଲ ଇଞ୍ଜିନ ସରକାରର ପ୍ରାଥମିକତା ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱାଳ କହିଛନ୍ତି ଯେ ଦେଶର ସାମଗ୍ରିକ, ସମନ୍ୱିତ ଓ ସନ୍ତୁଳିତ ବିକାଶକୁ ଦୃଷ୍ଟିରେ ରଖି ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ଅଧିକାର ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଆସନ୍ତା ୨୯ରେ ଓଡ଼ିଶା ଗସ୍ତରେ ଆସିବେ।

● ଗୋଦାବରୀଶ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

# କବି ଫନୀ ମହାନ୍ତିଙ୍କୁ ଗୋଦାବରୀଶ ସମ୍ମାନ ପ୍ରଦାନ



**ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ):** ରାଜଧାନୀର ସର୍ବପୁରାତନ ସାହିତ୍ୟାନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ୬୮ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଅତିଥିଗଣ ଶ୍ରୀଜଗନ୍ନାଥ ଓ ପଣ୍ଡିତ ଗୋଦାବରୀଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରାରମ୍ଭିକ ସଙ୍ଗୀତ 'ତୁଙ୍ଗ ଶିଖରୀ ଚୂଳ' ଗାନ କରାଯାଇଥିଲା। ସଂସଦର ବରିଷ୍ଠ ସଭ୍ୟ ପ୍ରଫେସର ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ପରେ ସଂସଦର ମୁଖପତ୍ର 'ମୂର୍ଚ୍ଛନା-୨୦୨୫', ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ' ଓ କାଳନ୍ଦୀ ଚନ୍ଦ୍ର ଭଞ୍ଜଙ୍କ 'ମଧୁମତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସ୍ୱନାମଧନ୍ୟ କବି ଡକ୍ଟର ଫନୀ ମହାନ୍ତିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଗୋଦାବରୀଶ ସମ୍ମାନ' ପ୍ରଦାନ କରାଯିବା ସହ କବିତା, ଗଳ୍ପ, ପ୍ରବନ୍ଧ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃପାସାଗର ସାହୁ, ଅଶ୍ୱିନୀ କୁମାର ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଇନ୍ଦିରା ଦାଶ, ଅନିତା ରାୟ, ପ୍ରିୟ ରଞ୍ଜନ ସାହୁ ଓ ରାଉତରାୟ ମିନତି ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଗୋଦାବରୀଶଙ୍କ କାବ୍ୟାଦର୍ଶ ସମ୍ପର୍କରେ ତାଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ସଙ୍ଘମିତ୍ରା ମିଶ୍ର ଗୋଦାବରୀଶ ସାହିତ୍ୟ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ମୃତ୍ୟୁଞ୍ଜୟ ରଥ ଗୋଦାବରୀଶଙ୍କ ସାମଗ୍ରିକ କୃତି, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ପଣ୍ଡିତ ଗୋଦାବରୀଶଙ୍କ ସ୍ଥାନ ସମ୍ପର୍କରେ ଭାଷଣ ଦେଇଥିଲେ। ସଂସଦ ସଭାପତି ରାଧାମୋହନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଂସଦର ଯୁଗ୍ମ ସମ୍ପାଦକ ମହିମାପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ମିଲେଟ ଅଭିଯାନ, କାଫେ ପଛରେ

**ଭୁବନେଶ୍ୱର,୨୬।୧୦:** ମିଲେଟ ମିଶନ ଦ୍ୱାରା ମିଲେଟରୁ ପ୍ରସ୍ତୁତ ଖାଦ୍ୟକୁ ଲୋକପ୍ରିୟ କରିବାପାଇଁ ଆରମ୍ଭ ହୋଇଥିବା ଅଭିଯାନରେ ମିଲେଟ ଟିଫିନ ସେଣ୍ଟ, ମିଲେଟ କାଫେ ଓ ମିଲେଟ ଆଉଟଲେଟ ଗଢି ଉଠିଥିଲା। ସରକାର ଏଥିପାଇଁ ପ୍ରୋତ୍ସାହନରାଶି ବି ଯୋଗାଇ ଦେଇଥିଲେ। ତେବେ ମିଲେଟ ସେଣ୍ଟର ଓ ମିଲେଟ ଆଉଟଲେଟ୍‌ର ବ୍ୟବସାୟ ବଢୁଥିବାବେଳେ ମିଲେଟ କାଫେ କ୍ଷେତ୍ରରେ ପଛରେ ପଡ଼ିଯାଇଛି।

ରାଜ୍ୟରେ ୩୪୧ଟି ମିଲେଟ ଟିଫିନ ସେଣ୍ଟର ଥିବାବେଳେ ୧୫ଟି ମିଲେଟ କାଫେ ରହିଛି ସେହିଭଳି ୮ଟି ମିଲେଟ ଆଉଟଲେଟ୍ ରହିଛି। ତେବେ ମିଲେଟ ଟିଫିନ ସେଣ୍ଟର ରାଜ୍ୟର ୮ଟି ଜିଲ୍ଲାରେ ଖୋଲିପାରିନଥିବାବେଳେ ମିଲେଟ କାଫେ ମାତ୍ର ୧୦ଟି ଜିଲ୍ଲାରେ ଖୋଲିଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫ଟି ମିଲେଟ କାଫେ ଥିବାବେଳେ କୋରାପୁଟରେ ୨ଟି ରହିଛି। ଅନ୍ୟ ୮ଟି ଜିଲ୍ଲାରେ ଗୋଟିଏ କରି କାଫେ ରହିଛି। ସେହିଭଳି ମିଲେଟ ଆଉଟଲେଟ ଖୋଲିଛି ୭ଟି ଜିଲ୍ଲାରେ।

ମିଲେଟ ଟିଫିନ ସେଣ୍ଟରରେ ଭଲ କାରବାର ହେଉଥିବାବେଳେ ବାଲେଶ୍ୱର,




କଟକ, ଢେଙ୍କାନାଳ, ଦ୍ରୋପଡ଼ା, ଯାଜପୁର, ଜଗତ୍‌ସିଂହପୁର ଓ ପୁରୀ ଭଳି ଜିଲ୍ଲାରେ ଏହା ଖୋଲିପାରି ନାହିଁ। ଖୋରଧା ଜିଲ୍ଲାରେ ମାତ୍ର ୩ଟି ଟିଫିନ ସେଣ୍ଟର ଖୋଲାଯାଇଛି। ଏହିସବୁ ଜିଲ୍ଲାରେ ଅଧିକ ବ୍ୟବସାୟର ସୁଯୋଗ ଥିବାବେଳେ ଟିଫିନ ସେଣ୍ଟର ନଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

ଉଲ୍ଲେଖନୀୟ ଯେ ୨୦୨୨-୨୩ ବର୍ଷରେ ୧୩୮ଟି ଟିଫିନ ସେଣ୍ଟର ଥିବାବେଳେ ସରକାର ଏଥିପାଇଁ ୪୧ ଲକ୍ଷ ଟଙ୍କାର ପ୍ରୋତ୍ସାହନରାଶି ଯୋଗାଇ ଦେଇଥିଲେ। ୨୦୨୩-୨୪ ବର୍ଷରେ ୪୦ଟି ସେଣ୍ଟର ପାଇଁ ୨୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ଗତ ଆର୍ଥିକ ବର୍ଷରେ ୫୧ଟି ଟିଫିନ ସେଣ୍ଟର ପାଇଁ ୨୫ ଲକ୍ଷ ଟଙ୍କ ଦିଆଯାଇଥିଲା। ୮ଟି ମିଲେଟ କାଫେ ପାଇଁ ୨୦୨୩-୨୪ ବର୍ଷରେ ସରକାର ୧କୋଟି ୩୬ ଲକ୍ଷ ଟଙ୍କାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିବାବେଳେ ଗତବର୍ଷ କୌଣସି କାଫେ ଖୋଲିନଥିବାରୁ ଟଙ୍କାଟିଏ ବି ପ୍ରୋତ୍ସାହନ ରାଶି ମିଳିନାହିଁ। ମିଲେଟ ଆଉଟଲେଟ୍ ସକାଶେ ୨୦୨୩-୨୪ ବର୍ଷରେ ୩ଟି ଆଉଟଲେଟ୍ ପାଇଁ ୩୬ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିବାବେଳେ ୨୦୨୪-୨୫ ବର୍ଷରେ ଗୋଟିଏ ଆଉଟଲେଟ୍ ପାଇଁ ସରକାର ୧୨ ଲକ୍ଷ ୮୦ ହଜାର ଟଙ୍କାର ପ୍ରୋତ୍ସାହନ ଦେଇଛନ୍ତି।

ବ୍ୟବସାୟ କରିବା କ୍ଷେତ୍ରରେ ମିଲେଟ ଟିଫିନ ସେଣ୍ଟର ସବୁଠାରୁ ଆଗରେ ରହିଛି। ୨୦୨୩-୨୪ ବର୍ଷରେ ଏହା ୬କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରି ୧କୋଟି ୨୪ଲକ୍ଷ ଟଙ୍କା ଲାଭ କରିଥିବାବେଳେ ୨୦୨୪-୨୫ ରେ ୧୪କୋଟି ୧୭ଲକ୍ଷ ଟଙ୍କାର ବ୍ୟବସାୟ କରି ପାଖାପାଖି ଦେଢ କୋଟି ଟଙ୍କା ଲାଭ କରିଛି। ମିଲେଟ କାଫେ କେବଳ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୩-୨୪ ବର୍ଷରେ ୧କୋଟି ୬୦ଲକ୍ଷ ଟଙ୍କାର ବ୍ୟବସାୟ କରି ୬୪ହଜାର ଟଙ୍କା ଲାଭ କରିପାରିଛି। ମିଲେଟ ଆଉଟଲେଟ୍ ଗତ ଆର୍ଥିକ ବର୍ଷରେ କୋଟିଏ ଟଙ୍କାର ବ୍ୟବସାୟ କରି ୨୦ହଜାରରୁ ଅଧିକ ଟଙ୍କା ଲାଭ କରିଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଖୋଲିଥିବା ମିଲେଟ କାଫେ ଗୁଡିକ ଧିରେ ଧିରେ ଲୋକପ୍ରିୟତା ହରାଉଥିବାବେଳେ ଏହାର ସଂଖ୍ୟାବୃଦ୍ଧି ସହିତ ବ୍ୟବସାୟ ବଢ଼ାଇବା ଦିଗରେ ସରକାର ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି। ବିଶେଷକରି ରାଜ୍ୟର ସହରାଞ୍ଚଳରେ ଏହାର ଅଧିକରୁ ଅଧିକ ଶାଖା ଖୋଲାଯାଇପାରିଲେ ଏହା ଲୋକଙ୍କ ଦ୍ୱାରା ଆଦୃତ ହୋଇପାରନ୍ତା। (ତଥ୍ୟ)

# ଜାଲ୍ ନୋଟ୍ ସିଣ୍ଡିକେଟ୍ ଠାବ: ୩ ଗିରଫ

## ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜାଲ୍ ନୋଟ୍ ଜବତ

**ବିନିକା,୨୬।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳରେ ଜାଲ୍ ନୋଟ୍ ସିଣ୍ଡିକେଟ୍ ସକ୍ରିୟ ହୋଇଛି। ରବିବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ରାକେଟର ପର୍ଦ୍ଦାଫାସ କରିଛନ୍ତି। ଏଥିସହ ଜାଲ୍ ନୋଟ୍ କାରବାରରେ ଲିପ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି। ବିନିକା ପୁଲିସ ସେମାନଙ୍କ ନିକଟରୁ ୮୦୩ଟି ୫୦୦ ଟଙ୍କିଆ ନକଲି ନୋଟ୍ ସହ ୩ଟି ମୋବାଇଲ୍ ମଧ୍ୟ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଜି ବିନିକା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ସୂଚନା ଦେଇଛନ୍ତି।

ଗତକାଲି ବିଳମ୍ବିତ ରାତିରେ ଜାଲ୍ ନୋଟ୍ କାରବାର ସମ୍ପର୍କରେ ଏସପି ଶ୍ରୀ ନାୟକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିନିକା ଥାନାଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କୁ ଏନେଇ ଅନୁସନ୍ଧାନ କରିବାକୁ



ନିର୍ଦ୍ଦେଶ ଦେଇଥିଲେ। ବିନିକା ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରିବା ସହ ଏନେଇ ଏକ ମାମଲା ରୁଜୁ କରିଛି।

ଏସ୍‌ପି ଶ୍ରୀ ନାୟକ କହିଛନ୍ତି ଯେ ଏହି ଜାଲ୍ ନୋଟ୍ କାରବାରର ଚେର ମଧ୍ୟ ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ଲମ୍ବିଛି। ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନା ଅଞ୍ଚଳ ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ (୨୭), ବିନିକା ଥାନା ଫୁଲମୁଠୀ ଗ୍ରାମର ଅଭିଷେକ ହୋତା (୨୩) ଓ ବିନିକା ସହର ବେତ୍ରାପଡ଼ାର ଅଶୋକ ନାଏକ (୨୮)। ଅଭିଯୁକ୍ତମାନଙ୍କଠାରୁ ମୋଟ ୪ ଲକ୍ଷ ଦେଢ଼ ହଜାର ଟଙ୍କା ଜବତ କରାଯାଇଛି। ବୋଲି ଏସପି କହିଛନ୍ତି। ଏହି ଚଢ଼ାଉରେ ଥାନାଧିକାରୀ ଶ୍ରୀ ପ୍ରଧାନଙ୍କ ସହ ଏସଆଇ ତ୍ରିନାଥ ସାହୁ ଓ ଷ୍ଟାଫ ସାମିଲ ଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱ ବିନିକା ଥାନା ଏସଆଇ ପ୍ରସନ୍ନଜିତ ବେହେରାଙ୍କୁ ଦିଆଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**



# ବିହାରର ହୃଦୟ ଜିତିପାରିବେ କି ତେଜସ୍ୱୀ ?

ବିହାରର ରାଜନୀତିରେ ତେଜସ୍ୱୀ ଯାଦଭଙ୍କ ନାମ ଏକ ବିବାଦୀତ ଚିହ୍ନ। ଲାଲୁ ପ୍ରସାଦ ଯାଦଭଙ୍କ ଛୋଟ ପୁଅ ଭାବେ ସେ ରାଜନୀତିରେ ପ୍ରବେଶ କରିଥିଲେ, କିନ୍ତୁ ଆଜି ୨୦୨୫ ନଭେମ୍ବରରେ ବିହାର ବିଧାନସଭା



ନିର୍ବାଚନରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ସେ କେନ୍ଦ୍ରବିନ୍ଦୁରେ ରହିଛନ୍ତି। ପ୍ରଶ୍ନ ଅନେକ: କ'ଣ ଏହି ଯୁବ ନେତା ବିହାରର ଲୋକମାନଙ୍କ ହୃଦୟ ଜିତିପାରିବେ? କିମ୍ବା ସେ ଲାଲୁଙ୍କ ଛାୟାରୁ ବାହାରି ଆସି ନୂତନ ବିହାରର ନେତୃତ୍ୱ ନେବେ? ତେଜସ୍ୱୀଙ୍କ ରାଜନୈତିକ ଯାତ୍ରା ଏକ ରୋଲର୍ କୋଷ୍ଟର। ୨୦୧୫ରେ ମହାଗଠବନ୍ଧନର ବିଜୟରେ ସେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ, କିନ୍ତୁ ଚାରା ଦୁର୍ନୀତି କାଣ୍ଡରେ ପରିବାରର କଳଙ୍କ ସହିତ ସେ ସଂଘର୍ଷ କରିଛନ୍ତି। ୨୦୨୦ରେ ଆରଜେଡ଼ି ସରକାର ଗଠନରେ ସଫଳ ହୋଇଥିଲେ ମଧ, ନୀତିଶଙ୍କ ପକ୍ଷପାତରେ ସେ ହାରିଯାଇଥିଲେ। ଏହା ତାଙ୍କୁ ଏକ ବିରୋଧୀ ନେତା ଭାବେ ଛିଡା କରିଛି। ବର୍ତ୍ତମାନ ସେ 'ପିଡିଆ' (ପିଛଡ଼ା, ଦଳିତ, ଆଲ୍ପସଙ୍ଖ୍ୟକ) ନୀତିରେ ମୁସଲିମ-ଯାଦବ୍ (ଏମ୍ୱାଇ)ରୁ ବାହାରି ଆସିଛନ୍ତି। ଏହା ବିହାରର ବିଭିନ୍ନ ବର୍ଗଙ୍କୁ ଏକତ୍ରିତ କରିବାର ଚେଷ୍ଟା।

ସାମ୍ପ୍ରତିକ ମତପରିସରଗୁଡ଼ିକ ଆଶ୍ୱାସଜନକ। ଏକ ସର୍ଭେରେ ତେଜସ୍ୱୀଙ୍କୁ ନୀତିଶଙ୍କଠାରୁ ଅଧିକ ପସନ୍ଦ କରାଯାଉଛି, ବିଶେଷକରି ଯୁବକମାନଙ୍କ ମଧ୍ୟରେ। ସେ ବିହାରକୁ 'ନମ୍ବର୍ ୧' କରିବାର ପ୍ରତିଶ୍ରୁତି ଦେଉଛନ୍ତି – ନିବେଶ, କାରଖାନା, ରୋଜଗାର। କ୍ରିକେଟ୍ ଅନୁଭବରୁ (ଭାରତୀୟ ଅଣ୍ଡର୍-୧୯ କ୍ୟାପ୍ଟେନ୍) ସେ ଟିମ୍ ୱର୍କରେ ବିଶ୍ୱାସୀ, ଯାହା ରାଜନୀତିରେ ଆବଶ୍ୟକ। ତାଙ୍କ ଭାଇ ତେଜପ୍ରତାପଙ୍କ ବିପରୀତରେ, ତେଜସ୍ୱୀଙ୍କୁ ଲାଲୁଙ୍କ ଔରସ ଏକ ସମ୍ପଦ। ସେ ପାରିବାରିକ ରାଜନୀତିରୁ ବାହାରି ଆସି ନୂତନ ପୁଷ୍ଟି ଦେଉଛନ୍ତି।

କିନ୍ତୁ ଚ୍ୟାଲେଞ୍ଜ ଅନେକ। ବିଜେପି ତାଙ୍କୁ 'ମିଥ୍ୟାର ରାଜା' କହି ଆକ୍ରମଣ କରୁଛି, ମହାଗଠବନ୍ଧନରେ ଆଭ୍ୟନ୍ତରୀଣ ବିବାଦ ରହିଛି। ନୀତିଶଙ୍କ ଅଭିଜ୍ଞତା ଓ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ରୀୟ ସମର୍ଥନ ସମ୍ମୁଖୀନ। ବିହାରର ଲୋକମାନେ ବିକାଶ ଚାହୁଁଛନ୍ତି, ପୁରୁଣା ବିବାଦ ନୁହେଁ। ତେଜସ୍ୱୀଙ୍କୁ ଏହା ପ୍ରମାଣ କରିବାକୁ ହେବ ଯେ ସେ କେବଳ ପାରିବାରିକ ଉତ୍ତରାଧିକାରୀ ନୁହନ୍ତୁ, ବିହାରର ଭବିଷ୍ୟତ ନେତା। ଆମ ମତରେ, ତେଜସ୍ୱୀ ଜିତିପାରନ୍ତି। ବିହାରର ଯୁବଶକ୍ତି ଓ ଅବହେଳିତ ବର୍ଗଙ୍କ ସମର୍ଥନରେ ସେ ନୂତନ ଲହରୀ ସୃଷ୍ଟି କରିପାରନ୍ତି। କିନ୍ତୁ ଏହା ସହଜ ନୁହେଁ। ସେମାନଙ୍କୁ ପ୍ରମାଣ କରିବାକୁ ହେବ ଯେ ସେ ବିକାଶର ପ୍ରତୀକ, ବିବାଦର ନୁହେଁ। ଯଦି ସେ ସଫଳ ହୁଅନ୍ତି, ବିହାରର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ। ନହେଲେ, ଏହା ବିପକ୍ଷର ସବୁଠାରୁ ବଡ଼ ଭୁଲ। ବିହାରବାସୀ ନିର୍ଣ୍ଣୟ ନିଅନ୍ତୁ – କାରଣ ହୃଦୟ ଜିତିବା ଏକ ଯାତ୍ରା, ଲକ୍ଷ୍ୟ ନୁହେଁ।

# ଘର ଏବେ ଆଉ ସ୍ୱର୍ଗ ନୁହେଁ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଘର ସମସ୍ତଙ୍କ ପାଇଁ ନିରାପତାର ସ୍ୱର୍ଗ ବୋଲି ଥିବା ଧାରଣା ଏବେ ସ୍ମୃତିଶକ୍ତି ବର୍ହିଭୂତ କିମ୍ବଦନ୍ତୀ ପାଲଟି ଯାଇଥିବା ମନେହୁଏ। ମହିଳା ଓ ଶିଶୁ ବିରୋଧି ଅପରାଧ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ପକ୍ଷରୁ ପ୍ରକାଶିତ ୨୦୨୩ ରିପୋର୍ଟ ଏହା ସ୍ପଷ୍ଟ ସୂଚିତ କରିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ରେ ଦେଶରେ କଠୋର ଆଇନ ସତ୍ତ୍ୱେ ମହିଳା ଓ ଶିଶୁ ବିରୋଧି ଅପରାଧ ବୃଦ୍ଧି ପାଇଛି। ୨୦୨୨ ପରଠାରୁ ଶିଶୁ ବିରୋଧି ଅପରାଧ ୯.୨ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବର୍ଷକ ଭିତରେ ମହିଳାଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ୧୪ପ୍ରତିଶତ ବଢ଼ିଛି ଏବଂ ଯୌତୁକ ପାଇଁ ୬୧୦୦ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି। ସେହିପରି ଦେଶରେ ୨୭, ୭୨୧ ଯୌତୁକ ମାମଲା ପଂଜୀକୃତ ହୋଇଥିବାବେଳେ ୮୩୩ଜଣଙ୍କୁ ହତ୍ୟା କରାଯାଇଛି। ଘର ଭିତରେ ହତ୍ୟା ଓ ନିର୍ଯ୍ୟାତନାରୁ ଯୌତୁକ ନିବାରଣ ଆଇନ-୧୯୬୧ କିମ୍ବା ଘରୋଇ ହିଂସା ନିବାରଣ ଆଇନ ୨୦୦୫ ମହିଳାଙ୍କୁ ସୁରକ୍ଷା ଦେଇପାରିନଥିବା ଏନସିଆରବି ରିପୋର୍ଟ ସଂକେତ ପ୍ରଦାନ କରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୨୩ରେ ମୋଟ ୪, ୪୮, ୨୧୧ଟି ମହିଳା ବିରୋଧି ହିଂସା ଘଟଣା ଘଟିଥିବା ପଂଜୀକୃତ ହୋଇଛି। ଉତର ପ୍ରଦେଶରେ ସର୍ବାଧିକ ୨୯.୮ ପ୍ରତିଶତ ମହିଳା ବିରୋଧି ହିଂସା ସ୍ୱାମୀ ଓ ସମ୍ପର୍କୀୟଙ୍କ ଦ୍ୱାରା ଘଟିଥିବା ରେକର୍ଡ ହୋଇଥିବାବେଳେ ୨୯, ୬୭୦ଟି ଦୁଷ୍କର୍ମ ଘଟଣା ଘଟିଛି। ପଶ୍ଚିମବଙ୍ଗରେ କୌଣସି ଯୌତୁକ ନିର୍ଯ୍ୟାତନା ମାମଲା ପଂଜୀକୃତ ହୋଇନଥିବା ଏକ ଭଲ ସଂକେତ ଦେଇଥିବାବେଳେ ୫୭ଟି ଏସିଡ୍ ଫିଙ୍ଗା ଘଟଣା ଘଟିଛି, ଯାହାକି ଯୌତୁକ ନିର୍ଯ୍ୟାତନା ନିଷ୍ଠୁରତା ଠାରୁ କୌଣସି ଗୁଣରେ କମ୍ ନୁହେଁ। କାରଣ ଏଥିରେ କ୍ଷତକୁ ଆଉ ଫେରାଇ ଅଣାଯାଇ ପାରିବ ନାହିଁ। ସେହିପରି ଅନରକିଲିଂ ଆଉ ଏକ ଅପରାଧ ମଧ ଏହି ଶ୍ରେଣୀଭୁକ୍ତ ବୋଲି କୁହାଯାଇଛି। ବିଶେଷ କରି ଉତର ଭାରତୀୟ ରାଜ୍ୟଗୁଡିକରେ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଶିଶୁ ବିରୋଧ ଅପରାଧ ନେଇ ରିପୋର୍ଟରେ କୁହାଯାଇଛି ଯେ, ଘର ଭିତରେ ଶିଶୁ ସୁରକ୍ଷିତ ନୁହେଁ। ୨୦୨୩ରେ ଦେଶରେ ୧, ୭୭, ୩୩୫ଟି ଶିଶୁ ବିରୋଧି ଅପରାଧ ରେକର୍ଡ ହୋଇଛି। ଏଥିମଧ୍ୟରୁ ୩୮.୨ ପ୍ରତିଶତ ଯୌନ ନିର୍ଯ୍ୟାତନା ମାମଲା, ଯାହାକି ଶିଶୁଙ୍କୁ ଯୌନ ନିର୍ଯ୍ୟାତନା ନିବାରଣ ଆଇନ ୨୦୧୨ରେ ଏକ ଦଣ୍ଡନୀୟ ଅପରାଧ। ୧୨ରୁ ୧୮ବର୍ଷର ଶିଶୁ ବା କିଶୋର ସର୍ବାଧିକ ଯୌନ ଅପରାଧରେ ପିଡିତ ଥିବା ରିପୋର୍ଟ ସୂଚନା ଦିଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯୌନ ଅପରାଧର ଶିକାର ୯୬ପ୍ରତିଶତ ଶିଶୁ ଅପରାଧିକୁ ଜାଣନ୍ତି। ଶିଶୁଙ୍କୁ ସମ୍ପର୍କୀୟ ତଥା ପରିଚିତଙ୍କ ଯୌନ ନିର୍ଯ୍ୟାତନା ଘର ଆମର ସ୍ୱର୍ଗ ଭାବନା ଧାରଣାକୁ ନଷ୍ଟ କରିଦେଇଛି, ଯାହାକି ସମାଜ ପାଇଁ ଏକ ସତର୍କ ଘଣ୍ଟି ବୋଲି କୁହାଯାଇପାରିବ। ଆହୁରି ମଧ ୨୦୧୨ର ପୋକସ ଆଇନ ଦର୍ଶାଇଛି ଯେ, ଶିଶୁଙ୍କ ବିରୋଧି ଅପରାଧ ପଂଜୀକୃତ ପ୍ରତି ଅନାଗ୍ରହ ବୃଦ୍ଧି ପାଇଛି। ଲୋକ ଲଜ୍ୟା ଭୟରେ ବହୁ ମହିଳା ଓ ଶିଶୁ ବିରୋଧି ଅପରାଧ ଦୃଷ୍ଟି ଆଢୁଆଳରେ ରହିଯାଉଛି। ସେହିପରି ୩୨.୨ ପ୍ରତିଶତ ଶିଶୁ ବିରୋଧି ମହିଳା ବିନା ତଦନ୍ତରେ ପଡ଼ିରହିଛି। ୨୦୨୩ରେ ଯୌତୁକ ନିବାରଣ ଆଇନ ଅଧିନରେ ୮୩, ୩୨୭ଟି ମାମଲା ବିଚାର ଅପେକ୍ଷାରେ ପଡ଼ି ରହିଥିବାବେଳେ ୬୯, ୪୩୪ଟି ମମାଲା ବର୍ଷ ବର୍ଷ ଧରି ଅଦାଲତରେ ଶୁଣାଣୀ ଅପେକ୍ଷାରେ ପଡ଼ିରହିଛି। ଦେଶର ନିମ୍ନ ଅଦାଲତ ଗୁଡିକରେ ୯୦ ପ୍ରତିଶତ ମାମଲା ବିଚାର ଅପେକ୍ଷାରେ ରହିଥିବାବେଳେ ଫାଷ୍ଟ ଟ୍ରାକ କୋର୍ଟରେ ବିଚାର ପାଇଁ ପ୍ରତିଶୃତି ଏବଂ ବାରମ୍ବାର ଭର୍ତ୍ସନା ସତ୍ତ୍ୱେ ଲକ୍ଷଲକ୍ଷ ମାମଲା ତଳ କୋର୍ଟ ଗୁଡିକରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଅତ୍ୟନ୍ତ ଚିନ୍ତାଜନକ। ଆମ ରାଜ୍ୟରେ ମଧ ମହିଳା ଓ ଶିଶୁ ବିରୋଧି ହିଂସା କିଛି କମ ନୁହେଁ। ମହିଳା ବିରୋଧି ହିଂସାରେ ଓଡ଼ିଶା ୨୦୨୩ରେ ଷଷ୍ଠ ସ୍ଥାନରେ ଥିବାବେଳେ ଶିଶୁଙ୍କ ବିରୋଧରେ ସାମଗ୍ରୀକ ଅପରାଧରେ ମଧ ଦେଶରେ ଷଷ୍ଠ ସ୍ଥାନରେ ରହିଛି। କହିବା ବାହୁଲ୍ୟ ଯେ, ୨୦୨୨ ତୁଳନାରେ ୨୦୨୩ରେ ରାଜ୍ୟରେ ମହିଳା ଓ ଶିଶୁ ବିରୋଧି ହିଂସା ଘଟଣା ବଢ଼ିଛି। ୨୦୨୩ରେ ରାଜ୍ୟରେ ୨୫, ୯୧୪ ମହିଳା ବିରୋଧି ହିଂସା ମାମଲା ପଂଜୀକୃତ ହୋଇଥିବାବେଳେ ୨୨୪ଟି ଯୌତୁକ ଜନିତ ହତ୍ୟାକାଣ୍ଡ ଘଟିଛି। ତେବେ ରାଜ୍ୟରେ ଅପରାଧ ପଂଜୀକରଣ ଓ ଚାର୍ଜସିଟ ଦାଖଲ ହାର ସନ୍ତୋଷଜନକ ଥିବା ସତ୍ତ୍ୱେ ଦୋଷୀ ସାବ୍ୟସ୍ତ ହାର ନିରାଶଜନକ ଚାର୍ଜସିଟ ଦାଖଲ ହାର ୮୫ ପ୍ରତିଶତ ଥିବାବେଳେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୧୧.୬ ପ୍ରତିଶତ ରହିଛି। ତେବେ ସବୁଠୁ ଚିନ୍ତାଜନକ ଘଟଣା ହେଉଛି ରାଜ୍ୟରେ ପୂର୍ବରୁ ପ୍ରତିମାସରେ ୧୦୦ରୁ ୧୭୦ଟି ମହିଳା ନିର୍ଯ୍ୟାତନା ମାମଲା ପଂଜିକୃତ ହେଉଥିବାବେଳେ ଏବେ ମାସକୁ ଅତିକମରେ ୨୭୦ରୁ ୨୮୦ଟି ମାମଲା ପଂଜୀକୃତ ହେଉଛି। ମହିଳା ନିର୍ଯ୍ୟାତନା, ଘରୋଇ ହିଂସା ଯେପରି ବଢ଼ିଚାଲିଛି ତାହା ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ଘର ଏବେ ଆଉ ସ୍ୱର୍ଗ ନୁହେଁ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**


# ଗୁରୁତ୍ୱପୂର୍ଣ୍ଣ ସମାଜତାନ୍ତ୍ରିକ ପ୍ରତିବାଦ 'ନୋ କିଙ୍ଗସ୍'

**ଡ.ବିମଳ ଷଡଙ୍ଗୀ**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟପାଳିର କାର୍ଯ୍ୟକାଳରେ କଠୋରତାବାଦ ଏବଂ ନିଜର ଇଚ୍ଛା ଅନୁସାରେ ସାମରିକ ଶକ୍ତିର ପ୍ରୟୋଗ ଦ୍ୱାରା କ୍ଷମତାର ଅପବ୍ୟବହାର ବିରୁଦ୍ଧରେ ୨୦୨୫ ମସିହା ଅକ୍ଟୋବର ୧୮ତାରିଖରେ ଆମେରିକାର ଭିତରେ ଓ ବାହାରେଛୋଟଛୋଟସହରସହିତଚିକାଗୋ, ଲସ୍ ଆଞ୍ଜେଲ୍ସ, ୱାଶିଂଟନ୍ ଡି.ସି., ବୋଷ୍ଟନ୍, ହ୍ୟୁଷ୍ଟନ୍ ସହିତ ପ୍ରାୟ୫୦ରୁ ଉର୍ଦ୍ଧ ରାଜ୍ୟରେ ନୋ କିଙ୍ଗସ୍ ନାରା ସହିତ ପ୍ରାୟ ୭ ନିୟୁତରୁ ଅଧିକ ଲୋକ ଟ୍ରମ୍ପ ବିରୋଧୀ ବିକ୍ଷୋଭରେ ଅଂଶଗ୍ରହଣ କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି ଯାହା ଆମେରିକା ସହିତ ସାରା ବିଶ୍ୱପାଇଁ ଏକ ଚେତାବନୀ।

ପ୍ରତିବାଦକାରୀମାନଙ୍କ ମତରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଗଣତାନ୍ତ୍ରିକ ମାନଦଣ୍ଡକୁ କ୍ଷୁର୍ଣ୍ଣ କରାଯାଉଛି।ସେମାନଙ୍କ ଯୁକ୍ତିରେ ଆମେରିକା ପ୍ରଶାସନର ଦମନ ମୂଳକ କାର୍ଯ୍ୟ ଗଣତାନ୍ତ୍ରିକ ପଦ୍ଧତିର ବିରୁଦ୍ଧାଚରଣ ସହିତ କ୍ଷୁର୍ଣ୍ଣ ବାକ୍ ସ୍ୱାଧୀନତା,ଦୁର୍ନୀତି ,ପରିବାର ବାଦ ଓ ପ୍ରିୟାପ୍ରୀତି ତୋଷଣ ଆଦିଦୁର୍ନୀତିରେ ପରିପୂର୍ଣ୍ଣ।ବିଶେଷଜ୍ଞ ମାନଙ୍କ ମତରେ ଏହି ଶାନ୍ତିପୂର୍ଣ୍ଣ ପ୍ରତୀକାତ୍ମକ ଏବଂ ଅଭିବ୍ୟକ୍ତିପୂର୍ଣ୍ଣ ପ୍ରତିବାଦରେ ସାଧାରଣ ଜନସାଧାରଣଙ୍କ ସହିତ ଆମେରିକୀୟ ସିଭିଲ୍ ଲିବର୍ଟିଜ୍ ୟୁନିଅନ୍ , ଆମେରିକୀୟ ଶିକ୍ଷକ ଫେଡେରେସନ୍ ଏବଂ ଅନ୍ୟାନ୍ୟ ଅନେକ ଗୋଷ୍ଠୀ ଅନ୍ତର୍ଭୁକ୍ତ ହୋଇଥିଲେ ଯାହା ଅନେକାଂଶରେ ରାଜନୈତିକ ଗତିବିଧିକୁ ପ୍ରଭାବିତ କରିପାରେ। ଏହା ସହିତ ଆମେରିକାର ନ୍ୟାସନାଲ ଓପିନିୟନ ରିସର୍ଚ ସେଣ୍ଟରର ସର୍ଭେ ଅନୁସାରେ ୪୭%ବୟସ୍କଙ୍କ ମତରେ ଦେଶର ଅବସ୍ଥାକୁ ନେଇ ଯାହା ଜଣାପଡେ ଅକ୍ଟୋବର ୨୦୨୫ ମଧ୍ୟରେ କୌଣସି ସେମାନଙ୍କୁ କୌଣସି କର୍ମ ସଂସ୍ଥାନ ମିଳିପାରିବନାହିଁ,ମାସକୁ ପ୍ରାୟ ୨୭୦୦୦ ଚାକିରୀ ବନ୍ଦ ହୋଇଛି,୫୪%ଗ୍ରୋସେରି କ୍ଷତିରେ ଚାଲିଛି,୪୦% ଲୋକଙ୍କ ମତରେ ଘର ଚଳାଇବାକୁ ବହୁତ କଷ୍ଟ ,୩୬% ଲୋକଙ୍କ ମତରେ ବିଦ୍ୟୁତ ଶୁଳ୍କ ମାତ୍ରାଧିକ ବୃଦ୍ଧିପାଇଛି ,୬୮% ଲୋକଙ୍କ ମତରେ ଆମେରିକାର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ,୫୯% ଲୋକଙ୍କ ମତରେ ଆର୍ଥିକ ସ୍ଥିତି ସ୍ଥାଣୁ ଅବସ୍ଥାରେ ଗତିକରୁଛି ,୬୩% ଲୋକ ନୂଆ ଘର କିଣିବାକୁ ସାହସ କରିପାରୁ ନାହାନ୍ତି ,୮୦% ୩୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ମତରେ ସେମାନେ ଦେଶର ଏପରି ଅବସ୍ଥାରେ ନିଜେ ଘରଖଣ୍ଡେ କିଣି ରହିବାକୁ ଅକ୍ଷମ।

ଏପରି ସ୍ଥିତିରେ ପ୍ରତିବାଦକାରୀଙ୍କ ମତରେ ଟ୍ରମ୍ପ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ରାଷ୍ଟ୍ରପତିଙ୍କ ଅପେକ୍ଷା ଜଣେ ରାଜାଙ୍କ ପରି ମନମୁଖୀ କାର୍ଯ୍ୟ କରୁଛନ୍ତି। ସେଥିପାଇଁ "ନୋ କିଙ୍ଗସ୍" ନାମରେ ଏହି ବିକ୍ଷୋଭକୁ ନାମକରଣ କରାଯାଇଛି ମାତ୍ର ଗଣତାନ୍ତ୍ରିକ ପଦ୍ଧତିରେ କେହି ରାଜା ହୋଇପାରିବେ ନାହିଁ।କୋର୍ଟ ରାୟକୁ ଅଣଦେଖା କରିବା,ସ୍ୱାଧୀନ ଅଧିକାରୀ ଯଥା,ବିଚାରପତି ଓ ଅନ୍ୟ ନେତାଙ୍କୁ ବହିଷ୍କାର କରିବା କିମ୍ବା ବଦଳାଇବା,ନିଜ ଇଚ୍ଛାରେବିଭିନ୍ନ ନିର୍ଦ୍ଦେଶ ମାଧମରେ ପ୍ରମୁଖ ନିଷ୍ପତ୍ତି ଗ୍ରହଣ କରିବା ସହିତ କଂଗ୍ରେସକୁ ଅଣଦେଖା କରିବା ,ରାଜନୈତିକ ବିରୋଧୀଙ୍କୁ ଜେଲ୍ ପଠାଇବା ପରି ଧମକ ଆଦି କାର୍ଯ୍ୟ ଗଣତନ୍ତ୍ର ର ପରିପନ୍ଥୀମୁକ୍ତ ପ୍ରେସ ,ସାମ୍ବିଧାନିକ ଅଧିକାରକୁ "ଜନତାଙ୍କ ଶତ୍ରୁ" ବୋଲି ଆଖ୍ୟାଦେବା,ନ୍ୟାୟପାଳିକାଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ କରିବା ,ନିର୍ବାଚନୀ ଅଖଣ୍ଡତା ଯଥା, ନିର୍ବାଚନ ଫଳାଫଳକୁ ପୂର୍ବରୁ ପ୍ରଶ୍ନ କରିବା, କିମ୍ବା ଭବିଷ୍ୟତ ନିର୍ବାଚନକୁ ବିଳମ୍ବ କରିବାକୁ ଚେଷ୍ଟା କରିବା,ଭୋଟରଙ୍କୁ ଦମନ କରିବା ଏବଂ ଭୁଲ ସୂଚନା ବ୍ୟବହାର ବିଷୟରେ ଚିନ୍ତା କରି ଦେଶବାସୀଙ୍କୁ ଭ୍ରମିତ କରିବା ,ପ୍ରବାସନ ଏବଂ ମାନବାଧିକାର ଉଲ୍ଲଂଘନ,ପରିବାର ଏବଂ ପିଲାମାନଙ୍କ ସମେତ ପ୍ରବାସୀମାନଙ୍କୁ ବାରମ୍ବାର ହଇରାଣ କରିବା ,ସେମାନଙ୍କୁ ଅଟକ ରଖିବା,ଗଣ ନିର୍ବାସନ, ଚଢ଼ାଉ ଏବଂ ବ୍ୟକ୍ତିଗତ ଜେଲର ବ୍ୟବହାର ଭଳି ଅନେକ ଅପ୍ରୀତିକାର କାର୍ଯ୍ୟକୁ ପ୍ରତିବାଦକାରୀମାନେ ଏକଚାଟିଆ ଉଗ୍ର ଜାତୀୟତାବାଦ ଏବଂ ପଦ୍ଧତିଗତ ନିଷ୍ଠୁରତା ସହିତ ସମାନ ଭାବରେ ବର୍ଣ୍ଣନା କରିଛନ୍ତି।ଭିନ୍ନମତ ଏବଂ ନାଗରିକ ସ୍ୱାଧୀନତାର ଦମନ,ନୂତନ ଆଇନ କିମ୍ବା ଟ୍ରମ୍ପ ନିଜ ଇଚ୍ଛାରେ ଯେକୌଣସି ପ୍ରକାରର ପ୍ରତିବାଦକୁ ଅପରାଧୀ ବୋଲି ସାବ୍ୟସ୍ତ କରିବା ,ରାଜନୈତିକ ବିରୋଧୀ କିମ୍ବା ସମାଲୋଚନାମୂଳକ ଗଣମାଧମ ସଂସ୍ଥାଗୁଡ଼ିକୁ ଟାର୍ଗେଟ କରିବା ,ବିଶ୍ୱବିଦ୍ୟାଳୟ, ଏନଜିଓ ଏବଂ କର୍ମୀ ଗୋଷ୍ଠୀଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ବାଧ କରିବା ଆଦି କାର୍ଯ୍ୟକୁ ପ୍ରତୀକାତ୍ମକ ରାଜତନ୍ତ୍ର ଆଚରଣର ଅଂଶ ବୋଲିଧାରାଯାଇଛି। ଯଦି ଏପରି ଅବସ୍ଥା ଜାରି ରହେ ତେବେ ଆମେରିକୀୟ ଗଣତନ୍ତ୍ର ସ୍ଥାୟୀ ଭାବରେ ଦୁର୍ବଳ ହୋଇପାରେ ଓ ଗଣତାନ୍ତ୍ରିକ ମାନଦଣ୍ଡକୁ ସବୁଦିନ ପାଇଁ ହରାଇପାରେ।

ତଥ୍ୟା ଅନୁସାରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟପାଳି ୨୦୨୫ମସିହା ଜାନୁଆରୀ ୨୦ ତାରିଖରେ ଆରମ୍ଭ ହୋଇଥିଲାପରେ ପରେ ଆମେରିକା କଂଗ୍ରେସର ଅନୁମୋଦନ ବିନା ଆନ୍ତର୍ଜାତୀୟ ପରିବେଶ ଚୁକ୍ତିନାମାରେ ଆମେରିକାକୁ ପ୍ରଥମ



ସ୍ଥାନ ଦେବା ସହିତ ପ୍ରମୁଖ ପରିବେଶ ନୀତି ପରିବର୍ତ୍ତନ ପୂର୍ବକ ପ୍ୟାରିସ୍ ଚୁକ୍ତିନାମାରୁ ଓହରିଥିଲେ ଓ ଅନେକ ପୂର୍ବ ନିୟମ ଯଥା ପ୍ରବାସନ, କର୍ମଶକ୍ତି, ନିୟାମକ ସ୍ଥିରତାର ପରିବର୍ତ୍ତନ କରିଥିଲେ । ଫେବୃଆରୀରୁ ଏପ୍ରିଲ ୨୦୨୫ ମଧ୍ୟରେ ଆମେରିକା-ଚୀନ୍ ବାଣିଜ୍ୟ ସମୟସୀମାରେଟ୍ରମ୍ପ ପ୍ରଶାସନ ନିର୍ଦ୍ଦେଶରେ ଶୁଳ୍କ ବୃଦ୍ଧି ପାଇଛି । ଭରତ ଓ ଅନ୍ୟ ଦେଶଗୁଡିକ ବିରୁଦ୍ଧରେ ଆନ୍ତର୍ଜାତୀୟ ବାଣିଜ୍ୟ ନୀତି ପରିବର୍ତ୍ତନ ପରିବର୍ତ୍ତନ କରି ଶୁଳ୍କ ବୃଦ୍ଧି କରାଯାଇଛି ।୨୦୨୫ ମସିହା ଅକ୍ଟୋବର ୨୦ ତାରିଖରେ ନିଜ ନିର୍ଦ୍ଦେଶରେ ସ୍ୱାକ୍ଷରିତ କଲମ୍ବିଆ କୁ ଡ୍ରଗ ପ୍ରସ୍ତୁତକାରୀ ସ୍ଥାନ ଭାବରେ ନାମିତ କରି କଲମ୍ବିଆସହିତ ଆର୍ଥିକ ଅବରୋଧ ଘୋଷଣା କରିଥିଲେ । ଅକ୍ଟୋବର ୧୪, ୨୦୨୫ ଚାର୍ଲିକିର୍କଙ୍କୁ ମରଣୋତ୍ତର ରାଷ୍ଟ୍ରପତି ସ୍ୱାଧୀନତା ପଦକ ପ୍ରଦାନ କରାଯାଇଛି। ଏକ ପ୍ରତୀକାତ୍ମକ ଆଭ୍ୟନ୍ତରୀଣ ରାଜନୀତିର ଗତି ଯାହା ଜଣେ ରକ୍ଷଣଶୀଳ କର୍ମୀଙ୍କୁ ଉଚ୍ଚ ଭାବରେ ସ୍ଥାନିତ କରିଛି।ଗଣମାଧମ ରିପୋର୍ଟଗୁଡ଼ିକ ସକ୍ରିୟତା ଏବଂ ଉତ୍ସବର ମିଶ୍ରଣକୁ ବର୍ଣ୍ଣନା କରିଥିଲେ ଯେପରି ବ୍ୟାଣ୍ଡ ପାର୍ଟିର ମାର୍ଚ୍ଚ, ଭଳି ଭଳି ପୋଷାକ ଏବଂ ରାସ୍ତାରେ ଦଳ ଦଳ ହୋଇ ଶକ୍ତି ପ୍ରଦର୍ଶନ ଭିନ୍ନମତକୁ ପରିପ୍ରକାଶ ସହିତ ଭଲଭାବରେ ଦୃଶ୍ୟମାନ କରିବାର ପ୍ରୟାସକୁ ସୂଚାଇଥିଲା। ସର୍ଭେଅନୁସାରେ ଅଂଶଗ୍ରହଣକାରୀମାନେ ମୁଖ୍ୟତଃ ମଧ ବୟସ୍କ ଆମେରିକୀୟଶିକ୍ଷିତ ମହିଳା ଥିଲେ, ଯାହା ଦର୍ଶାଉଛି ଯେ ସାମାଜିକ-ଆର୍ଥିକ ସ୍ଥିତି ଏବେ ଅସନ୍ତୁଳିତ ଅବସ୍ଥାରେ ଗତିକରୁଛି।

ନିକଟରେ ସଂଗଠିତ ଆନ୍ତର୍ଜାତୀୟ ସ୍ତରରେ ଏକ ତୁଳନାତ୍ମକ ଚିତ୍ରକୁ ଅନୁଧ୍ୟାନ କରିବା ତେବେ ଦେଖିବା ଯେଉଁଠାରେ ଗଣତନ୍ତ୍ରକୁ ହତ୍ୟା କରିବାର ପ୍ରୟାସ କରାଯାଇଛି ସେଠାରେ ଜନ ଅସନ୍ତୋଷ ଦେଖାଦେଇଛି ଏବଂ ଏକ ଉଗ୍ରରୂପରେ ରୂପାନ୍ତରିତ ହୋଇଛି। ସେପ୍ଟେମ୍ବର ୨୦୨୫ମସିହାରେବିଶେଷକରି ଜେନ ଜେଡ ଯୁବପିଢ଼ି ଏବଂ ଛାତ୍ର ମାନଙ୍କ ମଧ୍ୟରେ ନେପାଳରେ ଏକ ବଡ଼ ଧରଣର ପ୍ରତିବାଦ ଆରମ୍ଭ ହୋଇଥିଲା। ଯାହାର କାରଣ ଥିଲା୨୬ ଟି ସାମାଜିକ ଗଣମାଧମ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ, ନିରନ୍ତର ଦୁର୍ନୀତି, ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ଏବଂ ଆର୍ଥିକ ହତାଶା। ତେଣୁ ଦୁର୍ନୀତି ,ଭ୍ରଷ୍ଟାଚାର ,ଗଣତନ୍ତ୍ର ଉପରେ ବିପଦ ,ନାଗରିକ ସ୍ୱାଧୀନତାରେ ହସ୍ତକ୍ଷେପ ,ବେକାରି ,ଗଣମାଧମ ଉପରେ ଅଙ୍କୁଶ ,ନ୍ୟାୟୀକ ବ୍ୟବସ୍ଥାରେ ହସ୍ତକ୍ଷେପ ଆଦି ବୃଦ୍ଧି ପାଇଲେ ହିଂସାର ଉଚ୍ଚ ବିପଦ ସହିତ ଶାସନ ପରିବର୍ତ୍ତନ କିମ୍ବା ପ୍ରମୁଖ ସଂସ୍କାରକୁ ଜନସାଧାରଣ ବାଧ କରିପାରନ୍ତି।ମରୋକ୍କୋରେ ୨୦୨୫ ମସିହାରେ ଏକ ଯୁବ ନେତୃତ୍ୱାଧୀନ ଆନ୍ଦୋଳନ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରତିବାଦକାରୀମାନେ ଦୁର୍ନୀତି, ଅସମାନତା, ଯୁବ ବେକାରୀ ଏବଂ ମୌଳିକ ସାର୍ବଜନୀନ ସେବା ଅପେକ୍ଷା ଉଚ୍ଚ ମୂଲ୍ୟର କ୍ରୀଡ଼ା ଭିତ୍ତିଭୂମିକୁ ସମର୍ଥନ କରୁଥିବା ସରକାରୀ ପ୍ରାଥମିକତା ଉପରେ ବିରକ୍ତ ଭାବ ପ୍ରକାଶ କରିଥିଲେ ।ପ୍ରାରମ୍ଭିକ ସଂଘର୍ଷରେ ଶହ ଶହ ଲୋକଙ୍କୁ ଗିରଫ କରାଯାଇଥିଲା ମାତ୍ର ଏବେବି ଆନ୍ଦୋଳନ ଜାରି ରହିଛି, ଏବଂ ସରକାରଙ୍କ ଉପରେ ପାଣ୍ଠି ପୁନଃଆବଣ୍ଟନ ଏବଂ ନୀତି ପ୍ରାଥମିକତା ପୁନଃବିଚାର କରିବାକୁ ଚାପ ରହିଛି।୨୦୨୪ ରୁ ୨୦୨୫ ମସିହା ମଧ୍ୟରେ ସର୍ବିଆରେ ଅତ୍ୟଧିକ ଦୁର୍ନୀତି ଯୋଗୁ ପ୍ରତିବାଦ ଆରମ୍ଭ ହୋଇଥିଲା ଯାହା ଖୁବ ଶୀଘ୍ର ଗଣତାନ୍ତ୍ରିକ ଶାସନ, ଆଇନର ଶାସନ, ଯୁବ ସୁଯୋଗ ଏବଂ ସ୍ୱେଚ୍ଛାଚାରୀ ପ୍ରବୃତ୍ତିର ବିରୋଧ ବିଷୟରେ ବ୍ୟାପକ ଦାବିରେ ରୂପାନ୍ତରିତ ହୋଇଥିଲା।ତେଣୁ ଯେତେବେଳେ ପ୍ରତିବାଦ ନିର୍ଦ୍ଦିଷ୍ଟ ଅଭିଯୋଗ ଯଥା, ଦୁର୍ନୀତିରୁ ବ୍ୟାପକ ବ୍ୟବସ୍ଥାଗତ ସମସ୍ୟା ପର୍ଯ୍ୟନ୍ତ ବିକଶିତ ହୁଏ, ଏହାର ପରିଣାମ ସାଂଗଠନିକ ସଂସ୍କାର ଯୁଦ୍ଧ ଏବଂ ଦୀର୍ଘକାଳୀନ ସାମାଜିକ ସଂଘର୍ଷ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ। ତୁର୍କୀ ଇସ୍ତାନବୁଲ, ଆଙ୍କାରା ଏବଂ ଇଜମିର ଭଳି ସହରରେ ଛାତ୍ର ଏବଂ ଯୁବ ବିରୋଧ ପ୍ରଦର୍ଶନ ବାରମ୍ବାର ସଂଗଠିତ ହେଉଛି ଯାହାର କାରଣ ଶୈକ୍ଷିକ ସ୍ୱାଧୀନତା ଉପରେ କଟକଣା, ଭିନ୍ନମତ ଦମନ ଏବଂ ସରକାରର ସ୍ୱେଚ୍ଛାଚାରୀ ପ୍ରବୃତ୍ତି ,ପୁଲିସ୍ କାର୍ଯ୍ୟାନୁଷ୍ଠାନ, ଅଟକ, ପ୍ରତିବାଦ ସ୍ଥାନ ଉପରେ କଟକଣା ଆଦି ଅନେକ କାରଣ।ନାଗରିକ ସମାଜରେ ଯେତେବେଳେ ଭିନ୍ନମତ ପାଇଁ ସ୍ଥାନ ସଙ୍କୁଚିତ ହୁଏ ସେତେବେଳେ ଭବିଷ୍ୟତର ଗଣତାନ୍ତ୍ରିକ ସ୍ଥିରତା ବିଷୟରେ ଚିନ୍ତା ସୃଷ୍ଟି ହୁଏ ଏବଂ ବିଦ୍ରୋହ ବ୍ୟାପେ।ଶ୍ରୀଲଙ୍କା ,ବାଂଲାଦେଶ,ଭେନେଜୁଏଲା,ବରକିନା ଫାସୋ ଆଦି ରାଷ୍ଟ୍ର ରେ ସଂଘର୍ଷ ଏହିଭଳି ଗଣତନ୍ତ୍ରକୁ ସୁରକ୍ଷା ପାଇଁ ସଂଗଠିତ ହୋଇଥିଲା।

ଶାସନ ପଦ୍ଧତିରେ କାର୍ଯ୍ୟଗୁଡିକ ବ୍ୟକ୍ତି ବା ଦଳ କୈନ୍ଦ୍ରିକ ସୀମିତ ହେଲେ ଗଣତାନ୍ତ୍ରିକ ସ୍ଥାନ ସଙ୍କୁଚିତ ହୋଇଯାଏ।ଫଳରେ ଦେଶର ପ୍ରକୃତ ସମସ୍ୟା ଗୁଡିକ ଯଥା ବେକାରୀ, ଅସମାନତା, ଦୁର୍ନୀତି,ବାକ ସ୍ୱାଧୀନତା ଲୋପ ,ସ୍ୱର ଦମନ, ନାଗରିକ ସ୍ୱାଧୀନତା ଉପରେ ଆକ୍ରମଣ,ନ୍ୟାୟୀକ ବ୍ୟବସ୍ଥାକୁ ନିଜିକରଣ,ଶିକ୍ଷା ,ସ୍ୱାସ୍ଥ୍ୟଗତ ସମସ୍ୟା ଆଦିରେ ଶାସକ ଦଳ ବୁଡିରହିଲେ ବିଦ୍ରୋହ ଦେଖାଦିଏ ଫଳ ସ୍ୱରୂପ କିଛି କ୍ଷେତ୍ରରେ ସରକାର ଇସ୍ତଫା ଦିଅନ୍ତି କିମ୍ବା ନେତାମାନଙ୍କୁ ବଦଳାଯାଏ ବା ହିଂସା ବୃଦ୍ଧିପାଏ।ମରୋକ୍କୋପରି ସରକାର ସଂସ୍କାର ଗ୍ରହଣ କରନ୍ତି କିମ୍ବା ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ପ୍ରକୃତ ପରିବର୍ତ୍ତନରେ ବିଳମ୍ବ ହୁଏ।ତୁର୍କୀ, ଦକ୍ଷିଣ ଆଫ୍ରିକାର କିଛି ଅଂଶ ଆଦିରେ ଯେତେବେଳେ ପ୍ରତିବାଦ ନିର୍ଦ୍ଦିଷ୍ଟ ଦାବିଠାରୁ ବ୍ୟାପକ ପଦ୍ଧତିଗତ ସମାଲୋଚନା ପର୍ଯ୍ୟନ୍ତ ବିସ୍ତାର କରେ ସେତେବେଳେ ସେଗୁଡ଼ିକ ସୁଦୂରପ୍ରସାରୀ ହୋଇ ଅଧିକ ଅସ୍ଥିର ହୋଇପାରେ।ଆମେରିକା ବା ବିଶ୍ୱର ଅନ୍ୟ ଦେଶ ପରିପ୍ରେକ୍ଷୀରେ ବିରୋଧଗୁଡ଼ିକ ଯଦି ଅଧିକ ଏବଂ ସ୍ଥାୟୀ ହୁଏ, ତେବେ ସାଂଗଠନିକ ପ୍ରତିକ୍ରିୟାକୁ ନେଇ ନୂତନ ସଂସ୍କାର,ନୂତନ ଆଇନ,ନୂତନ କାର୍ଯ୍ୟ ପନ୍ଥାକୁ ସ୍ଥିର କରିବାକୁ ବାଧ କରିପାରେ ବା ଶାସନ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିପାରେ।ଉପର ଦର୍ଶିତ ତୁଳନା ଗୁଡିକ ସୁଚାଏ ଯେ କେବଳ ପ୍ରତିବାଦ ବା ଗଣତାନ୍ତ୍ରିକ ଆନ୍ଦୋଳନ ଗୁଡିକ ଦେଶର ପ୍ରକୃତ ପରିସ୍ଥିତିକୁ ଶାସକର ଦୃଷ୍ଟିକୁ ଆଣିଥାଏ ମାତ୍ର ଶାସକ ଏହାକୁ ଅଣଦେଖା ବା ହେୟ ମନେକଲେ ଦେଶକୁ ଅସ୍ଥିର ଓ ଗଣତନ୍ତ୍ରକୁ ବିପଦରେ ପକାଏ ଯାହାକୁ ସୁଧାରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ।

# ଜୈବିକ କୃଷିର ଅନୁଭବ

**ଇଂ ସତ୍ୟନାରାୟଣ ମାଝୀ**



ଭାରତର ପ୍ରାଚୀନ କାଳର ପାରମ୍ପରିକ କୃଷି ହିଁ ପ୍ରକୃତରେ ଜୈବିକ କୃଷି। ପରବର୍ତ୍ତୀ ସମୟରେ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ଲାଗି ପାରମ୍ପରିକ କୃଷି ଅଭ୍ୟାସର ଗୁରୁତ୍ୱ ହ୍ରାସ ପାଇଥିଲା। କ୍ରମେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାସାୟନିକ ପ୍ରଣାଳୀ ଗ୍ରାମାଞ୍ଚଳରୁ ଆରମ୍ଭ କରି ଅପହଂଚ ଇଲାକାରେ ବି ଏହି କୃଷି ଅଭ୍ୟାସ ବୃଦ୍ଧିପାଇବାରେ ଲାଗିଲା। କାରଣ ଜୈବିକ କୃଷି ଅପେକ୍ଷା ରାସାୟନିକ ପଦ୍ଧତିରେ କୃଷିକାର୍ଯ୍ୟ ସହଜ ଏବଂ ଅମଳ କରିବା ସହଜ ହେଲା। କ୍ରମେ ରାସାୟନିକ ପ୍ରଣାଳୀକୁ ଲୋକେ ଆପଣାଇଲାବେଳେ ଅନେକ ଗୁଡିଏ ସମସ୍ୟା ସାଧାରଣ ଜୀବନରେ ଆସିବାକୁ ଲାଗିଲା।

ଏହାର କୁପ୍ରଭାବ ଅଧିକ ରହିଥିବାରୁ ପରିବେଶ ସମେତ ଶରୀର ଉପରେ ମଧ ପଡିଥାଏ। ଏହାଦ୍ୱାରା ଅଧିକ ଉତ୍ପାଦନ ଏବଂ ସହଜରେ ଫସଲ ଅମଳ କରିବାକୁ ଯାଇ ମୃତ୍ତିକାର ଉର୍ବରତା ହ୍ରାସ ହେବା ସହ ପରିବେଶ ପ୍ରଦୂଷଣ ବି ହେବାରେ ଲାଗିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ରାସାୟନିକ ପ୍ରଣାଳୀ କୃଷି ମଣିଷ ଶରୀରରେ ବିଭିନ୍ନ ରୋଗ କର୍କଟ,ମଧୁମେହ, ରକ୍ତଚାପ, ଏସିଡିଟି, ଗ୍ୟାସ୍ଟ୍ରିକ୍, ଫୁସ୍‌ଫୁସ୍ ଓ ଯକୃତ ଜନିତ ରୋଗକୁ ଆମନ୍ତ୍ରଣ କରିବା ସହଜ କରିଦେଉଛି। ଏସବୁର କାରଣ ସାଜିଥିବା ରାସାୟନିକ ପ୍ରଣାଳୀ କୃଷିକୁ ଲୋକେ ପ୍ରତ୍ୟାଖ୍ୟାନ କରିବାକୁ କିଛିମାତ୍ରାରେ ଆରମ୍ଭ କଲେଣି। ମଣିଷର ଶରୀର ପଂଚତତ୍ତ୍ୱରେ ଗଠିତ ହୋଇଥିବା କାରଣରୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଖାଦ୍ୟ ହିଁ ଶରୀରରେ ସୁସ୍ଥତା ଆଣିଥାଏ। ଜଳବାୟୁ ପରିବର୍ତ୍ତନ ହେବାଯୋଗୁଁ ମଧ ଶରୀର ତଥା ପରିବେଶ ଉପରେ ପ୍ରଭାବ ପଡୁଥିବାରୁ ପାରମ୍ପରିକ ତଥା ଜୈବିକ କୃଷିର ଆବଶ୍ୟକତାର ହୋଇଥିଲା ଭବିଷ୍ୟତ ନିଶ୍ଚିତ। ମୋର ମନେ ଅଛି ମୁଁ ୧୨ବର୍ଷର ହୋଇଥିଲା ବେଳେ ଧାନଚାଷ ସମୟରେ କିଛି ବିଲରେ ରାସାୟନିକ ସାର ତଥା ଅନ୍ୟାନ୍ୟ କୀଟନାଶକର କୌଣସି ବ୍ୟବହାର ହେଉନଥିଲା। ଆଉ ସେଥିରୁ ଅମଳ ଶସ୍ୟରେ ପ୍ରସ୍ତୁତ ଖାଦ୍ୟର ଶୁଦ୍ଧତା,ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ବହୁମାତ୍ରାରେ ଅନୁଭବ ହେଉଥିଲା। ଜୈବିକ ଚାଷରେ କ୍ଷେତ ଗୁଡିକରେ କେବଳ ଗୋବରଖତ, ଜୀବାଣୁଖତ, ଅମଳ ହେଉଥିବା ଫସଲର ଅବଶେଷାଂଶ ପ୍ରକୃତିରୁ ଉପଲବ୍ଧ ହେଉଥିବା ବିଭିନ୍ନ ଖଣିଜ ପଦାର୍ଥକୁ ବ୍ୟବହାର କରାଯାଇଥାଏ। ଜୈବିକ କୃଷିରେ ପ୍ରକୃତିରୁ ମିଳୁଥିବା ତତ୍ତ୍ୱକୁ କୀଟନାଶକ ରୂପେ ପ୍ରୟୋଗ କରାଯାଇଥାଏ। ଗୋବର,ଗୋମୂତ୍ର ଓ ପାଣି ମିଶାଇ ମୃତ୍ତିକାରେ ଗୋବରଖତ ପ୍ରସ୍ତୁତ କରି ଖତ ବ୍ୟବହାର କରି ଜମି ଉର୍ବରତା ବୃଦ୍ଧି କରାଯାଇଥାଏ। ମୃତ୍ତିକାର ଉର୍ବରତା ଶକ୍ତି



ବୃଦ୍ଧି ହେବା ଦ୍ୱାରା ଅଧିକ ଉତ୍ପାଦନ ହୋଇଥାଏ। ପରିବେଶ ତଥା ଜଳବାୟୁ ପ୍ରଦୂଷଣ ମୁକ୍ତ ରହିଥାଏ। ରାସାୟନିକ ପ୍ରଣାଳୀରେ ହେଉଥିବା ଚାଷ ଅପେକ୍ଷା ଏଥିରେ କମ୍ ପରିମାଣ ଓ କମ୍ ପରିଶ୍ରମରେ ଅଧିକ ଲାଭ ମିଳିଥାଏ। ଜୈବିକ ଚାଷ ଦ୍ୱାରା ଜମିରେ ଅନାବନା ଘାସ ମଧ କମ୍ ହୋଇଥାଏ। ଜୈବିକ ପଦ୍ଧତିରୁ ମିଳୁଥିବା ଶସ୍ୟରୁ ଖାଦ୍ୟକୁ ଗ୍ରହଣ କରିବା ଦ୍ୱାରା ମଣିଷର ଶରୀରରେ କୌଣସି ପ୍ରକାର ରୋଗ ଆକ୍ରାନ୍ତ ସହଜରେ କରିନଥାଏ। ଫସଲ ପାଇଁ ଜୈବିକ ଖତ ଗୋମୂତ୍ର, ଗୋବର, ରୋଷେଇ ଘରୁ ବାହାରୁ ଥିବା ପନିପରିବା ଚୋପା, କରଂଜ ଗଛ,ନିମ୍ବପତ୍ର ଆଦିକୁ ନେଇ କିଛିମାସ ପ୍ରସ୍ତୁତ କରିବାରୀ ସମୟ ନେଇଥାଏ। ଜୀବାମୃତ, ବୀଜାମୃତ, ଜିଆଖତ, ହାଣ୍ଡିଖତ ଆଦିରେ ମଧ ଜୈବିକ ଖତ ପ୍ରସ୍ତୁତ ହୋଇଥାଏ। ଏଗୁଡିକ ଚାଷଜମି ପାଇଁ ଆଣ୍ଟିବାୟୋଟିକ୍ ଭାବେ କାର୍ଯ୍ୟ କରିଥାଏ। ଜୈବିକ ଚାଷ ଉପରେ ସରକାର ଏବେ ଗୁରୁତ୍ୱ ଆରୋପ କରୁଛନ୍ତି। ଜୈବିକ କୃଷିରେ ସଫଳତା ହାସଲ କରି ସିକିମ୍ ପ୍ରଥମ ରାଜ୍ୟ ଭାବେ ଅନ୍ତର୍ଜାତୀୟସ୍ତରରେ ଫ୍ୟୁଚର ପଲିସି ଗୋଲ୍ଡ ସମ୍ମାନରେ ସମ୍ମାନିତ ହୋଇପାରିଛି। ୨୦୦୩ ମସିହାରେ ସିକିମ ରାଜ୍ୟରେ ସରକାରଙ୍କ ଦ୍ୱାରା ରାସାୟନିକ ସାର ଆମଦାନୀ ବନ୍ଦ କରି ଦିଆଯାଇଥିଲା। ସେବେଠାରୁ ସିକିମ୍‌ର ଚାଷଯୋଗ୍ୟ ଜମି ପ୍ରାୟତଃ ଜୈବିକ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମଲିଙ୍ଗଙ୍କ ଉଦ୍ୟମରେ ବିଶ୍ୱର ପ୍ରଥମ ଜୈବିକ ରାଜ୍ୟ ହୋଇପାରିଛି। ସିକିମ୍ ସରକାର ରାସାୟନିକ ସାର ଓ କୀଟନାଶକ ବିକ୍ରୟ ସହିତ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧ କରିଥିଲେ। ସିକିମର ଚାଷଜମି ଗୁଡିକ ପ୍ରମାଣପ୍ରାପ୍ତ ଜୈବିକ ଚାଷଜମି ଭାବେ ପ୍ରମାଣିତ ହୋଇସାରିଛି। ସିକିମରେ କୃଷିକୁ ଜୈବିକ ରୂପାନ୍ତରଣ କରିବା ଯୋଗୁଁ ୬୬ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାରକୁ ଲାଭ ଦେଇପାରିଛି। ଜୈବିକ କୃଷି ଯୋଗୁଁ ସାମାଜିକ-ଅର୍ଥନୈତିକ ଦିଗରେ ଯେମିତିକି ବଜାର ପ୍ରସାର,ସାଂସ୍କୃତିକ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ବିକାଶ ଏବଂ ସ୍ଥାୟୀ ପର୍ଯ୍ୟଟନ ଆଦି ସମୃଦ୍ଧି ହୋଇଛି। ରାଜ୍ୟରେ ୨୦୧୪ ରୁ ୨୦୧୭ ମସିହା ମଧ୍ୟରେ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧୦୦ ପ୍ରତିଶତ ଜୈବିକ କୃଷିକୁ ପହଂଚାଇବାରୁ ସିକିମ ପର୍ଯ୍ୟଟନ କ୍ଷେତ୍ରରେ ବହୁ ଲାଭବାନ ହୋଇପାରିଛି। ସିକିମ ବିଶ୍ୱର ଅନ୍ୟ ଭାରତୀୟ ରାଜ୍ୟ ଏବଂ ଦେଶଗୁଡ଼ିକ ସଫଳତାର ସହିତ ଜୈବିକ କୃଷି ପରିବେଶ ବିଜ୍ଞାନକୁ ଉନ୍ନତ କରିପାରିବେ ତାହାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିପାରିଛି। ଆମ ରାଜ୍ୟରେ କୋରାପୁଟ,କନ୍ଧମାଳ ଆଦି ଜିଲ୍ଲାରେ ଜୈବିକ ଚାଷ ବଢ଼ିବାରେ ଲାଗିଲାଣି। ବର୍ତ୍ତମାନ ପରିସ୍ଥିତିରେ କୃଷି ପ୍ରତି ବିମୁଖ ହେଉଥିବା ଯୁବପିଢ଼ିଙ୍କୁ ସ୍ୱତନ୍ତ୍ର ସଚେତନ ଏବଂ ପ୍ରୋତ୍ସାହନର ଆବଶ୍ୟକ ଅଛି। ତାପରେ ଜୈବିକ କୃଷିର ଚାହିଦା ବଜାର ନାହିଁ। ଜୈବିକ କୃଷି ବଜାର ବୃଦ୍ଧି କଲେ ହିଁ ପ୍ରାକୃତିକ ସମ୍ପଦର ସଂରକ୍ଷଣ ହୋଇପାରିବ।


**ଏକତାଳୀ, ଯଶିପୁର,ମୟୂରଭଞ୍ଜ**
**ମୋବାଇଲ: ୭୦୭୬୭୭୦୯୮୮୬**

# ଭାରତ-ଚୀନ ବିମାନ ସେବା ଆରମ୍ଭ

## ନଭେମ୍ବରରୁ ଚାଇନା ଇଷ୍ଟର୍ଣ୍ଣ ଆରମ୍ଭ କରିବ ସେବା



**ନୂଆଦିଲ୍ଲୀ,୨୬।୧୦ :** ଆଜିଠୁ ଭାରତ-ଚୀନ ମଧ୍ୟରେ ଆରମ୍ଭ ହୋଇଛି ସିଧା ବିମାନ ସେବା। କୋଲକାତାରୁ ଉଡ଼ାଣ ଆରମ୍ଭ କରି ଗୁଆଙ୍ଗଝୋଉ ଯାଇଛି ଇଣ୍ଡିଗୋ ବିମାନ। ନଭେମ୍ବର ୧୦ ତାରିଖରୁ ଦିଲ୍ଲୀ-ଗୁଆଙ୍ଗଝୋଉ ମଧ୍ୟରେ ପୁଣି ବିମାନ ଉଡ଼ାଣ। ଚୀନ୍ ଏୟାରଲାଇନର ଚାଇନା ଇଷ୍ଟର୍ଣ୍ଣ ଆରମ୍ଭ କରିବ ବିମାନ ସେବା।

ସପ୍ତାହକୁ ୩ ଦିନ ବୁଧବାର, ଶନିବାର ଓ ରବିବାର ବିମାନ ସେବା ଉପଲବ୍ଧ ହେବ। ନଭେମ୍ବର ୯ ତାରିଖରୁ ସାଂଘାଇ-ନୂଆଦିଲ୍ଲୀ ମଧ୍ୟରେ ବିମାନ ସେବା ହେବ। ୫ ବର୍ଷ ପରେ ଉଭୟ ଦେଶ ମଧ୍ୟରେ ବିମାନ ସେବା ଆରମ୍ଭ ହୋଇଛି। ୨୦୨୦ ମାର୍ଚ୍ଚ କୋଭିଡ ପରେ ଭାରତ ସବୁ ଅନ୍ତର୍ଜାତୀୟ ବିମାନ ସେବା ରଦ୍ଦ କରିଥିଲା। ଏହା ପରେ ଚୀନ ବି ସବୁ ବିମାନ ସେବା ବନ୍ଦ କରିଥିଲା। ଏହାପରଠୁ ଭାରତ-ଚୀନ ବିମାନ ସେବା ବନ୍ଦ ରହିଆସିଥିଲା। ୨୦୨୦ ମାର୍ଚ୍ଚରେ କୋଭିଡ୍-୧୯ ମହାମାରୀ ବ୍ୟାପିବା ଯୋଗୁଁ ଭାରତ ସମସ୍ତ ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଥିଲା। ସେହି ସମୟରେ ଚୀନ୍ ମଧ୍ୟ ଏହାର ସୀମାରେ କଡ଼ା କଟକଣା ଜାରି କରିଥିଲା। ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ବନ୍ଦ କରି ଦେଇଥିଲା।

# ଭାରତ ଓ ଆସିଆନ୍ ବିଶ୍ୱ-ଦକ୍ଷିଣର ସାରଥୀ: ମୋଦୀ

### ଭର୍ଚୁଆଲରେ ଆସିଆନ୍ ଶିଖର ସମ୍ମିଳନୀକୁ ସମ୍ବୋଧନ




**ନୂଆଦିଲ୍ଲୀ,୨୬।୧୦ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭର୍ଚୁଆଲ୍ ଭାବରେ ୪୭ତମ ଆସିଆନ୍ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ, ଭାରତ ଏବଂ ଆସିଆନ୍ ମିଳିତ ଭାବରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୨୫ ପ୍ରତିଶତକୁ ପ୍ରତିନିଧିତ୍ୱ କରନ୍ତି। ଦୁଇ ପକ୍ଷ ମଧ୍ୟରେ ସମ୍ପର୍କ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ସମାନ ମୂଲ୍ୟବୋଧ ଉପରେ ଆଧାରିତ। ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଆସିଆନ୍ ହେଉଛି ଭାରତର ଆକ୍ଟ-ଇଷ୍ଟ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତ ଏବଂ ଆସିଆନ୍ ମଧ୍ୟରେ ସହଯୋଗ ଆଞ୍ଚଳିକ ସ୍ଥିରତା, ଶାନ୍ତି ଏବଂ ସମୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

'ଭାରତ ଏବଂ ଆସିଆନ୍, ବିଶ୍ୱ ଦକ୍ଷିଣର ସାରଥି' ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଏବଂ ଆସିଆନ୍ ଦେଶମାନଙ୍କ ମଧ୍ୟରେ ସହଭାଗୀତା କେବଳ ଆର୍ଥିକ କିମ୍ବା ରଣନୈତିକ ନୁହେଁ, ବରଂ ବିଶ୍ୱ ଦକ୍ଷିଣର ସ୍ୱର ଏବଂ ନେତୃତ୍ୱର ପ୍ରତୀକ ମଧ୍ୟ। ସେ କହିଛନ୍ତି ଯେ ପ୍ରତ୍ୟେକ ସଙ୍କଟ ଏବଂ ବିପର୍ଯ୍ୟୟରେ ଭାରତ ଏହାର ଆସିଆନ୍ ବନ୍ଧୁମାନଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି ଅନିଶ୍ଚିତତାର ସମୟରେ ମଧ୍ୟ ଭାରତ-ଆସିଆନ୍ ବ୍ୟାପକ ରଣନୈତିକ ସହଭାଗୀତା ସ୍ଥିର ପ୍ରଗତି କରିଛି। ଆମର ଦୃଢ଼ ସହଭାଗିତା ବିଶ୍ୱ ସ୍ଥିରତା ଏବଂ ବିକାଶ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଭାବରେ ଉଭା ହେଉଛି। ଏହି ବର୍ଷର ଆସିଆନ୍ ଶିଖର ସମ୍ମିଳନୀର ବିଷୟବସ୍ତୁ ଅନ୍ତର୍ଭୁକ୍ତି ଏବଂ ସ୍ଥିରତା। ଏହି ବିଷୟବସ୍ତୁ ଆମର ମିଳିତ ପ୍ରୟାସରେ ସ୍ପଷ୍ଟ, ତାହା ଡିଜିଟାଲ୍ ଅନ୍ତର୍ଭୁକ୍ତି ହେଉ କିମ୍ବା ବର୍ତ୍ତମାନର ବିଶ୍ୱ ଚ୍ୟାଲେଞ୍ଜ ମଧ୍ୟରେ ଖାଦ୍ୟ ସୁରକ୍ଷା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳା ସୁନିଶ୍ଚିତ କରିବା ହେଉ।

**ଆଫଗାନିସ୍ତାନକୁ ପାକିସ୍ତାନର ଖୋଲା ଧମକ**

# ଶାନ୍ତି ଚୁକ୍ତି ବିଫଳ ହେଲେ ସିଧାସଳଖ ହେବ ଯୁଦ୍ଧ



**ଇସଲାମାବାଦ, ୨୬।୧୦:** ଆଫଗାନିସ୍ତାନକୁ ପାକିସ୍ତାନର ଖୋଲା ଧମକ। ଇସ୍ତାନବୁଲରେ ଶାନ୍ତି ଚୁକ୍ତି ବିଫଳ ହେଲେ ଆଫଗାନିସ୍ତାନ ସହ ସିଧାସଳଖ ଯୁଦ୍ଧ ହେବ। ତାଲିବାନ ସରକାରକୁ ଏଭଳି ଚେତାବନୀ ଦେଇଛନ୍ତି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ। ଇସ୍ତାନବୁଲରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଆଲୋଚନା ହେବାର ଅଛି। ଯଦି ଏହି ଚୁକ୍ତି ବିଫଳ ହୁଏ, ତେବେ ଆମ ପାଖରେ ବିକଳ୍ପ ରାସ୍ତା ଅଛି। ଆଫଗାନିସ୍ତାନ ସହ ଆମେ ମୁହାଁମୁହିଁ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛୁ। ସାମ୍ବାଦିକଙ୍କୁ ସୂଚନା ଦେଇ ଏହା କହିଛନ୍ତି ଖ୍ୱାଜା ଆସିଫ। ତେବେ ଚଳିତ ମାସରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଅଘୋଷିତ ଯୁଦ୍ଧ ହୋଇଛି। ପାକିସ୍ତାନ ଏୟାରଷ୍ଟ୍ରାଇକ୍ ଓ ଆଫଗାନର କାଉଣ୍ଟର ଆଟାକ୍ ରେ ଉଭୟ ରାଷ୍ଟ୍ରର ଶତାଧିକ ସୈନିକଙ୍କ ମୃତ୍ୟୁ ହୋଇଛି। ପରବର୍ତ୍ତୀ ସମୟରେ ଉଭୟ ରାଷ୍ଟ୍ରଙ୍କ ସହମତିରେ ଯୁଦ୍ଧ ବିରତି ଘୋଷଣା ହୋଇଥିଲା। ତୁର୍କୀର ଇସ୍ତାନବୁଲରେ ଯୁଦ୍ଧବିରତି ନେଇ ଶାନ୍ତି ଚୁକ୍ତି ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି। ଏହା ପୂର୍ବରୁ ଦୋହାରେ କତାର ଓ ତୁର୍କୀର ମଧ୍ୟସ୍ଥତାରେ ଗତ ୧୯ରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଛି।

**ଏଆଇଏମଆଇଏମ, ବିଜେପି ଓ ଜେଡିୟୁକୁ ବଡ଼ ଝଟକା**

# ଆରଜେଡିରେ ସାମିଲ ହେଲେ ଅନେକ ନେତା



**ପାଟନା ୨୬।୧୦:** ବିହାର ବିଧାନସଭା ନିର୍ବାଚନ ଯେତିକି ପାଖେଇଛି ରାଜନୈତିକ ଉତ୍ତାପ ସେତିକି ବୃଦ୍ଧି ହେଉଛି। ଏହି ମଧ୍ୟରେ ଅସଦୁଦ୍ଦିନ ଓୱେସୀଙ୍କ ପାର୍ଟି ଏଆଇଏମଆଇଏମକୁ ରବିବାର ଝଟକା ଲାଗିଛି। ପାର୍ଟିର ଅନେକ ନେତା ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ରେ ସାମିଲ ହୋଇଯାଇଛନ୍ତି। ଆରଜେଡି ନେତା ତେଜସ୍ୱୀ ଯାଦବ ଦଳରେ ଏହି ନେତାଙ୍କୁ ସ୍ୱାଗତ କରିଛନ୍ତି। କେବଳ ଏଆଇଏମଆଇଏମ ନୁହଁ ବିଜେପି ଓ ଜେଡିୟୁର ମଧ୍ୟ କେତେକ ନେତା ଆରଜେଡିରେ ସାମିଲ ହୋଇଛନ୍ତି।

ଏଆଇଏମଆଇଏମ ଛାଡି ଆରଜେଡିରେ ସାମିଲ ନେତାଙ୍କ ମଧ୍ୟରେ ଜଫର ଅସଲମ, ମୁଫ୍ତି ଅବ୍ଦୁର ଜାଭେଦ, ମୁଫ୍ତି ସୁଫିୟାନ, ନେହାଲ ଅଖତର, କୈସର ରାହୀ, ନିୟାଜୁଲ ହସନ, ଅର୍ଶୀ ଅଜିଜ୍, ଅବଦୁଲ କୟୁମ ଓ କଲିମୁଦ୍ଦିନ ଆଦି ଅଛନ୍ତି। ଏହା ଛଡା ବିଜେପିର ପ୍ରଗତି ମେହେଟ୍ଟା, ଜେଡିୟୁ ନେତା ତଥା ମରୌଢାର ପୂର୍ବତନ ପ୍ରାର୍ଥୀ ଅଲତାଫ ଆଲମ ରାଜୁ, ଗଡଖା ଜିଲ୍ଲା ପରିଷଦ ସଦସ୍ୟ ଯୋଗେନ୍ଦ୍ର ରାମ ଆଦି ନିଜର ଶତାଧିକ ସମର୍ଥକଙ୍କ ସହ ଆରଜେଡିରେ ସାମିଲ ହୋଇଥିବା ବେଳେ ଦଳରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଆରଜେଡି ପ୍ରଦେଶ ମୁଖପାତ୍ର ଏଜାଜ ଅହମଦ କହିଛନ୍ତି ଯେ, ତେଜସ୍ୱୀ ଯାଦବ ସମସ୍ତଙ୍କୁ ସଦସ୍ୟତା ରସିଦ ଦେଇ ପାର୍ଟିର ପ୍ରତୀକ ଚିହ୍ନ ଗାମୁଛା ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ଏହି ଅବସରରେ ତେଜସ୍ୱୀ କହିଛନ୍ତି ଯେ, ଆମେ ସମସ୍ତେ ମିଶି ବିହାର ବଦଳାଇବା ପାଇଁ ଏକାଠି ଛିଡା ହୋଇଛୁ। କାରଣ ଆମେ ବିହାରର ଲୋକଙ୍କ ନିମନ୍ତେ 'ହର ଘର ନୌକରୀ', ରୋଜଗାର, ବିହାର ବିକାଶକୁ ନୂଆ ଆୟାମ ଦେବା ଲାଗି ସମ୍ବିଧାନ ଓ ଗଣତନ୍ତ୍ରର ହେପାଜତ ନିମନ୍ତେ ଭାଇଚାରାକୁ ମଜଭୁତ କରିବାକୁ ସଂକଳ୍ପ ସହିତ ବିହାର ନିର୍ବାଚନକୁ ଯାଉଛୁ। ସେ କହିଛନ୍ତି ଯେ, ବିହାର ଜନତାଙ୍କ ବିଶ୍ୱାସ ଓ ସମର୍ଥନ ପରିବର୍ତ୍ତନ ନିମନ୍ତେ ଓ ଏହା ଜନଜନ ହୋଇ ଦେଖାଯାଉଛି। ଏହି ଅବସରରେ ଏଆଇଏମଆଇଏମ ଆସି ଆରଜେଡିରେ ମିଶିଥିବା ନେତାମାନେ କହିଛନ୍ତି ଯେ ବିହାର ଜନତାଙ୍କ ମିଜାଜ ଏବେ ତେଜସ୍ୱୀ ଯାଦବଙ୍କ ଭିଜନ ଓ ମିସନ ସହିତ ରହିଛି। ଆମେ ସବୁ ତେଜସ୍ୱୀ ଯାଦବଙ୍କୁ ବିହାର ମୁଖ୍ୟମନ୍ତ୍ରୀ ରୂପେ ଦେଖିବାକୁ ଚାହୁଁଛୁ। ଏଣୁ ଆମେ ଆମ ପୁରୁଣା ପାର୍ଟି ଓ ଲାଲୁଙ୍କ ବିଚାରଧାରା ସହ ପୁଣି ସଂଯୁକ୍ତ ହୋଇଛୁ।

**ବିହାର ନିର୍ବାଚନ ଲାଗି ଇସିଆଇ ଆଡଭାଇଜରୀ**

# ପ୍ରଚାରରେ ଚଳିବନି ଏଆଇ କଣ୍ଟେଣ୍ଟ

**ଭାଗଲପୁର ୨୬।୧୦:** ଭାରତ ନିର୍ବାଚନ ଆୟୋଗ (ଇସିଆଇ) ବିହାର ବିଧାନସଭା ନିର୍ବାଚନ ୨୦୨୫କୁ ସ୍ୱତନ୍ତ୍ର, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ସମ୍ପନ୍ନ କରିବା ପାଇଁ ନିର୍ବାଚନ ପ୍ରଚାର କାଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ସୃଷ୍ଟ ପ୍ରଚାର ସାମଗ୍ରୀ ସମ୍ପର୍କରେ ରାଜନୈତିକ ଦଳଙ୍କ ନିମନ୍ତେ ଏକ ଆଡଭାଇଜରୀ ଜାରି କରିଛନ୍ତି। ନିର୍ବାଚନ ଆୟୋଗ କହିଛନ୍ତି ଯେ, ନିର୍ବାଚନ ପ୍ରଚାରରେ ରାଜନୈତିକ ଦଳଙ୍କ ଦ୍ୱାରା ହାଇପର-ରିୟଲେଷ୍ଟିକ୍ ସୂଚନା ଓ ଏଆଇ ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟର ତ୍ରୁଟିପୂର୍ଣ୍ଣ ଉପଯୋଗ ହେଉଛି। ଏଣୁ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବାରେ ବାଧା ଉପୁଜୁଛି। ନିର୍ବାଚନ ଆୟୋଗ କହିଛନ୍ତି ଯେ, ନିର୍ବାଚନ କାଳରେ ରାଜନୈତିକ ପ୍ରଚାରର ବିଶ୍ୱସନୀୟତା କାୟମ ରଖିବାର ଆବଶ୍ୟକତା ରହିଛି। ଏଣୁ ଏଆଇ ସୃଜିତ କଣ୍ଟେଣ୍ଟ ଓ ସିନ୍ଥେଟିକ ଉପାୟରେ ତିଆରି କରାଯାଇଥିବା ସୂଚନାର ପ୍ରଚାର ଓ ପ୍ରସାର ଲାଗି ଟେକ୍ନୋଲଜିର ବ୍ୟବହାର ଏକ ବଡ଼ ବିପଦ ସୃଷ୍ଟି କରିଛି। କାରଣ ଏଥିରେ ସତ୍ୟ ରୂପ ଧାରଣ କରିବା ଓ ଏହା ଅଜାଣତରେ ପଲିଟାକଲ ଷ୍ଟେକ୍ ହୋଲ୍ଡରଙ୍କୁ ଭୁଲ ଫଳାଫଳରେ ଫସେଇବାର କ୍ଷମତା ରହୁଛି। ଏଥିଲାଗି ନିର୍ବାଚନୀ ବିଶ୍ୱସନୀୟତା ଓ ଭୋଟରଙ୍କ ଭରସା କାୟମ ରଖିବା ଲାଗି ପାରଦର୍ଶୀ ଓ ଉତ୍ତରଦାୟୀ ହୁଅନ୍ତୁ। ମିଥ୍ୟା ଓ ନକଲୀ କଣ୍ଟେଣ୍ଟରେ ନିର୍ବାଚନୀ ପ୍ରକ୍ରିୟାରେ ହେରଫେର କରିବାର ବଢୁଥିବା ବିପଦ ମଧ୍ୟରେ ଇସିଆଇ ସମ୍ବିଧାନର ଆର୍ଟିକଲ ୩୨୪ ଅନୁସାରେ ଭୋଟର ଲିଷ୍ଟ ପ୍ରସ୍ତୁତ କରିବା ଓ ନିର୍ବାଚନ କରାଇବାର ତାଙ୍କ ଅଧିକାର ଉପଯୋଗ କରି ସବୁ ରାଜନୈତିକ ଦଳଙ୍କୁ ଏକ ନୂଆ ଆଡଭାଇଜରୀ ଜାରି କରିଛନ୍ତି। ଏଥିରେ ଆୟୋଗ ଏହି କଥା ଉପରେ ମଧ୍ୟ ଜୋର ଦେଇଛନ୍ତି ଯେ ଆଇଟି ଅଧିନିୟମ ୨୦୨୧ ଓ ଆୟୋଗଙ୍କ ଦ୍ୱାରା ପୂର୍ବରୁ ଜାରି କାରଯାଇଥିବା ନିର୍ଦ୍ଦେଶ ଏବଂ କଣ୍ଟେଣ୍ଟ ସମ୍ପର୍କିତ ଦାୟିତ୍ୱ କଡ଼ାକଡ଼ି ପାଳନ କରିବାକୁ ହେବ ବୋଲି କହିଛନ୍ତି।

# ଦୁର୍ଘଟଣାରେ ୭ଜଣଙ୍କ ମୃତ୍ୟୁ

**ଲକ୍ଷ୍ନୌ, ୨୬।୧୦:** ଉତ୍ତରପ୍ରଦେଶ ପ୍ରତାପଗଡ଼, କୁଶୀନଗର ଏବଂ ଆଗ୍ରାରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୭ ଜଣଙ୍କ ଜୀବନ ଚାଲିଯାଇଛି। ଏଥିରେ ଜଣେ ମହିଳା ଥାନା ଅଧିକାରୀ, ଦୁଇ ଭାଇ, ଦାଦ-ପୁତୁରା ଏବଂ ଜଣେ ପୋଲିସ କର୍ମୀ ରହିଛନ୍ତି। ଦୁର୍ଘଟଣା ଦ୍ରୁତ ଗତି, ଓଭରଲୋଡ ଗାଡି ଏବଂ ଅସାବଧାନତା ଯୋଗୁଁ ହୋଇଛି। ପ୍ରତାପଗଢରେ ଏକ ଅଜଣା ବାଇକ୍ ପୋଲିସ ଅଧିକାରୀଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଖବର ମୁତାବକ, ମହାନନ୍ଦୀ ତିୱାରୀ ମହିଳା ଥାନାରେ କାର୍ଯ୍ୟରତ ଥିଲେ। କୌଣସି କେସ ଯୋଗୁଁ ସେ ଅନ୍ତୁ ଅଞ୍ଚଳକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ସରାୟ ବୀରଭଦ୍ର ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଆଉ ଏକ ଦୁର୍ଘଟଣାରେ ବାଇକରେ ଯାଉଥିବା ଦୁଇ ଭାଇଙ୍କୁ କାର୍ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଏମ୍ସ ରାଏବରେଲୀକୁ ରେଫର କରାଯାଇଥିଲା। ହେଲେ ଚିକିତ୍ସା ଅଧିନରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅନୁରୂପ ଭାବେ କୁଶୀନଗର ସଲମେଗଡ ଟୋଲ ପ୍ଲାଜା ନିକଟରେ ଏକ ଓଭରଲୋଡ ବସ୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଦାଦା ପୁତୁରାଙ୍କ ଜୀବନ ଚାଲିଯାଇଥିଲା। ଆଗ୍ରାରେ ଏକ ଦ୍ରୁତଗାମୀ କାର ପୋଲିସ ଗାଡିକୁ ଧକ୍କା ଦେବାରୁ ଜଣେ ହେଡ କନଷ୍ଟେବଲଙ୍କ ମୃତ୍ୟୁ ହୋଇଥିଲା।

# ଭୁଶୁଡ଼ିଲା ମଞ୍ଚ, ଖସିପଡ଼ିଲେ ନେତା



**ପାଟନା,୨୬।୧୦:** ବିହାର ବିଧାନସଭା ନିର୍ବାଚନ ପ୍ରଚାରରେ ନୂଆନୂଆ ରଙ୍ଗ ଦେଖିବାକୁ ମିଳୁଛି। ଯାହାକି ବେଶ ଚର୍ଚ୍ଚାର ପରିସରରେ ରହିଛି। ଏହି ପରିପ୍ରେକ୍ଷୀରେ ମୋକାମା ବିଧାନସଭା ନିର୍ବାଚନ ମଣ୍ଡଳୀର ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ନେତା ଅନନ୍ତ ସିଂହଙ୍କ ଏକ ଆଶ୍ଚର୍ଯ୍ୟଜନକ ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ନିର୍ବାଚନ ପ୍ରଚାର ସମୟର ଥିବା କୁହାଯାଉଛି। ସୂଚନାଯୋଗ୍ୟ, ମୋକାମାର ପୂର୍ବ ଅଞ୍ଚଳରେ ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂହଙ୍କ 'ଘନଘନ ଜନସଂପର୍କ ସମ୍ପର୍କ ଅଭିଯାନ' ଜୋରଦାର ଚାଲିଥିଲା। ଏହି ସମୟରେ ତାଙ୍କ ଉତ୍ସାହୀ ସମର୍ଥକମାନେ ରାମପୁର-ଡୁମରା ଗାଁରେ ଏକ ମଞ୍ଚ ସ୍ଥାପନ କରିଥିଲେ। ଏହି ମଞ୍ଚରେ ଅନନ୍ତ ସିଂହ ପହଞ୍ଚିବା ପରେ ଲୋକଙ୍କ ଭିଡ଼ ଜମି ଯାଇଥିଲା। ନିଜ ନେତାଙ୍କୁ ପାଖରେ ପାଇଁ ସମର୍ଥକମାନେ ମଞ୍ଚରେ ଚଢ଼ି ଯାଇଥିଲେ। ଅନନ୍ତ ସିଂହ ମଞ୍ଚରେ ବସିଥିବା ବେଳେ ତାଙ୍କର ଜଣେ ସମର୍ଥକ ମାଇକ୍ରୋଫୋନ୍ ଧରି ଭାଷଣ ଦେଉଥିଲେ। ସମର୍ଥକମାନେ ଅନନ୍ତ ସିଂହଙ୍କ ସପକ୍ଷରେ ଭୋଟ୍ ପାଇଁ ନିବେଦନ କରି ସ୍ଲୋଗାନ ଦେଉଥିଲେ। ଏହି ସମୟରେ ମଞ୍ଚଟି ହଠାତ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ନେତାଙ୍କ ସମେତ ଅନେକ ସମର୍ଥକ ଭାବସାମ୍ୟ ହରାଇ ମଞ୍ଚରୁ ତଳକୁ ପଡ଼ି ଯାଇଥିଲେ। ଲୋକମାନେ ତୁରନ୍ତ ଅନନ୍ତ ସିଂହ ଏବଂ ତଳେ ପଡ଼ି ଯାଇଥିବା ଅନ୍ୟଲୋକଙ୍କୁ ଭୁଶୁଡ଼ି ପଡ଼ିଥିବା ମଞ୍ଚରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୌଭାଗ୍ୟବଶତଃ ଏହି ଘଟଣାରେ କେହି ଆହତ ହୋଇ ନାହାନ୍ତି। ଏହି ଘଟଣା ନିର୍ବାଚନ ପ୍ରଚାର ସମୟରେ ସୁରକ୍ଷା ମାନଦଣ୍ଡକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି।

# ହରିଆଣାର ୫୦ ଯୁବକ ଆମେରିକାରୁ ନିର୍ବାସିତ

**ଚଣ୍ଡିଗଡ଼,୨୬।୧୦ :** ଆମେରିକାରେ ଅବୈଧ ଉପାୟରେ ରହୁଥିବା ହରିଆଣାର ୫୦ ଯୁବକଙ୍କୁ ଡିପୋର୍ଟ କରି ଭାରତ ପଠାଯାଇଛି। ସମସ୍ତଙ୍କ ହାତ ଓ ପାଦରେ ହାତକଡ଼ି ଓ ଜଞ୍ଜିର ଲାଗିଥିଲା। ବିମାନ ଶନିବାର ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚି ଥିଲା। ସେଠାରୁ ହରିଆଣାର ଅଲଗା ଅଲଗା ଜିଲ୍ଲାର ପୁଲିସ ଏହି ଯୁବକଙ୍କୁ ନିଜ ସାଥିରେ ନେଇ ଯାଇଛନ୍ତି। ଏମାନେ ସମସ୍ତେ ଡଙ୍କି ରୁଟ୍‌ରେ ଆମେରିକା ଯାଇଥିଲେ। ଏଥିରେ ସବୁଠୁ ଅଧିକ କାଥଲ ଜିଲ୍ଲାର ୧୪ ଯୁବକ ଅଛନ୍ତି। ଏହା ପୂର୍ବରୁ ଫେବୃଆରୀ ୨୦୨୫ରେ କାଥଲର ୧୨ ଜଣ ଯୁବକ ଆମେରିକାରୁ ଡିପୋର୍ଟ ହୋଇ ଆସିଥିଲେ। ତିନି ନଭେମ୍ବରରେ ମଧ୍ୟ ଆମେରିକାରୁ ଗୋଟିଏ ଜାହାଜ ଆସିଥିଲା। ଯେଉଁ ଯୁବକ ଡିପୋର୍ଟ ହୋଇ ଆସିଛନ୍ତି, ତାଙ୍କ ପାଖରେ ଜିନିଷର ଗୋଟିଏ ଗୋଟିଏ ବ୍ୟାଗ୍ ଥିଲା। ତାଙ୍କୁ ଆମେରିକାର କ୍ୟାମ୍ପ ଗୁଡ଼ିକରେ ରଖାଯାଇଥିଲା। ଅଧିକାଂଶ ଯୁବକ ପାନାମାର ଜଙ୍ଗଲ, ନିକାରୋ, ଗ୍ୱାଟେମାଲା ମଧ୍ୟ ଦେଇ ଆମେରିକାରେ ପହଞ୍ଚି ଥିଲେ। ଯୁବକମାନେ ଡଙ୍କି ରାସ୍ତାରେ ଆମେରିକା ଯିବା ପାଇଁ ୫୦ରୁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। କିଏ ଜମି ବିକ୍ରିକରି ତ ଆଉ କିଏ ଲୋନ୍ କରି ଟଙ୍କା ନେଇଥିଲେ। ଆମେରିକାର ଜେଲ୍ ଓ କ୍ୟାମ୍ପ ଗୁଡ଼ିକରେ ବହୁ ସଂଖ୍ୟାରେ ଭାରତୀୟ ବନ୍ଦୀ ଅଛନ୍ତି।

# ପ୍ରତିମାସରେ ଗୋଟିଏ ଯୁଦ୍ଧ ବନ୍ଦ କରିଛି: ଟ୍ରମ୍ପ



**କ୍ୱାଲାଲମ୍ପୁର,୨୬।୧୦ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଦିନ ଦାବି କରିଛନ୍ତି ଯେ, ସେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ବହୁତ ଶୀଘ୍ର ସମାପ୍ତ କରିପାରିବେ। ମାଲେସିଆରେ ଅନୁଷ୍ଠିତ କାମ୍ବୋଡିଆ-ଥାଇଲାଣ୍ଡ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ସମାରୋହ ସମୟରେ ଟ୍ରମ୍ପ ଏହି ବିବୃତ୍ତି ଦେଇଥିଲେ। ଟ୍ରମ୍ପ କହିଥିଲେ, ମୋ ପ୍ରଶାସନ ମାତ୍ର ଆଠ ମାସରେ ଆଠଟି ଯୁଦ୍ଧ ସମାପ୍ତ କରିଛି। ଆମେ ପ୍ରତି ମାସରେ ଗୋଟିଏ ସମାପ୍ତ କରୁଛୁ। ଏବେ କେବଳ ଗୋଟିଏ ବାକି ଅଛି, ତାହା ପାକିସ୍ତାନ-ଆଫଗାନିସ୍ତାନ ବିବାଦ। କିନ୍ତୁ ମୁଁ ଏହାକୁ ବହୁତ ଶୀଘ୍ର ସମାଧାନ କରିବି। ସେ କହିଥିଲେ ଯେ, ଏବେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଦେଖାଦେଇଛି, କିନ୍ତୁ ସେ ଉଭୟ ଦେଶର ନେତାମାନଙ୍କୁ ଜାଣନ୍ତି ଏବଂ ଏହି ମାମଲା ଶୀଘ୍ର ସମାଧାନ ହେବ ବୋଲି ବିଶ୍ୱାସ କରନ୍ତି। ତାଙ୍କ ଭାଷଣ ଶେଷ କରି ଟ୍ରମ୍ପ ଦାବି କରିଥିଲେ ଯେ, ତାଙ୍କ ପ୍ରଶାସନ ଯାହା କରିଛି ପୂର୍ବରୁ କୌଣସି ଆମେରିକୀୟ ରାଷ୍ଟ୍ରପତି ତାହା କରିପାରି ନାହାଁନ୍ତି। ସେ କହିଥିଲେ, ଅନ୍ୟ ରାଷ୍ଟ୍ରପତି ଯୁଦ୍ଧ ଆରମ୍ଭ କରନ୍ତି, ଆମେ ସେଗୁଡ଼ିକୁ ସମାପ୍ତ କରୁ - ଏହା ହିଁ ପାର୍ଥକ୍ୟ।

ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେଲା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଡୁରାଣ୍ଡ ଲାଇନକୁ ନେଇ ବିବାଦ ଓ ସଂଘର୍ଷ ଦେଖାଦେଇଛି। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରି ପାକିସ୍ତାନ ପକ୍ଷରୁ କାବୁଲ ଉପରେ ଆକ୍ରମଣ କରିବା ପରେ ତାଲିବାନ ପକ୍ଷରୁ ସୀମାରେ ପ୍ରତିଆକ୍ରମଣ କରାଯାଇଥିଲା। ଏବେ ଇସ୍ତାନବୁଲରେ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ଜାରି ରହିଛି।

# 'କ୍ଷମତାକୁ ଆସିଲେ ୱାକଫ ଆଇନକୁ ଫିଙ୍ଗିଦେବୁ'

**ପାଟନା,୨୬।୧୦:** ବିହାର ନିର୍ବାଚନରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର ଏକ ନିର୍ବାଚନ ରାଲିରେ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଯଦି ଇଣ୍ଡିଆ ମେଣ୍ଟ ବିହାରରେ କ୍ଷମତାକୁ ଆସେ, ତେବେ ୱାକଫ (ସଂଶୋଧନ) ଆଇନକୁ ଡଷ୍ଟବିନରେ ଫିଙ୍ଗି ଦିଆଯିବ। ମୁସଲିମ ବହୁଳ କଟିହାର, କିଶନଗଞ୍ଜ ଏବଂ ଆରାରିଆ ଜିଲ୍ଲାରେ ଏକାଧିକ ସାଧାରଣ ରାଲିକୁ ସମ୍ବୋଧିତ କରି ତେଜସ୍ୱୀ ଯାଦବ କହିଛନ୍ତି, ତାଙ୍କ ପିତା, ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ, ଦେଶର ସାମ୍ପ୍ରଦାୟିକ ଶକ୍ତି ସହିତ କେବେ ସାଲିସ୍ କରି ନଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସର୍ବଦା ଏପରି ଶକ୍ତିକୁ ସମର୍ଥନ କରିଛନ୍ତି ଏବଂ ତାଙ୍କ ଯୋଗୁଁ ହିଁ ଆରଏସଏସ ଏବଂ ଏହାର ସହଯୋଗୀମାନେ ରାଜ୍ୟରେ ଏବଂ ଦେଶରେ ସାମ୍ପ୍ରଦାୟିକ ଘୃଣା ବିସ୍ତାର କରୁଛନ୍ତି। ବିଜେପିକୁ 'ଭାରତ ଜଳାଅ ପାର୍ଟି' ବୋଲି କୁହାଯିବା ଉଚିତ। ସେ ଆହୁରି କହିଛନ୍ତି, ଯଦି ଇଣ୍ଡିଆ ମେଣ୍ଟ ରାଜ୍ୟରେ କ୍ଷମତାକୁ ଆସେ, ତେବେ ଆମେ ୱାକଫ ଆଇନକୁ ଡଷ୍ଟବିନ୍ ରେ ଫିଙ୍ଗି ଦେବୁ। ଉଲ୍ଲେଖ ଥାଉ କି ଶାସକ ବିଜେପି ନେତୃତ୍ୱାଧୀନ ଏନଡିଏ ଏହି ଆଇନକୁ ସମାଜର ଉପେକ୍ଷିତ ମୁସଲମାନ ଏବଂ ମହିଳାମାନଙ୍କ ପାଇଁ ସ୍ୱଚ୍ଛତା ଏବଂ ସଶକ୍ତିକରଣ ଦିଗରେ ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି, ଯେତେବେଳେ ବିରୋଧୀ ଏହାକୁ ସମାଲୋଚନା କରିଛନ୍ତି, ଏହା ମୁସଲମାନ ଅଧିକାର ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛନ୍ତି।

**ୟୁନୁସଙ୍କ ଦୁଃସାହସ**

# ବାଂଲାଦେଶ ମାନଚିତ୍ରରେ ଭାରତୀୟ ରାଜ୍ୟ




**ଢାକା, ୨୬।୧୦:** ଦୁଃସାହସର ସବୁ ସୀମା ପାର କରିଯାଇଛି ବାଂଲାଦେଶର ୟୁନୁସ ସରକାର। ପାକିସ୍ତାନର ଜଣେ ସେନାଧିକାରୀଙ୍କୁ ୟୁନୁସ ସରକାର ବାଂଲାଦେଶର ଏକ ମାନଚିତ୍ର ଉପହାର ଦେଇଛନ୍ତି, ଯେଉଁଥିରେ ଭାରତର ଆସାମ ସମେତ କେତେକ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସାମିଲ ଅଛି। ଏହାପରେ ଭାରତ ସହ ବାଂଲାଦେଶର ସଂପର୍କ ଆହୁରି ଖରାପ ହେବା ଆଶଙ୍କା କରାଯାଉଛି। ପାକିସ୍ତାନର ସର୍ବୋଚ୍ଚ ଜେନେରାଲ ସାହିର ଶମଶାଦ ମିର୍ଜା ଢାକା ଗସ୍ତ ସମୟରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଭେଟିଥିଲେ। ସାକ୍ଷାତ ସମୟରେ, ଦୁଇ ନେତା ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସହଯୋଗ ଏବଂ ପାରସ୍ପରିକ ସହାୟତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାକ୍ଷାତ ସମୟରେ, ମହମ୍ମଦ ୟୁନୁସ ଜେନେରାଲ ମିର୍ଜାଙ୍କୁ ଆସାମ ଏବଂ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସମେତ ବାଂଲାଦେଶର ମାନଚିତ୍ରର ଏକ ଫଟୋଗ୍ରାଫ ପ୍ରଦାନ କରିଥିଲେ। ଏହି ବୈଠକ ଢାକାର ଜମୁନାସ୍ଥିତ ଷ୍ଟେଟ୍ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ବାଣିଜ୍ୟ ଏବଂ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା। ସୂତ୍ର ଅନୁଯାୟୀ, ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ, ନିବେଶ ସୁଯୋଗ ଏବଂ ପ୍ରତିରକ୍ଷା ସହଯୋଗ ବିସ୍ତାର କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଉଭୟ ପକ୍ଷ ଏହା ମଧ୍ୟ ସହମତ ହୋଇଥିଲେ ଯେ, ପାକିସ୍ତାନ ଏବଂ ବାଂଲାଦେଶ ସେମାନଙ୍କର ଆର୍ଥିକ ସହଭାଗିତାକୁ ଏକ ନୂତନ ସ୍ତରକୁ ଉଠାଇବା ପାଇଁ ସମୟ ଆସିଛି।

# ଡିସେମ୍ବରରୁ ବାହାର ରାଜ୍ୟ ଗାଡ଼ିଠାରୁ ନିଆଯିବ ଗ୍ରୀନ ଟ୍ୟାକ୍ସ



**ଉତ୍ତରାଖଣ୍ଡ,୨୬।୧୦ :** ଉତ୍ତରାଖଣ୍ଡ ସରକାର ପର୍ଯ୍ୟାବରଣ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ବାହାର ରାଜ୍ୟରୁ ଯାଉଥିବା ଗାଡ଼ିରେ ଗ୍ରୀନ ଟ୍ୟାକ୍ସ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ପରିବହନ ବିଭାଗ ଅଧିକାରୀଙ୍କ ଅନୁସାରେ, ଏହି ବ୍ୟବସ୍ଥା ଡିସେମ୍ବର ମାସରୁ ଲାଗୁ ହେବ । ଏହି ଟ୍ୟାକ୍ସର ଉଦ୍ଦେଶ୍ୟ ରାଜ୍ୟର ସ୍ୱଚ୍ଛତା, ପରିବେଶ ସନ୍ତୁଳନ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ସୁନିଶ୍ଚିତ କରିବା ହେବ ।

ରାଜ୍ୟ ପରିବହନ ଅଧିକାରୀ ସନତ କୁମାର ସିଂ କହିଛନ୍ତି, ରାଜ୍ୟ ସୀମାରେ ଅଟୋମେଟିକ ନମ୍ବର ପ୍ଲେଟ୍ ରେକଗ୍ନିଶନ କ୍ୟାମେରା ଲଗାଯିବ । ଯାହା ବାହାରୁ ଆସୁଥିବା ଗାଡ଼ିକୁ ରେକର୍ଡ କରିବ । ପୂର୍ବରୁ ଏହି କ୍ୟାମେରା ୧୬ଟି ଲଗାଯାଇଥିଲା, ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୩୭ ହୋଇଛି। ପରିବହନ ଅଧିକାରୀ ଆହୁରି କହିଛନ୍ତି, ପରିବହନ ବିଭାଗ ଟ୍ୟାକ୍ସ ଆଦାୟ ପାଇଁ ଏକ ପ୍ରାଇଭେଟ କମ୍ପାନୀକୁ ରେଜିଷ୍ଟ୍ରେସନ କରିଛି। କ୍ୟାମେରା ଜରିଆରେ ମିଳୁଥିବା ଡାଟାକୁ ସଫ୍ଟୱେର ମାଧ୍ୟମରେ ଏହି କମ୍ପାନୀକୁ ପଠାଯିବ । ତା'ପରେ ଗାଡ଼ି ଉତ୍ତରାଖଣ୍ଡ କି ନାହିଁ, କୌଣସି ସରକାରୀ କିମ୍ବା ବାଇକ୍ ଉପରେ ଟ୍ୟାକ୍ସ ଲାଗିବ ନାହିଁ। ଏହା ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଏନପିସିଆଇ ଡାଟାବେସକୁ ପଠାଯିବ। ଏହାପରେ ମାଲିକର ୱାଲେଟ ନମ୍ବର ଖୋଜାଯାଇ ନିର୍ଦ୍ଧାରିତ ରାଶି ଆପେ ଆପେ ଉତ୍ତରାଖଣ୍ଡ ପରିବହନ ବିଭାଗ ଆକାଉଣ୍ଟରେ ଜମା ହେବ ।

**ଶାଢ଼ି ଦେବାକୁ କହି ପହଞ୍ଚିଲେନି ନେତା**

# ନିର୍ବାଚନୀ ସଭାରେ ଚୌକି ଫିଙ୍ଗିଲେ ମହିଳା



**ପାଟନା,୨୬।୧୦:** ବିହାର ନିର୍ବାଚନ ପ୍ରଚାରରେ ନେତାମାନେ ନିଜନିଜ ପ୍ରଚାର ପାଇଁ ବିଭିନ୍ନ ପ୍ରକାର ଶୈଳୀ ଆପଣାଉଛନ୍ତି। ଫୋର୍ବିସଗଞ୍ଜର ଦୀନଦୟାଲ ଚୌକରେ ଏନଡିଏର ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ଉଦଘାଟନ କାର୍ଯ୍ୟକ୍ରମ ଥିଲା। ଏହି କାର୍ଯ୍ୟକ୍ରମ ଅପରାହ୍ନ ୪ଟାରେ ହେବାର ଥିଲା। ଏହି ଉଦଘାଟନ ପାଇଁ ଦଳୀୟ କର୍ମୀଙ୍କ ସହିତ ବହୁ ସଂଖ୍ୟକ ମହିଳା ସକାଳେ କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଛଟ ପାଇଁ ଶାଢ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇ ସକାଳ ଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା। ସନ୍ଧ୍ୟା ଗଡ଼ି ଯାଇଥିଲେ ସୁଦ୍ଧା କାର୍ଯ୍ୟକ୍ରମରେ କୌଣସି ନେତାଙ୍କ ଦେଖା ନଥିଲା କି ପ୍ରତିଶ୍ରୁତି ଅନୁଯାୟୀ କୌଣସି ସାମଗ୍ରୀ ବଣ୍ଟନ କରାଯାଇ ନଥିଲା। ଏହାପରେ କିଛି ମହିଳାମାନେ ସେମାନଙ୍କ ସହିତ ଠକେଇ ହୋଇଥିବା କହି ଚୌକି ଉଠାଇ ଫିଙ୍ଗିବା ଆରମ୍ଭ କରିଥିଲେ।

# ନଭେମ୍ବର ୧ରେ ଏକାଠି ହେବେ ଶରଦ-ଉଦ୍ଧବ-ରାଜ୍



**ମୁମ୍ବାଇ,୨୬।୧୦ :** ମହାରାଷ୍ଟ୍ରରେ ନକଲି ଭୋଟରଙ୍କ ସମସ୍ୟାର ସମାଧାନ ପାଇଁ ବିରୋଧୀ ଦଳ ଏବେ ନଭେମ୍ବର ୧ ତାରିଖରେ ଏକ ବିଶାଳ ରାଲି ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ପୁଣି ଥରେ ତାଙ୍କ ଭାଇ ରାଜ ଠାକରେଙ୍କ ସହ ଏହି ରାଲିରେ ଦେଖାଯିବେ। ଏଥିପାଇଁ ପ୍ରସ୍ତୁତି ପାଇଁ, ଏମଏନଏସ୍ ମୁଖ୍ୟ ରାଜ ଠାକରେ ଶନିବାର ତାଙ୍କ ଶିବତୀର୍ଥ ବାସଭବନରେ ଦଳର ଶୀର୍ଷ ନେତା ଏବଂ ଅଧିକାରୀଙ୍କ ଏକ ବୈଠକ ଡାକିଛନ୍ତି। ଏହି ଅବସରରେ, ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ କହିଛନ୍ତି ଯେ, ମହାରାଷ୍ଟ୍ରର ନକଲି ଭୋଟରଙ୍କର ପର୍ଦ୍ଦାଫାସ କରିବା ପାଇଁ ଏହି ଲଢ଼େଇ ଆୟୋଜନ କରାଯାଇଛି।

ରାଜ ଆହୁରି କହିଛନ୍ତି ଯେ, ଭୋଟର ତାଲିକାରେ ଅନିୟମିତତାର ସ୍ୱର ମୁମ୍ବାଇର ରାସ୍ତାରୁ ଦିଲ୍ଲୀରେ ପହଞ୍ଚିବା ଉଚିତ, ସେ ତାଙ୍କ ନେତାମାନଙ୍କୁ ମୁମ୍ବାଇରେ ଏକ ରାଲି ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମହାରାଷ୍ଟ୍ରରେ ପ୍ରାୟ ୯୬ ଲକ୍ଷ ନକଲି ଭୋଟର ଅଛନ୍ତି। ବିରୋଧୀ ନେତାମାନେ ରାଜ୍ୟ ନିର୍ବାଚନ କମିସନଙ୍କୁ ଭେଟି ଏହି ପ୍ରସଙ୍ଗରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଆମେ ଏହା ବିରୁଦ୍ଧରେ ସ୍ୱର ଉଠାଇବା ପାଇଁ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛୁ। ଏମଏନଏସ୍ ମୁଖ୍ୟ କହିଛନ୍ତି ଯେ, ପ୍ରକୃତ ଭୋଟରମାନେ ସେମାନଙ୍କର ଅଧିକାର ପାଇବା ନିଶ୍ଚିତ କରିବା ପାଇଁ ଏହା ସତ୍ୟ ପାଇଁ ଏକ ଲଢ଼େଇ।

ଏହି ପଦଯାତ୍ରା ଉଭୟ ଠାକରେ ଭାଇ, ଉଦ୍ଧବ ଏବଂ ରାଜଙ୍କୁ ଏକାଠି କରିବ। ଏହା ଠାକରେଙ୍କ ଶକ୍ତି ପ୍ରଦର୍ଶନ କରିବ। ରାଲି ଅପରାହ୍ନ ୧ଟାରେ ମାରିନ୍ ଲାଇନ୍ସର ହିନ୍ଦୁ ଜିମଖାନାରୁ ଆରମ୍ଭ ହୋଇ ଆଜାଦ ମୈଦାନରେ ଶେଷ ହେବ।

ଶିବସେନା ସାଂସଦ ଏବଂ ମୁଖପାତ୍ର ସଞ୍ଜୟ ରାଉତ କହିଛନ୍ତି ଯେ, ଏହି ପଦଯାତ୍ରାର ନେତୃତ୍ୱ ନେବେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ଶରଦ ପାୱାର, ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ଏମଏନଏସ୍ ମୁଖ୍ୟ ରାଜ ଠାକରେ। ସଞ୍ଜୟ କହିଛନ୍ତି ଯେ, ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ମଧ୍ୟ ପଦଯାତ୍ରାରେ ଯୋଗଦେବାକୁ ନିମନ୍ତ୍ରଣ କରାଯିବ। ସଞ୍ଜୟ ରାଉତ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ନିର୍ବାଚନ କମିସନ ଆମକୁ କୌଣସି ଚ୍ୟାଲେଞ୍ଜ ଦିଅନ୍ତି, ତେବେ ଆମେ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ। ଶନିବାର ଶିବସେନାର ମୁଖପାତ୍ର, ୟୁବିଟି ମଧ୍ୟ ଶିବତୀର୍ଥରେ ଏମ୍ଏନଏସ ମୁଖ୍ୟଙ୍କୁ ଭେଟିଥିଲେ। ଶିବସେନା, ଉଦ୍ଧବ ଠାକରେ, କଂଗ୍ରେସ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ଶରଦ ଚନ୍ଦ୍ର ପାୱାର, ଶେକାପ, ସିପିଆଇ, ସିପିଆଇ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନାର ନେତା ଏବଂ କର୍ମୀମାନେ ଏହି ରାଲିରେ ଅଂଶଗ୍ରହଣ କରିବେ।

## ରୁଷ୍‌ର ବିପଜ୍ଜନକ କ୍ରୁଜ୍ ମିସାଇଲ ପରୀକ୍ଷଣ



**ନୂଆଦିଲ୍ଲୀ,୨୬।୧୦ :** ରୁଷ୍ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହଛି। ଯୁଦ୍ଧ ମଧ୍ୟରେ ରୁଷ୍ ନିଜର ସବୁଠୁ ନୂଆ ପରମାଣୁ ଶକ୍ତିରେ ପରିଚାଳିତ କ୍ରୁଜ୍ ମିସାଇଲ ' ବୁରେଭେଷ୍ଟନିକ୍'ର ସଫଳ ପରୀକ୍ଷଣ ପୂରା କରି ନେଇଛି। ରୁଷ୍‌ର ଉଚ୍ଚ ସ୍ତରୀୟ ସେନା ଅଧିକାରୀ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏହି ସଫଳତାର ସୂଚନା ଦେଇଛନ୍ତି। ଏହି ମିସାଇଲ ପରମାଣୁ ଶକ୍ତି ଉପରେ ନିର୍ଭର ହେବା ଯୋଗୁଁ ଅସୀମିତ ଦୂରତା ସ୍ଥିର କରି ପାରେ ଏବଂ ଏଥିରେ ପରମାଣୁ ଅସ୍ତ୍ର ରଖିବାର ସୁବିଧା ମଧ୍ୟ ଅଛି। ରୁଷୀୟ ସେନାର ମହାନିର୍ଦ୍ଦେଶାଳୟ ପ୍ରମୁଖ ଜେନେରାଲ ଭାଲେରୀ ଗେରାସିମୋଭ ପୁଟିନଙ୍କୁ କହିଛନ୍ତି ଯେ, ମିସାଇଲ ୧୪୦୦୦ କିଲୋମିଟର ( ପାଖାପାଖି ୮,୭୦୦ ମାଇଲ) ର ଯାତ୍ରା କରିଛି ଏବଂ ବିମାନ କ୍ଷେତ୍ରରେ ପାଖାପାଖି ୧୫ ଘଣ୍ଟା ଯାଏ କ୍ରିୟାଶୀଳ ରହିଥିଲା। ରୁଷୀୟ ରାଷ୍ଟ୍ରପତି ପୁଟିନଙ୍କ ଅନୁସାରେ , ୯ ଏମ୍ ୭୩୦ ବୁରେଭେଷ୍ଟନିକ୍ (ଷ୍ଟର୍ମ ପେଟ୍ରୋଲ) , ଯାହାକୁ ନାଟୋ ଏସଏସସି - ଏକ୍ସ-୯ ସ୍କାଇଫାଲ ନାମ ଦେଇଛି, ବର୍ତ୍ତମାନ ଓ ଭବିଷ୍ୟତର ମିସାଇଲ ପ୍ରତିରକ୍ଷା ସିଷ୍ଟମ ବିରୋଧରେ ଏହା ଅପରାଜେୟ। ଏହାର ପରିସର ପ୍ରାୟତଃ ଅସୀମ ଓ ଉଡ଼ାଣ ପଥ ଅସୀମିତ। ରବିବାର ନିଜର ଭାଷଣରେ ଭ୍ଲାଦିମିର ପୁଟିନ ଗେରାସିମୋଭଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ବୁରେଭେଷ୍ଟନିକର ମୁଖ୍ୟ ପରୀକ୍ଷଣ ଏବେ ସମାପ୍ତ ହୋଇ ସାରିଛି, ଏଥିପାଇଁ ମିସାଇଲର ମୁତୟନ ପୂର୍ବରୁ ଅନ୍ତିମ ପ୍ରସ୍ତୁତି ପର୍ଯ୍ୟାୟ ଉପରେ ତତ୍କାଳ କାମ ଆରମ୍ଭ କରିଦିଆଯାଉ। ବୁରେଭେଷ୍ଟନିକ୍ ଏକ ଉଚ୍ଚକୋଟୀର କ୍ରୁଜ୍ ମିସାଇଲ, ଯାହା ପାରମ୍ପରିକ ମିସାଇଲଠାରୁ ସଂପୂର୍ଣ୍ଣ ଅଲଗା। ଏହାର ବିଶେଷତ୍ୱ ଏକ ଛୋଟ ପରମାଣୁ ରିଏକ୍ଟର, ଯାହା ଏହାକୁ ଅସୀମିତ ଦୂର ଅତିକ୍ରମ କରିବାର କ୍ଷମତା ପ୍ରଦାନ କରିଥାଏ। ରୁଷୀୟ ଭାଷାରେ ଏହାର ନାଁ ଷ୍ଟାର୍ମ ପେଟ୍ରେଲ (ଝଡ଼ ପକ୍ଷୀ), ଯାହା ଝଡ଼ର ପୂର୍ବସୂଚନା ପରି ବିପଦର ପ୍ରତୀକ।

● ବାଲି ମାଫିଆ ସକ୍ରିୟ

## ୬ ଟ୍ରାକ୍ଟର ସହ ୫ ଡ୍ରାଇଭର ଗିରଫ

**ତିର୍ତ୍ତୋଲ, ୨୬।୧୦(ସଂଚାର ବ୍ୟୁରୋ):** ସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ତିର୍ତ୍ତୋଲ ଥାନା ଅଧୀନ ଉକୁ ସାହି ଗାଁ ପାଖରେ ପାଇକ ନଦୀରୁ ବେଆଇନ ଭାବେ ବାଲି ଚୋରି କରୁଥିବା ୬ ଗୋଟି ବାଲି ଟ୍ରକକୁ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ କୁମାର ସେଠି ଓ ଟିମ୍ ସହ ଯାଇ ଜବତ କରି ପାଞ୍ଚ ଜଣ ଡ୍ରାଇଭରଙ୍କୁ ଗିରଫ କରିଥିଲେ । ଗୋଟିଏ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ଶ୍ରୀ ସେଠି ପ୍ରକାଶ କରିଛନ୍ତି । ଏନେଇ ମାମଲା ରୁଜୁ କରାଯାଇଛି।




ଗଞ୍ଜାମ ଜିଲ୍ଲା ପାଇଁ ବାତ୍ୟା 'ମୋନ୍ଥା' ସତର୍କତା

# ଦୁଇ ଦିନ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି

■ ପର୍ଯ୍ୟଟକଙ୍କୁ ବେଳାଭୂମି ବାରଣ

■ ସୋମବାର ଜନଶୁଣାଣି ସ୍ଥଗିତ

**ଛତ୍ରପୁର, ୨୬।୧୦ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଧୀରେ ଧୀରେ ଶକ୍ତିଶାଳୀ ହେଉଛି। ଭୁବନେଶ୍ୱର ପାଣିପାଗ ବିଭାଗ ଅନୁସାରେ, ଆସନ୍ତା ଦୁଇ ଦିନ ମଧ୍ୟରେ ଏହା ଗତିପଥ ପରିବର୍ତ୍ତନ କରି ଓଡ଼ିଶା କୂଳ ଅଞ୍ଚଳକୁ ପହଞ୍ଚିପାରେ। ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲା ପ୍ରଧାନତଃ ପ୍ରଭାବିତ ହେବାର ସମ୍ଭାବନା ବଢ଼ିଛି।

ଏହାକୁ ନେଇ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଏକ ଜରୁରୀ ପ୍ରସ୍ତୁତ ବୈଠକ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ଏସପି, ଉପଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ଓ ଲାଇନ୍ ଡିପାର୍ଟମେଣ୍ଟଙ୍କ ସହ ଆଲୋଚନା କରି କଡ଼ା ନିର୍ଦ୍ଦେଶ ଦେଉଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଜନସାଧାରଣଙ୍କୁ ସତର୍କ ଓ ସଚେତନ ରହିବାକୁ ଅନୁରୋଧ କରିଛନ୍ତି। ସୂଚନାନୁଯାୟୀ, ୨୭ ଅକ୍ଟୋବରରେ ଓରେଞ୍ଜ ଆଲର୍ଟ ଏବଂ ୨୮ ଅକ୍ଟୋବରରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି।

ବାତ୍ୟା ସମୟରେ ଭାରି ବର୍ଷା, ଜୋର ପବନ ଏବଂ ଜଳବନ୍ଧ ସମସ୍ୟା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି, ଜରୁରୀ ନିୟନ୍ତ୍ରଣ କକ୍ଷ ସକ୍ରିୟ କରାଯାଇଛି, ଏବଂ ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଆଲର୍ଟ ରଖାଯାଇଛି।

ସାଧାରଣ ଲୋକମାନେ ବନ୍ୟା ପ୍ରଭାବିତ ଅଞ୍ଚଳ, ନଦୀ, ନାଳ ଓ ବିଦ୍ୟୁତ୍ ଖୁଣ୍ଟି ନିକଟରେ ନ ରହିବା ପାଇଁ ସଚେତନ ଓ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପାଇଁ ଆଗାମୀ ଦୁଇ ଦିନ ବନ୍ଦ ରଖାଯିବ ଘୋଷଣା କରାଯାଇଛି। ପର୍ଯ୍ୟଟକମାନଙ୍କୁ ମଧ୍ୟ ସମୁଦ୍ର ବେଳାଭୂମିକୁ ଯିବାରେ ବାରଣ କରାଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାରରେ ହେବାକୁଥିବା ଜନଶୁଣାଣି ସ୍ଥଗିତ କରାଯାଇଛି। ପ୍ରଶାସନ ନିଜର ପ୍ରବନ୍ଧନ ଏବଂ ସତର୍କତା ରଖି ସାଧାରଣ ଲୋକଙ୍କୁ ସୁରକ୍ଷିତ ରଖିବାରେ ସକ୍ରିୟ ଥିବା ଦେଖାଦେଇଛି।

## ଦାମୀ ଗାଡ଼ିରେ ଛେଳି ଚୋରି
## ୬ ଛେଳି ଉଦ୍ଧାର କଲା ପୁଲିସ

**କେନ୍ଦୁଝର, ୨୬।୧୦(ସଂଚାର ବ୍ୟୁରୋ):** ପୁଲିସ ଗାଡ଼ି ଦେଖି ଫେରାର ହୋଇଗଲା ଛେଳି ଚୋର। ବୋଲେରୋକୁ ନାଳକୁ ଗଡ଼େଇ ଫେରାର ହୋଇଗଲା ଡ୍ରାଇଭର। କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଜଳପାପଣି ଗାଁ ନିକଟରୁ ଆସିଛି ଏଭିଳି ରୋଚକ ଖବର। ଛେଳି ଚୋରି କରି ଫେରାର ହେଉଥିବା ବେଳେ ପୁଲିସ ପାଟ୍ରୋଲିଂ ଗାଡି ଦେଖି ଭାରସାମ୍ୟ ହରାଇ ଖାଲରେ ପଶିଯାଇଥିଲା ଏକ ବୋଲେରୋ ଗାଡ଼ି। ଗ୍ରାମବାସୀଙ୍କ ସହାୟତାରେ ଗାଡିରୁ ୬ଟି ଛେଳିକୁ ଉଦ୍ଧାର କରିଛି ପୁଲିସ । ସୂଚନା ଅନୁସାରେ, ଏହି ଅଞ୍ଚଳରୁ ବାରମ୍ବାର ଛେଳି ଚୋରି ଅଭିଯୋଗ ଆସିଥାଏ। ଆଜି ବୋଲେରୋକୁ ବାମେବାରୀ ପୋଲିସ ଜବତ କରିବାରେ ସଫଳ ହେଇଛି।

## ଉଲଫା କ୍ୟାଡର ଗିରଫ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଇଟାନଗର, ୨୬।୧୦:** ଅରୁଣାଚିଳ ପ୍ରଦେଶ ପୁଲିସ ଏବଂ ଆସାମ ରାଇଫଲ୍ସର ଏକ ସଂଯୁକ୍ତ ଅଭିଯାନରେ ରବିବାର ସକାଳେ ଅରୁଣାଚଳ ପ୍ରଦେଶର ନାମସାଇ ଅଞ୍ଚଳରେ ୟୁନାଇଟେଡ୍ ଲିବରେସନ୍ ଋଣ୍ଟ ଅଫ୍ ଆସାମ - ଇଣ୍ଡିପେଣ୍ଡେଣ୍ଟର ଜଣେ କ୍ୟାଡରକୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଉଗ୍ରବାଦୀଙ୍କ ପରିଚୟ ଅନୁପମ ଦୋହୋତିଆ ଅଲିଆସ୍ ଥାଉସେନ୍ ଆସୋମ, ଯିଏ ଆସାମର ତିନସୁକିଆ ଜିଲ୍ଲାର ବାରେକୁରି ଅଞ୍ଚଳର ବାସିନ୍ଦା। ଅଧିକାରୀମାନଙ୍କ କହିବା ଅନୁସାରେ, ଗିରଫ ହୋଇଥିବା ଏହି ଉଲଫା-ଆଇ କ୍ୟାଡର ୧୭ ଅକ୍ଟୋବର ତାରିଖରେ ଆସାମର ତିନସୁକିଆ ଜିଲ୍ଲାର କାକୋପାଥାର ସେନା ଶିବିର ଉପରେ ହୋଇଥିବା ଉଲଫା-ଆଇର ନିକଟତମ ଆକ୍ରମଣରେ ଜଡିତ ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରୁ ଜଣେ। ତାଙ୍କ ପାଖରୁ ବିପୁଳ ଅସ୍ତ୍ର ଓ ଗୋଳା-ବାରୁଦ ଜବତ ହୋଇଛି, ଯେଉଁଥିରେ ମୁଖ୍ୟତଃ ଗୋଟିଏ ଏମକ୍ୟୁ ରାଇଫଲ୍, ୧୫୧ଟି କାରତୁସ୍, ଗୋଟିଏ ବୋତଲ୍ ଗ୍ରେନେଡ୍ ଓ ଗୋଟିଏ ରାଇଫଲ୍ ଗ୍ରେନେଡ୍ ଅନ୍ତର୍ଭୁକ୍ତ।

ଦାନା ବାନ୍ଧୁଛି ବାତ୍ୟା 'ମୋନ୍ଥା'

## ଗଜପତି ଜିଲ୍ଲାରେ ୪ ଦିନ ସ୍କୁଲ ଛୁଟି

**ପାରଳାଖେମୁଣ୍ଡି,୨୬।୧୦(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ପ୍ରସ୍ତୁତ ଗଜପତି ଜିଲ୍ଲା ପ୍ରଶାସନ। ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଜପତି ଜିଲ୍ଲାପାଳ ମଧୁମିତା। ଆନ୍ଧ୍ର ପ୍ରଦେଶର ମଛିଳିପାଟଣା ନିକଟରେ ସ୍ଥଳଭାଗ ଛୁଇଁବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ଯାହାର ପ୍ରଭାବ ପଡିବା ନେଇ ଗଜପତି ଜିଲ୍ଲାକୁ ରେଡ ଆଲର୍ଟ ଜାରି କରାଯାଇଛି। ୨୭ ତାରିଖ ଅରେଞ୍ଜ ସତର୍କତା ଓ ୨୮ ତାରିଖ ରେଡ୍ ସତର୍କତା ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ପବନର ବହିବାର ସମ୍ଭାବନା ଥିବାରୁ ୨୭ ତାରିଖ ଠାରୁ ୩୦ ତାରିଖ ୪ଦିନ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ସାତୋଟି ବ୍ଲକ ଓ ଦୁଇଟି ସହରାଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପ୍ରତି ପଞ୍ଚାୟତରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି। ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ କରି ରଖାଯାଇଛି। ପ୍ରାଥମିକ ସ୍ତରରେ ଜିଲ୍ଲାର ସମସ୍ତ ଗର୍ଭବତୀ ମହିଳାମାନଙ୍କୁ ମା' ଗୃହକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସ୍ତରରୁ ଦୁଇଟି ଓଡ୍ରାଫ୍ ଓ ଏନଡିଆର ଏଫ୍ ଟିମକୁ ମୁତୟନ ପାଇଁ କୁହାଯାଇଛି। ବର୍ଷା ସମୟରେ ଅତ୍ୟାବଶ୍ୟକ ନହେଲେ ଘରୁ ବାହାରକୁ ନବାହାରିବା ପାଇଁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ।

# ପ୍ରଶ୍ରୟ ଦେବାରୁ ମୁଣ୍ଡରେ ବସିଛି ଇସ୍କନ୍: ଶଙ୍କରାଚାର୍ଯ୍ୟ

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ପ୍ରଥମେ ଇସ୍କନ୍‌କୁ ଅଦିନିଆ ରଥଯାତ୍ରା ପାଇଁ ପ୍ରଶ୍ରୟ ଦିଆଗଲା। ଏବେ ଏହାକୁ ବାରଣ କରାଯାଉଛି। କିନ୍ତୁ ଏହା ନା ଶ୍ରୀମନ୍ଦିର ପ୍ରଶାସନ ନା ଗଜପତି ମହାରାଜାଙ୍କ କଥା ଶୁଣିବାକୁ ପ୍ରସ୍ତୁତ। ଆରମ୍ଭ ପ୍ରଶ୍ରୟ ଦିଆଯାଇଥିବାରୁ ଏବେ ଇସ୍କନ୍ ମୁଣ୍ଡ ଉପରେ ବସିଛି ବୋଲି ଅଭିଯୋଗ କରିଛନ୍ତି ଗୋବର୍ଦ୍ଧନ ପୀଠ ପୁରୀ ପୀଠାଧିଶ୍ୱର ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗରେ ମତ ରଖିବା ସହ ଇସ୍କନ୍ ପକ୍ଷରୁ ଆୟୋଜିତ ହେଉଥିବା ଅଦିନିଆ ରଥଯାତ୍ରାରେ ରୋକ ଲାଗିବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଏହି ଅବସରରେ ସେ ଗୋ-ହତ୍ୟା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଉପରେ ଗୋହତ୍ୟା ରୋକିବାକୁ ଚାପ ପକାଉଥିଲେ। କିନ୍ତୁ ଏବେ ସେ ପ୍ରଧାନମନ୍ତ୍ରୀ ହେବା ପରେ ଏହାକୁ ଭୁଲିଯାଇଛନ୍ତି। ଏବେ ଦେଶରୁ ବାହାରକୁ ଗାଈଗୋରୁ ପଠାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ସରକାର ବି ଗୋ ହତ୍ୟାକରୀଙ୍କୁ ସପୋର୍ଟ କରୁଛନ୍ତି। ବାହାର ଦେଶକୁ ଗାଈ ଗୋରୁ ପଠାଉଛନ୍ତି କହି କଡ଼ା ସମାଲୋଚନା କରିଛନ୍ତି। ସେହିପରି ସୂର୍ଯ୍ୟପରାଗ ସମୟରେ ଶ୍ରୀମନ୍ଦିର ଖୋଲା ରହିବା ନେଇ ସେ କହିଛନ୍ତି ଯେ ଶ୍ରୀମନ୍ଦିର ପ୍ରଶାସନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନୁନାହିଁ। ଏପରିକି ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କ ପରାମର୍ଶ ଲୋଡ଼ାଯାଉନଥିବାରୁ ଶଙ୍କରାଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଆହୁରି ପାଞ୍ଜିରେ ରହୁଥିବା ବିଭ୍ରାନ୍ତିକର ତିଥିକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଜ୍ୟୋତିଷ ବି ବେଦର ଅଙ୍ଗ ଓ ସେମାନଙ୍କର ଗୁରୁତ୍ୱ ରହିଛି। କିନ୍ତୁ କେତେକ ଜ୍ୟୋତିଷ ବାହାରେ ଥାଇ ବି ପାଞ୍ଜି ତିଆରି କରୁଛନ୍ତି, ଯାହାକି ସମସ୍ୟା ସୃଷ୍ଟି କରୁଛି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଏଥିସହ ଶହ ଶହ ବର୍ଷ ଧରି ଅନ୍ୟ ଧର୍ମ ଚାପରେ ନ ପଡ଼ି ଓ କଠିନ ପରିସ୍ଥିତିରେ ହିନ୍ଦୁ ଧର୍ମ ସହ ବଜାୟ ରହିଥିବା ବ୍ୟକ୍ତିବିଶେଷଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏଥିସହ ଭବିଷ୍ୟତରେ ଭାରତ ନିଶ୍ଚିତ ଭାବେ ହିନ୍ଦୁ ରାଷ୍ଟ୍ରରେ ପରିଣତ ହେବ, କିନ୍ତୁ ଏଥିପାଇଁ ସମସ୍ତ ସନାତନୀଙ୍କ ସହଯୋଗ ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।



## ୪ ଉଗ୍ରବାଦୀ ଗିରଫ

**ଇମ୍ଫାଲ, ୨୬।୧୦:** ମଣିପୁର ପୁଲିସ ଥୌବାଲ ଓ ଇମ୍ଫାଲ ଜିଲ୍ଲାରେ ଅଭିଯାନ ଚଲାଇ ପ୍ରତିବନ୍ଧିତ ସଂଗଠନର ଚାରିଜଣ ସକ୍ରିୟ ଉଗ୍ରବାଦୀଙ୍କୁ ଗିରଫ କରିଛି। ମଣିପୁର ପୁଲିସ ମୁଖ୍ୟାଳୟ ଦ୍ୱାରା ସୋସିଆଲ ମିଡିଆ ମାଧ୍ୟମରେ ଜାରି ହୋଇଥିବା ଧିକାରିକ ବିବୃତିରେ ଆଜି କୁହାଯାଇଛି ଯେ, ଶନିବାର ଥୌବାଲ ଜିଲ୍ଲାରେ ପ୍ରିପାକ (ପ୍ରୋ) ସଂଗଠନର ଦୁଇଜଣ କ୍ୟାଡରକୁ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ୩୨ ବର୍ଷୀୟ କେ. ରାଜକୁମାର ନେଭି ମୈତେଇ, ଯିଏ ଭାଙ୍ଗଜିଙ୍ଗ ହୋଦମ୍ବାର ନିବାସୀ, ତାଙ୍କୁ ଭାଙ୍ଗଜିଙ୍ଗ ବଜାରରୁ ଗିରଫ କରାଯାଇଥିଲା। ସେପରି, ଇମ୍ଫାଲ ପୂର୍ବ ଜିଲ୍ଲାର ଲିଲୋଙ୍ଗ ଅରାପ୍ଟିର ୨୭ ବର୍ଷୀୟ କେ. ଥୋଙ୍ଗମ ରୋନାଲଡୋ ସିଂହଙ୍କୁ ଲିଲୋଙ୍ଗ ବଜାରରୁ ଗିରଫ କରାଯାଇଛି। ଦୁହେଁ ଅଭିଯୁକ୍ତ ଭାଙ୍ଗଜିଙ୍ଗ ଅଞ୍ଚଳ ଏବଂ ତାହାର ଚାରିପାଖରେ ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଅଭିଯୋଗ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁମ୍ବାଇ ...

ସରକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ମୁମ୍ବାଇରେ ପହଞ୍ଚି ସାରିଛି। ସେହିପରି ଭାରତ ସାମୁଦ୍ରିକ ସପ୍ତାହ ସମ୍ମିଳନୀ ଏକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହା ନେତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକମାନଙ୍କୁ ସାମୁଦ୍ରିକ ଭିତ୍ତିଭୂମି, ବନ୍ଦର ବିକାଶ ଓ ବ୍ଲୁ ଇକୋନୋମିରେ ପ୍ରଗତି ଏବଂ ସୁଯୋଗ ବିଷୟରେ ଆଲୋଚନା କରିବା ପାଇଁ ଏକତ୍ରିତ କରିବ। ଏହି ସମ୍ମିଳନୀ ଭାରତର ବର୍ଦ୍ଧିତ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଓ ନବସୃଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟନେଇ ଅନୁଷ୍ଠିତ ହେବ। ବନ୍ଦର-କେନ୍ଦ୍ରୀୟ ଶିଳ୍ପ ଅଭିବୃଦ୍ଧି ଓ ଉପକୂଳ ଅଞ୍ଚଳର ଆର୍ଥିକ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବା ଦିଗରେ ଓଡ଼ିଶା ଅଗ୍ରସର ହେଉଥିବାରୁ ଏହି ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକମାନଙ୍କୁ ଆମନ୍ତ୍ରଣ କରିବାର ସୁଯୋଗ ପାଇବ। ବିକାଶ, ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଉପରେ ଏହାର ଦୃଢ଼ ଧ୍ୟାନ ଜାରି ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ୫୦୦ ଦିନ ପୂରଣ କରୁଥିବାରୁ ଏହି ଗସ୍ତ ବେଶ୍ ଗୁରୁତ୍ୱ ମହନ କରୁଛି। ଓଡ଼ିଶା ସରକାର ନିବେଶକ, ଶିଳ୍ପ ଅଂଶୀଦାର ଓ ସାମୁଦ୍ରିକ ବୃତ୍ତିଗତମାନଙ୍କୁ ରାଜ୍ୟରେ ସୁଯୋଗ ଅନୁସନ୍ଧାନ କରିବା ଏବଂ ବାଣିଜ୍ୟ, ନବସୃଜନ ଏବଂ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ପ୍ରବେଶ ପଥ ହେବା ଦିଗରେ ଏହାର ଯାତ୍ରାରେ ଯୋଗଦେବା ସକାଶେ ଆମନ୍ତ୍ରଣ କରିବ।

## ଭୟଙ୍କର...

ଜିଲ୍ଲାପାଳମାନଙ୍କୁ ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ୮ କିମି ବେଗରେ ପଶ୍ଚିମ-ଉତ୍ତର ପଶ୍ଚିମ ଆଡକୁ ଗତି କରୁଛି। ଏହା କ୍ରମଶଃ ଭୟଙ୍କର ବାତ୍ୟା ରୂପ ନେଉଥିବାବେଳେ ଆଜି ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଏହା ଦକ୍ଷିଣ-ପୂର୍ବ ଏବଂ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇଛି। ଏହା ଓଡ଼ିଶାର ଗୋପାଳପୁରଠାରୁ ୯୦୦ କିମି ଦକ୍ଷିଣ-ଦକ୍ଷିଣ-ପୂର୍ବରେ, ପୋର୍ଟ ବ୍ଲେୟାର (ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ)ରୁ ପ୍ରାୟ ୬୭୦ କିମି ପଶ୍ଚିମରେ, ଚେନ୍ନାଇ (ତାମିଲନାଡ଼ୁ)ରୁ ୭୨୦ କିମି ପୂର୍ବ-ଦକ୍ଷିଣ-ପୂର୍ବରେ, କାକିନାଡା (ଆନ୍ଧ୍ରପ୍ରଦେଶ)ରୁ ୭୮୦ କିମି ଦକ୍ଷିଣ-ଦକ୍ଷିଣ-ପୂର୍ବରେ ଓ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ରୁ ୭୯୦ କିମି ଦକ୍ଷିଣ-ଦକ୍ଷିଣ-ପୂର୍ବରେ ରହିଛି। ଧୀରେ ଧୀରେ ପବନର ବେଗ ବଢ଼ିବ। ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୫ଟା ବେଳକୁ ବାତ୍ୟା ଉପକୂଳ ଆଡ଼କୁ ମାଡ଼ି ଆସିବା ସହ ଘଣ୍ଟା ପ୍ରତି ୧୦୦ କିମି ବେଗରେ ପବନ ବହିବ। ସେହିପରି ଆସନ୍ତା ୨୮ ତାରିଖ ଅପରାହ୍ନ ସାଢ଼େ ୫ଟା ବେଳକୁ ଏହି ଅବପାତ ଭୀଷଣ ବାତ୍ୟାରେ ପରିଣତ ହେବ। ସନ୍ଧ୍ୟା ସାଢ଼େ ୫ଟାରୁ ରାତି ମଧ୍ୟରେ ଏହି ଭୀଷଣ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୧୦ କିମି ବେଗରେ ବହିବା ନେଇ ଭାରତୀୟ ପାଣିପାଗ ବିଭାଗ




ପୂର୍ବରୁ ପୂର୍ବାନୁମାନ କରାଯାଇଛି। ସେହିପରି ୨୯ ତାରିଖ ସନ୍ଧ୍ୟା ସାଢ଼େ ୫ଟା ବେଳକୁ ବାତ୍ୟା ଅବପାତରେ ପରିଣତ ହେବା ସହ ପବନର ବେଗ କମି ୪୫ରୁ ୫୫ କିମି ମଧ୍ୟରେ ସୀମିତ ରହିବ। ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରେ ରଖି ଅସୁସ୍ଥ, ଗର୍ଭବତୀ ମହିଳା ଓ ବୟସ୍କଙ୍କ ଏକ ତାଲିକା ଜିଲ୍ଲା ସ୍ତରରେ ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ପଡିଲେ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ସମସ୍ତ ଚିକିତ୍ସାଳୟ ପ୍ରସ୍ତୁତ, ମେଡ଼ିସିନ ସବୁ ରାଜ୍ୟରେ ମହଜୁଦ ରହିଛି। ସେହିପରି ବାତ୍ୟାକୁ ଆହୁରି ୨୪ ଘଣ୍ଟା ସମୟ ରହିଥିବାରୁ ଚାଷ କ୍ଷେତ୍ରକୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ଅପିଲ କରାଯାଇଛି। ଜିଲ୍ଲା ପ୍ରଶାସନ ମଧ୍ୟ ଏହାକୁ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ପାହାଡ଼ିଆ ଅଞ୍ଚଳକୁ ଚିହ୍ନଟ କରି ପ୍ରତିଷେଧକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ପଥର ଖସିବାର ସମ୍ଭାବନା ରହିଛି ସେଠାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଲୋକେ ଘରୁ ନବାହାରିବାକୁ ସଚେତନ କରାଯାଇଛି।

ଆହୁରି ରାଜ୍ୟର ସମସ୍ତ ଡାକ୍ତରଖାନା, ରିଲିଫ ସେଣ୍ଟର୍ ସବୁକୁ ଅତିରିକ୍ତ ଶକ୍ତି ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଗଛ ପଡ଼ିବା ଭଳି ସମସ୍ୟା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ମେସିନ ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି। ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ପ୍ରଶାସନ ସମସ୍ତେ ମୁକାବିଲା ପାଇଁ ପ୍ରସ୍ତୁତ ରହିଛନ୍ତି। ସମୁଦ୍ର ପାଖ ହୋଟେଲରେ ବାତ୍ୟା ସମୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପର୍ଯ୍ୟଟକ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନାନ୍ତର ପାଇଁ ପର୍ଯ୍ୟାପ୍ତ ଜାଗା ମହଜୁଦ ରହିଛି। ବାତ୍ୟା ଆଶ୍ରୟସ୍ଥଳୀର ତଦାରଖ କରାଯାଇଛି। ଆବଶ୍ୟକ ପଡିଲେ ସ୍କୁଲ ଘର କିମ୍ବା କମ୍ୟୁନିଟି ହଲକୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଅଦ୍ୟାବଧି ୨୦ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଅନ୍ୟପକ୍ଷରେ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ପାଇଁ ସମସ୍ତ ପୌରାଞ୍ଚଳ ପାଇଁ ୩ଟି ଶିଫ୍ଟରେ କାର୍ଯ୍ୟ କରିବେ ଅଧିକାରୀ। ସମସ୍ତ ମେସିନ ଯାଞ୍ଚ୍ ପୂର୍ବକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କୃତ୍ରିମ ବନ୍ୟାକୁ ରୋକିବା ପାଇଁ ନିଜର ମାନବ ସମ୍ବଳ ବଢ଼ାଇବା ପାଇଁ ବି ନିର୍ଦ୍ଦେଶ ଦିଆଯାଇଛି।ମତ୍ସ୍ୟଜୀବୀମାନେ ସମୁଦ୍ରରୁ ଫେରି ଆସିଲେଣି। ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସେହିଭଳି ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ର ତଟକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଧାନ ଅମଳର ସମୟ ହୋଇଥିବାରୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିଜର ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି।

ସେହିପରି ସମୁଦ୍ର ଅଶାନ୍ତ ଥିବାରୁ ଚିଲିକାରେ ଡଙ୍ଗା ଚଳାଚଳ ନିଷିଦ୍ଧ କରାଯାଇଛି। ଆଜିଠାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚିଲିକା ଭିତରକୁ ଡଙ୍ଗା ଚଳାଚଳ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀବାହୀ ଡଙ୍ଗା ସହ ମାଛଧରା ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ଯେଉଁମାନେ ବି ଚିଲିକା ଭିତରେ ଅଛନ୍ତି, ସେମାନେ ତୁରନ୍ତ ଫେରିଆସିବାକୁ କୁହାଯାଇଛି। ଡଙ୍ଗା ଓ ମେସିନକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ମତ୍ସ୍ୟଜୀବୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ପକ୍ଷରୁ ଡାକବାଜି ଯନ୍ତ୍ରରେ ସତର୍କ କରାଯାଉଛି। ଏହାଛଡ଼ା ସତର୍କତାମୂଳକ ପଦକ୍ଷେପ ସ୍ୱରୂପ 'ମୋନ୍ଥା' ପ୍ରଭାବିତ ଅଞ୍ଚଳରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏଥିସହ ଗର୍ଭବତୀ ମହିଳାଙ୍କୁ ତୁରନ୍ତ ମେଡିକାଲକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସବୁ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବିଭାଗ ତରଫରୁ ସବୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସରକାର ଲୋକଙ୍କ ସହ ଅଛନ୍ତି। ତେଣୁ କେହି ବି ବ୍ୟସ୍ତ ନ ହେବାରୁ ସେ ପରାମର୍ଶ ଦେଇଛନ୍ତି।

## ଆତଙ୍କୀ...

ଯାହାର ଅର୍ଥ ସଲମାନ ବେଲୁଚିସ୍ତାନର ସ୍ୱାଧୀନତାକୁ ସମର୍ଥନ କରନ୍ତି। ରିୟାଦରେ ଏକ କାର୍ଯ୍ୟକ୍ରମରେ ସଲମାନ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ପୃଥକ ବୋଲି କହିଥିଲେ। ଏହାପରେ ବିବାଦ ଆରମ୍ଭ ହୋଇଥିଲା। ସଲମାନ କହିଥିଲେ ଯେ ଯଦି ଏକ ହିନ୍ଦୀ ଫିଲ୍ମ ସାଉଦି ଆରବରେ ରିଲିଜ୍ ହୁଏ, ତା'ହେଲେ ଏହା ସୁପରହିଟ୍ ହେବ। ସେହିପରି କୌଣସି ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଫିଲ୍ମ ମଧ୍ୟ କୋଟି କୋଟି ଟଙ୍କା ରୋଜଗାର କରିବ, କାରଣ ଅନ୍ୟ ଦେଶରୁ ଏଠାକୁ ଅନେକ ଲୋକ ଆସିଛନ୍ତି। ବେଲୁଚିସ୍ତାନର ଲୋକ ଅଛନ୍ତି, ଆଫଗାନିସ୍ତାନର ଲୋକ ଅଛନ୍ତି, ପାକିସ୍ତାନର ଲୋକ ଅଛନ୍ତି, ସମସ୍ତେ ଏଠାରେ କାମ କରୁଛନ୍ତି ବୋଲି ସଲମାନ୍ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଲମାନ୍‌ଙ୍କ ବ୍ୟତୀତ ବଲିଉଡ୍ ଅନ ଦୁଇ ଖାନ୍ ଶାହରୁଖ ଓ ଆମିର ମଧ୍ୟ ଉପସ୍ଥିତ ଥିଲେ। ତେବେ ସଲମାନଙ୍କ ଏପରି ମନ୍ତବ୍ୟକୁ ପାକିସ୍ତାନ ଅଧିକାରୀ ଓ ରାଜନୈତିକ ସମୀକ୍ଷକ 'ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ' ବୋଲି କହିଛନ୍ତି।

## ଭୋଟରଙ୍କୁ...

କରିବାକୁ ଉଭୟ ବିଜେପି ଓ ବିଜେଡି ଲାଗି ପଡିଛନ୍ତି।

ଏଭଳି ସ୍ଥିତିରେ ନିଜର ସୁରକ୍ଷିତ ଭୋଟ ସହ ଅନ୍ୟ ଦଳରୁ ଭୋଟ ହାତେଇବା ଏବେ ତିନି ଦଳ ପାଇଁ ସବୁଠାରୁ ବଡ଼ କାମ ହୋଇଛି। ଏଥିପାଇଁ ଭୋଟରଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଅନ୍ୟ ଦଳର ନେତାଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ମୋଟାମୋଟି ଭାବେ ଏଠାରେ ୨୪ଘଣ୍ଟିଆ ପ୍ରଚାର ବଦଳରେ ଏବେ ୨୪ ଘଣ୍ଟିଆ ଛକାପଞ୍ଝା ଚାଲିଛି। ଏହି ଛକାପଞ୍ଝା ଦିନକୁ ଦିନ ତୀବ୍ର ହେଉଥିବା ବେଳେ ନୂଆପଡା ଭୋଟରମାନେ ବି ବାହାର ନେତାଙ୍କର ଏଭଳି ଛକାଛକିର ବେଶ୍ ଆନନ୍ଦ ଉଠାଉଛନ୍ତି। ସେମାନେ ଏବେ କାହା ପଟକୁ କିଭଳି ଢଳିବେ, ତାହାର ପତ୍ତା ଖୋଲୁନଥିବା ବେଳେ ନେତାମାନେ କିନ୍ତୁ ଗାଁ ଗାଁରେ ରାତି ଅନିଦ୍ରା ହୋଇ ବିରୋଧୀଙ୍କୁ ଜଗିବା ଆରମ୍ଭ କରିଛନ୍ତି।

## ଆତ୍ମସମର୍ପଣ...

ଜନୈକ ଅଧିକାରୀ କହିଛନ୍ତି ଯେ ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଡିଭିଜନ କମିଟି ସଚିବ ମୁକେଶ, ୪ ଜଣ ଡିଭିସିଏମ୍ (ଡିଭିଜନ ଉପାଧ୍ୟକ୍ଷ କମିଟି ସଦସ୍ୟ), ୯ ଜଣ ଏସିଏମ (ଏରିଆ କମିଟି ସଦସ୍ୟ) ଓ ୮ ଜଣ ଦଳୀୟ ସଦସ୍ୟ ରହିଛନ୍ତି। ପୁଲିସ ମହାନିରୀକ୍ଷକ (ବସ୍ତର ରେଞ୍ଜ) ପି. ସୁନ୍ଦରରାଜ କହିଛନ୍ତି ଯେ ଏହି କ୍ୟାଡରମାନେ ହିଂସାର ବ୍ୟର୍ଥତାକୁ ଅନୁଭବ କରିଛନ୍ତି ଓ ନିଜ ଜୀବନକୁ ପୁନଃନିର୍ମାଣ କରିବା ପାଇଁ ମୁଖ୍ୟଧାରାକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜରେ ସେମାନଙ୍କ ସୁଗମ ପୁନଃମିଳନକୁ ସୁନିଶ୍ଚିତ କରିବା ପାଇଁ ବସ୍ତର ପୁଲିସ ପ୍ରତିବଦ୍ଧ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

## ରାଜଧାନୀ ...

ପୁଲିସ ସବୁ ଦେଖିକି ବି ଚୁପ ବସିଛି। ଯଦି ଭବିଷ୍ୟତରେ ଡାକ୍ତରଙ୍କର କିଛି ବି କ୍ଷତି ହେବ, ସେଥିପାଇଁ ପୁଲିସ ପ୍ରଶାସନ ଦାୟୀ ରହିବ ବୋଲି କହିବା ସହ ସ୍ଥାନୀୟ କର୍ପୋରେଟର ପପୁ ଭାଇ ଏ ବିଷୟରେ କିଛି ପଦକ୍ଷେପ ନେବାକୁ ଡାକ୍ତରଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## 'ମନ୍ କୀ ବାତ୍'ରେ...

ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ବିବିଧ କଫି ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତୀୟ କଫି ସାରା ବିଶ୍ୱରେ ବହୁତ ଲୋକପ୍ରିୟ ହେଉଛି। ସେଥିପାଇଁ କଫିପ୍ରେମୀମାନେ କୁହନ୍ତି, ଭାରତର କଫି ଏହାର ସର୍ବୋତ୍ତମ କଫି। ଏହା ଭାରତରେ ପ୍ରସ୍ତୁତ ହୁଏ ଓ ବିଶ୍ୱ ଦ୍ୱାରା ଭଲ ପାଇବା ସାଉଣ୍ଟେ ବୋଲି ମୋଦି କହିଛନ୍ତି। ସେ କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳରେ ପ୍ରମୁଖ କଫି ଉତ୍ପାଦନକାରୀ କ୍ଷେତ୍ରଗୁଡ଼ିକୁ ମଧ୍ୟ ଆଲୋକପାତ କରିଥିଲେ। 'କର୍ଣ୍ଣାଟକର ଚିକମାଗାଲୁର, କୁର୍ଗ ଏବଂ ହାସନ ହେଉ; ତାମିଲନାଡୁର ପୁଲନି, ଶେଭାରୋୟ, ନୀଳଗିରି ଓ ଅନ୍ନାମଲାଇ ଅଞ୍ଚଳ ହେଉ, କର୍ଣ୍ଣାଟକ-ତାମିଲନାଡୁ ସୀମାରେ ବିଲିଗିରି ଅଞ୍ଚଳ, କିମ୍ବା କେରଳର ୱାୟାନାଡ, ତ୍ରାଭାଙ୍କୋର ଏବଂ ମାଲାବାର ଅଞ୍ଚଳ- ଭାରତୀୟ କଫିର ବିବିଧତା ପ୍ରକୃତରେ ଉଲ୍ଲେଖନୀୟ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ଭାରତୀୟ କଫି ଛାଇରେ ଚାଷ କରାଯିବା ପାଇଁ ଜଣାଶୁଣା, ମୁଖ୍ୟତଃ ଦକ୍ଷିଣ ରାଜ୍ୟ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁରେ, ଏବଂ ପ୍ରାୟତଃ ମସଲା ସହିତ ଅନ୍ତଃଫସଲ କରାଯାଏ। ଏହି ପାରମ୍ପରିକ ପଦ୍ଧତି ଏକ ସ୍ୱତନ୍ତ୍ର ସୁଗନ୍ଧ ସହିତ ଏକ ମୃଦୁ, ପୂର୍ଣ୍ଣାଙ୍ଗ କଫି ଉତ୍ପାଦନ କରେ, ଯାହା ପ୍ରାୟତଃ ଲୋକପ୍ରିୟ 'ଫିଲ୍ଟର କଫି' ପାନୀୟ ସହ ଜଡିତ। ଐତିହାସିକ ଭାବେ ଏହାର ଚାଷ ପ୍ରାୟ ୧୬୦୦ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା ଯେତେବେଳେ ସନ୍ଥ ବାବା ବୁଦାନ ପ୍ରଥମ ବିହନ ରୋପଣ କରିଥିଲେ ଏବଂ ଅଷ୍ଟାଦଶ ଶତାବ୍ଦୀରେ ବାଣିଜ୍ୟିକ ରୋପଣ ଆରମ୍ଭ ହୋଇଥିଲା।

## ଓଡ଼ିଶାକୁ...

'ବ୍ରାଣ୍ଡ୍ କୋରାପୁଟ'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ମିଶି ଏହି ଉତ୍କୃଷ୍ଟ କଫିର ଉତ୍ପାଦନ ବୃଦ୍ଧି ଦିଗରେ ସାମୂହିକ ପ୍ରୟାସ କରିବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆସନ୍ତା ୩୧ରେ ଆୟୋଜିତ ହେବାକୁ ଥିବା 'ରନ୍ ଫର୍ ୟୁନିଟି'ରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଆହୁରି ମଧ୍ୟ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିବା 'ବନ୍ଦେ ମାତରମ୍'ର ରଚନା ଉପରେ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ଧନ୍ୟ ସେ...

ସୃଷ୍ଟି ହୋଇଛି। ଜେଲର୍‌ଙ୍କ ଚାମ୍ବରରେ ସିସିଟିଭି ମନିଟର ନ ଥିବାରୁ ସେ ନିୟମିତ ସୁରକ୍ଷା ଯାଞ୍ଚ କରିପାରୁନଥିବେ। କେବଳ ୱାର୍ଡରଙ୍କ ରିପୋର୍ଟ ତାଙ୍କ ପାଇଁ ସବୁକିଛି। ଜେଲର୍ ନିଜେ କିଭଳି ନିର୍ବିକାର ଥିଲେ, ତାହା ବି ସନ୍ଦେହରେ। ଜେଲ ଡିଜି ଏକଥା ଜାଣିନଥିଲେ ନା ଜାଣିକି ଚୁପ ରହିଥିଲେ, ସେନେଇ ବିଶେଷଜ୍ଞମାନେ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି। ଏ କ୍ଷେତ୍ରରେ ପୂର୍ବାଞ୍ଚଳ ଜେଲ ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଭୂମିକା ମଧ୍ୟ ସନ୍ଦେହରେ। ତେବେ ଆମ ହାତରେ ଲାଗିଥିବା ସୂଚନା ଅନୁଯାୟୀ, ଦୁଇ ବିହାରୀ କଏଦୀଙ୍କୁ ଫେରାର କରାଇବାକୁ ହୋଇଥିଲା ସୁଚିନ୍ତିତ ପ୍ଲାନ। ଏ ସମ୍ପର୍କରେ ପରବର୍ତ୍ତୀ ସଂସ୍କରଣରେ ଆମେ ପୂରା ଖୁଲାସା କରିବୁ।

## ୬.୬ ପ୍ରତିଶତ...

ବୋଲି ଆଇଏମ୍ଏଫ୍ ପକ୍ଷରୁ କୁହାଯାଇଛି। ୨୦୨୫ରେ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ୩.୨ ପ୍ରତିଶତ ରହିବ ବୋଲି ଆଇଏମ୍ଏଫ୍ ଆକଳନ କରିଥିଲେ ହେଁ ୨୦୨୬ରେ ଏହା ୩.୧ ପ୍ରତିଶତକୁ ଖସିଯିବ ବୋଲି ସ୍ପଷ୍ଟ କରିଛି। ଚଳିତ ବର୍ଷ ବିକଶିତ ଅର୍ଥନୀତିଗୁଡ଼ିକ ହାରାହାରି ୧.୬ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବେ ଓ ବିକାଶମୁଖୀ ଅର୍ଥବ୍ୟବସ୍ଥାଗୁଡ଼ିକ ୪.୨ ପ୍ରତିଶତ ହାରରେ ଆଗକୁ ବଢ଼ିବେ ବୋଲି ଆଇଏମ୍ଏଫ୍ ପକ୍ଷରୁ ଅନୁମାନ କରାଯାଇଛି।

## ବଢୁଛି ସଂଗ୍ରାମଙ୍କ କ୍ରେଜ୍, ଆକୃଷ୍ଟ ହେଉଛନ୍ତି ଯୁବଗୋଷ୍ଠୀ



### ବିଜେପିର ମିଶ୍ରଣ ପର୍ବ

ଯାଜପୁର,୨୬।୧୦ (ସଂଚାର ବ୍ୟୁରୋ): ଯାଜପୁର ନଗର ମା' ମଣ୍ଡପ ପ୍ରାଙ୍ଗଣ ରବିବାର ଦିନ ଯୁବ ଉତ୍ସାହରେ ଝଂକାରି ଉଠିଲା। ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ଉପସଭାପତି ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବିଜେପି ମିଶ୍ରଣ ପର୍ବରେ ଯୁବ ଆକର୍ଷଣ ଦେଖାଗଲା। ଯାଜପୁର ନଗର ୬ ନମ୍ବର ୱାର୍ଡର ଯୁବ ନେତା ଅବିନାଶ ନାୟକଙ୍କ ଅଭିଯାନରେ ଶତାଧିକ ଯୁବକ ଏବଂ ଛାତ୍ର ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି।

ଏହି ମିଶ୍ରଣ ସମାରୋହ ଅବସରରେ ଯାଜପୁର ନଗର ଏବଂ ପାଖପାଖି ପଞ୍ଚାୟତ ଅଞ୍ଚଳର ଯୁବମାନେ ବିଶାଳ ସଂଖ୍ୟାରେ ଉପସ୍ଥିତ ହୋଇ "ସଂଗ୍ରାମ ଭାଇ ଜିନ୍ଦାବାଦ"ର ହୁଁକାର ଦେଲେ। ସଂଗ୍ରାମ ପାତ୍ର ତାଙ୍କ ଉତ୍ସାହଭରା ଉଦ୍‌ବୋଧନରେ କହିଥିଲେ, ଯୁବ ଶକ୍ତି ହିଁ ନୂଆ ଯାଜପୁର ଗଢ଼ିବ। ଯୁବମାନେ ସଚେତନ ହୋଇ ସତ୍ୟ, ସେବା ଓ ସଂଘର୍ଷର ମାର୍ଗ ନେଲେ ଯାଜପୁରକୁ ଅଗ୍ରସର ଜିଲ୍ଲାର ଶିରୋପା ମିଳିବ। ଯୁବମାନଙ୍କ ମଧ୍ୟରେ ସଂଗ୍ରାମ ପାତ୍ରଙ୍କ ରାଜନୈତିକ କ୍ରେଜ୍ ଦିନକୁ ଦିନ ବଢୁଥିବା ଦେଖି ରାଜନୈତିକ ହଲଚାଲ ଜୋରଦାର ହୋଇଯାଇଛି।

# ସରକାରୀ ପ୍ରଧାନ ଶିକ୍ଷକ ଚଳାଇଛନ୍ତି ଘରୋଇ ନର୍ସିଂ କଲେଜ

**● ତଦନ୍ତ ପରେବି ହେଉନି କାର୍ଯ୍ୟାନୁଷ୍ଠାନ ● ଶିକ୍ଷକଙ୍କୁ ସୁରକ୍ଷା ଦେଉଛି କିଏ ?**

କେନ୍ଦ୍ରାପଡ଼ା,୨୬।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଥିବା ଏକ ଘରୋଇ ନର୍ସିଂ କଲେଜର ପରିଚାଳନାକୁ ନେଇ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଦେଖାଦେଇଛି ବିବାଦ। ଜଣେ ସରକାରୀ ପ୍ରଧାନ ଶିକ୍ଷକ ଗୁରୁଦେବ ଟ୍ରଷ୍ଟ ନାମରେ ପଞ୍ଜିକରଣ କରି ନିଜେ ସଦସ୍ୟ ଭାବେ କେନ୍ଦ୍ରାପଡ଼ା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଚୁକ୍ତିନାମା କରି ଏକ ନର୍ସିଂ କଲେଜର ଅଧ୍ୟକ୍ଷ ପଦବୀରେ ରହି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଚେକ ନମ୍ବର ୨୩୦୫୫୨/ ୭୫୪୦୨୪୧୦୫ ଏତିକିରେ ଦସ୍ତଖତ କରି ଟଙ୍କା ଉଠାଇବା ଘଟଣା ସାମ୍ନାକୁ ଆସିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସଂସାରଫଳ ଉଚ୍ଚ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଏକ ଘରୋଇ ନର୍ସିଂ କଲେଜ ଚଳାଉଥିବା ନେଇ ହୋଇଥିଲା ଅଭିଯୋଗ। ସେହି ସମୟରେ ଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଅଭିଯୋଗକୁ ନେଇ ଗତ ୧୨.୯.୨୦୨୪ରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ସାତଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଡେରାବିଶ ବିଇଓ ଶ୍ରୀକାନ୍ତ ବେହେରା ସଂସାରଫଳ ଉଚ୍ଚଶିକ୍ଷାନିକେତନ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ସଂପୃକ୍ତ ନର୍ସିଂ କଲେଜକୁ ଯାଇ ଗୁରୁଦେବ ଟ୍ରଷ୍ଟରେ ଥିବା ସରକାରୀ ପ୍ରଧାନ ଶିକ୍ଷକ ନିମାଇଁଙ୍କ ସହଯୋଗୀ କଳାକାର ରାଉତଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତଦନ୍ତ କରି ରିପୋର୍ଟ ଅଧିକାରୀ ହାତେଇ ଥିବା ଜଣାପଡ଼ିଥିଲା । ଥରେ କିମ୍ବା ଦୁଇଥର ନୁହେଁ ବରଂ ତିନିବର୍ଷରୁ ଊର୍ଦ୍ଧ ଦିନଧରି ଜଣେ ସରକାରୀ ପ୍ରଧାନ ଶିକ୍ଷକ ଘରୋଇ ନର୍ସିଂ କଲେଜର ଅଧ୍ୟକ୍ଷ ରହି ଟଙ୍କା ଉଠାଇଥିବାର ତଥ୍ୟ ତଦନ୍ତ କରିଥିବା ଅଧିକାରୀଙ୍କୁ ଦେଇଥିବା କଥା କହିଛନ୍ତି ଅନ୍ୟ ସହଯୋଗୀ କଳାକାର ରାଉତ ଏବଂ ମାନଶ ରଞ୍ଜନ ଦାସ। ଏତେ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତଦନ୍ତକାରୀ ଅଫିସରଙ୍କ ହାତରେ ଲାଗିଥିବା ପରେବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଘଟଣାକୁ ଆହୁରି ସନ୍ଦେହ ଘେରକୁ ଟାଣିଛି।

ହେଲେ ତଦନ୍ତକୁ ଏକ ବର୍ଷ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ ଫାଇଲ ଖୋଲୁନାହାନ୍ତି । ଯାହା ଫଳରେ ବର୍ତ୍ତମାନ ଚର୍ଚ୍ଚା ହେଉଛି କି ପ୍ରଧାନ ଶିକ୍ଷକଙ୍କ ପଛରେ କିଛି ଅଦୃଶ୍ୟ ଶକ୍ତି ଛିଡ଼ା ହୋଇଛି । କିଏ ସେ ବ୍ୟକ୍ତି ଯିଏ କି ଜଣେ ବେନିୟମ ଭାବେ ପଦ ପଦବୀ ହାତେଇଥିବା ଶିକ୍ଷକକୁ ସମର୍ଥନ ଦେଉଛି। ଏବେ ସଂପୃକ୍ତ ଘଟଣାକୁ ନେଇ ଜଣାପଡିଛି ଜାଲିଆତି କରିଥିବା ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ତଦନ୍ତ ରିପୋର୍ଟକୁ ଚାପି ଦିଆଯାଇଛି। ହେଲେ ଘଟଣା ସମ୍ପର୍କରେ ଜିଲ୍ଲାପାଳ ସବୁକିଛି ଜାଣି ଚୁପ୍ ରହିବା ଘଟଣାକୁ ନେଇ ସନ୍ଦେହ ବଢ଼ାଇଛି ।

# ମହୁଲି ମଦ କବ୍‌ଜାରେ ଆନନ୍ଦପୁର ଉପଖଣ୍ଡ



ଆନନ୍ଦପୁର,୨୬।୧୦ (ସଂଚାର ବ୍ୟୁରୋ): ଗାଁ ଗାଁରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି। ମହୁଲି ମଦ ପାଇଁ ଭାଙ୍ଗୁଛି ସୁନା ସଂସାର। ଆନନ୍ଦପୁର ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ। ମଦ୍ୟପଙ୍କ ପାଇଁ ଗାଁ ଗାଁରେ ଅଶାନ୍ତି ଘଟୁଛି। ପରିବାରରେ କଳହ ଲାଗି ରହୁଚି। ଅନେକ ସମୟରେ ଗଣ୍ଡଗୋଳ ଘଟି ଜୀବନ ମଧ ଯାଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ କ୍ଷୟକ୍ଷତି ମଧ ହେଉଛି। ଏହି କାରଣରୁ ଏପଟେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଯାହାର ଯେତେ କ୍ଷୟକ୍ଷତି ହେଲେ ମଧ ଗାଁରେ ମହୁଲି ମଦ କାରବାର ବନ୍ଦ ହେବାରେ ନାହିଁ। ଯଦି କିଏ ସ୍ୱର ଉଠାଇଲା ତାକୁ ମାଡ ମରାଯିବା ସହ ହତ୍ୟା ଧମକ ଦିଆଯାଉଛି।

ଦେଶୀ ମହୁଲି ମଦ କବ୍‌ଜାରେ ଏବେ ଆନନ୍ଦପୁର ଉପଖଣ୍ଡ। ପ୍ରତ୍ୟେକ ଗାଁରେ ବିକ୍ରି ହେଉଛି ମହୁଲି ମଦ। ଏହି ମହୁଲି ମଦ ପିଇ ଉଜୁଡ଼ି ଯାଉଛି ସୁନା ସଂସାର। ମହୁଲି ବେପାର କାରବାରରେ କିଛି ନେତା ମଧ ବେପାରୀଙ୍କୁ ସାହାଯ୍ୟ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଆନନ୍ଦପୁର ଅବକାରୀ ବିଭାଗ ସେଥିପାଇଁ ନୀରବ ଦ୍ରଷ୍ଟା ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି।

ସରକାର ବଦଳିବା ପରେ ବେଆଇନ ଭାବେ ଦେଶୀ ମହୁଲି ମଦ କାରବାର ବୃଦ୍ଧି ପାଇଛି ବୋଲି ବିରୋଧୀମାନେ କହୁଛନ୍ତି। ତେବେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଦେଶୀ ମହୁଲି ମଦ କାରବାର ବନ୍ଦ କରିବା ସହ ବେପାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି।

## କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ସତର୍କ ସୂଚନା

କେନ୍ଦ୍ରାପଡ଼ା,୨୬।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା "ମନ୍ଥା" ଓ ଏହା ପ୍ରଭାବରେ ପ୍ରବଳ ବର୍ଷାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବା ପରେ କୃଷି ବିଭାଗ ତରଫରୁ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି ।

ଜିଲ୍ଲାରେ ଚଳିତ ବର୍ଷ ଧାନଚାଷ ଅତ୍ୟନ୍ତ ଭଲ ହୋଇଥିବାରୁ ଅଧିକରୁ ଅଧିକ ଅମଳ ଆଶା କରାଯାଉ ଥିବାବେଳେ ଆସନ୍ତା ୨୮ ତାରିଖରେ ବାତ୍ୟା ଓ ବର୍ଷାର ଆଶଙ୍କା ଦେଖାଦେଉଛି । ଏହି ସମୟରେ ଧାନ ଫସଲରେ ଫୁଲ ଉଡାଇବା ଠାରୁ କ୍ଷୀର ଢୋକିବା ପର୍ଯ୍ୟନ୍ତ ଫସଲ ପାଗ ଧରିଥାଏ । ଯଦି ପ୍ରବଳ ବର୍ଷା ଓ ପବନ ହେବ ତାହେଲେ ପରାଗ ସଂଗମରେ ବାଧାପ୍ରାପ୍ତ ହେବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି । ଫସଲର ସୁରକ୍ଷା ନିମନ୍ତେ ଅଧିକ ବର୍ଷା ହେଲେ ଜମିରୁ ପାଣି କାଟି ଦେବାପାଇଁ ସମସ୍ତ ଚାଷୀ ମାନଙ୍କୁ ଅନୁରୋଧ କରିବା ସହିତ ସମସ୍ତ ଗୃହପାଳିତ ପଶୁ ମାନଙ୍କ ନିମନ୍ତେ ଆବଶ୍ୟକୀୟ ଖାଦ୍ୟ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ରକୁ ମାଛ ମାରିବାକୁ ନ ଯିବାପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟାର ପରାମର୍ଶ ଦେଉଛନ୍ତି । ଏହା ସହିତ ବାତ୍ୟା ପରେ ଫସଲ ଅନୁଧାନ କରି ନିକଟସ୍ଥ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି ।

**କଳିଙ୍ଗା ଘାଟିରେ ସରିଲା ପଥର ବ୍ଲାଷ୍ଟିଂ**

## ୪ରୁ ୫ଦିନ ମଧ୍ୟରେ ଗାଡ଼ି ଚଳାଚଳ



ଫୁଲବାଣୀ,୨୬।୧୦ (ସଂଚାର ବ୍ୟୁରୋ): କଳିଙ୍ଗା ଘାଟିରେ ଭୂସ୍ଖଳନ ସ୍ଥାନରେ ଚାଲିଥିବା ପଥର ବ୍ଲାଷ୍ଟିଂ କାର୍ଯ୍ୟ ଆଜି ଶେଷ ହୋଇଛି । ଦୀର୍ଘ ଦିନ ଧରି ପାହାଡ଼ ଉପର ଭାଗରେ ଅଟକି ରହିଥିବା ବଡ଼ ବଡ଼ ପଥରଖଣ୍ଡ ଯାତାୟାତ ପାଇଁ ବିପଦ ସଙ୍କୁଳ ପରିସ୍ଥିତି ସୃଷ୍ଟି କରିଥିଲା। ଏହି ପଥରଗୁଡ଼ିକ ଆଜି ବ୍ଲାଷ୍ଟିଂ ଟିମ୍ ଦ୍ୱାରା ବିସ୍ଫୋରଣ କରି ହଟାଯାଇଛି। କିନ୍ତୁ, ପାହାଡ଼ର ଉପର ଭାଗରେ ଥିବା ଏକ ବଡ଼ ପଥର ମାଟି ସହ ଗଭୀର ଭାବେ ଜଡ଼ିତ ଥିବାରୁ ତାହାର ବ୍ଲାଷ୍ଟିଂ କରାଯାଇପାରିନାହିଁ। ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ କହିବା ଅନୁସାରେ, ସେହି ପଥର ବାହାରୁ ଖସିବା ସଦୃଶ ଦେଖାଯାଉଥିଲେ ମଧ, ତାହାର ଅଧିକାଂଶ ଅଂଶ ପାହାଡ଼ ଭିତରେ ରହିଥିବାରୁ ଖସିବା ସମ୍ଭାବନା କମ୍। ଯଦି ଆଉ ଥରେ ବ୍ଲାଷ୍ଟିଂ କରାଯାଏ, ତେବେ ଉପର ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି, ଯାହା ଯାତାୟାତ ପାଇଁ ଅଧିକ ବିପଦ ସୃଷ୍ଟି କରିପାରେ।

ପାଣିପାଗ ବିଭାଗର ସୂଚନା ଅନୁସାରେ ବର୍ତ୍ତମାନ "ମୋନ୍ଥା" ବାତ୍ୟା ପ୍ରଭାବରେ ଅଞ୍ଚଳରେ ବର୍ଷା ସମ୍ଭାବନା ଅଛି। କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବର୍ଷା ହେଲେ ସମସ୍ତ କାମ ଅସ୍ଥାୟୀ ଭାବେ ବନ୍ଦ କରାଯିବ। ଯଦି ବର୍ଷା ନ ହୁଏ, ତେବେ ରାସ୍ତା ଓ ପାହାଡ଼ ଉପରେ ବ୍ଲାଷ୍ଟିଂ ପରେ ଖସିଥିବା ପଥରଗୁଡ଼ିକୁ ସଫା କରି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତି କରାଯିବ। ଆଗାମୀ ୪ରୁ ୫ ଦିନ ମଧ୍ୟରେ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ କହିଛନ୍ତି। ଅପରପକ୍ଷେ, ଆଗକୁ ଏହି ସ୍ଥାନରେ ଏକ ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

## 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ର ଶିଳାନ୍ୟାସ କଲେ ବିଧାୟକ



ମହାକାଳପଡ଼ା,୨୬।୧୦(ସଂଚାର ବ୍ୟୁରୋ): ମହକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଢ଼ିଆ କଂସାର ତରପଦା ଠାରେ ମାନ୍ୟବର ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଆଜି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ର ଶିଳାନ୍ୟାସ କରି ଶୁଭ ଉଦ୍ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ମେଡିକାଲ୍ ଅଫିସର ଡ଼ଃ ନିରଞ୍ଜନ କର, ବରିଷ୍ଠ ବିଜେପି ନେତା ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ମଣ୍ଡଳ ସଭାପତି ମାନସ ମହାନ୍ତି, ରୋଗୀ କଲ୍ୟାଣ ସମିତି ସଦସ୍ୟ ଇଂ ରୁଦ୍ର ନାରାୟଣ ମୁଦୁଲି ଓ ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ



ଗଞ୍ଜାମ,୨୬।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ମୋନ୍ଥା'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗଞ୍ଜାମ ପ୍ରଶାସନ ପୂର୍ଣ୍ଣ ତତ୍ପରତା ପ୍ରକାଶ କରିଛି। ବାତ୍ୟା ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଁଚାଇବାକୁ ପ୍ରଶାସନ ପକ୍ଷରୁ ବିଶେଷ ଉଦ୍ୟମ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଲୋକପ୍ରତିନିଧି, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଓ ପିଆର୍‌ଆଇ ସଦସ୍ୟମାନଙ୍କ ସହ ସମନ୍ୱୟ ସଭା କରାଯାଇ ଲୋକମାନଙ୍କୁ ସଚେତନତା କରାଯାଇଛି ଏବଂ ଗାଁ ଗାଁକୁ ପହଂଚି ପ୍ରଶାସନିକ ଟିମ ଲୋକଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରୁଛି।

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସଚେତନ କରିବା ସହ ତାଙ୍କର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିପଦ ସମୟରେ ଆଶ୍ରୟ ସ୍ଥାନ ଭାବେ ନିର୍ଦ୍ଧାରିତ ସମସ୍ତ ସ୍ଥଳକୁ ପ୍ରଶାସନ ଅଧିକାରୀମାନେ ବୁଲି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଆଶ୍ରୟ ସ୍ଥଳୀରେ ପାଣି, ବିଦ୍ୟୁତ, ଶୌଚାଳୟ ଓ ଆବଶ୍ୟକ ପଦାର୍ଥ ମଜୁତ ରଖିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ସମୁଦ୍ରକୁ ଯାଇଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ ଫେରାଇ ଆଣାଯାଇଛି। ଅଗାମୀ ନିର୍ଦ୍ଦେଶ ନ ଆସିପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ଗଞ୍ଜାମ ବିଡ଼ିଓ ଅଚ୍ୟୁତ ଯାନୀଙ୍କ ନେତୃତ୍ୱରେ ପୁଲିସ ବିଭାଗ ସହ ସମସ୍ତ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀ ମାନେ ଏହି ଅଭିଯାନରେ ଯୋଡି ହୋଇଛନ୍ତି। ବିପଦ ପରିଚାଳନା ପାଇଁ ଗଞ୍ଜାମ ପ୍ରଶାସନ ପୂର୍ଣ୍ଣ ପ୍ରସ୍ତୁତ ରହିଛି ଏବଂ ଭୟଭୀତ ନହୋଇ ପ୍ରଶାସନ ସହ ସମନ୍ୱୟ ରଖି ନିଜର ସୁରକ୍ଷା ନିଶ୍ଚିତ କରିବା ପାଇଁ ତହସିଲଦାର ଶ୍ରୀ ମିଶ୍ର ଜନସଧାରଣ ସହଯୋଗ ଲୋଡିଛନ୍ତି।

## ନୟାଗଡ଼ ଉପକାରଗାରରେ ଦୁଇ ଗୋଷ୍ଠୀ ସଂଘର୍ଷ, ୨୨ ଜଣଙ୍କ ନାମରେ ମାମଲା

ନୟାଗଡ଼,୨୬।୧୦(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ଉପକାରାଗାରରେ ସାଂଘାତିକ ସ୍ଥିତି ସୃଷ୍ଟି ହୋଇଛି । କର୍ମଚାରୀଙ୍କୁ ମାଡ଼ ମରାଯିବା ସହ କଏଦୀଙ୍କ ମଧରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏହି ଗୋଷ୍ଠୀ ସଂଘର୍ଷରେ ଅନେକ କଏଦୀ ଓ କର୍ମଚାରୀ ଆହତ ହୋଇଛନ୍ତି। ଏନେଇ ୨୨ ଜଣ କଏଦୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ବିଷ୍ଣୁପ୍ରସାଦ ସାହୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ନାମରେ ଠକେଇ ଅଭିଯୋଗରେ ଗିରଫ ମେଳାମ୍ବ ଗ୍ରାମର ମାନସ ଏଭଳି ପରିସ୍ଥିତି ସୃଷ୍ଟି କରାଇବା ପାଇଁ ଷଡ଼ଯନ୍ତ୍ର ରଚିଥିବା ସୂଚନା ମିଳିଛି ।

## ଚୋରାମଦ ଜବତ, ୫ ଗିରଫ



କେନ୍ଦ୍ରାପଡ଼ା,୨୬।୧୦(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ମହାକାଳପଡ଼ା ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଖଡ଼ିଅନ୍ତା ଗ୍ରାମର କୈଳାଶ ମଳିକ(୨୫)ଙ୍କ ଠାରୁ ୧୪ ଲିଟର ବିଦେଶୀ ଓ ଘନି ମଳିକ(୪୦)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନଛିପଡ଼ା ଗ୍ରାମର ଚଗଲା ଦାସ(୩୬)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ, ଓରତଘାଟ ଗ୍ରାମର ଅନାଥ ମଳିକ(୪୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଓ ଏକଲପୁର ଗ୍ରାମର ସରୋଜ ରାଉତ(୪୦) ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇ ଅଛି। ସେମାନଙ୍କ ପାଖରୁ ସମୁଦାୟ ୧୨୭ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସୁଶ୍ରୀ ରୁତୁପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## 'ସୁରଭି'ରେ ଛାତ୍ରଛାତ୍ରୀ ପୁରସ୍କୃତ



ପଟ୍ଟାମୁଣ୍ଡାଇ,୨୬।୧୦(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନ ନଗର ପଞ୍ଚାୟତର ସୂର୍ଯ୍ୟମଣି ନୋଡାଲ ବିଦ୍ୟାଳୟର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି। ନବ ନିଯୁକ୍ତ ସିଆରସିସି ଶୁଭଶ୍ରୀ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁଷମା ମଲିକ, ଓ ବରିଷ୍ଠ ସାମ୍ବାଦିକ ସନ୍ତୋଷ ପଣ୍ଡା, ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁରଭି କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ଅବଗତ କରିଥିଲେ। ୧୨ଟି ବିଭାଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ତାଙ୍କର ପାରିଦର୍ଶୀତା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଛି।

## ଉଚ୍ଛେଦ ହେବ ନାଗପୁର ବଜାର, ପ୍ରଶାସନ ପକ୍ଷରୁ ମାପଚୁପ ଶେଷ

ଗୋପ,୨୬।୧୦ (ସଂଚାର ବ୍ୟୁରୋ): ଉଚ୍ଛେଦ ହେବ ନାଗପୁର ବଜାର। ସରକାରୀ ଖାତାକୁ ଫେରିବ ଜବରଦଖଲ ଜମି। ଭଙ୍ଗା ହେବ ୨ ଶହେରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ। ରାସ୍ତା ହେବ ସମ୍ପ୍ରସାରଣ। ସୁଧୁରିବ ଟ୍ରାଫିକ ସମସ୍ୟା। ଏନେଇ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ଆରମ୍ଭ ହୋଇଥିବା ମାପଚୁପ ଆଜି ଶେଷ ହୋଇଛି। ହେଲେ ଏହି ମାପଚୁପରେ ରାଜସ୍ୱ ବିଭାଗ ପକ୍ଷରୁ ପକ୍ଷପାତିତା କରାଯାଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ନାଗପୁର ବଜାର ସମେତ ନାଗପୁର ହାଟ ହେଉଛି ପୁରୀ ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ। ସପ୍ତାହକୁ ଦୁଇ ଦିନ ସୋମବାର ଏବଂ ଗୁରୁବାର ଏଠାରେ ହାଟ ହେଉଥିବା ବେଳେ ଗୋପ ତଥା ତାର ଆଖପାଖ ଅଞ୍ଚଳର ଶତାଧିକ ବ୍ୟବସାୟୀମାନେ ଏଠାକୁ ବ୍ୟବସାୟ କରିବାକୁ ଆସୁଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥାଏ। ଖାଲି ଏହି ଦୁଇ ଦିନ ନୁହେଁ ପ୍ରତିଦିନ ଏହି ବଜାର ତଥା ଆଖପାଖ ଅଂଚଳରେ ଭିଡ ପରିଲକ୍ଷିତ ହୋଇଥାଏ। ଅନ୍ୟପକ୍ଷରେ ଏହି ରାସ୍ତା କଟକରୁ ସିଧାସଳଖ ପୁରୀକୁ ସଂଯୋଗ କରୁଥିବା ଗୋପ-ବାଲିଘାଇ ରାସ୍ତାରେ ଥିବା ନାଗପୁର ବଜାରରେ ଦୀର୍ଘ ବର୍ଷ ଧରି ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ ଯାଉଥିବା ସମୟରେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରୀକାଳୀନ ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗ ଗାଡି ମଧ ଟ୍ରାଫିକ ସମସ୍ୟା ଯୋଗୁଁ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଏକ ଚାରି ଜଣିଆ ଟିମ୍ ଆଜି ନାଗପୁର ବଜାର ମାପଚୁପ ଶେଷ କରିଛନ୍ତି।

## ଜରୁରୀକାଳୀନ ବନ୍ଦୀଙ୍କୁ ତାମ୍ରପତ୍ର ପ୍ରଦାନ

କେନ୍ଦ୍ରାପଡା,୨୬।୧୦(ସଂଚାର ବ୍ୟୁରୋ): ୧୯୭୫ ମସିହାରେ ଦେଶରେ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସେ ସମୟରେ କେତେକ ବ୍ୟକ୍ତି କାରାବରଣ କରିଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ



ପକ୍ଷରୁ ସେମାନଙ୍କ ପାଇଁ ଆସିଥିବା ତାମ୍ରପତ୍ର ଜିଲ୍ଲାପାଳ ରଘୁରାମ ଆର ଆୟାର ପ୍ରଦାନ କରିଛନ୍ତି । ଏଥିପାଇଁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ରବି ନାରାୟଣ ପତି, ରାଜେନ୍ଦ୍ର ପ୍ରସାଦ ମିଶ୍ର, ଶ୍ରୀଧର ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ଉମାକାନ୍ତ ଦାସ, ଦେବୀପ୍ରସାଦ ନାୟକ, ହରିଶ ଚନ୍ଦ୍ର ଜେନା, ବ୍ରଜକିଶୋର ଓଝା, ନାରାୟଣ ପୃଷ୍ଟି, ଶଙ୍କରର୍ଷଣ ପରିଡା ପ୍ରମୁଖଙ୍କୁ ଜିଲ୍ଲାପାଳ ତାମ୍ରପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

# ତରବରିଆ ଭାବେ କାଟି ନେଉଛନ୍ତି ଧାନ

କାକଟପୁର/ଅସ୍ତରଙ୍ଗ,୨୬।୧୦ (ସଂଚାର ବ୍ୟୁରୋ): ଆସୁଛି ବାତ୍ୟା "ମୋନ୍ଥା"। ଏଥିପାଇଁ ଏବେ ଚିନ୍ତାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଚାଷୀକୁଳ। ଗତ କିଛି

### ଚାଷୀଙ୍କୁ ବାତ୍ୟା ଭୟ



ବର୍ଷ ହେଲା ଅକ୍ଟୋବର ମାସରେ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛନ୍ତି ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ଏଥିରେ ବହୁ ଧନଜୀବନ କ୍ଷତି ହେବା ସହ ଫସଲ କ୍ଷତି ସହିଛନ୍ତି କୃଷକ। ବିଶେଷ କରି ଅକ୍ଟୋବର ମାସରେ ଧାନ ଫସଲ ପାଚିବା ସହ ଅମଳ ସମୟ ଆସିଯାଇଥାଏ। ବର୍ଷକର ଝାଳବୁହା ପରିଶ୍ରମର ଫଳ ସୁରୂପ ସୁନାର ଫସଲକୁ ଅମଳ କରି ସାଇତି ରଖିଥାନ୍ତି ଚାଷୀ। ହେଲେ କିଛି ବର୍ଷ ହେଲା ଅକ୍ଟୋବର ମାସର ବାତ୍ୟା ଯୋଗୁଁ ଫସଲ କ୍ଷତି ସହି ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ଚଳିତ ବର୍ଷ ମଧ ଧାନ ଫସଲ କିଛି ସ୍ଥାନରେ ପାଚିଥିବା ବେଳେ ଅନେକ ଜମିରେ ଫୁଲ ଧରିଲାଣି। ଏଭଳି କ୍ଷେତ୍ରରେ ବାତ୍ୟା ଆଶଙ୍କା ଓ ତାହା ଯୋଗୁଁ ଧାନ ଫସଲ ଉଜୁଡିଯିବା ଚିନ୍ତାରେ ଚାଷୀଙ୍କ ନିଦ ହଜିଗଲାଣି। ପଡୋଶୀ ଆନ୍ଧ୍ରପ୍ରଦେଶର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ କରିବା ସୂଚନା ମିଳିବା ସହ ଏହାର ପ୍ରଭାବରେ ପୁରୀ ଜିଲ୍ଲାରେ ବର୍ଷା ପ୍ରଭାବ ଥିବାରୁ କ୍ଷତି ଆଶଙ୍କାରେ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି ଚାଷୀ। ଚାଷୀ ବର୍ଷା ଓ ପବନ ଭୟରେ ପାଚିଲା ଧାନକୁ ତରବରିଆ ଭାବେ କାଟି ନେଉଛନ୍ତି।

## ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ପଦଯାତ୍ରା

ଖୋର୍ଦ୍ଧା,୨୬।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୁଲ୍ୟରେ ସଂଯୋଜିକା ପୁଷ୍ପମିତ୍ର ମିଶ୍ରଙ୍କ ପୌରହିତ୍ୟରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ସମସ୍ତ ଛାତ୍ରୀମାନଙ୍କୁ ନେଇ ଶିକ୍ଷଣ ଅକ୍ଷମତା ଉପରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାକୁ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶର୍ମିଷ୍ଠା ଜେନା, ଓ ସଂଯୋଜିକା ଶ୍ରୀମତି ପୁଷ୍ପମିତ୍ର ମିଶ୍ର ପତାକା ଦେଖାଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।



# ବାତ୍ୟା ମୋନ୍ଥାକୁ ନେଇ ସମୁଦ୍ରକୂଳିଆ ଲୋକେ ଭୟଭୀତ

**ପୁଣି ସେହି ଅଶୁଭ ଅକ୍ଟୋବର ୨୯**

**୧୯୭୧ ଅକ୍ଟୋବର ୨୯ରେ ପ୍ରାଣ ହରାଇଥିଲେ ୧୦ ହଜାର ଲୋକ**

ରାଜନଗର,୨୬।୧୦ (ସଂଚାର ବ୍ୟୁରୋ): ଆଉ ଦିନ କେଇଟା ପରେ ମହାବାତ୍ୟାକୁ ୨୬ ବର୍ଷ ପୁରିବ। ବାତ୍ୟାର ୨୬ ବର୍ଷ ପରେ ବି ଉପକୂଳ ଅଞ୍ଚଳ ବିଶେଷ କରି ବଙ୍ଗୋପସାଗର ତଟବର୍ତ୍ତୀ କେନ୍ଦ୍ରାପଡା ଜିଲ୍ଲାର ସମୁଦ୍ରକୁଳିଆ ଗାଁର ଲୋକେ ସେଦିନର ପ୍ରକୃତର ଭୀମକାନ୍ତ ରୂପ ମନେପକାଇ ଚେଇଁ ଉଠନ୍ତି। ପ୍ରକୃତର ତାଣ୍ଡବ ବେଳେ ସମୁଦ୍ରର ୨୫ ଫୁଟ ଉଚ୍ଚର ସାମୁଦ୍ରିକ ଜୁଆର ମାଡି ଆସିବାରେ ସିମୀତ ନଥିଲା, ବରଂ ୩ ଶହ କିଲୋମିଟର ପବନର ବେଗ ସବୁକିଛି ଛାରକାର କରିଦେଇଥିଲା। ଲୋକେ ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ କାଳରାତ୍ରିର କଳା କାହାଣୀ ମନେ ପକେଇବା ସମୟରେ ସେମାନଙ୍କ ଆଖି ପତା ଓଦା ହୋଇଆସେ। ସମୁଦ୍ର ଜୁଆର ମାଡି ଆସିବା ଯୋଗୁଁ ବର୍ଷକର ଭାତହାଣ୍ଡି ସୁନାର ଧାନ ଫସଲ ପାଣିରେ ବୁଡି ରହି ନଷ୍ଟ ହୋଇଯାଇଥିଲା। ରାଜନଗର ମହାକାଳପଡ଼ା ବ୍ଲକର ସମୁଦ୍ର କୂଳଆ ଗାଁର ଜୀବନ ଜୀବିକା ପାଇଁ ଜୀବନକୁ ବାଜିଲଗାଇ ଗଭୀର ସମୁଦ୍ରକୁ ହୁଲି ଡଙ୍ଗା ସାହାଯ୍ୟରେ ଅକ୍ଟୋବର ୨୬ ତାରିଖରେ ଯାଇ ଆଉ ଫେରିନଥିଲେ। ଦୀର୍ଘ ଦିନ ଧରି ଉପକୂଳ ଅଞ୍ଚଳବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡିଗଲା।।

ଏବେ ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ମୋନ୍ଥୋ ମାଡି ଆସୁଥିବାରୁ ଲୋକଙ୍କ ମନରେ ଭୟର ଆତଙ୍କ ସୃଷ୍ଟି ହେଲାଣି। ସାରା ଓଡିଶାରେ ଲୋକେ ମହାବାତ୍ୟା କହିଲେ ୧୯୯୯କୁ ବୁଝନ୍ତି। କିନ୍ତୁ ପକୃତ ମହାବାତ୍ୟା ସଂଘଟିତ ହୋଇଥିଲା ୧୯୭୧ ଅକ୍ଟୋବର ୨୯ରେ। ୧୯୭୧ ମହାବାତ୍ୟାରେ ବାତ୍ୟା ସହିତ ସୁନାମୀ ସାତଭାୟାର ୫ଟି ଗାଁକୁ ସମୁଦ୍ର ଜୁଆର ଭସେଇ ନେଇଥିଲା। ରାଜନଗର ବ୍ଲକ ସତଭୟାର ପ୍ରାୟ ୧୦ ହଜାର ଲୋକଙ୍କ ଜୀବନ ଯାଇଥିଲା। ଅକ୍ଟୋବର ଆସିଲେ ବାତ୍ୟାକୁ ନେଇ ରାଜନଗରବାସୀ ଆତଙ୍କିତ ହୋଇପଡନ୍ତି। ବାତ୍ୟା ମୋନ୍ଥା ଅକ୍ଟୋବର ୨୮ ରାତି ଓ ୨୯ ସକାଳେ କାକୀନାଡା ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଦକ୍ଷିଣ ଓଡିଶା ସହିତ ଉପକୂଳ ଓଡିଶାରେ ଏହାର ପ୍ରଭାବ ପଡ଼ିବ। ରାଜନଗର ସମୁଦ୍ର କୂଳିଆ ଅଞ୍ଚଳ ହୋଇଥିବାରୁ ଲୋକେ ବାତ୍ୟାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି। ରାଜନଗରର ୪୭ ଗାଁ ସମୁଦ୍ରକୂଳ ଠାରୁ ଦେଢ କିଲୋମିଟର ଭିତରେ ରହିଛି। ଆଜି ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଜନ୍ତ୍ର ଯୋଗେ ସମୁଦ୍ର ଭିତରକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ଅନୁରୋଧ କରାଯାଇଛି।

## ଏସବିଏ ଦୁର୍ଯ୍ୟୋଧନ ସାହୁ ସମ୍ବର୍ଦ୍ଧିତ



ପଟ୍ଟାମୁଣ୍ଡାଇ,୨୬।୧୦ (ସଂଚାର ବ୍ୟୁରୋ): ଭାରତୀୟ ଜୀବନ ବୀମା ନିଗମ ପଟ୍ଟାମୁଣ୍ଡାଇ ଶାଖାର ଅ ବ ସ ର ପ୍ରା ପ୍ତ ବିକାଶ ଅଧିକାରୀ ଦୁର୍ଯ୍ୟୋଧନ ସାହୁଙ୍କ ବରିଷ୍ଠତା, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ପଟ୍ଟାମୁଣ୍ଡାଇ ଜୀବନବୀମା ଶାଖା ପକ୍ଷରୁ ପ୍ରଥମ କରି ଏସବିଏ (ବରିଷ୍ଠ ବ୍ୟବସାୟ ସହଯୋଗୀ) ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତିକୁ ପଟ୍ଟାମୁଣ୍ଡାଇ ଜୀବନବୀମା ପଲିସୀଧାରୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି । ଏହି ଉପଲକ୍ଷେ ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଏସବିଏ ଦୁର୍ଯ୍ୟୋଧନ ସାହୁ ଓ ପତ୍ନୀ ପଦ୍ମିନୀ ସାହୁଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ଶାଖାରେ ଦୀର୍ଘ ୩୬ବର୍ଷ କାର୍ଯ୍ୟ କରି ବେଶ ଅଭିଜ୍ଞତା ଓ ଲୋକପ୍ରିୟତା ହାସଲ କରିଛନ୍ତି ବୋଲି ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ପ୍ରକାଶ କରିଥିଲେ।




## ଚୌଦ୍ୱାର ଜେଲରେ କୃଷ୍ଣଲୀଳା

ଜେଲ୍‌ରେ କୃଷ୍ଣ ଲୀଳା। ତାହା ପୁଣି ଅଦିନରେ। ସଚିବାଳୟର ଗୃହ ବିଭାଗ ସମ୍ମୁଖରେ ଏଭଳି ଆଲୋଚନା ଚାଲିଥିବାବେଳେ ଆମେ ଟିକେ ଅଟକି ଗଲୁ। ଏଭଳି ମତ ରଖୁଥିବା ବାବୁ ଜଣଙ୍କ ଜେଲ୍ କଥା ବୁଝାବୁଝି କରନ୍ତି। ସେ କହୁଥାନ୍ତି ଚୌଦ୍ୱାର ଜେଲ୍ ଏବେ ବଦନାମ। ସମସ୍ତେ କହୁଛନ୍ତି ବିହାରୀ ଅପରାଧ ପାଚେରୀ ଡେଇଁ ପଳାଇବାରୁ ଜେଲ୍ ବଦନାମ




ହେଲା। ହେଲେ ଅସଲ ବଦନାମ ହୋଇଛି କୃଷ୍ଣଙ୍କ ପାଇଁ। ଆଉ ଜଣେ ବାବୁ ପଚାରିଲେ, ଜେଲ୍‌ରେ ତ ଜନ୍ମାଷ୍ଟମୀରେ କୃଷ୍ଣ ଲୀଳା ହେବାକଥା, ଏ ଅସମୟରେ କାହିଁକି ? ତହୁଁ ଜେଲ୍ ଦାୟିତ୍ୱରେ ଥିବା ବାବୁଜଣଙ୍କ ଗୁମର ଖୋଲି କହିଲେ, ଚୌଦ୍ୱାର ଜେଲ୍‌ରେ କୁଆଡେ ଜଣେ ସବୁଦିନିଆ କୃଷ୍ଣ ଅଛନ୍ତି। ସିଏ ହେଉଛନ୍ତି ନେଣ ଦେଣ କୃଷ୍ଣ। ଠିକାଦାରୀ କରିବାକୁ ଜେଲ୍‌କୁ ଆସିଥିଲେ। ତାଙ୍କର ଭଲ ନେଣ ଦେଣ ଯୋଗୁଁ ଜେଲ ଅଧିକାରୀଙ୍କ ପ୍ରିୟପାତ୍ର ହୋଇଗଲେ। ଆଦାୟ ଓ ବଣ୍ଟନ ଦାୟିତ୍ୱ ତାଙ୍କ ହାତରେ ରହିଲା। ଦଶହରା ସମୟରେ ଭଲ ରକମର ମାଲ୍ ବି ଦେଲେ। ମାଲ୍ ପାଇବାପରେ ଜେଲ୍‌ର ପୁରୁଣା ବାବୁମାନେ ମସ୍ତି କରିବାକୁ କାହାକୁ କିଛି ନକହି ପଳାଇଲେ। ସେହି ମଉକାରେ ଜେଲ୍‌କାନ୍ଥ ଡେଇଁ କଏଦୀ ଫେରାର। ଏହା ପଛରେ ବି କୃଷ୍ଣଙ୍କ ହାତ ଥାଇପାରେ। ହେଲେ ସିଏ ସରକାରୀ କର୍ମଚାରୀ ହୋଇନଥିବାରୁ ତାଙ୍କୁ କେହି ଜେରା କରୁନାହାନ୍ତି। କୃଷ୍ଣଙ୍କୁ ଜେରା ହେଲେ କେବଳ କଏଦୀ ଚମ୍ପଟ ଉପରୁ ପରଦା ହଟନ୍ତା ନାହିଁ, ତାଙ୍କର ଲୀଳା ଖେଳାରେ କେଉଁମାନେ ଉପକୃତ ହୋଇଛନ୍ତି ତାହା ବି ଜଣାପଡନ୍ତା। ତେବେ କଏଦୀ ଚମ୍ପଟ ପରଠାରୁ କୃଷ୍ଣ କୁଆଡେ ଅଧିକ ସତର୍କ ହୋଇ ହାକିମଙ୍କ ନିକଟକୁ ଯାଉ ନାହାନ୍ତି। ମାମଲା ପୂରା ଥଣ୍ଡା ହେଲା ପରେ ଜେଲ୍‌ରେ କୃଷ୍ଣଲୀଳା ଚାଲିବ।

## ବାବୁ ନେଇଗଲେ ସାମ୍ବାଦିକଙ୍କ ବ୍ୟାଗ୍

ସାମ୍ବାଦିକମାନଙ୍କ ପାଇଁ ବ୍ୟାଗ୍ କିଣା ହୋଇଥିଲା। ବ୍ୟାଗ୍ ଭିତରେ ଦାମୀ ଖାତା, କଲମ ସହିତ ଗୋଟିଏ ଲେଖାଏ ପେନ୍ ଡ୍ରାଇଭ ବି ଥିଲା। ହେଲେ ସାମ୍ବାଦିକଙ୍କୁ ଡକରା ଗଲାନାହିଁ। ତେଣୁ ଦାୟିତ୍ୱରେ ଥିବା ବାବୁମାନେ ନିଜ ନିଜ ଭିତରେ ବ୍ୟାଗ୍‌ଗୁଡିକ ବାଣ୍ଟିନେଲେ। ବ୍ୟାଗ୍ ନପାଇଥିବା ବାବୁମାନେ ଏବେ ବ୍ୟାଗ୍ ନେଇଥିବା ବାବୁଙ୍କ ସଂକ୍ରାନ୍ତରେ ଆଲୋଚନା କରିବାରୁ କଥା ପଦାକୁ ଆସିଛି। ଘଟଣା ଘଟିଛି ଖୋଦ୍ ସଚିବାଳୟ ଭିତରେ। ଗତ ସପ୍ତାହରେ ଏଠାରେ ସହରୀ ବିଭାଗର ଦୁଇ ଦିନିଆ ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିପାଇଁ ପ୍ରଚାର ପ୍ରସାର ବି ଜୋରଦାର ହୋଇଥିଲା। ସମ୍ମିଳନୀକୁ ସାମ୍ବାଦିକମାନଙ୍କୁ ଡାକିବାପାଇଁ



ଯୋଜନା ହେବା ସହିତ ସେମାନଙ୍କ ପାଇଁ ସାମଗ୍ରୀ କିଣା ହୋଇଥିଲା। ହେଲେ ହଠାତ୍ ସାମ୍ବାଦିକମାନଙ୍କୁ ଏହି ସମ୍ମିଳନୀରୁ ଦୂରେଇ ରଖାଗଲା। ସଂଜରେ କେବଳ ସେମାନଙ୍କୁ ଖବର ଯୋଗାଇ ଦିଆଗଲା। ଯିଏ ଭିଡିଓ ଖୋଜିଲା ତାକୁ ମୋବାଇଲ୍‌ରେ ସୁଟିଂ କରି ଦିଆଗଲା। ତେବେ ସାମ୍ବାଦିକମାନଙ୍କ ପାଇଁ ଯେଉଁସବୁ ସାମଗ୍ରୀ କିଣାଯାଇଥିଲା ତାକୁ ବାବୁମାନେ ନିଜ ନିଜ ଭିତରେ ବାଣ୍ଟି ନେଇଥିବା ଆଲୋଚନା ହେଉଛି। ଏତେ ବଡ ସମ୍ମିଳନୀକୁ କାହିଁକି ଗଣମାଧ୍ୟମ ଠାରୁ ଦୂରେଇ ରଖାଗଲା ତାହାର ଉତ୍ତର ବି କାହାରି ପାଖରେ ନାହିଁ। କେବଳ ବ୍ୟାଗ୍ ନେଇ ନାହାନ୍ତି, ସାମ୍ବାଦିକମାନଙ୍କ ପାଇଁ ଗଣତି ହୋଇ ଆସିଥିବା ଦାମୀ ଖାଦ୍ୟ ପ୍ୟାକେଟକୁ ବି ଚଳୁ କରିଦେଇଛନ୍ତି ବୋଲି ବ୍ୟାଗ୍‌ରୁ ବଞ୍ଚିତ ଜଣେ ବାବୁ ରାଗ ଗର ଗର ହୋଇ କହୁଥିବାବେଳେ ଅନ୍ୟମାନେ ତାଙ୍କୁ ଏଭଳି ନକହିବାକୁ ଅନୁରୋଧ କରୁଥିବା ଦେଖାଯାଇଥିଲା।

## ନାମ ଦେଇ ନାମ ନେଇଗଲେ ଟିଭି ସଂସ୍ଥା



ଓଡିଶାକୁ ବାତ୍ୟା ଆସିଲା ମାତ୍ରେ ଟିଭି ଚ୍ୟାନେଲଗୁଡିକ ଯେତେ ଚଳ ଚଞ୍ଚଳ ହୁଅନ୍ତି ତାହା ଅନ୍ୟ ସମୟରେ ତାହା କେବେ ପରିଲକ୍ଷିତ ହୁଏ ନାହିଁ। ଅକ୍ଟୋବର ମାସରେ ବାତ୍ୟା ନଆସିଲେ ସେମାନଙ୍କ ମନ ଦୁଃଖ ହୁଏ। ବାତ୍ୟାକୁ ଚାହିଁ ବସିଥାନ୍ତି। ବାତ୍ୟା ଖବର ବି କିଛିଦିନ ସେମାନଙ୍କୁ ଖୋରାକ ଯୋଗାଇଥାଏ। ଏଥର ଅକ୍ଟୋବର ଶେଷରେ ବାତ୍ୟା ଆସୁଥିବାର ସୂଚନା ପାଇଲାମାତ୍ରେ ତାହାର ନାମକରଣ କରିଦେଲେ। କହିଦେଲେ ବାତ୍ୟା ମୋନ୍ଥା ଆସୁଛି। କିଭଳି ଆସୁଛି, କେଉଁଠୁ ଆସୁଛି ତାହାର ଟିକିନିଖି ବିବରଣୀ ଦେଲେ। ହେଲେ ନାମକରଣ କିଏ କଲା, କେଉଁ ଫର୍ମୁଲାରେ ହେଲା ତାହା କହିଲେ ନାହିଁ। ଟିଭିରେ ମୋନ୍ଥା ବୋଲି ପ୍ରଚାର ହେବାପରେ ଅନ୍ୟ ଗଣମାଧ୍ୟମ ବି ମୋନ୍ଥା ବୋଲି ପ୍ରଚାର କରିଦେଲେ। ଏଭଳି ପ୍ରଚାର ଦେଖି ଭାରତୀୟ ପାଣିପାଗ ବିଭାଗ ତାଜୁବ। ଏଭଳି ନାମକରଣ କିଏ କଲା ବୋଲି ଖୋଜିବାରୁ ଜାଣିଲେ ଯେ ଟିଭି ଚ୍ୟାନେଲଗୁଡିକ ଏ ନାମ ଦେଇଛନ୍ତି। ପରେ ଆଇଏମଡି ସଫା ସଫା କହିଦେଲା ଏହି ବାତ୍ୟାର ନାମକରଣ ହୋଇନାହିଁ। ଏକଥା ଶୁଣିଲା ପରେ ସାଧାରଣ ଲୋକେ ଏବେ ହସୁଛନ୍ତି। ଟିଭି ଚ୍ୟାନେଲଗୁଡିକ କ'ଣ କହିବେ ଜାଣିପାରୁ ନାହାନ୍ତି। ଲୋକେ କହୁଛନ୍ତି ନାମ ଦେଇ ନାମ ନେଇଗଲେ ଟିଭି ଚ୍ୟାନେଲ। ତେବେ ଆଇଏମଡି ଏହାର କି ନାମକରଣ କରିବ ତାହାକୁ ଅନେକ ଅପେକ୍ଷା କରିଥିବାବେଳେ ଟିଭି ଚ୍ୟାନେଲଗୁଡିକ କିନ୍ତୁ ନିଜ ନାମକରଣରେ ଅଟଳ ଅଛନ୍ତି। ଦେଖାଯାଉ ବାତ୍ୟାର ନାମ ମୋନ୍ଥା ରହୁଛି ନା ବଦଳୁଛି।

## ଆହାର ଉପରେ ନଜର



ସରକାର ଦେଉଥିବା ୫ ଟଙ୍କିଆ ଆହାର ଉପରେ ଏବେ ଲୋକଙ୍କ ନଜର। ବିଶେଷକରି ଯେଉଁମାନେ ଏହି ଆହାର କେନ୍ଦ୍ରର ଉପଭୋକ୍ତା। କାରଣ ସରକାର ଏବେ ଆହାର ପାଇଁ ପାଉଣା ବୃଦ୍ଧି କରିଛନ୍ତି। ପୂର୍ବରୁ ଗୋଟିଏ ଆହାର ମିଲ୍ ପାଇଁ ସରକାର ୧୮ ଟଙ୍କା ଦେଉଥିବାବେଳେ ମୋହନ ସରକାର ତାହାକୁ ୨୨ ଟଙ୍କାକୁ ବଢାଇଛନ୍ତି। ହେଲେ ଲୋକେ କିନ୍ତୁ ପୂର୍ବଭଳି ୫ ଟଙ୍କା ଦେଇ ଆହାର ଖାଇବେ। ତେବେ ସରକାର ୨୩ ଟଙ୍କା ପ୍ରଦାନ କରୁଥିବାବେଳେ ଦାୟିତ୍ୱ ନେଇଥିବା ସଂସ୍ଥା ଲୋକଙ୍କୁ ଭାରତ-ଡାଲମା ସହିତ ଆଚାର ଟିକେ ଧରାଇ ଦେଉଥିଲେ। ଏତିକି ଟଙ୍କାରେ ଅଧିକ ଆଇଟମ ହେବ ବୋଲି ଯିଏ ଯେତେ ଦାବି କଲେ କେହି ଶୁଣୁନଥିଲେ। ଏପରିକି ଆହାର କେନ୍ଦ୍ରରେ ଭୋଜନ ଯୋଗାଣ ପାଇଁ ଟେଣ୍ଡର ଡାକିବା କଥାକୁ ବିଜେଡି ସରକାର ଏଡାଇ ଯାଉଥିଲେ। ହେଲେ ଏବେ ମୋହନ ସରକାର ଆହାର ପାଉଣା ବୃଦ୍ଧି କରିଥିବାରୁ ଲୋକେ ଭାତ-ଡାଲମା- ଆଚାର ସହିତ ଆଉ ଗୋଟିଏ କିଛି ଆଇଟମ୍ ନିଶ୍ଚିତ ମିଳିବ ବୋଲି ଆଶା ବାନ୍ଧିଲେଣି। ଆଗାମୀ ଦିନରେ କ'ଣ ମିଳିବ ତାହାକୁ ନେଇ ଏବେ ଠାରୁ ଆଲୋଚନା ଜୋର ଧରିଥିବାବେଳେ ଯେପର୍ଯ୍ୟନ୍ତ ଟେଣ୍ଡର ଜରିଆରେ ଏହା ନହୋଇଛି ସେପର୍ଯ୍ୟନ୍ତ କେବଳ ଯୋଗାଣକାରୀ ସଂସ୍ଥାମାନେ କେବଳ ମୋଟା ହେଉଥିବେ ବୋଲି କିଛି ଆହାରପ୍ରେମୀ ମାନବ ମତ ଦେଉଛନ୍ତି।

## କାହାକୁ ଜଗିବେ କମିଶନର ?



ପୁଲିସ୍ କମିଶନର ବାବୁ ଦେବଦତ୍ତ ସିଂହ କାହାକୁ ଜଗିବେ ? ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକରେ ଚୋର ଡକାୟତଙ୍କୁ ଜଗିବେ ନା ନିଜ ଦପ୍ତରରେ ଥିବା ଖାକି ବାବୁ ବାବୁଆଣୀଙ୍କୁ ଜଗିବେ ତାହାକୁ ନେଇ ଏବେ ଆଲୋଚନା। ଖୋଦ୍ କିଛି ଖାକି ବାବୁ କରୁଥିବା ଆଲୋଚନା ଅନୁଯାୟୀ ପୁଲିସ୍ କମିଶନରଙ୍କ ଦପ୍ତରରେ ଯେଭଳି ରାସଲୀଳା ଚାଲିଛି ତାହାକୁ ଜଗିବା ଏବେ କମିଶନରଙ୍କ ପାଇଁ ବଡ କାମ ହୋଇଛି। କିଛିଦିନ ତଳେ କମିଶନରଙ୍କ ଦପ୍ତରରେ କାର୍ଯ୍ୟରତ ଜଣେ ହୋଣ୍ଡା ସିଟି ଚଢା କନେଷ୍ଟବଳ ନିଜର ଟ୍ରାଫିକ ପୁଲିସ୍ ପ୍ରେମିକାଙ୍କୁ ହତ୍ୟା କରି ଚହଳ ପକାଇଥିଲା। ଏହି କୋଠାରୁ ଆରମ୍ଭ ପ୍ରେମ କୋଠାରେ ହିଁ ଶେଷ ହୋଇଥିଲା। ମୃତ ଶରୀର ବି କୋଠା ତଳେ କିଛି ସମୟ ରହିଥିଲା। ସେହି ଚର୍ଚ୍ଚା ଥମି ଆସୁଥିବାବେଳେ ଏବେ ଆଉ ହଳେ ପ୍ରେମୀ କମିଶନରଙ୍କ ଚିନ୍ତା ବଢାଇଛନ୍ତି। କମିଶନରଙ୍କ ଦପ୍ତରରେ କାର୍ଯ୍ୟରତ ଜଣେ ଖାକିବାବୁ ଆଉ ଜଣେ ଥାନା ଖାକି ବାବୁଆଣିଙ୍କୁ ପ୍ରେମରେ ଧୋକା ଦେଇ ଚର୍ଚ୍ଚାରେ। ଅବସ୍ଥା ଏଭଳି ହୋଇଛି ଧୋକାବାଜ ଖାକି ବାବୁଙ୍କ ବିରୁଦ୍ଧରେ ପୁଲିସ୍ କୋହଳ ଦଫା ଲଗାଇବା ନେଇ ଖାକି ବାବୁଆଣି ଅଭିଯୋଗ କଲେଣି। ଏହାର କିଭଳି ସମାଧାନ ହେବ ତାହାକୁ ନେଇ ବଡ ଖାକି ବାବୁମାନେ ଲାଗି ପଡିଥିବାବେଳେ ଆଉ କିଛି ପୁଲିସ୍ କମିଶନରଙ୍କୁ ଏହା ଭିତରକୁ ଟାଣିବାକୁ ଉଦ୍ୟମ ଚଳାଇଛନ୍ତି। କମିଶନର ବାବୁ ଦେବଦତ୍ତ ହେଲେ ଶାନ୍ତିପ୍ରିୟ। ହେଲେ କିଛି ରଙ୍ଗିଲା ଖାକିବାବୁ ଏବେ ତାଙ୍କର ଶାନ୍ତି ଭଙ୍ଗ କରିବାରେ ବ୍ୟସ୍ତ। ତେଣୁ ବାବୁ ଏବେ କାହାକୁ ଜଗିବେ ସେହି ଚିନ୍ତାରେ ପଡିଛନ୍ତି। ଆଗାମୀ ଦିନରେ କୁଆଡେ ଆଉ କିଛି ବିବାହିତ ଖାକି ପ୍ରେମୀ ଯୋଡିଙ୍କ ଘଟଣା ପଦାକୁ ଆସିବ ବୋଲି ଖୋଦ୍ ଖାକି ମହଲରେ ଆଲୋଚନା ହେଉଥିବାବେଳେ ଦେବଦତ୍ତ ସିଂହ ଅବତାର ନଧରିଲେ ଏମାନଙ୍କୁ ସାବାଡ କରିବା କଷ୍ଟକର ବୋଲି କୁହାଗଲାଣି।

# ୪ ଦିନ କଳିଙ୍ଗା ଘାଟିରେ ଅନୁପ୍ରବେଶ ନିଷେଧ

**କନ୍ଧମାଳ, ୨୬ ।୧୦(ସଂଚାର ବ୍ୟୁରୋ):** ଆଇ.ଏମ.ଡି ପକ୍ଷରୁ ଜାରି ହୋଇଥିବା ସ୍ୱତନ୍ତ୍ର ପାଣିପାଗ ବୁଲେଟିନ ଅନୁଯାୟୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତର ପଶ୍ଚିମ ଦିଗକୁ ଗତି କରି ୨୬ ଅକ୍ଟୋବର ସୁଦ୍ଧା ଗଭୀର ଅବପାତରେ ପରିଣତ ହେବ ଏବଂ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତର-ପଶ୍ଚିମ ଦିଗକୁ ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି।

କନ୍ଧମାଳ ଜିଲ୍ଲାରେ ଆସନ୍ତା ୨୭ ତାରିଖରୁ ୩୦ ତାରିଖ ମଧ୍ୟରେ




ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଏବଂ କଳିଙ୍ଗା ଘାଟିରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି, କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ୨୭ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟି ଭିତରେ କୌଣସି ପ୍ରକାରର ଅନୁପ୍ରବେଶକୁ ପ୍ରତିବନ୍ଧିତ କରିବାକୁ ଜିଲ୍ଲାପାଳ କନ୍ଧମାଳ ଆଦେଶ ଜାରିକରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟି ଭିତରେ କୌଣସି ପ୍ରକାରର ଅନୁପ୍ରବେଶକୁ ରୋକିବା ପାଇଁ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଛି ଏବଂ କଳିଙ୍ଗା ଘାଟି ପାର୍ଶ୍ୱରେ ଚାଲିଥିବା କାର୍ଯ୍ୟକୁ ବନ୍ଦ କରିବାକୁ, କାର୍ଯ୍ୟସ୍ଥଳରୁ ଶ୍ରମିକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନେବାକୁ ଏବଂ ଏହି ସମୟ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି।

## ୧୫୦ରୁ ଅଧିକ ଗାଈ ଉଦ୍ଧାର, ୨ ଗୋରୁ ଗାଡ଼ି ଜବତ



**ଭଦ୍ରକ,୨୬।୧୦(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାରେ ବେଆଇନ ଗୋଚାଲାଣ ବନ୍ଦ ହେଉନାହିଁ। ପୁଲିସ ବି ବିଶେଷ ସତର୍କ ଦୃଷ୍ଟି ଦେଉନାହିଁ। କେବଳ ଗୋ ସେବକମାନଙ୍କ ଅହରହ ପ୍ରୟାସ ଯୋଗୁ ଅନେକ ସମୟରେ ବେଆଇନ ଗୋଚାଲାଣ ଗୋରୁଗାଡ଼ି ଜବତ ହେଉଛି ଏବଂ ଗୋରୁମାନଙ୍କୁ ଉଦ୍ଧାର କରାଯାଇପାରୁଛି। ସୂଚନା ଅନୁଯାୟୀ ପାଣିକୋଇଲିରୁ ଆସୁଥିଲା ବେଆଇନ ଗୋରୁ ବୋଝେଇ ଦୁଇଟି ବଡ଼ ଟ୍ରକ। ଏହି ଦୁଇ ଟ୍ରକରେ ୧୫୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିଛନ୍ତି ଗୋ ସୁରକ୍ଷା କର୍ମୀ। ଭଦ୍ରକ ଧାମନଗର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଷ୍ଣୁପୁର ଛକ ନିକଟରେ ଗୋ ସେବକ ତଥା ଗୋ ସୁରକ୍ଷା କର୍ମୀମାନେ ରାତି ୨ଟା ୩୦ ସମୟରେ ୨ଟି ଟ୍ରକକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଧାମନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଉଦ୍ଧାର ଗୋରୁଙ୍କୁ ପୁଲିସର ଉପସ୍ଥିତିରେ ଗୋ ସୁରକ୍ଷା କର୍ମୀଙ୍କ ସହଯୋଗରେ ଏହି ଦୁଇ ଟ୍ରକ ସହ ଗୋରୁଙ୍କୁ ନେଇ ବାଲେଶ୍ୱର ଜିଲ୍ଲା ମଇତାପୁରରେ ଗୋଶାଳାକୁ ନିଆଯାଇଥିଲା।

## ଗୋମାଂସ ଜବତ, ୧ ଗିରଫ

**ଜୟପୁର,୨୬।୧୦(ସଂଚାର ବ୍ୟୁରୋ):** କେବଳ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ନୁହେଁ; ବରଂ କୋରାପୁଟ ଜିଲ୍ଲାରେ ମଧ୍ୟ ଗୋବଂଶ ସୁରକ୍ଷିତ ନାହାନ୍ତି। ଦିନକ ପୂର୍ବରୁ ଜୟପୁର ଅଞ୍ଚଳରେ ବ୍ୟାପକ ଗୋଚାଲାଣ ଧରାପଡ଼ିଥିବା ବେଳେ ଆଜି ୧ କୁଇଣ୍ଟାଲ ଗୋ ମାଂସ ଜବତ ହୋଇଛି। ଜୟପୁର ବ୍ଲକ ଅନ୍ତର୍ଗତ ପୁଟରା ଗ୍ରାମରେ କେବଡ଼ି ଗ୍ରାମର ଶବସାନ କୁଲଦୀପ ଗୋମାଂସ ବିକ୍ରି କରୁଥିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ଗ୍ରାମବାସୀ ତୁରନ୍ତ କାବୁ କରି ଆମ୍ବାଗୁଡା ପୁଲିସକୁ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲା ଶବସାନ (୭୦)। ବ୍ୟକ୍ତି ଜଣକୁ ପଚାରିବାରେ ସେ କେବିଡି ଗ୍ରାମରୁ ଆଣି ପ୍ରତି ବୁଧବାର ଓ ରବିବାର ପଞ୍ଚାୟତ ପଞ୍ଚାୟତ ବୁଲି ବୁଲି ଗୋମାଂସ ବାଣ୍ଟୁଥିବା ସ୍ୱୀକାର କରିଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଗିରଫ କରିଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ପୁଣି ଗୋ ଚାଲାଣକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ବାରମ୍ବାର ଗୋରୁ ଗାଡି ଧରପଗଡ ପାଇଁ ଏହି ବେଆଇନ ଗୋ ଚାଲାଣ ବନ୍ଦ ରହିଥିଲା। ମାତ୍ର କିଛି ଦିନର ବିରତି ପରେ ପୁଣି ଗୋ ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ଗତ ୨୪ ତାରିଖ ଅପରାହ୍ନରେ ଜୟପୁର ସଦର ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଏୟାରପୋର୍ଟ ଛକ ନିକଟରୁ ଗୋଟିଏ ଟ୍ରକ ନବରଙ୍ଗପୁରରୁ ଭଦ୍ରାଞ୍ଚଳମ ଗୋ ଚାଲାଣ ହେଉଥିଲା। ଜୟପୁର ହିନ୍ଦୁ ସମାଜର କର୍ମକର୍ତ୍ତାମାନେ ଗୋଚାଲଣ ହେଉଥିବା ଖବର ପାଇବା ପରେ ବୋରିଗୁମ୍ମା ଠାରୁ ଜୟପୁର ସଦରଥାନା ପର୍ଯ୍ୟନ୍ତ ବିଭିନ୍ନ ଛକ ମାନଙ୍କରେ ଗାଡି ଅନୁଧ୍ୟାନ କରୁଥିଲେ।

### ଚାଷୀଙ୍କ ମନରେ ପସିଲା ଛନକା

## ବାତ୍ୟା ପୂର୍ବରୁ କାଟି ପକାଇଲେ କଞ୍ଚାଧାନ

**ମାଲକାନଗିରି,୨୬।୧୦ (ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ସାମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ଏହାର ପ୍ରଭାବ ମାଲକାନଗିରି ଜିଲ୍ଲାରେ ବିଶେଷ ଭାବରେ ପଡ଼ିବ ବୋଲି ଅନୁମାନ କରାଯାଉଛି। ଯଦି କାକିନାଡା ଠାରେ ସ୍ଥଳ ଭାଗ ଛୁଇଁବ। ତେବେ ମାଲକାନଗିରିର ବହୁ କ୍ଷୟକ୍ଷତି କରିବ। ସବୁଠୁ ବେଶୀ କ୍ଷତି ସହିବେ ମାଲକାନଗିରି ଜିଲ୍ଲାର ଚାଷୀକୂଳ। ଧାନ ଚାଷର ଅମଳ ସମୟ ହୋଇଥିବା ବେଳେ ସାମ୍ଭାବ୍ୟ ବାତ୍ୟା ଚାଷୀମାନଙ୍କୁ ଚିନ୍ତାରେ ପକାଇଦେଇଛି। ଏଣୁ କିଛି ଚାଷୀ ତରବରିଆ ଭାବେ ଅଧିକ ଦାମ ଦେଇ ମେସିନ ଆଣି ଯେଣତେଣ ପ୍ରକାରେ ଧାନ ଅମଳ କରିବାରେ ଲାଗି ପଡିଛନ୍ତି। ବର୍ଷାରେ ସଂପୂର୍ଣ୍ଣ କ୍ଷତି ହେବା ଅପେକ୍ଷା ତାହା ପୂର୍ବରୁ ଯାହା ଖର୍ଚ୍ଚ ହେଉ ପଛେ ଧାନ ଗଣ୍ଡେ ଘରକୁ ନେଇଯିବାକୁ ଚାଷୀ ତତ୍ପର। ଏମଭି-୪୩ ସ୍ଥିତ ଚାଷୀ କାଳାଚାନ୍ଦ ଦେ ଏବଂ ଚାଷୀ ଗୟାଧର ମହତାବଙ୍କ କହିବା



ଅନୁଯାୟୀ ଆମେ ୨୦ ଏକର ଲେଖାଏଁ ଚାଷ କରିଥିବା ବେଳେ ସାମ୍ଭାବ୍ୟ ବାତ୍ୟା ସବୁ ଧାନ ଫସଲ ନଷ୍ଟ କରିଦେବ। ତେଣୁ ଆମେ ବାତ୍ୟା ପୂର୍ବରୁ ଯାହା ପାରିବୁ ତାହା ଗୋଟାଇବାକୁ ଚେଷ୍ଟା କରୁଛୁ। ସେଥିପାଇଁ ମେସିନ ଆଣି ଧାନ ଅମଳ କରୁଥିବା କହିଥିଲେ।

ଜିଲ୍ଲାର ୭ଟି ଅଗ୍ନିଶମ ବିଭାଗ ଏବଂ କୋରାପୁଟରୁ ୨ଟି ଓଡ୍ରାଫ ଟିମକୁ ୨୪ ଘଣ୍ଟିଆ ସତର୍କ ରହିବାକୁ କୁହାଯାଇଛି। ତଳିଆ ବ୍ରିଜଗୁଡିକରେ ପ୍ରବଳ ପାଣି ପ୍ରବାହ ହେବାକୁ ଥିବାରୁ ଲୋକେ ଯେପରି ବ୍ରିଜ ପାର ନକରିବେ ସେଥିପାଇଁ ବ୍ରିଜର ଦୁଇପଟେ ସରକାରୀ ଅଧିକାରୀମାନେ ଜଗି ରହିବେ। ଜିଲ୍ଲାରେ ଚଳିତ ବର୍ଷ ୭୪ ହଜାର ହେକ୍ଟର ଜମିରେ ଚାଷ କରାଯାଇଥିବା ବେଳେ ଏବେ ଅମଳ ସମୟ ଆସିଛି। କେବଳ ଧାନ ଚାଷୀ ନୁହନ୍ତି ବରଂ ମାଣ୍ଡିଆ,ମକା ସହ ପନିପରିବା ଚାଷୀଙ୍କ ମୁଣ୍ଡରେ ଛନକା ପଶିଛି। ବାତ୍ୟା ବର୍ଷକର ଫସଲ ଉଜାଡିଦେବ। ଚାଷୀ ଋଣ କରି ଚଳିତ ବର୍ଷ ଅଧିକା ଜମିରେ ଚାଷ କରିଥିବା ବେଳେ ବାତ୍ୟା ସବୁ ଧୋଇ ନେଇଯିବ ବୋଲି ଏବେ ଚାଷୀ ଚିନ୍ତାରେ ପଡିଛି। ପ୍ରଶାସନ ତରଫରୁ ଚାଷର କ୍ଷୟକ୍ଷତି ନେଇ କୌଣସି ବକ୍ତବ୍ୟ ପ୍ରଦାନ କରିନାହାନ୍ତି। ତେବେ ବାତ୍ୟା କି ପ୍ରକାର ଜିଲ୍ଲାରେ ପ୍ରଭାବ ପକାଉଛି ଦେଖିବାକୁ ବାକି ରହିଲା।

## ଚିତାବାଘ ଚମଡ଼ା ସହ ଦୁଇ ଅଭିଯୁକ୍ତ ଗିରଫ

**ସୋନପୁର,୨୬।୧୦(ସଂଚାର ବ୍ୟୁରୋ):** ରବିବାର ଦିନ ସୋନପୁର ଜିଲ୍ଲାରେ ଏକ ଚିତାବାଘ ଚମଡ଼ା ଜବତ କରିବା ପରେ ସ୍ପେଶାଲ୍ ଟାସ୍କ ଫୋର୍ସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ଟୁନିଖାମର ଗ୍ରାମର ପ୍ରକାଶ କନହର ଏବଂ ବୌଦ୍ଧ ଜିଲ୍ଲାର ବୁଡିଖାମର ଗ୍ରାମର ରଞ୍ଜିତ ଭୋକ୍ତା ବୋଲି ଜଣାଯାଇଛି। ସୂଚନା ଆଧାରରେ, ବୌଦ୍ଧ ଜିଲ୍ଲାର ବନ୍ୟପ୍ରାଣୀ ଅପରାଧୀମାନଙ୍କ ଦ୍ୱାରା ଚିତାବାଘ ଚମଡ଼ାର ବେଆଇନ କାରବାର ବିରୁଦ୍ଧରେ ଆଜି ସକାଳେ ସୋନପୁର ଥାନା ଅଧୀନସ୍ଥ ଅର୍ଜୁନପୁର ଛକ ନିକଟରେ ଏସଟିଏଫ୍ ଦ୍ୱାରା ଏକ ଚଢାଉ କରାଯାଇଥିଲା ଏବଂ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତଲାସ ସମୟରେ, ଏକ ଏୟାର ବ୍ୟାଗରେ



ଥିବା ଚିତାବାଘ ଚମଡ଼ା ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ସେମାନଙ୍କ ନିକଟରୁ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଚିତାବାଘ ଚମଡ଼ା ରଖିବାର କୌଣସି ବୈଧ ଲାଇସେନ୍ସ କିମ୍ବା ପ୍ରମାଣ ଉପସ୍ଥାପନ କରିପାରି ନଥିଲେ, ଯାହା ପାଇଁ ସେମାନଙ୍କୁ ଗିରଫ କରାଯାଇଛି ଏବଂ ସେମାନଙ୍କୁ ସୋନପୁର ଏସଡିଜେଏମଙ୍କ କୋର୍ଟକୁ ପଠାଯିବ।

### ● ନକଲି ବିଦେଶୀ ମଦ କାରଖାନାରେ ରେଡ୍

## ୫ ଲକ୍ଷରୁ ଅଧିକ ଟଙ୍କାର ନକଲି ମଦ ଜବତ

**କାମାକ୍ଷାନଗର,୨୬।୧୦(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର ପର୍ଜଙ୍ଗ ଅଞ୍ଚଳରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନାରେ ରେଡ୍ କରି ବିପୁଳ ମାତ୍ରାରେ ନକଲି ମଦ ଜବତ କରିଛି ଅବକାରୀ ବିଭାଗ। କନ୍ଦରସିଙ୍ଗା ଗାଁରେ ଚାଲିଥିଲା ଏହି କାରଖାନା। ପ୍ରାୟ ୫ ଲକ୍ଷରୁ ଅଧିକ ଟଙ୍କାର ନକଲି ବିଦେଶୀ ମଦ ସହ ମଦ ତିଆରି ସାମଗ୍ରୀ ଜବତ ହୋଇଛି। ସ୍ୱାମୀ ସ୍ତ୍ରୀ ଚଳାଉଥିଲେ ନକଲି ମଦ କାରଖାନା। ରେଡ୍ ବେଳେ ସ୍ୱାମୀ ଫେରାର ହୋଇଯାଇଛି। ସ୍ତ୍ରୀକୁ ଗିରଫ କରି ପଚରାଉଚରା କରୁଛି ଅବକାରୀ ବିଭାଗ। ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ମଦରେ ଅପମିଶ୍ରଣ କରାଯାଉଥିଲା। ବିଶେଷ ସୂତ୍ରରୁ ସୂଚନା ପାଇ ରେଡ କରିଥିଲା ପୋଲିସ। ଚଢ଼ାଉ ସମୟରେ ବିଭିନ୍ନ ନାମୀଦାମୀ କମ୍ପାନୀର ପ୍ରାୟ ୧୪୩ ଲିଟର ବିଦେଶୀ ମଦ, ୬ ଲିଟର ଫ୍ଲେଭର, ୧୦ ଲିଟର କାରାମେଲ, ୭୨୬୫ ଟି ବିଭିନ୍ନ ବିଦେଶୀ ମଦ କମ୍ପାନୀର ଷ୍ଟିକର, ୧୭୯୯୭ ଟି ନକଲି ଠିପି ଓ ମଦ ନିର୍ମାଣରେ ବ୍ୟବହୃତ ଏକ ମେସିନକୁ ଜବତ କରିଛି ଅବକାରୀ ବିଭାଗ। ମଦ କାରଖାନା ଚଳାଉଥିବା ସ୍ୱାମୀ ଫେରାର ହୋଇଯାଇଛି। ସ୍ତ୍ରୀ ପଦ୍ମିନୀ ନାଏକକୁ ଗିରଫ କରାଯାଇଛି।

### ● ମହିଳାଙ୍କ ସହିତ ଡକାୟତଙ୍କ ସଂଘର୍ଷ

## ୫ ଲକ୍ଷ ଟଙ୍କାର ଗହଣା ସହ ୬୫ ହଜାର ଲୁଟ୍

**ସୋର,୨୬।୧୦(ସଂଚାର ବ୍ୟୁରୋ):** ଡକାୟତଙ୍କ ସହ ମହିଳାଙ୍କ ସଂଘର୍ଷ। ଡକାୟତଙ୍କ ହାତକୁ କାମୁଡ଼ି ନିଜକୁ ସୁରକ୍ଷା ଦେଲେ ମହିଳା। କିନ୍ତୁ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ କଲେ ଲୁଟେରା। ରାତି ଅଧରେ ହେଲା ଏମିତି କାଣ୍ଡ। ସବୁ ଶୋଇଗଲା ପରେ ଘରେ ପଶିଲେ ଲୁଟେରା। ହାତରେ ମାରଣାସ୍ତ୍ର ଧରି ଖୋଜି ବୁଲୁଥାନ୍ତି ସୁନା ଟଙ୍କା କେଉଁଠି ଅଛି। ଖୋଜାଖୋଜି କରିବା ସମୟରେ ଏମିତି ଶବ୍ଦ ହେଲା ଯେ, ଘର ମାଲିକାଣୀଙ୍କ ନିଦ ଭାଙ୍ଗିଗଲା। ସ୍ୱାମୀ ଘରେ ନଥିବା ବେଳେ ଘରେ ଏମିତି କ'ଣ ଶବ୍ଦ ହେଉଛି ଭାବି ରୁମରୁ ବାହାରକୁ ବାହାରି ଆସିଥିଲେ ମହିଳା। କିନ୍ତୁ ରୁମରୁ ବାହାରି ଦେଖନ୍ତି ଘରେ ୫ ଜଣ ଲୁଟେରା ପଶିଛନ୍ତି। ଲୁଟେରାମାନେ ବି ସିଧା ମହିଳାଙ୍କୁ ଆକ୍ରମଣ କରିବାକୁ ଲାଗିଲେ। ମହିଳାଙ୍କ ବେକରେ



ମାରଣାସ୍ତ୍ର ଲଗାଇ ଧମକାଇଲେ। ଟଙ୍କା କେଉଁଠି ରଖିଛୁ, ବେକରୁ ସୁନା ଚେନ୍ ଖୋଲ୍, ନହେଲେ ତୋ ଜୀବନ ନେଇଯିବୁ। ଏମିତି କିଛି କହି ମହିଳାଙ୍କ ଠାରୁ ସୁନା ଚେନ୍ ଝାମ୍ପୁଥିବା ବେଳେ କଳେ ବଳେ କୌଶଳେ ମହିଳା ଜଣେ ଲୁଟେରାର ହାତକୁ କାମୁଡ଼ି ଦେଇଥିଲେ। କିନ୍ତୁ ଲୁଟେରାଙ୍କ କବଜାରୁ ବଞ୍ଚାଇ ପାରିନଥିଲେ ନିଜ ସଞ୍ଚିତ ଅର୍ଥ। ୫ ଲକ୍ଷ ଟଙ୍କାର ଗହଣା ସହ ନଗଦ ୬୫ ହଜାର ଟଙ୍କା ଲୁଟ କରିନେଲେ ଲୁଟେରା।

ବାଲେଶ୍ୱର ଜିଲ୍ଲା ସୋର ଥାନା ଅନନ୍ତପୁର ପଞ୍ଚାୟତ ବେଲପୁର ବସ୍ତିରେ ରହୁଥିବା ସେକ୍ ଆଲାଉଦ୍ଦିନଙ୍କ ଘରେ ଘଟିଛି ଏମିତି ଘଟଣା। ସେକ୍ ଆଲାଉଦ୍ଦିନ ଘରେ ଅନୁପସ୍ଥିତ ଥିବା ବେଳେ ୫ ଡକାୟତ ଘରେ ପଶି ତାଙ୍କ ସ୍ତ୍ରୀ ଆମିନା ବିବିଙ୍କୁ ମାଡ଼ ଦେଇ ତିନୋଟି ସୁନାହାର, କାନଫୁଲ ରୂପା ଗହଣା ଓ ନଗଦ ୬୫ ହଜାର ଟଙ୍କା ଲୁଟ କରି ଫେରାର ମାରିଛନ୍ତି । ପାଞ୍ଚ ଡକାୟତ ମୁହଁରେ କପଡା ବାନ୍ଧି ଆମିନା ବିବିଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆମିନାଙ୍କ ବେକରେ ଡକାୟତ ମାରଣାସ୍ତ୍ର ଲଗାଇବାରୁ ଆମିନା ଜଣେ ଡକାୟତର ହାତକୁ କାମୁଡି ଦେଇଥିଲେ।

ଏପଟେ ଡକାୟତମାନେ ଘରେ ଥିବା ଲୋକଙ୍କୁ ଭୟଭୀତ କରାଇ ଲକ୍ଷ ଲକ୍ଷ ଟଙ୍କାର ଗହଣା ନଗଦ ୬୫ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ସକାଳେ ସୋର ପୋଲିସ ତଦନ୍ତ ଆରମ୍ଭ କରିଛି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

**ବେତନଟୀ, ୨୬।୧୦(ସଂଚାର ବ୍ୟୁରୋ):** ରବିବାର ଅପରାହ୍ନ ୪ଟା ସମୟରେ ବେତନଟୀ ରେଞ୍ଜ ଅଧୀନ ଗଣ୍ଡିଗଧା ଜଙ୍ଗଲରେ ସୁଶୀଳା ମହାନ୍ତ ଛେଳି ଚରାଉଥିବା ସମୟରେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ଦନ୍ତା ହାତୀଟି ସୁଶୀଳାଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ତେବେ ସ୍ଥାନୀୟ ଲୋକେ ଏକ ଖଟିଆ ସାହାଯ୍ୟରେ ସୁଶୀଳାଙ୍କୁ ଜଙ୍ଗଲରୁ ଘରକୁ ବୋହି ନେଇଥଲେ ଏବଂ ଆମ୍ବୁଲାନ୍ସ ଯୋଗେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ ଏବଂ କେସିପୁର ଫରେଷ୍ଟର କାଞ୍ଚନମଣି ପହଞ୍ଚିଥିଲେ। ଡେପୁଟି ରେଞ୍ଜର ନାଏକ ସଠିକ୍ ଭାବେ ଦାୟିତ୍ୱ ତୁଲାଉ ନଥିବାରୁ ଏପରି ଘଟଣା ଘଟିଛି ବୋଲି ଆଲୋଚନା ହେଉଛି। ତେବେ ଉକ୍ତ ମହିଳାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସୂଚନାରୁ ଜଣାପଡିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଛାପା ଗଣମାଧ୍ୟମ ବିଜ୍ଞାପନ ଦର ୨୬% ବଢ଼ିପାରେ



ନୂଆଦିଲ୍ଲୀ, ୨୬।୧୦: ନୂଆ ଗଣମାଧମ ପ୍ଲାଟଫର୍ମ ଦ୍ୱାରା ପାରମ୍ପରିକ ଗଣମାଧମ ପ୍ରଭାବିତ ହୋଇଛନ୍ତି। ଏହି ପ୍ରଭାବରୁ କିଭଳି ପାରମ୍ପରିକ ଗଣମାଧମଗୁଡ଼ିକୁ ସୁରକ୍ଷା ଦିଆଯିବ ତାହା ଉପରେ ସରକାର ବିଚାର କରୁଛନ୍ତି। ଏହାର ଅଂଶ ସ୍ୱରୂପ ଛାପା ଗଣମାଧମର ବିଜ୍ଞାପନ ଦରରେ ସରକାର ୨୬ ପ୍ରତିଶତ ବଢ଼ାଇବା ନେଇ ଯୋଜନା କରୁଛନ୍ତି। ଏ ସଂକ୍ରାନ୍ତ ବିଜ୍ଞପ୍ତି ନଭେମ୍ବର ୧୫ ପରେ ପ୍ରକାଶ ପାଇବା ନେଇ ଆଶା କରାଯାଉଛି ବୋଲି ନ୍ୟୁଜ୍ ଏଜେନ୍ସି ଏଏନ୍ଆଇ ରିପୋର୍ଟ କରିଛି।

ସୂତ୍ରରୁ ଜଣାଯାଇଛି ଯେ ସରକାର ବିଭିନ୍ନ ସ୍ତରରେ ସଂସ୍କାର ପାଇଁ ଉଦ୍ୟମ ଚଳାଇଛନ୍ତି। ଛାପା ଗଣମାଧମଗୁଡ଼ିକ ଡିଜିଟାଲ ଫର୍ମାଟକୁ ଯିବା ଫଳରେ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ବିଶେଷ କରି ଛାପା ଗଣମାଧମରେ ମାଧମରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଛାପା ଗଣମାଧମରେ ରାଜସ୍ୱର ଏକ ପ୍ରମୁଖ ଉତ୍ସ ହେଉଛି ବିଜ୍ଞାପନ। କିନ୍ତୁ ଅନଲାଇନ୍ ମିଡିଆର ବିକାଶ ଫଳରେ ଛାପା ଗଣମାଧମର ବିଜ୍ଞାପନ କମିଯାଇଛି। ରେଡିଓର କିଭଳି ବିକାଶ ହେବ ସେ ନେଇ କର୍ତ୍ତୃପକ୍ଷ ଚିନ୍ତା କରୁଛନ୍ତି। ବର୍ତ୍ତମାନ ରେଡିଓର ବିକାଶରେ ବାଧା ସୃଷ୍ଟି କରୁଥିବା ନିୟାମକ ବ୍ୟବସ୍ଥାଗୁଡ଼ିକୁ ହଟାଇବା ସଂପର୍କରେ ଚିନ୍ତା କରାଯାଉଛି। ଟିଭି ଚ୍ୟାନେଲଗୁଡ଼ିକ ମୂଲ୍ୟାଙ୍କନ ବା ରେଟିଂ ବ୍ୟବସ୍ଥାରେ ବିକୃତିର ସମ୍ମୁଖୀନ ହେଉଛନ୍ତି। ଏହି ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି କାର୍ଯ୍ୟ କରାଯାଉଛି। ସମସ୍ତଙ୍କ ପାଇଁ ସମାନ ସୁଯୋଗକୁ ନିଶ୍ଚିତ କରାଯିବା ନେଇ ଯୋଜନା ରହିଛି। ସେହିଭଳି ଡିଟିଏଚ୍ କ୍ଷେତ୍ରରେ ମଧ ସଂସ୍କାର ଆଣିବା ଲାଗି ଯୋଜନା ଥିବା ଜଣାଯାଇଛି। ପାରମ୍ପରିକ ଗଣମାଧମଗୁଡ଼ିକର ବ୍ୟବସାୟ ସ୍ଥିତିରେ ଉନ୍ନତି ଆଣିବା ଏବଂ ନୂତନ ଭାବେ ମୁଣ୍ଡ ଟେକୁଥିବା ଡିଜିଟାଲ୍ ପ୍ଲାଟଫର୍ମ ସହିତ ପ୍ରତିଯୋଗିତା କରିପାରିବେ ସେ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି।

## ୱାସିଂଟନ ପୋଷ୍ଟ ଖବରକୁ ଏଲ୍ଆଇସିର ଖଣ୍ଡନ

ନୂଆଦିଲ୍ଲୀ: ଆଦାନୀ ଗ୍ରୁପ୍‌ରେ ନିବେଶ କରିବା ପାଇଁ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଉପରେ ସରକାରୀ ଚାପ ପଡ଼ିଥିଲା। ଆମେରିକାର ୱାସିଂଟନ ପୋଷ୍ଟରେ ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଏଲ୍ଆଇସି ଏହାକୁ ଖଣ୍ଡନ କରିଛି। ୱାସିଂଟନ ପୋଷ୍ଟର ରିପୋର୍ଟରେ କରାଯାଇଥିବା ଅଭିଯୋଗ ମିଥ୍ୟା ଏବଂ ଭିତ୍ତିହୀନ ବୋଲି କୁହାଯାଇଛି। ଏକ ବିବୃତିରେ ଏଲ୍ଆଇସି ସ୍ପଷ୍ଟ କରିଛି ଯେ ଏହାର ନିବେଶ ନିଷ୍ପତ୍ତି ସ୍ୱାଧୀନ ଭାବେ ନିଆଯାଇଥିଲା। ବୋର୍ଡ ଦ୍ୱାରା ସ୍ଥାପିତ ନୀତି ଅନୁସାରେ ହୋଇଥାଏ। କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଆର୍ଥିକ ସେବା ବ୍ୟାପାର ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥାର ନିବେଶ ନିଷ୍ପତ୍ତିରେ କୌଣସି ଭୂମିକା ନଥାଏ ବୋଲି ଏକ୍ସରେ ଏକ ପୋଷ୍ଟ କରି ଏଲ୍ଆଇସି କହିଛି। ଏଥିସହିତ ନିବେଶ ନିଷ୍ପତ୍ତି ନିୟାମକ ବ୍ୟବସ୍ଥା ଅନୁସାରେ ଏବଂ ଅଂଶଧାରୀମାନଙ୍କ ସର୍ବୋତ୍କୃଷ୍ଟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଇଥାଏ। ଆଦାନୀ ଗ୍ରୁପ୍ କମ୍ପାନିରେ ଏଲ୍ଆଇସିର ପ୍ରାୟ ୩.୯ ବିଲିଅନ ଡଲାର (ପ୍ରାୟ ୩୨ ହଜାର କୋଟି ଟଙ୍କା) ନିବେଶ ପାଇଁ ଅଧିକାରୀମାନେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିବା ରିପୋର୍ଟକୁ ନିଗମ ଖଣ୍ଡନ କରିଛି। ଏଭଳି କୌଣସି ଚିଠା କିମ୍ବା ଯୋଜନା ହୋଇନାହିଁ ବୋଲି ଏଲ୍ଆଇସି କହିଛି। ୨୦୨୫ ମେ ମାସରେ ଆଦାନୀ ପୋର୍ଟସ୍ ଏବଂ ଏସ୍ଇଜେଡ୍‌ରେ ଏଲ୍ଆଇସିର ୫୭୦ ନିୟୁତ ଡଲାର ନିବେଶ ପ୍ରସଙ୍ଗକୁ ୱାସିଂଟନ ପୋଷ୍ଟରେ ଉଠାଯାଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୫,୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୫,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୫,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୫,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୫,୩୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୪୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୬୨୦ ଓ ୧,୧୫,୧୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ଟଙ୍କା ହୋଇଛି।

# ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିଲେ ନୀଳଚକ୍ର ପଶ୍ଚିମବଙ୍ଗ ଶାଖାର କର୍ମକର୍ତ୍ତା



କୋଲକାତା, ୨୬।୧୦(ସଂଚାର ବ୍ୟୁରୋ): ନୀଳଚକ୍ର ପଶ୍ଚିମବଙ୍ଗ ଶାଖାର ଏକ ପ୍ରତିନିଧି ଦଳ ଆୟକର ବିଭାଗର ଡେପୁଟି କମିଶନର ତଥା ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ଆଶୁତୋଷ କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଶେଷଦେବ ସାମଲ ଓ କାର୍ଯ୍ୟକାରୀ ସଭାପତି ମନମୋହନ ନାୟକ ଶନିବାର ଓଡ଼ିଶାର ରାଜ୍ୟପାଳ ଡ଼ଃ. ହରି ବାବୁ କାମ୍ଭମପତିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ରାଜ୍ୟପାଳଙ୍କୁ ଅନୁଷ୍ଠାନର ବାର୍ଷିକ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଉତ୍ସବ ସମାରୋହ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଓଡ଼ିଆମାନେ ସମ୍ମୁଖୀନ ହେଉଥିବା ଶିକ୍ଷା, କର୍ମସଂସ୍ଥାନ ଆଦି ସମସ୍ୟା ବିଷୟରେ ଅନୁଷ୍ଠାନର ପ୍ରତିନିଧିମାନେ ମାନ୍ୟବର ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ହେତୁ ଏହି ମହୋତ୍ସବରେ ଯୋଗଦେବା ସମ୍ଭବ ହେଉନଥିଲେ ମଧ ଉତ୍ସବର ସଫଳତା କାମନା କରିବା ସହ ଆଗାମୀ ଦିନରେ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ନିଶ୍ଚିତ ଆସିବେ ବୋଲି ଇଚ୍ଛା ପ୍ରକାଶ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ସାହୁ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମରଣିକା ପ୍ରଦାନ କରିଥିଲେ। ରାଜ୍ୟପାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସଂସ୍ଥା ନୀଳଚକ୍ର ପଶ୍ଚିମବଙ୍ଗର କର୍ମୀମାନଙ୍କୁ ଏକ ନୂତନ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟାନ୍ୟ ଭାଷାଭାଷୀ ଲୋକ ସମାଜ ଏବଂ ସଂସ୍କୃତି ସହିତ ସହଯୋଗ ଓ ସହାବସ୍ଥାନ ଆଧାରରେ କାର୍ଯ୍ୟ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ସହ ସାକ୍ଷାତ ପରେ କର୍ମକର୍ତ୍ତା ମାନେ ଓଡ଼ିଶା ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ସ୍ମରଣିକା ପ୍ରଦାନ କରି ତାଙ୍କ ସହିତ ଦୀର୍ଘ ଆଲୋଚନା କରିଥିଲେ।

# ଗୀତାପାଠ ପ୍ରତିଯୋଗିତାରେ ଦି ହେରିଟେଜ ସ୍କୁଲର ଛାତ୍ରଛାତ୍ରୀଙ୍କ କୃତୀତ୍ୱ

କୋଲକାତା, ୨୬।୧୦(ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ଆଧାତ୍ମିକ ସଂଗଠନ ଚିନ୍ମୟ ମିଶନର କୋଲକାତା ଶାଖା ଦ୍ୱାରା ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଶ୍ରୀମଦ୍ ଭାଗବତ ଗୀତା ଶ୍ଳୋକ ଉଚାରଣ ପ୍ରତିଯୋଗିତାରେ ଭାଗନେଇ ଦି ହେରିଟେଜ ସ୍କୁଲର ଚିରନ୍ତନ ପାଣି (ତୃତୀୟ ଶ୍ରେଣୀ) ଦ୍ୱିତୀୟ ପୁରସ୍କାର, ସମ୍ରିଦ୍ଧି ମିଶ୍ର (ତୃତୀୟ ଶ୍ରେଣୀ) ତୃତୀୟ ପୁରସ୍କାର, ଅର୍ଣ୍ଣା ଜୈନ (ଷଷ୍ଠ ଶ୍ରେଣୀ) ପ୍ରଥମ ପୁରସ୍କାର, ଆରାଧା ଜଲାନ (ଷଷ୍ଠ ଶ୍ରେଣୀ) ଦ୍ୱିତୀୟ ପୁରସ୍କାର, ଅନୁରାଧା ପଣ୍ଡା (ସପ୍ତମ ଶ୍ରେଣୀ) ପ୍ରଥମ ପୁରସ୍କାର ଏବଂ କ୍ରୀଷ୍ଣା ସରାଙ୍ଗ (ଅଷ୍ଟମ ଶ୍ରେଣୀ) ଦ୍ୱିତୀୟ ପୁରସ୍କାର ହାସଲ କରିଛନ୍ତି□ ଏହି ରାଜ୍ୟସ୍ତରୀୟ ସଫଳ ପ୍ରତିଯୋଗୀମାନେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଦି ହେରିଟେଜ ସ୍କୁଲ ପକ୍ଷରୁ ଇଲା ଖଣ୍ଡେଲିଆ ଓ ଅନିମେଶ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଗୀତାଶ୍ଳୋକ ଉଚାରଣ ପାଇଁ ତାଲିମ ନେଇଥିଲେ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଓଲା-ଉବେର ଯୁଗ ଶେଷ: ଆସୁଛି 'ଭାରତ ଟ୍ୟାକ୍ସି'




ନୂଆଦିଲ୍ଲୀ ୨୬।୧୦: ଦେଶରେ ନୂଆ କରି ଆରମ୍ଭ ହେବାକୁ ଯାଉଛି ସମବାୟ ଟ୍ୟାକ୍ସି ସେବା 'ଭାରତ ଟ୍ୟାକ୍ସି'। ଏହାର ପାଇଲଟ ପ୍ରୋଜେକ୍ଟ ନଭେମ୍ବର ମାସରେ ଦିଲ୍ଲୀରୁ ଆରମ୍ଭ ହେବ। ଏହାର ସଫଳତା ଆଧାରରେ ଧିରେ ଧିରେ ଅନ୍ୟ ରାଜ୍ୟଙ୍କ ସହରାଞ୍ଚଳକୁ ସମ୍ପ୍ରସାରଣ ହେବ। ୬୫୦ ଡ୍ରାଇଭରଙ୍କ ସହିତ ଏହି ଟ୍ୟାକ୍ସି ସେବା ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ, ଏଥିରେ ମହିଳା 'ସାରଥୀ' ବି ରହିବେ। ଏହା ପରେ ଡିସେମ୍ବରରେ ଦେଶ ବାକି ରାଜ୍ୟଙ୍କୁ ଏହି ସେବା ସମ୍ପ୍ରସାରଣ ହେବ। ତେବେ ଆସନ୍ତୁ ଜାଣିବା ଭାରତ ଟ୍ୟାକ୍ସି ସମ୍ପର୍କରେ।

ଭାରତ ଟ୍ୟାକ୍ସି ଏକ ସରକାରୀ କ୍ୟାବ୍ ସର୍ଭିସ୍। ଏହାକୁ ସମବାୟ ମନ୍ତ୍ରାଳୟ ଓ ଇ-ଗଭର୍ଣ୍ଣାନସ ଡିଭିଜନ ପ୍ରସ୍ତୁତ କରୁଛନ୍ତି। ଏଥିରେ ଡ୍ରାଇଭର ହିଁ ଏହି ଟ୍ୟାକ୍ସିର ମାଲିକ। ଏଥି ଲାଗି ସହକାର ଟ୍ୟାକ୍ସି କୋ-ଅପରେଟିଭ ଲିମିଟେଡ ସହ ଗତ ଦିନରେ ବୁଝାମଣା ମଧ ହୋଇଛି। ଏହା ଏକ ସଦସ୍ୟତା ଆଧାରିତ ମଡେଲ, ଯାହାକୁ ସହକାର ଟ୍ୟାକ୍ସି କୋ-ଅପରେଟିଭ ଲିମିଟେଡ ଚଳାଇବେ। ଏହା ଠିକ ସେହିପରି କାମ କରିବ ଯେପରି 'ଅମୂଲ' କରୁଛି। ଗତ ଜୁନରେ ଏହାର ସ୍ଥାପନା ୩୦୦ କୋଟି ଟଙ୍କାରେ ହୋଇଛି। ଏଥିରେ ଅମୂଲ ନାମ ଏମିତିରେ ନିଆ ଯାଉ ନାହିଁ। କାରଣ ଏହାର ସଞ୍ଚାଳନ ସମିତି ଚେୟାରମ୍ୟାନ ଅମୂଲ ଏମଡି ଜୟେନ ମେହଟ୍ଟା ଅଛନ୍ତି। ଏଥିରେ ନ୍ୟାସନାଲ କୋ-ଅପରେଟିଭ ଡେଭଲପମେଣ୍ଟ କର୍ପୋରେସନ (ଏନସିଡିସି) ଉପ ପ୍ରବନ୍ଧ ନିର୍ଦ୍ଦେଶକ ରୋହିତ ଗୁପ୍ତା ଭାଇସ ଚେୟାରମ୍ୟାନ ଅଛନ୍ତି। ଦେଶରେ ଭାରତ ଟ୍ୟାକ୍ସି ଆପ ନଭେମ୍ବରରେ ଡାଉନଲୋଡ ହୋଇ ପାରିବ। ପ୍ରଥମେ ପ୍ରଥମେ ଏହି ଆପ ହିନ୍ଦୀ, ଗୁଜରାଟି, ମରାଠୀ ଓ ଇଂରାଜୀରେ ହେବ। ଡିସେମ୍ବରରୁ ମାର୍ଚ୍ଚ ୨୦୨୬ ମଧରେ ରାଜକୋଟ, ମୁମ୍ବାଇ, ପୁଣେରେ ଏହି ଟ୍ୟାକ୍ସି ସର୍ଭିସ ଆରମ୍ଭ ହୋଇଯିବ। ଏପ୍ରିଲରୁ ଡିସେମ୍ବର ମଧରେ ଲକ୍ଷ୍ନୌ, ଭୋପାଲ ଓ ଜୟପୁରରେ ଏହି ଟ୍ୟାକ୍ସି ଅପରେସନାଲ ଥିବ। ୨୦୨୭-୨୮ରେ ଦେଶର ମୁଖ୍ୟ ସହରାଞ୍ଚଳ ଓ ୨୦୨୮-୨୦୩୦ ମଧରେ ଜିଲ୍ଲା ମୁଖ୍ୟାଳୟରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହା ସମ୍ପ୍ରସାରିତ ହେବ।

ଏହି ଟ୍ୟାକ୍ସି ସେବାରେ ଯାତ୍ରୀଙ୍କୁ ଫିକ୍ସ ଓ ବାସ୍ତବ ଭଡ଼ାରେ ଯାତ୍ରା ସୁବିଧା ମିଳିବ। ଲୋକେ ଡାୟନାମିକ ପ୍ରାଇସିଂ, ପିକ୍ ପ୍ରାଇସିଂ, ରେନ ପ୍ରାଇସିଂ, କୋଲ୍ଡ ପ୍ରାଇସିଂ ଭଳି ବିଭିନ୍ନ ପ୍ରକାର ଭଡ଼ା ଝିନଝଟରୁ ମୁକ୍ତ ରହିବେ। ଭାରତ ଟ୍ୟାକ୍ସିର ପୋଲିସ ଷ୍ଟେସନ ସହିତ ଇଣ୍ଟିଗ୍ରେସନ ରହିବ। ଟ୍ୟାକ୍ସିରେ ଡିଷ୍ଟ୍ରେସ୍ ବଟନ ରହିବ ଓ ଯାତ୍ରୀ ଅସୁବିଧା ପରିସ୍ଥିତିରେ ଲାଲ ବଟନ ଦବାଇଲେ ନିକଟସ୍ଥ ଥାନାକୁ ସୂଚନା ମିଳିଯିବ। ଡ୍ରାଇଭରଙ୍କ ଠାରୁ କମିସନ ବଦଳେ କେବଳ ସଦସ୍ୟତା ଶୁଳ୍କ ଆଦାୟ କରାଯିବ। ଏଣୁ ପ୍ରତ୍ୟେକ ରାଇଡରେ ୧୦୦% ଆୟ ଡ୍ରାଇଭରଙ୍କ ପକେଟକୁ ଯିବ। ତାଙ୍କୁ କେବଳ ଦୈନିକ, ସାପ୍ତାହିକ ଓ ମାସିକ ଶୁଳ୍କ ଦେବାକୁ ପଡିବ। ଏହି ଟ୍ୟାକ୍ସି ସେବାରେ ମହିଳା ସାରଥୀ ଅର୍ଥାତ ମହିଳା ଡ୍ରାଇଭର ମଧ ସଂଯୁକ୍ତ ହେବେ। ପ୍ରଥମ ପର୍ଯ୍ୟାୟରେ ଏହି ସେବାରେ ୧୦୦ ମହିଳାଙ୍କୁ ସାମିଲ କରାଯିବ ଓ ୨୦୩୦ ସୁଦ୍ଧା ସେବାରେ ୧୫ ହଜାର ମହିଳାଙ୍କୁ ସାମିଲ କରିବାର ଲକ୍ଷ୍ୟ ରଖା ଯାଇଛି।

## ଶୁଦ୍ଧତା ମାନକରେ ପତଞ୍ଜଳି ତେଲ ଓ ଅମୂଲ ଦହି ଫେଲ

ଗୋରଖପୁର ୨୬।୧୦: ପତଞ୍ଜଳି ତେଲ ଶୁଦ୍ଧତା ମାନକରେ ଫେଲ ହୋଇଯାଇଛି। ସେହିପରି ଅମୂଲ ଦହି ମଧ ଶୁଦ୍ଧତା ମାନକରେ ବିଫଳ ହୋଇଥିବା ଜଣାପଡିଛି। ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରଶାସନ ଟିମ୍ ଏପ୍ରିଲ ୨୯ ତାରିଖ ଦିନ ବେଲିପାରର ବେତଉବାସ୍ଥିତ ପତଞ୍ଜଳିର ସୁପର ଡିଲରଙ୍କଠାରୁ ୧୨୬୦ ଲିଟର ତେଲ ଜବତ କରିବା ସହ ନମୁନା ସଂଗ୍ରହ କରିଥିଲେ। ସେହିପରି ସେପ୍ଟେମ୍ବରରେ ଅମୂଲ ଉତ୍ପାଦ ନେଇ ଯାଉଥିବା ବାହନକୁ ଅଟକାଇ ଦହି ନମୁନା ସଂଗ୍ରହ କରାଯାଇଥିଲା। ଏହାର ରିପୋର୍ଟ ମଧ ସବଷ୍ଟାଣ୍ଡାର୍ଡ ବୋଲି ଜଣାପଡିଛି। ଅସିଷ୍ଟାଣ୍ଟ କମିଶନର ଡ.ସୁଧିର କୁମାର ସିଂହ କହିଛନ୍ତି ଯେ ପତଞ୍ଜଳି କ୍ୟାରିଂ ଓ ଫରୱାର୍ଡିଂ (ସି ଆଣ୍ଡ ଏଫ)ଗୋଦାମ ତେଜସ୍ୱୀ ଟ୍ରେଡର ଉପରେ ଚଢଉ କରି ୧୨୬୦ ଲିଟର ରିଫାଇଣ୍ଡ, ସୋୟାବିନ ଓ ପାମ ଅଏଲ ଜବତ କରାଯାଇଥିଲା। ଜବତ ବେଳେ ଏହି ସବୁ ତେଲ ଭାଙ୍ଗିଯାଇଥିବା ଅଥବା ଚେପା ହୋଇଯାଇଥିବା ଟିଣରେ ଥିଲା। ସେଗୁଡିକୁ ଟିଣରୁ କାଢି ପ୍ଲାଷ୍ଟିକର ବଡ ଡ୍ରମରେ ଏକତ୍ର କରାଯାଇଥିଲା। ଗୋଦାମରୁ ମହୁ, ହଳଦି, ଧନିଆ ଓ ମସଲା ମଧ ଜବତ ହୋଇଥିଲା। ତେବେ ଶୁଦ୍ଧତା ମାନକରେ ତୈଳ ବିଫଳ ହୋଇଛି। ସେହିପରି ଦୀପାବଳି ପୂର୍ବରୁ ନୌସଢ଼ରେ ବସ୍ ଓ ହମସଫର ଏକ୍ସପ୍ରେସ୍‌ରେ ମଗା ଯାଇଥିବା ୧୫ କ୍ୱିଣ୍ଟାଲ ଖୁଆକୁ ମଧ ନଷ୍ଟ କରାଯିବ ବୋଲି କୁହାଯାଇଛି। ଏହି ଖୁଆକୁ ନେବା ପାଇଁ କେହି ଆସିନଥିଲେ, ଯେଉଁମାନେ ଆସିଥିଲେ ଖୁଆକୁ ନମୁନା ନ ଦେଇ ନେବାକୁ ଚେଷ୍ଟା କରିଥିଲେ। ତେବେ ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରଶାସନ ଖୁଆ ସେପରି ଦେବାକୁ ମନା କରିଦେଇଥିଲା। ଏବେ ନଗରନିଗମ ମାଧମରେ ଏହି ଖୁଆକୁ ନଷ୍ଟ କରାଯିବ। ଆସିଷ୍ଟାଣ୍ଟ କମିଶନର ସୁଧିର କୁମାର ସିଂହ କହିଛନ୍ତି ଯେ ୧୨ କ୍ୱିଣ୍ଟଲ ଖୁଆ ବସ୍ ରେ ଓ ୩ କ୍ୱିଣ୍ଟଲ ହମସଫର ଏକ୍ସପ୍ରେସ୍ ଟ୍ରେନ ଯୋଗେ ମଗା ଯାଇଥିଲା। ଏହି ବିପୁଳ ଖୁଆ କାନପୁରରୁ ଆମଦାନୀ ହୋଇଥିଲା। ଖୁଆର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ନଷ୍ଟ କରାଯିବ। ଏତଦବ୍ୟତୀତ ଅପମିଶ୍ରିତ ଖାଦ୍ୟପଦାର୍ଥ ଯେପରି ବଜାରକୁ ନ ଯାଏ ତାହା ସୁନିଶ୍ଚିତ କରାଯିବ।

### ୬ ମାସ ପରେ ଆସିଲା ରିପୋର୍ଟ




## ନୂଆ ଏଆଇ କମ୍ପାନି ଗଠନ କଲେ ରିଲାଏନ୍ସ- ଫେସବୁକ୍

ନୂଆଦିଲ୍ଲୀ, ୨୬।୧୦: ଦେଶରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ନେଇଛି ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍)। କମ୍ପାନି ଫେସବୁକ୍ ସହ ଏକ ଯୌଥ ଉଦ୍ୟୋଗର ଘୋଷଣା କରିଛି। ଯାହାର ନାଁ ରହିଛି ରିଲାଏନ୍ସ ଏଣ୍ଟରପ୍ରାଇଜ୍ ଇଣ୍ଟେଲିଜେନ୍ସ ଲିମିଟେଡ୍ (ଆରଇଆଇଏଲ)। ଏହି ଉଦ୍ୟୋଗ ଏଆଇ ସେବାଗୁଡ଼ିକର ବିକାଶ, ଏହାର ମାର୍କେଟିଂ ଏବଂ ଏହାର ବିକ୍ରି ଉପରେ କାମ କରିବେ। ନୂଆ ଉଦ୍ୟୋଗରେ ରିଲାଏନ୍ସର ୭୦ ପ୍ରତିଶତ ଏବଂ ଫେସବୁକ୍ ୩୦ ପ୍ରତିଶତ ଅଂଶଧନ ରହିବ। ଶନିବାର ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ଆରଆଇଏଲ୍ ଏନେଇ ସୂଚନା ଦେଇଛି। ଯୌଥ ଉଦ୍ୟୋଗର ଚୁକ୍ତି ଅନୁସାରେ, ପ୍ରାଥମିକ ଭାବରେ ରିଲାଏନ୍ସ ଇଣ୍ଟେଲିଜେନ୍ସ ଏବଂ ଫେସବୁକ୍ ମିଳିତ ଭାବରେ ୮୫୫ କୋଟି ଟଙ୍କା ବା ପ୍ରାୟ ୧.୮ ବିଲିୟନ ଡଲାର ପୁଞ୍ଜି ନିବେଶ କରିବେ। କମ୍ପାନୀ ସ୍ପଷ୍ଟ କରିଛି ଯେ, ଆରଇଆଇଏଲ ଗଠନ ପାଇଁ କୌଣସି ସରକାରୀ କିମ୍ବା ନିୟାମକ ଅନୁମୋଦନ ଆବଶ୍ୟକ ପଡ଼ିନଥିଲା।

୧୧ତମ ଭୀମପାହାଡ ମହୋତ୍ସବ ଉଦ୍‌ଯାପିତ

## ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ: ବିଧାୟକ



**ବଲାଙ୍ଗୀର, ୨୬।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଦେଓଗାଁବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀ ଠାରେ ଗତ ୫ଦିନ ଧରି ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବ ଶନିବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି। ପ୍ରତ୍ୟହ ଏଠାରେ ନାମସଂକିର୍ତ୍ତନ ସହିତ କଂସଦରବାର ଓସାଂସ୍କୃତିକସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଥିଲା। ଶନିବାର ରାତିର ଶେଷରଜନୀରେ କଂସବଧ ସହିତ ମହୋତ୍ସବ ଉଦଯାପିତ ହୋଇଥିଲା। ଶେଷ ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ମହୋତ୍ସବ ଆୟୋଜକ କମିଟିକୁ ପ୍ରଶଂସା କରିବା ସହିତ ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷାଦେବା ଆମସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ । ଏହା ସହିତ ଭୀମପାହାଡର ବିକାଶ ପାଇଁ ଆଗକୁ ନିଆଯାଉଥିବା ପଦକ୍ଷେପ ବିଷୟରେ ମଧ୍ୟ ଜନସାଧାରଣଙ୍କୁ କହିଥିଲେ।

ଏହି ଅବସରରେ କଂସଭୂମିକାରେ ଅଭିନୟ କରୁଥିବା କଳାକାର ରବିନ୍ଦ୍ର ସାହୁ, ମହୋତ୍ସବ କମିଟିର ରାଜେଶ ନାଏକ ଓ ଦୟାସାଗର ନାଏକଙ୍କୁ ମେମେଣ୍ଟୋ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

● ଶାଳିଜଙ୍ଗା ମହିମା ଆଶ୍ରମରେ ଜମି ହଡ଼ପ ମାମଲା

## ବିଶୃଙ୍ଖଳା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କଲେ ଗ୍ରାମବାସୀ ଓ ମଠାଧୀଶ



**ନାଉଗାଁ, ୨୬।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଦେଖା ଦେଇଥିବା ବିଶୃଙ୍ଖଳା ଓ ଜମି ହଡପ ହୋଇଥିବା ସମ୍ପର୍କରେ ରବିବାର ଗ୍ରାମବାସୀ ଓ ମଠାଧୀଶ ବାବା ଗଦାଧର ଦାସ ପୃଥକ ଭାବେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ବାବା ଗଦାଧର ଦାସଙ୍କ ଅଭିଯୋଗ ମୁତାବକ ଆମ୍ଭ ଆଶ୍ରମରେ ରିନା ମା' ବୋଲି ଜଣେ ଅନ୍ତେବାସୀ ବହୁ ଦିନ ଧରି ରହୁଥିଲେ। ଭିକ୍ଷା, ହୁଣ୍ଡି, ଜମିଜମା ଚାଷରୁ ଆଶ୍ରମରୁ ଯାହା ଆୟ କରାଯାଏ ତାହା ରିନା ମା'ଙ୍କ ପାଖରେ ରୁହେ। ରିନା ମା' ଆଶ୍ରମର ସମସ୍ତ ବିଷୟ ବୁଝାବୁଝି କରନ୍ତି। କିଛି ଦିନ ହେବ ରିନା ମା'ଙ୍କ ଜଣେ ନିକଟ ସମ୍ପର୍କୀୟ ମାନସ ଦାସ ଆଶ୍ରମକୁ ଯିବା ଆସିବା କରୁଥିଲେ। ରୀନା ମା' ଓ ମାନସ ମିଶି ଆଶ୍ରମର କିଛି ଜମି ନିଜ ନାମରେ କରିବା ସହିତ ଆଶ୍ରମରୁ ଆୟ ହେଉଥିବା ଅର୍ଥକୁ ହଡପ କରି ନିଜ ନାମରେ କଟକରେ ଘର କରିଥିବା ଆମ୍ଭେ ଜାଣିବାକୁ ପାଉଛୁ। ଏବିଷୟରେ ପଚାରିବାରୁ ମାନସ ଆଶ୍ରମରେ ଥିବା ଅନ୍ତେବାସୀଙ୍କୁ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଆଣି ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ଅନୁରୂପ ଭାବେ ଶାଳିଜଙ୍ଗା ଓ ଶିଖର ପଞ୍ଚାୟତର ଶତାଧିକ ଗ୍ରାମବାସୀ ସ୍ୱାକ୍ଷରରେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ଏହି ଅଞ୍ଚଳରେ ଉକ୍ତ ଆଶ୍ରମଟି ଦ୍ୱିତୀୟ ଯୋରନ୍ଦା ନାମରେ ଅଭିହତ ଅଟେ। କିଛି ଦିନ ହେବ ଉକ୍ତ ଆଶ୍ରମରେ ବିଶୃଙ୍ଖଳା ଦେଖାଦେଇଛି। ଆଶ୍ରମରେ ଅନେକ ଅନ୍ତେବାସୀନୀ ରହୁଥିବା ବେଳେ ଏପରି ବିଶୃଙ୍ଖଳା ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କୁପ୍ରଭାବ ପକାଉଛି। ଏପରିକି ଆଶ୍ରମ ସହିତ ଜଡିତ ସମସ୍ତ ଭକ୍ତବୃନ୍ଦ ମର୍ମାହତ ହେଉଛନ୍ତି। ତେଣୁ ଏହାର ସଠିକ ତଦନ୍ତ କରାଯାଇ ହଡପ ହୋଇଥିବା ଜମି ଓ ଅର୍ଥ ରାଶିକୁ ଯଥା ଶୀଘ୍ର ଫେରାଇବାକୁ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ନିଳମଣୀ ନାୟକ ପ୍ରକାଶ କରିଛନ୍ତି।

# ସଙ୍କଟରେ ତ୍ରିକୋଣ ଭୂମି ଅଞ୍ଚଳ



**ଅସ୍ତରଙ୍ଗ, ୨୬।୧୦ (ସଂଚାର ବ୍ୟୁରୋ):** ତ୍ରିକୋଣଭୂମି ଅଞ୍ଚଳରେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ଥିବା ବେଳେ ସମଗ୍ର ଓଡିଶାରେ ଥିବା ତ୍ରିକୋଣଭୂମି ଅଞ୍ଚଳ ବର୍ତ୍ତମାନ ସଂକଟର ସମ୍ମୁଖୀନ। ବଡ଼ ବଡ଼ ନଦୀଗୁଡିକ ଉପରମୁଣ୍ଡରେ ଡ୍ୟାମ, ବ୍ୟାରେଜ ଓ ସେତୁ ନିର୍ମାଣ ହେବା ଫଳରେ ନଦୀର ଉପରମୁଣ୍ଡରୁ ବେଶୀ ପରିମାଣର ମୃର୍ତ୍ତିକା ଓ ପଟୁ ନଦୀ ମୁହାଣକୁ ଆସିନପାରି ଜଳ ଭଣ୍ଡାରରେ ଗଛିତ ହୋଇ ରହୁଛି। ନଦୀର ଉପରମୁଣ୍ଡରୁ ପ୍ରବାହିତ ଜଳ ସ୍ରୋତରେ ମୃର୍ତ୍ତିକା ଓ ପଟୁ ମୁହାଣ ଅଞ୍ଚଳକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ଯୋଗୁଁ ତ୍ରିକୋଣଭୂମି କ୍ଷେତ୍ର ଧୀରେ ଧୀରେ ସଂକୁଚିତ ହେବାରେ ଲାଗିଛି।

ମହାନଦୀର ଶାଖା ଦେବୀ ନଦୀ ଅସ୍ତରଙ୍ଗ ଠାରେ ସମୁଦ୍ରରେ ମିଶିଛି। ଦେବୀ ମୁହାଣ ଅଞ୍ଚଳ ଉତ୍କର୍ଷତା ଭରପୁର ଥିଲେ ମଧ ମୁହାଣ ସନ୍ନିକଟ ତ୍ରିକୋଣଭୂମି ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ପଦର ବିନିଯୋଗ ସୁଚାରୁ ରୂପେ ହୋଇ ପାରୁନାହିଁ। ପ୍ରଚୁର ମଧୁର ଜଳ ଏହି ଭୂଗର୍ଭରେ ଗଛିତ ଅଛି। ନଦୀ ଆଣୁଥିବା ପଟୁ ମାଟିରେ ଡ଼େଲ୍ଟା ଭୂମିରୂପ ଗଠିତ ହୋଇଥିବା ଯୋଗୁଁ ଏହି ତ୍ରିକୋଣଭୂମି ଅଞ୍ଚଳ ଅତ୍ୟନ୍ତ ଉର୍ବର। ଧାନ ଓ ଅନ୍ୟାନ୍ୟ ଫସଲ ଏଠାରେ ପ୍ରଚୁର ମାତ୍ରାରେ ଉତ୍ପାଦିତ ହୁଏ। ପ୍ରଚୁର ମାଛ ମଧ ନଦୀ ନାଳରୁ ମିଳିଥାଏ। ଏହି ତ୍ରିକୋଣଭୂମି ଧାରରେ ରହିଛି ଉପକୂଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦେଉଥିବା ଘଞ୍ଚ ହେନ୍ତାଳ ବଣ। ଏହି ଡ଼େଲ୍ଟାରେ ନୌଚାଳନା ଓ ଇକୋ ଟୁରିଜିମ ପରି ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବା ଭଳି ଭିତ୍ତିଭୂମି ରହିଛି।

ଧାମରା ମୁହାଣରେ ଭିତରକନିକା, ମହାନଦୀ ମୁହାଣରେ ହୁକିତୋଳା ଦୀପ ଓ ହେନ୍ତାଳ ବଣଘେରା ବତୀଘର ଭଳି ଅସ୍ତରଙ୍ଗ ଦେବୀ ମୁହାଣ ତ୍ରିକୋଣଭୂମି ଅଂଚଳରେ ଗଙ୍ଗାଦେବୀ, ଜାହାନିଆ, ଶୁନେଇଡିଆ ଓ ମା ବନ୍ଦରେଇ ନାଳୀ ପ୍ରଭୃତି ସୌନ୍ଦର୍ଯ୍ୟ ଭରା ପ୍ରାକୃତିକ ପରିବେଶ ଇକୋ ଟୁରିଜିମ୍ ପାଇଁ ସମ୍ଭାବନା ବହନ କରୁଛି। ସେ ପଟେ ନଦୀରୁ ଯଦି ଉପଯୁକ୍ତ ପରିମାଣରେ ମୃର୍ତ୍ତିକା ଓ ପଟୁ ସମୁଦ୍ରକୂଳକୁ ନ ଆସିଲା ଓ ସମୁଦ୍ର ଭିତରକୁ ନ ଗଲା ତେବେ ତ୍ରିକୋଣଭୂମି ସଂକୁଚିତ ହେବା ସହ ଉପକୂଳ ଓ ବେଳାଭୂମିସାମୁଦ୍ରିକ ଢେଉ ଦ୍ୱାରା ଅବକ୍ଷୟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ଓ ସରକାର ଅର୍ଥନୈତିକ ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସରକାର ଅସ୍ତରଙ୍ଗ ଦେବୀ ମୁହାଣ ତ୍ରିକୋଣଭୂମି ଅଞ୍ଚଳକୁ ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡିଛି।

## ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ବଳାତ୍କାର ଉଦ୍ୟମ ଅଭିଯୋଗ

**କଣାସ, ୨୬।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଡା ଥାନା ପରିସର ଭୁକ୍ତ ଗୋଟିଏ ଗ୍ରାମର ଅଷ୍ଟମ ଶ୍ରେଣୀ ୧୪ବର୍ଷୀୟ ଛାତ୍ରୀ ଗତ ୧୭ତାରିଖ ଦିନ ବିଦ୍ୟାଳୟ ଛୁଟିପରେ ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ମଟରସାଇକେଲ୍‌ରେ ଆସି ତା ଆଗରେ ଛିଡା ହୋଇ ଅଟକାଇବା ସହ ତାର ସାଇକେଲ୍ ଓ ସ୍କୁଲ୍ ବ୍ୟାଗକୁ ରାସ୍ତାକଡକୁ ଫୋପାଡିଦେଇ ନାବାଳିକା ଛାତ୍ରୀକୁ ଟଣାଓଟରା କରି ମଟରସାଇକେଲ୍‌ରେ ବସାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକମାନେ ଦଉଡି ଆସିବାରୁ ଯୁବକମାନେ ମଟରସାଇକେଲ୍‌କୁ ଛାଡି ପଳାଇ ଯାଇଥିଲେ। ଏନେଇ ଗଡ଼ିଶାଗୋଡା ଥାନାରେ ଟଣାଓଟରା କରିଥିବା ଯୁବକ ପନାଶ୍ରୀ ଗ୍ରାମର ରାଜେଶ ସ୍ୱାଇଁ, ଜୟପାଟଣା ଗ୍ରାମର ଦୀପକ ମାଝି ଓ କଳାମାଟି ଗ୍ରାମର କୁନା ମହାପାତ୍ରଙ୍କ ନାମରେ ଗଡ଼ିଶାଗୋଡା ଥାନାରେ ଗତ ୧୭ତାରିଖ ଦିନ ଏତେଲା ଦେଇଥିଲେ। ଥାନାରେ ଏକ ମକଦମା କରାଯାଇ ଆସାମୀମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଆସାମୀମାନେ ଗ୍ରାମରୁ ଫେରାର ହୋଇଯାଇଛି।

## ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ପ୍ରଶିକ୍ଷଣ ଶିବିର



**ମାର୍ଶାଘାଇ, ୨୬।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇ ପଞ୍ଚାୟତ ସମିତି ସଭାଗୃହରେ ବିପର୍ଯ୍ୟୟ ପ୍ରଶମନ ହ୍ରାସ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ 'ସୃଜନୀ' ର ପ୍ରକଳ୍ପ ପରିଚାଳକ ସୁଧୀର କୁମାର ସୁତାରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମାର୍ଶାଘାଇ ବ୍ଲକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସଂଯୋଜନା ଏବଂ ଓଡାଫମ ର ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣା ବା ବିପର୍ଯ୍ୟୟ ସମୟରେ ସୁରକ୍ଷିତ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସା, କ୍ଷୟକ୍ଷତିର ହ୍ରାସ ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରିଥିଲେ। ବିଶେଷକରି ବିପର୍ଯ୍ୟୟ ପରିଚାଳନା ନେଇ ପଞ୍ଚାୟତ କମିଟି ଗଠନ, ଗ୍ରାମ୍ୟ କମିଟି ଗଠନ, ଆଶ୍ରୟସ୍ଥଳ ପରିଚାଳନା କମିଟି ଗଠନ, ବିପର୍ଯ୍ୟୟ ସହାୟତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ରାଜେନ୍ଦ୍ର ଏକ୍ସପେରିମେଣ୍ଟ ଫାର୍ମ ପରିଦର୍ଶନ କଲେ କେବି



**ବଲାଙ୍ଗୀର, ୨୬।୧୦ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ପାରମ୍ପାରିକ ଧାନ ଏବଂ ପୋଷକ ତତ୍ତ୍ୱ ଧାନର କ୍ଷେତ୍ର ରାଜେନ୍ଦ୍ର ଏକ୍ସପେରିମେଣ୍ଟ ଫାର୍ମକୁ ଓଡିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପରିଦର୍ଶନ କରିଥିଲେ। ପ୍ରକାଶ ଯେ, କୃଷି ବିଭାଗ ବଲାଙ୍ଗୀର ଏବଂ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗ ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏବଂ ରାଜ୍ୟ ବିହନ ପରୀକ୍ଷାଗାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲାରେ ୧୧୨ ପ୍ରକାର ପାରମ୍ପରିକ ଧାନ ମଧ୍ୟରୁ ୬୧ ପ୍ରକାରର ଧାନକୁ ପରୀକ୍ଷା ମୂଳକ ଭାବେ ଜୈବିକ ପଦ୍ଧତି ଅବଲମ୍ବନ କରି ଚାଷ କରାଯିବା ସହିତ ୧୩ ପ୍ରକାରର ସରକାରୀ ସ୍ୱୀକୃତି ପ୍ରାପ୍ତ ଜିଙ୍କ, ପ୍ରୋଟିନ ଏବଂ ଲୋ ଜିଆଲ ଥିବା ଧାନକୁ ୫/୫ ବର୍ଗ ମିଟର ଓ ୩/୩ ବର୍ଗ ମିଟରରେ ପରୀକ୍ଷା କରାଯାଇଅଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ବିସ୍ତୃତ ଭାବରେ ବିଭାଗୀୟ ଅଧିକାରୀ ଇରିର କର୍ମକର୍ତ୍ତାଙ୍କ ସହ ପ୍ରତ୍ୟେକ କିସମର ଧାନର ଗୁଣବତ୍ତା ଉପରେ ଆଲୋଚନା କରିବା ସହିତ ଓଡିଶାର କୃଷକ ମାନଙ୍କୁ ତଥା ବଲାଙ୍ଗୀର ପ୍ରମୁଖ କିସମକୁ ପ୍ରଚଳିତ କରିବା ନିମନ୍ତେ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହାପରେ ନିକଟରେ ଥିବା ଆଞ୍ଚଳିକ ପ୍ରଶିକ୍ଷଣ ତାଲିମ କେନ୍ଦ୍ରକୁ ପରିଦର୍ଶନ କରି ଅନୁଷ୍ଠାନର କାର୍ଯ୍ୟକ୍ରମ ଗୁଡ଼ିକ ଅନୁଧ୍ୟାନ କରିଥିଲେ। ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ପ୍ରଗତି ପୂର୍ଵଙ୍କଳା କୃଷକ ସଂଗଠନ ଏବଂ ନାବାର୍ଡର ମିଳିତ ସହଯୋଗରେ ପୋଷକତତ୍ତ୍ୱ ଧାନ ଡି.ଆର.ଆର.-୬୭, ତେଲେଙ୍ଗାନା ସୋନ ଦ୍ୱାରା ପ୍ରସ୍ତୁତ ଚୂଡ଼ା ଏବଂ ଚାଉଳକୁ ଦେଖି କୃଷକ ଉତ୍ପାଦକ ସଂଗଠନକୁ ପ୍ରଶଂସିତ କରିଥିଲେ। ଏହା ସହିତ ବଲାଙ୍ଗୀର ଜିଲ୍ଲାରେ ତାଳ ତେଲ (ପାମ ଅଏଲ)ର ପ୍ରଚାର ପ୍ରସାର ପାଇଁ, ଏମ-୧୧ ଏନର୍ଜି ଗ୍ରାଣ୍ଡିସନ ପ୍ରାଇଭେଟ ଲିମିଟେଡର ଉପମୁଖ୍ୟ ପରିଚାଳକ ଶମ୍ଭୁ ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ।

ସେତୁ ଉପରୁ କଂକ୍ରିଟ୍ ଛାଡି ବାହାରି ପଡିଲାଣି ଲୁହାରଡ

## ଘଟୁଛି ଦୁର୍ଘଟଣା, ମରାମତି ଦାବି



**କଣାସ, ୨୬।୧୦ (ସଂଚାର ବ୍ୟୁରୋ):** ରାମେଶ୍ୱର ଠାରୁ ନୂଆଜଗନ୍ନାଥ ସଡକ ପୁରୀକୁ ସଂଯୋଗ କରୁଥିବା ବେଳେ କଣାସ ବ୍ଲକ ନିକଟ ଚୁପୁରିଙ୍ଗି ଠାରେ ମକରା ସେତୁ ଉପରେ କଂକ୍ରିଟ୍ ଛାଡିଯାଇ ତାର ଗୁଡିକ ବାହାରି ପଡ଼ିଥିବାରୁ ସେତୁଟି ଦୁର୍ବଳ ହୋଇପଡ଼ିଛି। ପୂର୍ବରୁ ମଧ ସେତୁର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଛାଡିଯାଇ ତାର ବାହାରି ପଡ଼ିଥିଲା। ବିଭାଗୀୟ କତୃପକ୍ଷ ତାକୁ ପୁନଶ୍ଚ ମରାମତି କରିଥିବା ବେଳେ ପୁଣି ସେହି ସ୍ଥାନ ଉପରୁ କଂକ୍ରିଟ୍ ବାହାରି ପଡ଼ି ତାରଗୁଡିକ ଉପରକୁ ଦେଖାଯାଇଉଥିବା ବେଳେ ଛୋଟ ଛୋଟ ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ସେତୁଟିକୁ ମରାମତି କରିବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି।

## ସମ୍ଭାବ୍ୟ ବାତ୍ୟା ପାଇଁ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ

**ନବରଙ୍ଗପୁର, ୨୬।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାରେ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ସେମାନଙ୍କ ହେଡ଼କ୍ୱାର୍ଟର ନ ଛାଡିବାକୁ ଓ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ନବରଙ୍ଗପୁର ଜିଲ୍ଲକୁ ଓ୍ୱାରେଞ୍ଜ ଓ ରେଡ ଅଲର୍ଟଜାରି ହୋଇଥିବାରୁ ବାତ୍ୟା ଓ ବର୍ଷା ର ମୁକାବିଲା ସମସ୍ତ ପ୍ରକାର ପ୍ରସ୍ତୁତି ପାଇଁ ସମସ୍ତ ୧୦ଟି ବ୍ଲକ ଓ ୨ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ସମସ୍ତ ଜଳାବଦ୍ଧ ଅଞ୍ଚଳ ଚିହ୍ନଟ ଓ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ଆଲର୍ଟ ରଖାଯାଇଥିବା ବେଳେ ରନ୍ଧାଯାଇଥିବା ଖାଦ୍ୟ ଓ ନିରାପଦ ପାନୀୟ ଜଳର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। । ଜଳ ଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ରଖିବା ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା କେନ୍ଦ୍ରାପଡ଼ାକୁ ୬ ସ୍ୱର୍ଣ୍ଣ ପଦକ



**କେନ୍ଦ୍ରାପଡ଼ା, ୨୬।୧୦ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ୩୮ତମ ଟାଇକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦ୍ରାପଡା ଟାଇକୋଣ୍ଡୋ ଆସୋସିଏସନର ୧୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୬ଟି ସ୍ୱର୍ଣ୍ଣ, ୨ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଚଳିତମାସ ୨୨ ଓ ୨୩ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିଲେ । ଏଥିରେ କେନ୍ଦ୍ରାପଡାର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୬ଜଣ ପ୍ରତିଯୋଗୀ ହେଉଛନ୍ତି ପ୍ରିତିମୟୀ ମହାନ୍ତି, ଲକ୍ଷ୍ମୀଧର ପାତ୍ର, ଦେବାଶିଷ ମଲିକ, ଗାୟତ୍ରୀ ସେଠୀ,ଆରିୟନ ଧଳ ଓ ବୈଷ୍ଣବୀ ପାତ୍ର । ରୌପ୍ୟ ପଦକ ହାସଲ କରିଥିବା ୨ଜଣ ହେଉଛନ୍ତି ଜ୍ୟୋତିର ଆଦିତ୍ୟ ସେଠୀ ଓ ଅଭିନବ ଦାସ । ବ୍ରୋଞ୍ଜ ପଦକ ହାସଲ କରିଥିବା ୯ଜଣ ହେଉଛନ୍ତି ଜନ୍ମେଜୟ ନାୟକ, ଓମ ଶାଇ ନାୟକ,ର୍କୀ କୁମାର ସାହୁ, ଶକ୍ତି ପ୍ରସାଦ ସିଂ, ଶୁଭମ ମଲିକ, ଆୟୁଷ୍ମାନ ସାହୁ, ଶୁଭମ କୁମାର ଜେନା, ଆର.ଡି. ସ୍ରେୟାଂଶ ଲେଙ୍କା ଓ ସ୍ୱସ୍ତିକରାଜ ସାହୁ ପ୍ରମୁଖ କେନ୍ଦ୍ରାପଡା ମାଟି ପାଇଁ ସୁନାମ ଆଣିଥିବାରୁ ଜିଲ୍ଲା ଟାଇକୋଣ୍ଡୋ ସଙ୍ଘର ସଭାପତି ବିମଲ କୁମାର ପଣ୍ଡା ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ସ୍ୱାତୀ ଦ୍ୱାରା ପ୍ରାଣୀ ଉଦ୍ୟୋଗୀ ପାଇଁ କର୍ମଶାଳା

**ଫୁଲବାଣୀ, ୨୬।୧୦ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପ୍ରଦାନ, ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଓ ରାଇକିଆ ଚାଷୀ ଉତ୍ପାଦକ ଗୋଷ୍ଠିଙ୍କ ମିଳିତ ଉଦ୍ୟମରେ ପ୍ରାଣୀ ଉଦ୍ୟୋଗୀ ପାଇଁ ଏକ ଏକଦିବସିୟ କର୍ମଶାଳା ସ୍ୱାତୀ, ବନ୍ଧଗଡ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଅଜିତ ନାଏକ ( ଟିମ୍ ଲିଡର, ପ୍ରଦାନ) କିଭଳି ସହଜ, ସରଳ, ମିତବ୍ୟୟ ଓ ଦେଶୀୟ ଉପଚାର ମାଧମରେ ପଶୁ, ପକ୍ଷୀ ବିଶେଷ କରି ଛେଳି ଓ କୁକୁଡା ଇତ୍ୟାଦିଙ୍କର ଚିକିତ୍ସା, ଯତ୍ନ ଓ ବିକାଶ କରାଯାଇପାରିବ ତାହା ଅତି ସରଳ ଓ ଆଂଚଳିକ ଭାଷାରେ ଅଂଶଗ୍ରହଣ କାରୀ ଙ୍କୁ ବୁଝାଇଥିଲେ। ଏହା ସହିତ ୧୨ ଗୋଟି ବ୍ଲକରୁ ଆସିଥିବା ୬୫ ଜଣ ଉଦ୍ୟୋଗୀ କିପରି ଆଗାମି ଦିନରେ ଦେଶୀ କୁକୁଡା ଓ ଛେଳୀକୁ ପାଳନ କରି ଆସାନ୍ୱିତ ଲାଭ ପାଇପାରେବେ ତାଉପରେ ଆଲୋଚନା ରଖାଯାଇଥିଲା ।

ପରିସଂଖ୍ୟାନରୁ ଜଣାପଡୁଛି ଛେଳି ଚାଷ ଧିରେ ଧିରେ କମିବାକୁ ଯାଉଛି। ଯାହାର ମୂଳ କାରଣ ଉପଯୁକ୍ତ ଜ୍ଞାନ ଓ କୌଶଳ ନ ଆପଣାଇ ଛେଳି ପାଳନ କରିବା ଫଳରେ ଗୋଟେ ଛେଳିକୁ ବିକ୍ରୀ କରିବା ପାଇଁ ପାଖା ପାଖି ୨.୫ ରୁ ୩ ବର୍ଷ ଚାଷୀକୁ ଅପେକ୍ଷା କରିବାକୁ ପଡୁଛି । ଯାହାଫଳରେ କମ୍ ଲାଭକୁ ଦେଖି ଲୋକମାନଙ୍କ ଭିତରେ ଅନାଗ୍ରହ ବଢୁଛି। ସ୍ୱାତୀ ସଂପାଦକ ଇଂ ହରିଶଙ୍କର ରାଉତ ଆଗାମୀ ଦିନ ମାନଙ୍କରେ ଯୁବ ଚାଷୀ ମାନେ ପଶୁ ପାଳନ କରି ସ୍ୱାବଲମ୍ବି ହେବା ସହିତ ନୂତନ ଉଦ୍ୟୋଗୀ ଜିଲ୍ଲାରେ ସୃଷ୍ଟି କରିବେ ଓ ରାଇକିଆ ଚାଷୀ ଉତ୍ପାଦକ ଗୋଷ୍ଠି ସମସ୍ତ ଜ୍ଞାନ ଓ କୌଶଳ ସହିତ ସୁଲଭ ମୂଲ୍ୟରେ ବିଭିନ୍ନ ପରିପୁରକ ଖାଦ୍ୟ, ପାରମ୍ପରିକ ଚିକିତ୍ସା, ଟୀକା କରଣ, ପ୍ରଜନନ ସେବା ଦିଗରେ କାମକରିବ ବୋଲି ଯୋଜନା କରୁଛି ବୋଲି କହିଥିଲେ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ପ୍ରାଏ ୬୫ ଜଣ ପୁରୁଷ ଓ ମହିଳା ପଶୁପାଳକ, ପଶୁ ସମ୍ପଦ କ୍ଷେତ୍ରରେ କାର୍ଯ୍ୟରତ ଫୁଲବାଣୀ ସ୍ୱେଚ୍ଛାସେବୀ ମହା ସଂଘ ର ସଦସ୍ୟ ଅନୁଷ୍ଠାନ ଗ୍ରାମ ବିକାସ, ଜନ ବିକାସ, ସ୍ୱୟଂ ସହାୟକ ପଂଚାୟତ ସ୍ତରିୟ ମହାସଂଘ, ମୂଖ୍ୟମନ୍ତ୍ରୀ ଜନଜାତୀ ଜୀବିକା ମିଶନ ର ଜୀବିକା ସାଥୀ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ



**ନବରଙ୍ଗପୁର, ୨୬।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଅଛି। ଜିଲ୍ଲାରେ ଥିବା ଛଅଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଏ ଉତ୍ସବର ମୂଳ ଲକ୍ଷ୍ୟ। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି କ୍ରୀଡା ପ୍ରତିଯୋଗିତାରେ ଅନ୍ତେବାସୀମାନଙ୍କ ମଧରେ ୧୦୦ ଓ ୨୦୦ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ୟାରମ, ଚେସ, ଫୁଟବଲ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ଶ୍ରୀଶ୍ରୀ ରାଇରାମ ଦାସ ଶିଶୁ ଯତ୍ନ ଅନୁଷ୍ଠାନ ବିଜୟୀ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କିଶୋର ଚନ୍ଦ୍ର ମାର୍ଥା, ଶିଶୁ ଯତ୍ନ ଅଧିକାରୀ ଅନୁଷ୍ଠାନିକ ଯତ୍ନ ଅଧିକାରୀ କୁନିମଣୀ ସ୍ୱାଇଁ ସମେତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା



**ସୁନ୍ଦରଗଡ଼, ୨୬।୧୦ (ସଂଚାର ବ୍ୟୁରୋ):** ଅକ୍ଟୋବର ୨୬ ତାରିଖ ରବିବାର ସକାଳ ୮ଟା ସମୟରୁ ଜିଲ୍ଲା ସ୍ତରୀୟ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା ହୋଇ ଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୮ ଜଣ ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ରେଫରି ଲିପ୍ସା ଷଡଙ୍ଗୀ ଏବଂ ବିକାଶ କୁଆ ଖେଳ ପରିଚାଳନା କରିଥିଲେ। ଯେଉଁ ଖେଳାଳି ମାନେ ଚୟନ ହୋଇଛନ୍ତି ସେମାନେ ଆସନ୍ତା ନଭେମ୍ବର ୧ ଓ ୨ ତାରିଖ ସୁନ୍ଦରଗଡ଼ ଜିଲ୍ଲା ଯୋଗୀମାଲ ଗ୍ରାମ ପଞ୍ଚାୟତ ନିକଟ ତେନ୍ତୁଲିଢିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ହେବାକୁ ଥିବା ୨୪ତମ ଓଡ଼ିଶା ଆନ୍ତଃ ଜିଲ୍ଲା କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗୀତାରେ ଭାଗ ନେବେ ବୋଲି ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସଭାପତି ସିଦ୍ଧାର୍ଥ ବକ୍ସି ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ ଓ ସହ ସମ୍ପାଦକ ରୂପକ କୁମାର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରତିଯୋଗିତା ସଫଳ ହୋଇଥିଲା।

# ବିକ୍ରିବଟା ଓ ପ୍ରୋତ୍ସାହନ ଅଭାବ ; ବୁଡ଼ିବାକୁ ବସିଲାଣି ନଳିତା ଚାଷ



**ମ. ରାମପୁର, ୨୬।୧୦ (ସଂଚାର ବ୍ୟୁରୋ):** ଆମ ରାଜ୍ୟରେ ଧାନ ଚାଷ ବ୍ୟତୀତ ଆଉ ଏକ ଖରିଫ ଚାଷ ହେଉଛି ନଳିତା ଚାଷ। ଦିନ ଥିଲା ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କରେ ବହୁ ପରିମାଣରେ ନଳିତା ଚାଷ କରା ଯାଉଥିଲା। ଏପରି କି ପ୍ରତେକ ଗ୍ରାମାଞ୍ଚଳରେ ଅଳ୍ପ ବହୁତ ନଳିତା ଚାଷ କରି ସେଥିରୁ ଝୋଟ ଉତ୍ପାଦନ କରି ଝୋଟରୁ ପ୍ରସ୍ତୁତ ଲଙ୍ଗଳ ଦଉଡ଼ି, ପଘା, ଶିକା, ଝୋଟ ଅଖା, ବ୍ୟାଗ୍, ସୁତୁଲି ଇତ୍ୟାଦି ପ୍ରସ୍ତୁତ କରି ନିଜେ ବ୍ୟବହାର କରିବା ସହିତ ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଥିଲା କିନ୍ତୁ ବର୍ତ୍ତମାନ ସମୟରେ ନଳିତା ଚାଷ ପ୍ରତି ବିମୁଖ ହୋଇ ପଡିଛି ଚାଷୀ। ଯାହା କି ବର୍ତ୍ତମାନ ସମୟରେ ହଜିବାକୁ ବସିଲାଣି ନଳିତା ଚାଷ। ନଳିତା ଚାଷ ପ୍ରତି ଆଉ ଆଗ୍ରହ ପ୍ରକାଶ କରୁ ନାହାନ୍ତି ଚାଷୀ କୂଳ। ବର୍ତ୍ତମାନ ସମୟରେ ନଳିତା ଚାଷ ଦେଖିବାକୁ ସ୍ୱପ୍ନ ହୋଇଗଲାଣି।

ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ମିଳୁନଥିବାରୁ ଏବଂ ଏଥିସହ ନଳିତାରୁ ଉତ୍ପାଦିତ ଝୋଟ ବିକ୍ରୀ କରିବା ପାଇଁ ବଜାର ବ୍ୟବସ୍ଥା ନାହିଁ। ଯାହାକି ଚାଷୀମାନଙ୍କର ଚିନ୍ତା ର କାରଣ ପାଲଟିଛି। ଗୁରୁତ୍ୱପୁର୍ଣ୍ଣ ହେଉଛି ଆଲୋକର ପର୍ବ ଦୀପାବଳୀ ପାଇଁ ନଳିତାରୁ ଝୋଟ ବାହାର କରିସାରିଲା ପରେ ଯେଉଁ କାଉଁରିଆ କାଠି ବାହାରି ଥାଏ ତାହା ଦୀପାବଳି ଦିନ ଖୋଜା ପଡିଥାଏ। ସେଥିପାଇଁ ଅଳ୍ପ ସ୍ଥାନ ମାନଙ୍କରେ କାଁ ଭାଁ ନଳିତା ଚାଷ ଦେଖିବାକୁ ମିଳୁଛି। ବହୁଳ ଭାବରେ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନ୍ ବ୍ୟବହାର ହେବା ଦ୍ୱାରା ନଳିତା ଚାଷ କରିବା ପାଇଁ ଆଗ୍ରହ କମୁଥିବାର କହିଛନ୍ତି ଚାଷୀ।

ଲୋପ ପାଇବାକୁ ବସିଥିବା ଏହି ନଳିତା ଚାଷକୁ ସରକାର ଜଦି ଏବେ ଠାରୁ ଚିନ୍ତା ନକରନ୍ତି କାଁ ଭାଁ ହେଉଥିବା ନଳିତା ଚାଷ ତାହା ମଧ ଲୋପ୍ ପାଇ ଜିବ। ଜଦି ନଳିତା ଚାଷ ସମୟରେ ଚାଷୀମାନଙ୍କୁ ଉପଯୁକ୍ତ ବିହନ, ବୈଷୟିକ କୌଶଳ ଓ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ବେଳେ ଜଦି ସରକାରଙ୍କ ପକ୍ଷରୁ ଆବଶ୍ୟକ ସଚେତନତା, ପ୍ରୋତ୍ସାହନ ରାଶି ଯୋଗାଇ ଦିଆ ଯାଇପାରନ୍ତା ପୂର୍ବପରି ଚାଷୀମାନଙ୍କ ମନରେ ନଳିତା ଚାଷର ପ୍ରତି ଆଗ୍ରହ ବଢିପାରନ୍ତା ଓ ପରିବେଶ ମଧ ସୁରକ୍ଷା ହୋଇ ପାରନ୍ତା।

## କରାଟେ ପ୍ରତିଯୋଗିତା ଉଦଯାପିତ




**ଫୁଲବାଣୀ, ୨୬।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ପବ୍ଲିକ ସ୍କୁଲ ଫୁଲବାଣୀ ଠାରେ ୬୯ ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗୀତାରେ ୮ ଟି ଜିଲ୍ଲା ରୁ ୧୦୧ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥଲେ। ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ମାନ୍ୟବର ବିଧାୟକ ଜି. ଉଦୟଗିରି ବିଶିଷ୍ଟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅଜୟନ୍ତୀ ପ୍ରଧାନ ପୂର୍ବତନ ବିଧାୟିକା, ଜ୍ୟୋତି ପ୍ରସାଦ ପରିଡା ସହକାରୀ ନିର୍ଦ୍ଦେଶକ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ଯୋଗଦେଇଥିଲେ। ଏହି କ୍ରୀଡାରେ ବିଜେତା ମାନଙ୍କୁ ପଦକ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ନଟରାଜ କଳା ମନ୍ଦିର, ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଡାନ୍ସ ଗ୍ରୁପ ନୃତ୍ୟ ପ୍ରଦର୍ଶନ କରିଥିଲେ।




# ବିଳମ୍ବିତ ରାତିରେ ଶୋଉଛନ୍ତି କି ?



ସୋସିଆଲ ମିଡିଆ, ଅଫିସ କାମ ଏବଂ ପାଠପଢ଼ା ଦାୟିତ୍ୱ ଯୋଗୁଁ ନିଦ ସମୟ ନିରନ୍ତର ହ୍ରାସ ପାଉଛି। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରହିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। କାରଣ ଏହା କରିବା ଦ୍ୱାରା କେବଳ ଥକାପଣ ବୃଦ୍ଧି ହୁଏ ନାହିଁ, ବରଂ ଏହା ଆପଣଙ୍କ ଶରୀର ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଇଥାଏ। ଏହି କ୍ଷେତ୍ରରେ, ଡକ୍ଟର ହଂସଜୀ କୁହନ୍ତି ଯେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରହିବା ଅନେକ ରୋଗର କାରଣ ହୋଇପାରେ ଏବଂ ଏହାକୁ ଅସାବଧାନତାବଶତଃ ଅଣଦେଖା କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ନିଦ୍ରା ଅଭାବର କ୍ଷତିକାରକ ପ୍ରଭାବ- ରାତିରେ ପର୍ଯ୍ୟାପ୍ତ ନିଦ ନ ହେବା ଶରୀରକୁ ଦୁର୍ବଳ କରିଦିଏ। ଏହା ଆପଣଙ୍କ ଶରୀରକୁ ସଂକ୍ରମଣ ଏବଂ ଭୂତାଣୁ ଜନିତ ରୋଗ ପ୍ରତି ଅଧିକ ଦୁର୍ବଳ କରିଦିଏ। ନିଦ୍ରା ଅଭାବ ମେଟାବୋଲିଜିମ୍‌କୁ ଧୀର କରିଦିଏ ଏବଂ ହରମୋନ୍ ଗୁଡ଼ିକୁ ଅସନ୍ତୁଳିତ କରେ ଯାହା ସ୍ଥୂଳତା ଆଡ଼କୁ ନେଇଯାଏ। ରାତି ପର୍ଯ୍ୟନ୍ତ ନିରନ୍ତର ଜାଗ୍ରତ ରହିବା ହୃଦ୍‌ରୋଗ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ଏବଂ ହୃଦ୍‌ରୋଗର ଆଶଙ୍କା ବୃଦ୍ଧି କରେ। ବିଳମ୍ବିତ ରାତିରେ ଉଠିବାର କାରଣ- ମୋବାଇଲ୍, ଲାପଟପ୍ କିମ୍ବା ଟିଭି ସ୍କ୍ରିନ୍ ରୁ ବାହାରୁଥିବା ନୀଳ ଆଲୋକ ମେଲାଟୋନିନ୍ ହରମୋନକୁ ପ୍ରଭାବିତ କରେ। କାମ ଏବଂ ସାମାଜିକ ଜୀବନ ଯୋଗୁଁ ଶୋଇବା ସମୟ ନିୟମିତ ନୁହେଁ। ବିଳମ୍ବିତ ରାତିରେ ଭାରୀ ଏବଂ ତେଲିଆ ଖାଦ୍ୟ ଖାଇବା ଦ୍ୱାରା ମଧ୍ୟ ଅନିଦ୍ରା ଲାଗେ। ଶୋଇବାର ଅତି କମରେ ୧ ଘଣ୍ଟା ପୂର୍ବରୁ ମୋବାଇଲ୍ ଏବଂ ଲାପଟପ୍ ଠାରୁ ଦୂରରେ ରୁହନ୍ତୁ। ରାତିରେ କଫି କିମ୍ବା ଭାରୀ ଖାଦ୍ୟ ଖାଆନ୍ତୁ ନାହିଁ। ଯଦି ଆପଣ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି, ତେବେ ଏହାକୁ ଅଭ୍ୟାସ କରିବାରୁ ବଞ୍ଚନ୍ତୁ। ସଠିକ୍ ସମୟରେ ଶୋଇବା କେବଳ ଥକାପଣ ଦୂର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ସମଗ୍ର ଶରୀର ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆପଣଙ୍କର ଶୋଇବା ସମୟକୁ ଉନ୍ନତ କରନ୍ତୁ ଏବଂ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଶରୀର ଏବଂ ମନ ଉଭୟକୁ ସୁସ୍ଥ ରଖନ୍ତୁ।



# ହୃଦଘାତର ଆଶଙ୍କା ୫୬% ବୃଦ୍ଧି କରେ ରାତିର ଲାଇଟ୍

ଦିନରେ, ଆମକୁ ପ୍ରାୟତଃ ଘରେ ଲାଇଟ୍ ଜଳାଇବାକୁ ପଡ଼ିନଥାଏ କାରଣ ସୂର୍ଯ୍ୟକିରଣ ଏତେ ଉଜ୍ଜ୍ୱଳ ଥାଏ ଯେ, ଆମେ ଆମର ସମସ୍ତ କାମ ସହଜରେ କରିପାରିବା। ତଥାପି, ସନ୍ଧ୍ୟା ହେବା ମାତ୍ରେ ସମସ୍ତେ ନିଜ ନିଜ ଘରେ ଲାଇଟ୍ ଜଳାଇ ଦିଅନ୍ତି। କିନ୍ତୁ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ସନ୍ଧ୍ୟା ହେବା ମାତ୍ରେ ଆମେ ଆମ ଘରର ସମସ୍ତ ଆଲୋକ ବନ୍ଦ କିମ୍ବା ଡିମ୍ କରିବା ଉଚିତ। ଏହା ନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି ହୁଏ, ବିଶେଷକରି ଆମ ହୃଦୟ ପାଇଁ। ଏହା ହୃଦ୍ ସମସ୍ୟାର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରେ। ତେଣୁ ଆସନ୍ତୁ ଏହା ପଛର କାରଣ ବୁଝିବା। ରାତିରେ ଉଜ୍ଜ୍ୱଳ ଆଲୋକ ଜଳାଇ ରଖିବା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇପାରେ। ରାତିରେ ଆଲୋକ ଜଳାଇ ରଖିବା ସର୍କାଡିଆନ୍ ତାଳ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହା ନିଦ ଏବଂ ହରମୋନ୍ ନିୟନ୍ତ୍ରଣ ସମେତ ଅନେକ ଜିନିଷ ପାଇଁ ଜରୁରୀ। ତେଣୁ, ଯେତେବେଳେ ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟାଗୁଡ଼ିକ ବାଧାପ୍ରାପ୍ତ ହୁଏ, ହୃଦୟ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୁଏ। ଉଜ୍ଜ୍ୱଳ ଆଲୋକ ଏହି ତାଳ ପ୍ରକ୍ରିୟାକୁ ପ୍ରଭାବିତ କରେ ଏବଂ ଏଥିରେ ବ୍ୟାଘାତ ସୃଷ୍ଟି କରେ, ଯାହା ମାନସିକ ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଅନିୟମିତ ହୃଦସ୍ପନ୍ଦନ ସୃଷ୍ଟି କରେ। ରାତିରେ ଉଜ୍ଜ୍ୱଳ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ହୃଦ୍‌ରୋଗ ସମସ୍ୟାର ଆଶଙ୍କା ବହୁତ ବଢ଼ିଯାଏ। ଉଜ୍ଜ୍ୱଳ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା କରୋନାରୀ ଧମନୀ ରୋଗର ଆଶଙ୍କା ୩୨%, ହୃଦ୍‌ଘାତର ଆଶଙ୍କା ୫୬% ଏବଂ ହୃଦ୍‌ଘାତର ଆଶଙ୍କା ୩୦% ବୃଦ୍ଧି ପାଏ। ଆମ ଶରୀର ଉପରେ ରାତି ଆଲୋକର ପ୍ରଭାବ ଏତେ ଗୁରୁତର ଯେ, ପ୍ରତିଦିନ ବ୍ୟାୟାମ, ସୁସ୍ଥ ଖାଦ୍ୟ ଏବଂ ଭଲ ନିଦ ମଧ୍ୟ ଏହି ବିପଦକୁ ହ୍ରାସ କରିନଥାଏ। ଏପରି ପରିସ୍ଥିତିରେ, ଆପଣଙ୍କ ହୃଦୟର ଯତ୍ନ ନେବା ଏବଂ ଏହାକୁ ସୁସ୍ଥ ରଖିବା ପାଇଁ, ସନ୍ଧ୍ୟା ପରେ ଆପଣଙ୍କ ଘରେ ଆଲୋକକୁ ମଳିନ କରିବା ଏବଂ ପରଦା ବ୍ୟବହାର କରି ବାହାର ଆଲୋକକୁ ଅବରୋଧ କରିବା ପାଇଁ ଆପଣଙ୍କୁ ସର୍ବାଧିକ ସତର୍କ ରହିବା ଉଚିତ। ଏହା ବ୍ୟତୀତ, ଶୋଇବା ସମୟରେ ଆପଣଙ୍କ ଫୋନ୍ ବ୍ୟବହାର ନକରି ଆପଣ ଆପଣଙ୍କ ହୃଦୟକୁ ସୁସ୍ଥ ଏବଂ ସୁସ୍ଥ ରଖିପାରିବେ। ଏହିପରି ଭାବରେ, ଯଦି ଆପଣଙ୍କ ହୃଦୟ ସୁସ୍ଥ ରହେ, ତେବେ ଆପଣ ମଧ୍ୟ ସୁସ୍ଥ ରହିବେ।

# ପ୍ରତିଦିନ ଖାଆନ୍ତୁ ଅଦା, ସୁସ୍ଥ ରୁହନ୍ତୁ

ଅଦାରେ ଅନେକ ଔଷଧୀୟ ଗୁଣ ରହିଛି । ଅଦା ଗଣ୍ଠି ବିନ୍ଧା ଏବଂ ଆଲର୍ଜି ଭଳି ରୋଗକୁ ନିୟନ୍ତ୍ରଣ କରିବାରେ ପ୍ରଭାବଶାଳୀ ହୋଇଥାଏ ।ତେବେ ଆସନ୍ତୁ ଜାଣିବା ଅଦା ଖାଇଲେ ଆଉ କେଉଁ ସ୍ୱାସ୍ଥ୍ୟ ଲାଭ ରହିଛି ? ବିଶେଷଜ୍ଞଙ୍କ ମତରେ ଅଦା ପାଚନ ଏନଜାଇମ ଉତ୍ପାଦନକୁ ବୃଦ୍ଧି କରେ ଏବଂ ଖାଦ୍ୟକୁ ଶୀଘ୍ର ହଜମ କରିବାରେ ସାହାଯ୍ୟ କରେ। ଏହା ବଦହଜମି,ପେଟ ଫୁଲିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ହ୍ରାସ କରେ । ଅଦାରେ ଜିଞ୍ଜେରାଲ୍ ନାମକ ଶକ୍ତିଶାଳୀ ପ୍ରଦାହ-ବିରୋଧୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ଶରୀର ଯନ୍ତ୍ରଣା ଏବଂ ଫୁଲା କମ୍ କରିବାରେ ସାହାଯ୍ୟ କରେ। ଏହା ଗଣ୍ଠି ପ୍ରଦାହ ଏବଂ ଗଣ୍ଠି ଜନିତ ଯନ୍ତ୍ରଣାକୁ କମ୍ କରିବାରେ ବିଶେଷ ସହାୟକ। ଏହା ଋତୁସ୍ରାବ ସମୟରେ ପେଟ ଯନ୍ତ୍ରଣା ଦୂର କରିବାରେ ମଧ୍ୟ ପ୍ରଭାବଶାଳୀ ଅଟେ । ୟୁସିଏଲଏ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଅଦାରେ ଥିବା ପୁଷ୍ଟିକର ତତ୍ତ୍ୱ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରେ । ବିଶେଷଜ୍ଞମାନେ କହିଛନ୍ତି ଯେ ନିୟମିତ ସେବନ ରକ୍ତଚାପକୁ ହ୍ରାସ କରିପାରିବ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିପାରେ ।ଏହା ହାର୍ଟକୁ ମଧ୍ୟ ସୁସ୍ଥ ରଖେ ଏବଂ ହୃଦରୋଗର ବିପଦକୁ ହ୍ରାସ କରେ ।ଅଦା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ। ଯଦି ଆପଣଙ୍କ ଖାଦ୍ୟରେ ଅଧିକ ପରିମାଣର ଅଦା ଖାଉଛନ୍ତି ତେବେ କୌଣସି ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ ।



# ଖାଇବା ପରେ ଚା’ ପିଉଛନ୍ତି କି ?



ଅନେକ ଲୋକଙ୍କର ଖାଇବା ପରେ ତୁରନ୍ତ ଚା’ ପିଇବାର ଅଭ୍ୟାସ ଥାଏ। ମଧ୍ୟାହ୍ନ ହେଉ କି ରାତି ଖାଇବା ପରେ ତୁରନ୍ତ ଚା’ ପିଇଥାନ୍ତି। କିନ୍ତୁ ଚା’ ପିଇବା ସମୟରେ ସେମାନେ ଭୁଲିଯାଆନ୍ତି ଯେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ। ଏଭଳି ଅଭ୍ୟାସ ଶରୀର ପାଇଁ କେତେ ମାରାତ୍ମକ ଆସନ୍ତୁ ଜାଣିବା।

**ପାଚନକ୍ରିୟାକୁ ବାଧା ଦିଏ:** ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଇଲେ ଏହା ପାଚନ କ୍ରିୟାକୁ କ୍ଷତି ପହଞ୍ଚାଇପାରେ। ଚା’ରେ କ୍ୟାଫିନ ଏବଂ ଟାନିନ୍ ଥାଏ। ଯାହା ପାଚନ ପ୍ରକ୍ରିୟାକୁ ମନ୍ଥର କରିପାରେ ଏବଂ ପେଟ ଯନ୍ତ୍ରଣା ଏବଂ ଗ୍ୟାସ୍ ସୃଷ୍ଟି କରିପାରେ। ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ଧୀରେ ଧୀରେ ପାଚନକ୍ରିୟା ଖରାପ ହୋଇପାରେ।

**ଶରୀରରେ ଆଇରନ ଅଭାବ:** ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ଶରୀରରେ ଆଇରନ ଅଭାବ ହୋଇପାରେ। ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ଶରୀରରେ ଆଇରନର ଅଭାବ ହୋଇପାରେ।

**ଦାନ୍ତ କ୍ଷତି:** ଏହି ଅଭ୍ୟାସ ଆପଣଙ୍କ ଦାନ୍ତକୁ ମଧ ବହୁତ କ୍ଷତି ପହଞ୍ଚାଇପାରେ। ଯେଉଁମାନେ ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଅନ୍ତି ସେମାନେ ଜାଣି ରଖିବା ଉଚିତ ଯେ, ଚାରେ ଏସିଡ୍ ଥାଏ ଯାହା ଆପଣଙ୍କ ଦାନ୍ତକୁ କ୍ଷତି ପହଞ୍ଚାଇପାରେ। ଖାଦ୍ୟ ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ଆପଣଙ୍କ ଦାନ୍ତରେ ଏସିଡ୍ ସ୍ତର ବୃଦ୍ଧି ପାଇପାରେ ଫଳରେ ଦାନ୍ତ କ୍ଷତି ହୋଇପାରେ।

**ପେଟ ଜଳା:** ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ପେଟ ପୋଡ଼ା ଜଳାପୋଡ଼ା ହୋଇପାରେ। ଚା’ରେ କ୍ୟାଫିନ୍ ଏବଂ ଏସିଡ୍ ଥାଏ, ଯାହା ପେଟ ଜଳା କରିପାରେ।

**ନିଦର ଅଭାବ:** ଚା’ରେ କ୍ୟାଫିନ୍ ଥାଏ, ଯାହା ନିଦକୁ ପ୍ରଭାବିତ କରିପାରେ। ଖାଇବା ପରେ ତୁରନ୍ତ ଚା’ ପିଇବା ଦ୍ୱାରା ନିଦ୍ରାହୀନତା ହୋଇପାରେ। ଲୋକମାନେ ପ୍ରାୟତଃ ଖାଦ୍ୟ ପରେ ତୁରନ୍ତ ଚା’ ପିଇବା ପରେ ନିଦ ହେଉନଥିବା ସମସ୍ୟା ଦେଖାଉଥିବା ଅଭିଯୋଗ କରନ୍ତି। ତେବେ ଏସବୁ ଟିପ୍ସ ଓ ପରାମର୍ଶ କେବଳ ସାଧାରଣ ସୂଚନା। ଏହାକୁ ବୃତ୍ତିଗତ ଡାକ୍ତରୀ ପରାମର୍ଶ ଭାବରେ ବୁଝିବା ଅନୁଚିତ୍। ଯେ କୌଣସି ଶାରୀରିକ ସମସ୍ୟା ପାଇଁ ସବୁବେଳେ ଡାକ୍ତରଙ୍କ ସହ ପରାମର୍ଶ ନେବା ଉଚିତ୍।

# ଡିଭାଇସ୍‌ରୁ ଚିହ୍ନଟ ହେବ ସେପ୍ସିସ୍ ରୋଗର ପ୍ରାରମ୍ଭିକ ଲକ୍ଷଣ

ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ସେପ୍ସିସ୍ ରୋଗରେ ପୀଡ଼ିତ। କାଲିକଟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ ଏହି ରୋଗରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ବୈଜ୍ଞାନିକମାନେ ଏକ ଡିଭାଇସ୍ ବିକଶିତ କରିଛନ୍ତି, ଯାହା ସେପ୍ସିସ୍‌ର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହେବ। ଏହି ଡିଭାଇସର ମୂଲ୍ୟ ଖୁବ୍ କମ୍ ଏବଂ ଇଲେକ୍ଟ୍ରୋକେମିକାଲ୍ ବାୟୋସେନ୍ସର, ଯାହା ରକ୍ତରେ ଉପସ୍ଥିତ ଏଣ୍ଡୋଟକ୍ସିନ୍ ନାମକ ଏକ ବିଷାକ୍ତ ଉପାଦାନକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ଏଣ୍ଡୋଟକ୍ସିନ୍ ହେଉଛି ସେପ୍ସିସ୍ ରୋଗର ଏକ ସୂଚକ। ଏଥିରେ ୮ଟି ନିର୍ଦ୍ଦିଷ୍ଟ ସେନ୍ସର ଆର୍କିଟେକ୍ଚର ଏବଂ କମ୍ ମୂଲ୍ୟର ପୋର୍ଟେବଲ୍ ଡିଭାଇସ୍ ରହିବ, ଯାହାକୁ ଭବିଷ୍ୟତରେ ଏହି ରୋଗକୁ ଚିହ୍ନଟ କରିବାରେ ବ୍ୟବହାର କରାଯାଇପାରିବ। ତେବେ ଏହି ସେପ୍ସିସ୍ ରୋଗ କ’ଣ ଆସନ୍ତୁ ଜାଣିବା। ଏହା ଏକ ଗମ୍ଭୀର ରୋଗ ଯାହା ସଂକ୍ରମଣ ଯୋଗୁଁ ହୁଏ। ଏହି ରୋଗରେ ଅଙ୍ଗପ୍ରତ୍ୟେଙ୍ଗ କାମ କରେନି, ହୃଦ୍‌ଘାତ ହୋଇପାରେ, ଏପରିକି ରୋଗୀଙ୍କର ମୃତ୍ୟୁ ମଧ୍ୟ ହୋଇପାରେ। ଏହା ଏକ ଗମ୍ଭୀର ରୋଗ ଯେଉଁଥିରେ ସଂକ୍ରମଣ ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଲଢ଼ିଥାଏ। ଯାହା ଫଳରେ ଶରୀରର ଅଙ୍ଗଗୁଡ଼ିକୁ କ୍ଷତି ପହଞ୍ଚିଥାଏ। କାଲିକଟର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର ଡକ୍ଟର ଏନ. ସନ୍ଧ୍ୟା ରାଣୀ କହିଛନ୍ତି ଯେ, ତାଙ୍କ ଟିମ୍ ଏକ ପଏଣ୍ଟ-ଅଫ୍-କେୟାର୍ ଡିଭାଇସ୍ ପ୍ରସ୍ତୁତ କରିବା ଉପରେ ପ୍ରୟାସ ଜାରି ରଖିଛନ୍ତି। ଏହି ଟିମ୍ ଏଣ୍ଡୋଟକ୍ସିନ୍ ଚିହ୍ନଟ ପାଇଁ ଏକ ପୋର୍ଟେବଲ୍ ଏବଂ କମ୍ ଖର୍ଚ୍ଚର ଇଲେକ୍ଟ୍ରୋକେମିକାଲ୍ ବାୟୋସେନ୍ସର୍ ପ୍ରୋଟୋଟାଇପ୍ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରିବା ସହ ପରୀକ୍ଷଣ ମଧ୍ୟ କରିଛି। ଏହି ଡିଭାଇସ୍ ମାନକ ଯୋଗ ପଦ୍ଧତି ବ୍ୟବହାର କରି ରକ୍ତ ସିରମ୍‌ରେ ଏଣ୍ଡୋଟକ୍ସିନ୍ ଚିହ୍ନଟ କରେ। ଏହି ଡିଭାଇସ୍ ୧୦ ମିନିଟ୍ ମଧ୍ୟରେ ଫଳାଫଳ ଦିଏ। ବିଶ୍ୱ ସେପ୍ସିସ୍ ଦିବସର ୱେବ୍‌ସାଇଟ୍ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ୪୦ରୁ ୫୦ନିୟୁତ ଲୋକ ଏହି ରୋଗରେ ପୀଡ଼ିତ ହୁଅନ୍ତି, ଯେଉଁଥିରୁ ୧୦ରୁ ୧୫ ନିୟୁତ ଲୋକ ଏହି ରୋଗରେ ମୃତ୍ୟୁବରଣ କରନ୍ତି। ଏହି ରୋଗର ଲକ୍ଷଣଗୁଡ଼ିକୁ ଉପଯୁକ୍ତ ସମୟ ମଧ୍ୟରେ ଚିହ୍ନଟ କରିବା ଏକ ବଡ଼ ସଫଳତା। ଫରେ ଏହାର ସଫଳ ଚିକିତ୍ସା କରାଯାଇପାରିବ।

# ଚାଲିବା ଦ୍ୱାରା ୟୁରିକ୍ ଏସିଡ୍ ନିୟନ୍ତ୍ରଣରେ ରହେ

ୟୁରିକ୍ ଏସିଡ୍, ଯାହାକୁ ହାଇପରୟୁରିସେମିଆ ମଧ୍ୟ କୁହାଯାଏ । ଏହା ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ଅତ୍ୟଧିକ ୟୁରିକ୍ ଏସିଡ୍‌ର ସ୍ତର ବଢ଼ିଲେ ଗଣ୍ଠି ଯନ୍ତ୍ରଣା ସୃଷ୍ଟି କରିପାରେ ଏବଂ ସମୟ ସହିତ ଏହା ଆହୁରି ଖରାପ ହୋଇପାରେ। ଏପରି ପରିସ୍ଥିତିରେ, ଶରୀରରୁ ୟୁରିକ୍ ଏସିଡ୍ ବାହାର କରିବା ପାଇଁ ବୃକକ୍ ଦାୟୀ।

ପ୍ରକୃତରେ, ଯେତେବେଳେ କିଡନୀ ଶରୀରରୁ ୟୁରିକ୍ ଏସିଡ୍ ବାହାର କରିଦିଏ, ସେତେବେଳେ ଗଣ୍ଠି ଆକ୍ରମଣ, ସନ୍ଧି କଠିନତା ଏବଂ କିଡନୀ ଉପରେ ଚାପ ଭଳି ସମସ୍ୟା ଦେଖାଦିଏ। ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ, ୟୁରିକ୍ ଏସିଡ୍ ଉତ୍ପାଦନକୁ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ। ଆପଣ କ’ଣ ଜାଣନ୍ତି ଯେ, ପ୍ରତିଦିନ ୧୦ ମିନିଟ୍ ଚାଲିବା ଏହି ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିପାରେ ? ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା।

ପ୍ରତିଦିନ ଚାଲିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ମିଳିଥାଏ। ଏହା କେବଳ କ୍ୟାଲୋରୀ ନଷ୍ଟ କରେ ନାହିଁ ବରଂ ଆପଣଙ୍କ ମେଟାବୋଲିଜିମକୁ ମଧ୍ୟ ଉନ୍ନତ କରେ । ଯାହା ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ୧୦ ମିନିଟ୍ ଚାଲିବା ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ କିଡନୀକୁ ଶରୀରରୁ ଅତିରିକ୍ତ ୟୁରିକ ଏସିଡ୍ ବାହାର କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିଥାଏ। ପ୍ରତିଦିନ ୧୦ ମିନିଟ୍ ଦ୍ରୁତ ଗତିରେ ଚାଲିବା ଦ୍ୱାରା ଶରୀରକୁ ମେଟାବୋଲିକ୍ ଅପବ୍ୟବହାରକୁ ଶୀଘ୍ର ବାହାର କରିବାରେ ସାହାଯ୍ୟ କରେ ଏବଂ ସନ୍ଧିଗୁଡ଼ିକୁ ମଧ୍ୟ ଆରାମ ପ୍ରଦାନ କରେ। ୧୦ ମିନିଟ୍ ଦ୍ରୁତ ଗତିରେ ଚାଲିବା ହାଲୁକା ଶକ୍ତି ସହିତ ମୃଦୁ ଆରୋବିକ୍ ଶ୍ୱାସକ୍ରିୟା ଗତିବିଧିକୁ ମିଶ୍ରଣ କରେ। ତେଣୁ, ଦ୍ରୁତ ଗତିରେ ଚାଲିବାର ସଠିକ୍ ପଦ୍ଧତି ଜାଣିବା ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ, ଆପଣଙ୍କୁ ଧୀରେ ଧୀରେ ଆରମ୍ଭ କରି ଛୋଟ, ଗଭୀର ନିଶ୍ୱାସ ନେବା ସହିତ ହାଲୁକା ୱାର୍ମ-ଅପ୍ କରିବା ଉଚିତ। ଏହା ମାଂସପେଶୀଗୁଡ଼ିକୁ ଶିଥିଳ କରିଥାଏ ଏବଂ ଗଣ୍ଠି ଗତି ପାଇଁ ସହଜ ହୋଇଥାଏ। ଆପଣ ଧୀରେ ଧୀରେ ଏହି ସମୟକୁ ବଢ଼ାଇ ପାରିବେ। ଦୈନନ୍ଦିନ ଚାଲିବାର ଅଭ୍ୟାସ ବିକଶିତ ହେବା ପରେ, ହାତ ଏବଂ ଗୋଡ଼ ଷ୍ଟ୍ରେଚ୍ କରିବା ଆପଣଙ୍କର ରୁଟିନରେ ସାମିଲ କରନ୍ତୁ। ଏହା ସହ ୫ଥର ଛୋଟ ସ୍କ୍ୱାଟ୍ କରନ୍ତୁ। ଏହା ଚାଲିବା ସହଜ କରିବ ଏବଂ ଆପଣଙ୍କ ମାଂସପେଶୀକୁ ସକ୍ରିୟ କରିବ। ଚାଲିବା ସମୟରେ ଗଭୀର ନିଶ୍ୱାସ ନିଅନ୍ତୁ, ଯାହା ଦ୍ୱାରା ଆପଣଙ୍କ ଶରୀରର ପ୍ରତ୍ୟେକ କୋଷରେ ଅମ୍ଳଜାନ ପହଞ୍ଚିବ।



# ନାହାନ୍ତି ପ୍ରାଣୀଧନ ନିରୀକ୍ଷକ

## ଗୋରୁଗାଈ ବିକି ଦେଉଛନ୍ତି ଗୋପାଳକ



**ବାଲିଅନ୍ତା,୨୬।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବାଲିଅନ୍ତା ଗ୍ରାମ ପଞ୍ଚାୟତ ନିକଟରେ ଥିବା ପ୍ରାଣୀ ସହାୟକ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ପ୍ରାଣୀଧନ ନିରୀକ୍ଷକ ପଦବି ଖାଲି ପଡିଛି । ଏଠାରେ କର୍ଯ୍ୟରତ ପ୍ରାଣୀ ଧନନିରୀକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯଇଛି । ତାଙ୍କ ସ୍ଥାନରେ ଏଯାଏ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇ ନହିଁ । ଯାହାଫଳରେ ଏବେ ବାଲିଅନ୍ତା ଅଞ୍ଚଳରେ ଗୋରୁ ଗଈ, ଛେଳି, ମେଣ୍ଢା ଆଦି ବିଭିନ୍ନ ସଂକ୍ରାମକ ତୋଗରେ ପୀଡ଼ିତ ହୋଇ ଅକାଳରେ ମୃତ୍ୟୁ ବରଣ କରୁଥିବା ଗୋପାଳକ ମାନେ କହିଛନ୍ତି । ଏକ ପକ୍ଷରେ ଗୋରୁ ଗାଈଙ୍କ ପାଇଁ ଉଦ୍ଦିଷ୍ଟ ଦଣ୍ଡା, ଗୋଚର ଆଦି ଚାରଣ ଭୂମି ବିଲଡର କରାଯତ କରିବା ଯୋଗୁ ହ୍ରାସ ପାଇବାରେ ଲାଗିଛି । ଅନ୍ୟପକ୍ଷରେ ମେସିନ ସାହାଯ୍ୟରେ ଧାନ କଟାଯିବା ଦ୍ୱାରା ନଡାକୁଟାର ଅଭାବ ଲାଗି ରହିଛି। ସେହିପରି ଚୁନି ଓ ଚୋକଡ଼ ଆଦି ଗୋଖାଦ୍ୟର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଏନେଇ ଅନେକ ଗୋପାଳକ ଗୃହପାଳିତ ପ୍ରାଣୀ ବିକି ଦେଉଥିବା ଦେଖାଯାଉଛି । ଓମ୍‌ଫେଡ ଓ ପୁମୁଲ ଭଳି ସରକାରୀ ସଂସ୍ଥା କ୍ଷୀର ମୂଲ୍ୟ ବୃଦ୍ଧି ଦିଗରେ କିଛି ପଦକ୍ଷେପ ନେଉନଥିବା ଜଣାଯାଇଛି । ଏଭଳି ସ୍ଥିତିରେ ବାଲିଅନ୍ତା ପଞ୍ଚାୟତ ଅଞ୍ଚଳରୁ ଗୃହ ପାଳିତ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଉକ୍ତ ଚିକିତ୍ସା କେନ୍ଦ୍ରରେ ତାଲା ଝୁଲିବା ପରିସ୍ଥିତି ଉପୁଜିଛି । ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ଗୃହପାଳିତ ପ୍ରାଣୀମାନଙ୍କର ଜୀବନ ଯାଉଛି । ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମାଜସେବୀ ଅନୀଲ ଦଳାଇ ଦାବି କରିଛନ୍ତି ।

# ନବଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ(ଉଲ୍ଲାସ) ପରୀକ୍ଷା



**କେନ୍ଦ୍ରାପଡ଼ା,୨୬।୧୦(ସଂଚାର ବ୍ୟୁରୋ):** ନବଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ (ଉଲ୍ଲାସ)ରେ ପଞ୍ଜୀକରଣ କରିଥିବା ଅଣସାକ୍ଷର ମାନଙ୍କର ପରୀକ୍ଷା କେନ୍ଦ୍ରାପଡା ବ୍ଲକ ର ୪ଟି ପରୀକ୍ଷା କେନ୍ଦ୍ରରେ ରବିବାର ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଦେପୁର ସରସ୍ୱତୀ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅଭିରାମ ଉଚ୍ଚ ଶିକ୍ଷାଶ୍ରମ, ତରାଣ୍ଡୋ ଉଚ୍ଚ ବିଦ୍ୟାଳୟ, ଦୁତିଆଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବଳଦେବ ପ୍ରସାଦ ଜେନା, କେନ୍ଦ୍ର ସୁପରିନଟେଣ୍ଡେଣ୍ଟତଥା ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ, ଅବଜରଭର ଅନନ୍ତ କୁମାର ପରିଡା, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ଆଳିକ ସାଧନକେନ୍ଦ୍ର ସଂଯୋଜକ ସେକ ଫଯାଜୁଦ୍ଦିନ, କାକଟମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧନ କେନ୍ଦ୍ର ସଂଯୋଜକ ସଦାଶିବ ସାହୁ, କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ସାଧନ କେନ୍ଦ୍ର ସଂଯୋଜକ ରଶ୍ମିରଞ୍ଜନ ପ୍ରଧାନ ଓ କୋରୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧନକେନ୍ଦ୍ର ସଂଯୋଜକ ପ୍ରଜ୍ଞା ପ୍ରଗଲ୍ଭା ଚଇନି ଙ୍କ ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷା ଚାଲୁଥିବା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡା ପରୀକ୍ଷା କାର୍ଯ୍ୟକ୍ରମ ତଦାରଖ କରିଥିଲେ । ନିରକ୍ଷରତା ଦୂରୀକରଣ ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ । ଏହା ପୂର୍ଣ୍ଣ ମାତ୍ରାରେ ସଫଳ ହେଲେ ଅଣସାକ୍ଷର ଦୂରୀକରଣ ହୋଇପାରିବ ବୋଲି ବୁଦ୍ଧିଜୀବୀଙ୍କ ମତ ।

# ଧାନ ଦେଇ ଟଙ୍କା ପାଉନାହିଁ ଚାଷୀ, ଧାରଣାରେ ବସିବାକୁ ଦେଲେ ଚେତାବନୀ



**ନୀଳଗିରି, ୨୬।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳରେ ଜୈନିକ ଚାଷୀ ୨୦୨୪-୨୫ ବର୍ଷରେ ସରକାରଙ୍କୁ ଧାନ ବିକ୍ରି କରିଥିବା ବେଳେ ଏଯାବତ୍ ଟଙ୍କା ପାଇନଥିବା ବେଳେ ଶେଷରେ ପିଲା ଛୁଆଙ୍କୁ ଧରି ଅଫିସ୍ ସମ୍ମୁଖରେ ଧାରଣା ଦେବ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ୨୦୨୪-୨୫ ବର୍ଷରେ ଚାଷୀ ଅଜୟ କୁମାର ରାଉଳ ନୀଳଗିରି ବ୍ଲକ ଅଧିନ ସଜନାଗଡ ଧାନ ମଣ୍ଡିରେ ପାଖା ପାଖି ୧୧ କ୍ୱିଣ୍ଟାଲ ଧାନ ଦେଇଥିଲେ। ମାତ୍ର ମାସ ମାସ ଧରି ତାଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ନଆସିବାରୁ ବହୁବାର ଏମ.ଡି, ସମ୍ପାଦକ, ଯୋଗାଣ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ କିଛି ସଫଳ ମିଳିନଥିଲା। ଶେଷରେ ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କୁ ନିଜର ଗୁହାରି ଜଣାଇବା ପରେ ସୁକାନ୍ତ କୁମାର ନାୟକ ରାଜ୍ୟ ଯୋଗାଣ ବିଭାଗର ମେନେଜିଂ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ତୁରନ୍ତ ଅଜୟ କୁମାର ରାଉଳଙ୍କୁ ବୋନସ ଟଙ୍କା ସହ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏପଟେ ଯଦି ଆଗାମୀ ଦିନରେ ଟଙ୍କା ନ ମିଳେ ତେବେ ଅଫିସ ଆଗରେ ସପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ବାତ୍ୟା ପୂର୍ବରୁ କେତେ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀ

### କେଉଁଠି ଭୂତକୋଠି ତ କେଉଁଠି ଛାତ ଭୁଶୁଡ଼ିଲାଣି

### ଅନେକ ସ୍ଥାନରେ ଉପରେ ରଙ୍ଗ ମାରି ଚିକଣ, ଭିତରେ ଆନୁସଙ୍ଗିକ ବ୍ୟବସ୍ଥା ନାହିଁ





**କାକଟପୁର/ଅସ୍ତରଙ୍ଗ,୨୬।୧୦ (ସଂଚାର ବ୍ୟୁରୋ):** କେଉଁଠି ବାତ୍ୟା ଆଶ୍ରୟସ୍ଥଳୀ ଭୂତକୋଠି ପାଲଟିଗଲାଣି ତ, କେଉଁଠାରେ ପ୍ଲାଷ୍ଟର ଛାଡି ଭୁଶୁଡିବାକୁ ବସିଛି କାନ୍ଥ ଓ ପିଲର। ଆଉ କେଉଁଠି ରଙ୍ଗ ମାରି ଉପର ଚିକଣ, ଭିତରେ ଆନୁସଙ୍ଗିକ ସାମଗ୍ରୀ ନାହିଁ। କିଛି ସ୍ଥାନରେ ଗଛଲତା ମାଡିଯାଇ ପରିତ୍ୟକ୍ତ ହୋଇପଡିଛି। ପୁଣି କେତେକ ସ୍ଥାନରେ ଜବରଦଖଲ ମଧ ରହିଥିବା ଅଭିଯୋଗ ହେଉଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦସଂକୁଳ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ କେମିତି ଲୋକେ ନିଜକୁ ସୁରକ୍ଷିତ ରଖିବାକୁ ଆସିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀର ଏ ଚିତ୍ର ପ୍ରଶାସନ ପାଖରେ ଆହ୍ୱାନ ଭାବେ ଉଭା ହୋଇଛି। ଯେତେବେଳେ କି ଗତ କିଛି ବର୍ଷ ହେଲା ଅକ୍ଟୋବର ମାସରେ ବାତ୍ୟା ହେଉଥିବା ଦେଖାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟକୁ ସାଥିରେ ନେଇ ଆସେ ଅକ୍ଟୋବର ମାସ। ୧୯୯୯ମସିହା ମହାପ୍ରଳୟଙ୍କରି ମହାବାତ୍ୟା ଠାରୁ ୨୦୨୪ମସିହା ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ବାସିନ୍ଦା ବହୁ ବାତ୍ୟା ଓ ବନ୍ୟାକୁ ସାମ୍ନା କରିଛନ୍ତି। ଅକ୍ଟୋବର ମାସ ବାତ୍ୟା ଆସିଲେ ନିଦ ଭାଙ୍ଗେ ପ୍ରଶାସନର ଓ ସରକାରଙ୍କର। କିନ୍ତୁ ଲୋକଙ୍କ ସୁରକ୍ଷା ପାଇଁ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀ କିପରି ଅଛି ସରକାର ଙ୍କ ନିଘା ନାହିଁ। ନୂତନ ସରକାର ଆସିବା ପରେ ଅସ୍ତରଙ୍ଗ ବ୍ଲକ ଅଂଚଳର କିଛି ବାତ୍ୟା ଆଶ୍ରୟସ୍ଥଳୀରେ କେବଳ ରଙ୍ଗ ମାରିଥିବା ବେଳେ ଆନୁସଙ୍ଗିକ ସାମଗ୍ରୀ ନାହିଁ। ବେଫିକର ପ୍ରଶାସନ, ବାତ୍ୟା ଆସିଲେ ବାହାଘର ବେଳେ ବାଇଗଣ ରୁଆ। ବାତ୍ୟା କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ନିଦ ଭାଙ୍ଗେ ପ୍ରଶାସନର। ପରିଚାଳନା ଗତ ତ୍ରୁଟି ଯୋଗୁଁ ଜରାଜୀର୍ଣ୍ଣ ଭୂତକୋଠି ରେ ବାତ୍ୟା ଆଶ୍ରୟସ୍ଥଳୀ।

୧୯୯୯ମସିହା ମହାବାତ୍ୟା ପରେ ଉପକୂଳ ଅଂଚଳର ଲୋକମାନଙ୍କୁ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣା ବେକ୍ଷଣ ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଅଧିକାଂଶ ବାତ୍ୟାଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ହୋଇ ଭୂତକୋଠି ପରିଣତ ହୋଇଛି। ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତର ଜିତେନ୍ଦ୍ର ନାୟକ(ଜୁବୁଲି) କହିବା ମୁତାବକ ଛୁରିଆନା ପଂଚାୟତ ସମୁଦ୍ର ନିକଟରେ ଥିବା ବେଳେ ପଂଚାୟତ ରେ ୨ଟି ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଶହ ଭୂତକୋଠି ପାଲଟିଛି। ଯଦି ବାତ୍ୟା ଆସେ ଉପକୂଳ ବର୍ତ୍ତୀ ଛୁରିଆନା ବାସିନ୍ଦାଙ୍କ ଏକମାତ୍ର ଭରସା ଭଗବାନ। କାରଣ ବାତ୍ୟା ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ଯେଉଁଭଳି ଭାବେ ଅଛି ସେଠି ସ୍ଥାନୀୟ ଲୋକେ ସୁରକ୍ଷିତ ନାହାନ୍ତି କି ବାତ୍ୟା ଆଶ୍ରୟସ୍ଥଳୀରେ ଆନୁସଙ୍ଗିକ ବ୍ୟବସ୍ଥା ନାହିଁ।

# ମିଳୁନି ଦ୍ୱିତୀୟ କିସ୍ତି : ହନ୍ତସନ୍ତ ହେଉଛନ୍ତି ଉପଭୋକ୍ତା

### ଅନ୍ତ୍ୟୋଦୟ ଗୃହ ଯୋଜନା ଅସମ୍ପୂର୍ଣ୍ଣ



**ବାରିପଦା,୨୬।୧୦ (ସଂଚାର ବ୍ୟୁରୋ):** ବନାଞ୍ଚଳ ପରିବେଷ୍ଟିତ ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକର ମାଣିକପୁର ଗ୍ରାମପଞ୍ଚାୟତର ବାନ୍ଦଗାଁ ଗ୍ରାମର ଗୁଞ୍ଜାଇ ଟୁଡୁଙ୍କ ନାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ରେ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ ବ୍ଲକ ତରଫରୁ ମଞ୍ଜୁର ହୋଇଥିଲା। ପ୍ରଥମ କିସ୍ତି ୪୦,୦୦୦ ହଜାର ଟଙ୍କା ପାଇ ନିଜେ ଗୃହ ନିର୍ମାଣ କରିଥିଲେ । ଦୁଃଖ ବିଷୟରେ ପ୍ରଥମ କିସ୍ତିରେ ଯେତେ ନିର୍ମାଣ କରିବା କଥା ଗତ ଜୁନ ମାସ ନିର୍ମାଣ କରିଦେଇଛନ୍ତି । ଚାରି ମାସ ବିତିଗଲାଣି ହେଲେ ଦ୍ୱିତୀୟ କିସ୍ତି ମିଳୁନି । ଦ୍ୱିତୀୟ କିସ୍ତି ପାଇଁ ପଂଚାୟତ ଏବଂ ବ୍ଲକ କାର୍ଯାଳୟ ଯାଇ ଯାଇ ନୟାନ୍ତ ହେଲେଣି ଗୁଞ୍ଜାଇ ଟୁଡୁ ।

ସୂଚନା ଥାଉକି ଯେ ୨୦୨୨ ମସିହା ଡିସେମ୍ବର ମାସରେ ଗୁଞ୍ଜାଇ ଟୁଡୁଙ୍କ ବାସଗୃହ ରେ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ନଡ଼ା ଛପର ଘରେ ନିଆଁ ଲାଗି ଘର ଛପର ସମ୍ପୁର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଘରେ ଥିବା ଅସବାବପତ୍ର ଧାନ ଚାଉଳ ସବୁ ପୋଡ଼ି ଛାର ଖାର ହୋଇଗଲା। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିବା ସହ କ୍ଷୟକ୍ଷତି ଆକଳନ କରିଥିଲେ। ତତ୍କାଳୀନ ପାଟପୁର ରାଜସ୍ୱ ନୀରିକ୍ଷକ ଶିବଶଙ୍କର ନାୟକ ତଦନ୍ତ ପାଇଁ ଆସିଥିଲେ। ତାଙ୍କ ପରିବାରଙ୍କୁ ପଲିଥିନ ପ୍ରଦାନ କରିଥିଲେ। ସ୍ଥାନୀୟ ରାମଦୋଳି ଯୁବକ ସଂଘ ର ପ୍ରତିଷ୍ଠା ସୁରେନ୍ଦ୍ର ମୁଣ୍ଡା ଏବଂ ସଦସ୍ୟ ବୁଧୁରାମ ମୁଣ୍ଡା, ସୁନିତା ହାଁସଦା,ସୁକମଣୀ ହେମ୍ବ୍ରମ୍,କାରିଆ ମୁର୍ମୁ ଏବଂ ଛୋଟରାୟ ମୁର୍ମୁ ପ୍ରମୁଖ ପୀଡ଼ିତା ଘରେ ପହଞ୍ଚି ଖାଦ୍ୟ ସମେତ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଖାଦ୍ୟ ମେଳା

**ଖୋର୍ଦ୍ଧା,୨୬।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଗାନ୍ଧୀ ପଡିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଖାଦ୍ୟ ମେଳାର ଆୟୋଜନ କରାଯାଇଛି। ଶିକ୍ଷା କେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ନିଜେ ଖାଦ୍ୟ ପ୍ରସ୍ତୁତି କରି ଆସିଥିବା ସମସ୍ତ ଅତିଥି ଓ ଅଭିଭାବକ ମାନଙ୍କୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପରସିଥିଲେ। ଉକ୍ତ ଖାଦ୍ୟ ମେଳା ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଅଧ୍ୟକ୍ଷ ଶ୍ରୀ ମାଧବଚନ୍ଦ୍ର ରାଉତରାୟଙ୍କ ଆୟୋଜିତ ଏହି ଖାଦ୍ୟ ମେଳା କୁ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଗାୟତ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଓ ସମସ୍ତ ଅତିଥି ମାନେ ମେଳାରେ ଲାଗିଥିବା ପ୍ରତ୍ୟେକ ଷ୍ଟଲ୍ ବୁଲି ଦେଖିବା ସହିତ ଖାଇବାର ମଜା ଉଠାଇଥିଲେ। ଖାଦ୍ୟ ମେଳାରେ ପ୍ରାୟ କୋଡ଼ିଏରୁ ଉର୍ଦ୍ଧ୍ୱ ଷ୍ଟଲ୍ ଲାଗିଥିଲା। କୁନି କୁନି ପିଲାମାନଙ୍କର ହାତ ତିଆରି ଖାଦ୍ୟ ଓ ପରସା ଅତିଥି ମାନଙ୍କର ମନକୁ ବେଶ୍ ଛୁଇଁ ପାରିଥିଲା। ସେମାନେ ଏଭଳି ଏକ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ।




# ସୂତ୍ରକୃମି ନିୟନ୍ତ୍ରଣରେ ଜୈବ ପଦ୍ଧତିର ସଫଳ ପରୀକ୍ଷା



**ଗରଦପୁର,୨୬।୧୦ (ସଂଚାର ବ୍ୟୁରୋ):** ସୂତ୍ରକୃମି ନିୟନ୍ତ୍ରଣ ପାଇଁ ରାସାୟନିକ ପଦାର୍ଥ ଠାରୁ ଅଧିକ କାର୍ଯ୍ୟକାରୀ ପରିଣାମ ଦେଉଛି ଜୈବ ପଦ୍ଧତି । କେନ୍ଦ୍ରାପଡା ଜିଲ୍ଲା କୃଷି ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗରଦପୁର ବ୍ଲକ ଅନ୍ତର୍ଗତ କାବିଲପୁର ଗ୍ରାମରେ ଆଜି ହୋଇଥିବା ଏକ ପ୍ରଶିକ୍ଷଣ ଶିବିରରେ କଟକ ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ରୂପକ ଜେନା, ବୈଜ୍ଞାନିକ ଡ. ମିଲନ କୁମାର ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀରାମ ରତନ ପ୍ରଧାନ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସତ୍ୟାନନ୍ଦ ରାଉତ ଯୋଗଦେଇଥିଲେ ।

ବୈଜ୍ଞାନିକ ରୂପକ କୃଷକମାନଙ୍କୁ ଧାନ ଫସଲରେ ସୂତ୍ରକୃମି ସମସ୍ୟା ଓ ଏହାର ଜୈବିକ ନିୟନ୍ତ୍ରଣ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ସୂତ୍ରକୃମି ହେଉଛି ଏକ ଅତି କ୍ଷୁଦ୍ର ପୋକ ଯାହା ମୂଳରେ ପ୍ରବେଶ କରି ଫସଲର ଉତ୍ପାଦନ ହ୍ରାସ କରେ । ଏହା ପାଇଁ ଟ୍ରାଇକୋଡର୍ମା, ପେସିଲୋମାଇସେସ, ସ୍ୟୁଡୋମୋନାସ ପରି ଜୈବ ଏଜେଣ୍ଟ ବ୍ୟବହାର କରିଲେ ଭଲ ଫଳ ମିଳୁଛି ବୋଲି ଜଣାଗଲା। ଶିବିରରେ ବିଜ ସଜା, ଜୈବ ଜୀବାଣୁ ବ୍ୟବହାର, ଓ ମାଟି ପରିଚର୍ଯ୍ୟା ବିଷୟରେ ଅବଗତ କରାଯାଇଥିଲା । କୃଷକମାନେ ନିଜ ଜମିରେ ଏହି ପଦ୍ଧତି ଅନୁସରଣ କରି ସୂତ୍ରକୃମି ରୋଗକୁ ରୋକିପାରିବେ ବୋଲି ଅଧିକାରୀମାନେ ଜଣାଇଥିଲେ ।

ଶିବିରରେ ଅନେକ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବିଜ୍ଞାନୀ ଓ ଗ୍ରାମୀଣ କୃଷକମାନେ ଉପସ୍ଥିତ ଥିଲେ । ଶେଷରେ ଜୈବ ପଦ୍ଧତିକୁ ଗ୍ରାମ ସ୍ତରରେ ବିସ୍ତାର କରିବା ପାଇଁ ସାମୁହିକ ସଙ୍କଳ୍ପ ଗ୍ରହଣ କରାଯାଇଥିଲା ।

# ଷ୍ଟ୍ରିଟ ଲାଇଟ ଲଗାଇଲା ନାଥପୁର ଯୁବକ ସଙ୍ଘ



**ବାଲିଅନ୍ତା,୨୬।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ବ୍ଲକ ଅଧୀନ ଧଉଳି ଥାନା ଅଧୀନ ଦୟାନଦୀ ବନ୍ଧ ଦୀର୍ଘ ବର୍ଷ ହେବ ଅନ୍ଧାରରେ ରହିଥିଲା । ସମାଜସେବୀ ସନ୍ତୋଷ କୁମାର ସ୍ୱାଇଁଙ୍କ ସହାୟତାରେ ନାଥପୁର ଯୁବକ ସଙ୍ଘର ଯୁବକ ମାନେ ଆଜି ୨୦ଟି ବିଦ୍ୟୁତ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ଲଗାଇଛନ୍ତି । ଲିଙ୍ଗିପୁର ପଞ୍ଚାୟତ ନାଥପୁର ଗ୍ରାମର ଯୁବକ ସଂଘ ର ସହାୟତାରେ ଦୀର୍ଘ ଦିନର ଦୟା ନଦୀ ବନ୍ଧ ଅନ୍ଧାର ହୋଇଥିଲା । ଆଜି ତାରକେଶ୍ୱର ମନ୍ଦିର ଠାରୁ ମା ଜାଡୁମଲ୍ଲୀଙ୍କ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଭିଜିତ ସାହୁ, ଚିରଞ୍ଜୀବ ଗୋଛାୟତ, ଅସିତ ସାହୁ, ରଞ୍ଜନ ସ୍ୱାଇଁ, ଆଲୋକ ସ୍ୱାଇଁ, ପ୍ରଭାତ ରାଜେଶ୍ୱର ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ପ୍ରଦୀପ ସାହୁ, ସୁଶୀଲ ସ୍ୱାଇଁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସୁରଭି ପାଇଁ ମନୋନୀତ ଆଦର୍ଶ ଆଶୀର୍ବାଦ ନନ୍ଦ




**ଆନନ୍ଦପୁର,୨୬।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ରୁଦ୍ରନାରାୟଣ ପୁର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ଆଦର୍ଶ ଆଶୀର୍ବାଦ ନନ୍ଦ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ସେ ବ୍ଲକ ସ୍ତରୀୟ ସୁରଭିରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ଭଲ ପ୍ରଦର୍ଶନ ଦେଖାଇ ଜିଲ୍ଲା ସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଛାତ୍ର ନନ୍ଦଙ୍କ ମନୋନୀତ ହୋଇଥିବାରୁ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ସ୍ତରୀୟ ସୁରଭିରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଆଶୀର୍ବାଦ କରିଛନ୍ତି।

# ରାଜ୍ୟ ଇଂଜିନିୟରିଂ ୱାର୍କ ଚାର୍ଜଡ୍ କର୍ମଚାରୀ ଫୋରମର ସମାବେଶ




**କେନ୍ଦ୍ରାପଡା, ୨୬।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଇଂଜିନିୟରିଂ ବିଭାଗ ଯଥା ଜଳ ସମ୍ପଦ, ନଗର ଉନ୍ନୟନ, ଗୃହ ନିର୍ମାଣ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତ ରାଜ ବିଭାଗ ଅଧିନରେ କାର୍ଯ୍ୟ କରିଥିବା ୱାର୍କ ଚାର୍ଜଡ୍ ନିୟମିତସେବା ନିବୃତ୍ତ କର୍ମଚାରୀ ଫୋରମ ପକ୍ଷରୁ ଏକ ସମାବେଶ କେନ୍ଦ୍ରାପଡା ପୌରସଂସ୍ଥା ଟଉନ ହଲ ପରିସର ରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟକରି ଅବସର ନେଇଥିବା କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସହ ସେବା ନିବୃତ୍ତ କାଳୀନ ସହାୟତା ପେନଶନ ପୁରୁଣା ହାରରେ ଦେବାପାଇଁ ଏହି ସମାବେଶରେ ଦାବି ଉପସ୍ଥାପନ କରାଯାଇଛି । ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ନାୟକ ସମାବେଶ ରେ ଅଧ୍ୟକ୍ଷତା କରିଥିବା ବେଳେ ନଗର ଉନ୍ନୟନ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ସମାବେଶ ରେ ଯୋଗ ଦେଇଥିଲେ । ମୁଖ୍ୟ ସଂଯୋଜକ ରଂଜିତ ମହାନ୍ତି, କପିଳେଶ୍ୱର ବାରିକ, ଆଶିଷ କୁମାର ନନ୍ଦ, ଚିତ ରଂଜନ ମହାରଣା, କଲ୍ୟାଣ କୁମାର ମହାରଣା, ଜିଲ୍ଲା ସବାପତି ସୁଶାନ୍ତ କୁମାର ନାୟକ ପ୍ରମୁଖ ମଂଚାସୀନ ଥିବବେଳେ ଇଂଜିନିୟରିଂ ବିଭାଗର ବହୁ ସଂଖ୍ୟକ ନେତୃ ସ୍ଥାନୀୟ ବ୍ୟକ୍ତି , ସଂଗଠକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ମାନେ ବକ୍ତବ୍ୟ ରଖିଥିଲେ ।

# କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ



**ରାଜନଗରର, ୨୬।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଷ୍ଟି ପଞ୍ଚାୟତ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟଶମ୍ଭୁ ନୋଡାଲ କ୍ଲଷ୍ଟର ସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ କଳ୍ପତରୁ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବେ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧାପିକା ତନୁ ଶ୍ରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ସମରେନ୍ଦ୍ର ସାହୁ, ପ୍ରଧାନ ପଣ୍ଡିତ ରତ୍ନାକର ଦାସ, ଅନ୍ତର୍ଯ୍ୟାମୀ ପଢିହାରୀ, ଶ୍ୟାମସୁନ୍ଦର ନାଥ, ଗିତାଞ୍ଜଳୀ ଜେନା ଯୋଗଦେଇଥିଲେ। ଏହି କ୍ଲଷ୍ଟରର ୧୪ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟରଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ବୈଲୋଚନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶଶ୍ମିତା ମହାନ୍ତି, ଶିକ୍ଷକ ଦିଲିପ ସ୍ୱାଇଁ ଗୋବିନ୍ଦ ଚନ୍ଦ୍ର ଦଣ୍ଡପାଟ, ଅଶୋକ ହାତୀ, ଗୋପାଳ ସିଂ ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ଅଢ଼େଇ ମାସ ହେଲା ଅବଧି ସରିଲାଣି: ସରୁନି ଚେକ୍‌ଡ୍ୟାମ୍ ନିର୍ମାଣ

### ଲୁହାଛଡ଼, ଇଟା ଯୋଡ଼େଇରେ ଠିଆ ହୋଇଛି

### ନିମ୍ନମାନର ଅଭିଯୋଗ ଆଣିଲେ ଗ୍ରାମବାସୀ



**ନବରଙ୍ଗପୁର, ୨୬।୧୦ (ସଂଚାର ବ୍ୟୁରୋ):** ଅବଧି ସରି ଅଢେଇ ମାସ ବିତିଲା, ସରିନି ଚେକଡ୍ୟାମ୍ ନିର୍ମାଣ। ଅଧପନ୍ତରିଆ ଭାବେ ପଡ଼ିରହିଛି। କେବଳ ଇଟା ଯୋଡ଼େଇ କରି ଲୁହାଛଡ଼ ବ୍ୟବହାର କରାଯାଇ ଚେକ୍‌ଡ୍ୟାମ୍ କୁ ଠିଆ କରାଯାଇଛି। ଚେକ୍‌ଡ୍ୟାମ୍‌ର ସ୍ଥାୟିତ୍ୱକୁ ନେଇ ଗାଁ ଲୋକେ ପ୍ରଶ୍ନ କରିଛନ୍ତି। ଏ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗୁଛା ଗୁଡା ଗାଁ ନାଳରେ । ଏହି ନିମ୍ନମାନର ଅଧପନ୍ତରିଆ ଚେକଡ୍ୟାମ୍ ନିର୍ମାଣର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗାଁ ଲୋକେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ୨୦୨୫ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ୧୭ ହେକ୍ଟର ଆୟକଟ ଅଞ୍ଚଳ ପାଇଁ ପ୍ରାୟ ୪୯ ଲକ୍ଷ ଟଙ୍କାର ଚେକ୍‌ଡ୍ୟାମ ନିର୍ମାଣ ଲାଗି ମଞ୍ଜୁର ହୋଇଥିଲା। ଏହାର ନିର୍ମାଣ ଲାଗି ଜୁଲାଇ ୨୦୨୫ ସୁଧା କାର୍ଯ୍ୟଶେଷ କରିବାକୁ ବିଭାଗ ସହ ଚୁକ୍ତି କରିଥିଲେ ଠିକାଦାର। ଦୁଃଖର ବିଷୟ, ନିର୍ମାଣ ଅବଧି ସରି ଅଢେଇ ମାସ ବିତିଯାଇଛି । ଆଜି ପର୍ଯ୍ୟନ୍ତ ଚେଲ୍‌ଡ୍ୟାମ୍ ନିର୍ମାଣ ଶେଷ ହୋଇନି। ଅଧପନ୍ତରିଆ ଭାବେ ପଡ଼ିରହିଛି। ସବୁଠାରୁ ବଡ଼କଥା ହେଲା, ନାଳର ପ୍ରଖରସ୍ରୋତକୁ ରୋକିବା ପାଇଁ ସଂପୂର୍ଣ୍ଣ ଭାବେ କଂକ୍ରିଟ୍ ଓ ଲୁହାଛଡରେ ନିର୍ମାଣ କରିବାକୁ ନିୟମ ଥିଲେ ବି ଏହାକୁ ଖୋଲାଖୋଲି ଉଲଂଘନ କରାଯାଇଛି। ଚେକ୍ ଡ୍ୟାମକୁ ଲୁହାଛଡ ଏବଂ ଇଟା ଯୋଡେଇ କରି ଠିଆ କରାଯାଇଛି । ଫଳରେ ଚେକଡ୍ୟାମ୍‌ର ସ୍ଥାୟିତ୍ୱ ଓ କାର୍ଯ୍ୟକ୍ଷମକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଚେକ୍‌ଡ୍ୟାମ ନିର୍ମାଣ ସମୟରେ କୌଣସି ଯନ୍ତ୍ରୀ ଏହାର ତଦାରଖ କରିବାକୁ ଆସି ନାହାନ୍ତି । ଠିକାଦାର ନିଜ ଇଚ୍ଛାନୁଯାୟୀ ନିମ୍ନମାନର କାମ କରିଛନ୍ତି। ଏହି ପ୍ରକଳ୍ପର ମୋଟ ୪୯ ଲକ୍ଷରୁ ପ୍ରାୟ ୨୧ ଲକ୍ଷ ଟଙ୍କାର ବିଲ୍ ଉଠାଯାଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ସରାକରୀ ଅନୁଦାନ କିଭଳି ହଡ଼ପ କରାଯାଉଛି । କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ଚେକ୍‌ଡ୍ୟାମ୍ ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଜିଲ୍ଲାର ଅଧିକାଂଶ ଚେକ୍‌ଡ୍ୟାମ୍ ବର୍ଷାଋତୁରେ ପାଣିର ସ୍ରୋତକୁ ସମ୍ଭାଳି ନପାରି ଭୁଶୁଡ଼ି ଯାଇଛି । ଏ ସମ୍ପର୍କରେ ଆମେ କ୍ଷୁଦ୍ରଜଳସେଚନ ବିଭାଗର ଏସ୍ ଓ ପି.କେ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଆବଶ୍ୟକ ପଡ଼ିଲେ ଚେକ୍‌ଡ୍ୟାମକୁ ଭାଙ୍ଗି ପୁଣିଥରେ ନିର୍ମାଣ କରାଯିବ। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା




**ପଟ୍ଟାମୁଣ୍ଡାଇ, ୨୬।୧୦ (ସଂଚାର ବ୍ୟୁରୋ):** "ସୁରଭି ୨୦୨୫" ମାଳତୀଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଳପୁଆ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ପ୍ରଦୀପ ତରାଇ ଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗର ୧୦ଟି ବିଦ୍ୟାଳୟ ର ପ୍ରାୟ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୦ଜଣ ଶିକ୍ଷୟିତ୍ରୀ ସହଯୋଗ କରିବା ସହିତ ୨୫ଜଣ ବିଚାରକ ଯୋଗଦେଇଥିଲେ।ଗୀତାଞ୍ଜଳି ରାଉତ ଧନ୍ୟବାଦ ଦେଇଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବି. ଆର. ସି. ସି ପଟାମୁଣ୍ଡାଇ ପ୍ରେମକଳା ମହାପାତ୍ର ଓ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ ସହ ଶିକ୍ଷା ଅଧିକାରୀ ସୁନୀତି ଦାଶ, ନୋଡାଲ ସି ଆର. ସି ସଞ୍ଜୟ ସାହୁ ଓ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଧଳ ଯୋଗ ଦେଇଥିଲେ। ଅତିଥି ମାନେ କୃତି ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରିଥିଲେ।